# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୬/୨୦୨୦ (୧୩ ପୃଷ୍ଠା) | Bhubaneswar, Monday, July 6/2020 | ★★★★★★

୪୭ଶ ଭାଗ ୨୨୧ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ଫ୍ୟାମିଲି ସହ ମସ୍ତି ଅନ୍ଦାଜ୍‌ରେ କଙ୍ଗନା**

ଲକ୍‌ଡାଉନଠାରୁ ଅଭିନେତ୍ରୀ କଙ୍ଗନା ରନାଓ୍ୱତ୍ ଫ୍ୟାମିଲି ସହ ମନାଲିରେ ସମୟ ବିତାଉଛନ୍ତି। ଫ୍ୟାମିଲି ସହ ପିକ୍‌ନିକ୍‌ର କିଛି ସ୍ୱେଶିଆଲ ମୁହୂର୍ତ୍ତର ଝଲକ୍ ସେ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ୧୦

୧୩ **ବୋଟାସ ଜିତିଲେ ଅଷ୍ଟ୍ରିଆନ୍ ଗ୍ରାଁପ୍ରି**

ମର୍ସିଡିଜ୍‌ର ଭାଲଟେରି ବୋଟାସ ଅଷ୍ଟ୍ରିଆନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି।



# ପୋଲିସ ବର୍ବରତା ଥମୁନାହିଁ



**ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ), ୫।୭**

ଏକ ସଭ୍ୟ ସମାଜର ପରିଚୟ ହେଉଛି ଏହାର ପ୍ରଭାବୀ ବିଚାର ଓ ପୋଲିସ ବ୍ୟବସ୍ଥା। ଯେତେବେଳେ ଦେଶରେ ଜଙ୍ଗଲରାଜ ଚାଲିଛି ବୋଲି କୁହାଯିବ ସେତେବେଳେ ବୁଝିବାକୁ ପଡ଼ିବ ଯେ ପୋଲିସର ନିଷ୍କ୍ରିୟତା ଓ କଚେରୀର ଅପାରଗତା ରହିଛି। ଏହାର ବଳିଷ୍ଠ ପ୍ରମାଣ ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡ଼େ। ଉତ୍ତରପ୍ରଦେଶର କାନପୁରରେ ଶୁକ୍ରବାର ଭୋର ସମୟରେ ଅପରାଧୀଙ୍କ ଅତର୍କିତ ଆକ୍ରମଣରେ ଜଣେ ଡିଏସ୍‌ପିଙ୍କ ସମେତ ୮ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣ ପଛରେ ପୋଲିସ ଦାୟୀ ବୋଲି ଜଣାପଡ଼ିବା ପରେ ପୋଲିସ ବାହିନୀର ଭୂମିକା ସନ୍ଦେହ ଘେରକୁ ଟାଣି ହୋଇଯାଇଛି। ସେହିପରି ଦିଲ୍ଲୀରେ ଜଣେ ଓଡ଼ିଆ ଆଇପିଏସ୍ ଅଫିସର କମିଶନର ପଦବୀରେ ଥିବା ସମୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ସେଥିରେ ପୋଲିସର ଅପାରଗତା ଯୋଗୁ କେବଳ ଯେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ମୃତାହତ ହୋଇଥିଲେ ତାହା ନୁହେଁ, ବରଂ ହିନ୍ଦୁମାନଙ୍କ ମଧ୍ୟ ଜୀବନ ଯାଇଥିଲା। ଏହିସବୁ ଘଟଣାରୁ ଗୋଟିଏ କଥା ସ୍ପଷ୍ଟ ମନେହୁଏ ଯେ ପୋଲିସ ନିଜ ସୁରକ୍ଷା ପାଇଁ ଯେଉଁ ଅପରାଧୀମାନଙ୍କୁ ପ୍ରଶ୍ରୟ ଦେଉଛି, ସେହି ଅପରାଧୀଙ୍କ ଦ୍ୱାରା ନିଜେ ଖାଲରେ ପଡୁଛି। କାନପୁର ଘଟଣା ଏହାର ବଳିଷ୍ଠ ପ୍ରମାଣ ଦେଉଛି। ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ପରିସରରେ ଜଣେ ନାବାଳିକାଙ୍କୁ ଖୋଦ୍ ଥାନା ଅଧିକାରୀ ଓ ତାଙ୍କ ସହକର୍ମୀମାନେ ବଳାତ୍କାର କରିବା ହେଉ ଅଥବା ତାମିଲନାଡୁର ଟୁଟିକୋରିନରେ ମୋବାଇଲ ଦୋକାନୀ ବାପପୁଅଙ୍କୁ ପୋଲିସ ପିଟି ପିଟି ମାରିଦେବା ଗୋଟିଏ ଗୋଟିଏ କଳଙ୍କିତ ଅଧ୍ୟାୟ। ରାଜ୍ୟ ତଥା ଦେଶରେ ଏଭଳି ବିଡ଼ମ୍ବନାର ମାଳ ମାଳ ଦୃଷ୍ଟାନ୍ତ ରହିଛି, ଯାହା ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ପାଇଁ ଯଥେଷ୍ଟ। ସେହିପରି ଆମେରିକାର ମିନିଆପଲିସରେ କୃଷ୍ଣକାୟ ଜର୍ଜ ଫ୍ଲଏଡ୍‌ଙ୍କୁ ଜଣେ ପୋଲିସ ଅଧିକାରୀ ମୃତ୍ୟୁ ପର୍ଯ୍ୟନ୍ତ ଆଣ୍ଠୁରେ ଚାପିରଖି ହାଜତ ବର୍ବରତାର ଆଉ ଏକ ଉଦାହରଣ ସୃଷ୍ଟି କରିଛନ୍ତି, ଯେଉଁଠୁ ମୁଣ୍ଡ ଟେକିଛି ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନ।

ଓଡ଼ିଶା କଥା ବିଚାର କଲେ ଜଣାଯାଏ ଯେ ବିଗତ ୧୦ ବର୍ଷ ମଧ୍ୟରେ ଆମ ରାଜ୍ୟର ପୋଲିସ ହାଜତରେ ୪୩ ଜଣ ବିଚାରାଧୀନ ବନ୍ଦୀ ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଛନ୍ତି। ସେହିପରି ଏହି ଅବଧି ମଧ୍ୟରେ ପୋଲିସ ସହ ଗୁଳି ବିନିମୟ ବେଳେ ୧୬୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୮୭ ଜଣ ଆହତ ହୋଇଥିବା ବିଷୟ ଗତ ନଭେମ୍ବର ୨୫ରେ ବିଧାନସଭାରେ ରାଜ୍ୟ ସରକାର ସ୍ୱୀକାର କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ମାସରେ ମହାମାରୀ କରୋନା ଭୂତାଣୁ ରାଜ୍ୟକୁ କବଳିତ କରିଥିବାବେଳେ ଏହାର ମୁକାବିଲା ପାଇଁ ଲକ୍‌ଡାଉନ ଘୋଷଣା କରାଯାଇଥିଲା। ମାର୍ଚ୍ଚ ୨୫ରେ ଓଡ଼ିଶା ପୋଲିସରେ ନିୟୋଜିତ ଦୁଇ ଜଣ ଅଧିକାରୀ ବର୍ବରତାର ସୀମା ଲଂଘିଥିଲେ। କେନ୍ଦୁଝର ଜିଲା ପାଟଣା ଥାନାକୁ ଜମି ସଂକ୍ରାନ୍ତ ଏକ ମାମଲାର ସମାଧାନ ପାଇଁ ରାଜୁ ମହାନ୍ତି ନାମକ ଜଣେ ଯୁବକ ଯାଇଥିଲେ। ଥାନା ଭିତରେ ଆଇଆଇସି ସନ୍ଧ୍ୟାରାଣୀ ଜେନା ତାଙ୍କୁ ଅତି ନିର୍ମମ ଭାବେ ମାଡ଼ ମାରୁଥିବା ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମେ' ୨୩ରେ ତାଙ୍କୁ ନିଲମ୍ବନ କରାଯାଇଛି। ସେହି ମାର୍ଚ୍ଚ ୨୫ ତାରିଖରେ ଜଣେ ୧୩ ବର୍ଷୀୟା ଝିଅ ମେଳା ଦେଖିବାକୁ ବୀରମିତ୍ରପୁର ଯାଇଥିଲେ। କରୋନା କଟକଣା ପାଇଁ ମେଳା ବନ୍ଦ ହୋଇଯାଇଥିଲା ଓ ସେ ଗାଁକୁ ଫେରି ପାରି ନଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ତାଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ଅଭିଯୋଗ ଅନୁଯାୟୀ, ସେଦିନ ରାତିରେ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରଦିନ ନାବାଳିକାଙ୍କୁ ତାଙ୍କ ଘରକୁ ନେଇ ଛାଡ଼ି ଦିଆଯାଇଥିଲା। କିନ୍ତୁ ବିନା କାରଣରେ ୩ ମାସ ପର୍ଯ୍ୟନ୍ତ ସମ୍ପୃକ୍ତ ନାବାଳିକାଙ୍କୁ ନିୟମିତ ଭାବେ ବୀରମିତ୍ରପୁର ଥାନାକୁ ଡକାଯାଇ ଉପର ମହଲାରେ ରହିବାକୁ ଦିଆଯାଉଥିଲା। ଥାନା ବାବୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଅସୁସ୍ଥ ହୋଇପଡ଼ିବାରୁ ଡାକ୍ତରଖାନାକୁ ଯାଇଥିଲେ। ଏକଥା ଜଣାପଡ଼ିବା ପରେ ଥାନାବାବୁ ତାଙ୍କର ଗର୍ଭପାତ କରାଇଥିଲେ। ☞ପୃଷ୍ଠା-୪

# ୪ ମାଓବାଦୀ ନିହତ



- ସିର୍ଲା ଜଙ୍ଗଲରେ ଗୁଳି ବିନିମୟ
- ମୃତକଙ୍କ ମଧ୍ୟରେ ୨ ମହିଳା
- କ୍ୟାମ୍ପରୁ ବିପୁଳ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଜବତ
- ସମୀକ୍ଷା କଲେ ପୋଲିସ ମହାନିର୍ଦ୍ଦେଶକ

**ଫୁଲବାଣୀ ଅଫିସ, ୫।୭**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅଞ୍ଚଳରେ ଶନିବାର ବିଳମ୍ବିତ ରାତିରେ ଏସ୍‌ଓଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ପୋଲିସ ଗୁଳିରେ ୨ ମହିଳାଙ୍କ ସମେତ ୪ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରେ ୩୦ରୁ ୩୫ କ୍ୟାଡର ମାଓବାଦୀ ଥିଲେ ମଧ୍ୟ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି । ସେମାନେ ବାଂଶଧାରା ଘୁମୁସର ଡିଭିଜନର ଥିଲେ ବୋଲି ଜଣାପଡିଛି। ଠାବ କରାଯାଇଥିବା ମାଓବାଦୀଙ୍କ କ୍ୟାମ୍ପରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସନ୍ଧ୍ୟାରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଫୁଲବାଣୀସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ମାଓବାଦୀମାନଙ୍କ ମୃତଦେହ, ଅସ୍ତ୍ରଶସ୍ତ୍ର ଓ ବିଭିନ୍ନ ସାମଗ୍ରୀକୁ ଟ୍ରକରେ ଜିଲା ପୋଲିସ ମୁଖ୍ୟାଳୟକୁ ଅଣାଯାଇଛି । ମୃତ ମାଓବାଦୀମାନଙ୍କ ପରିଚୟ ମିଳିପାରି ନାହିଁ। ମୃତଦେହ ଚିହ୍ନଟ କରାଯିବା ☞ପୃଷ୍ଠା-୪

# ୩ ଦିନରେ ୯ ମୃତ, ଦେଢ଼ହଜାର ଆକ୍ରାନ୍ତ

- ଚିନ୍ତା ବଢ଼ାଇଲେ ୪୨୮ ସ୍ଥାନୀୟ ସଂକ୍ରମିତ
- ୨୦ ଜିଲାରୁ ପୁଣି ୪୬୯ ପଜିଟିଭ୍ ଚିହ୍ନଟ
- ଆଉ ୨ଜଣଙ୍କ ମୁଣ୍ଡ ନେଲା କରୋନା
- ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୯୦୭୦, ମୃତ ୩୬



**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ରାଜ୍ୟରେ କରୋନା ସ୍ଥିତି ବିଗିଡ଼ିବାରେ ଲାଗିଛି। ଆକ୍ରାନ୍ତଙ୍କ ସହ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଜୁଲାଇ ମାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବରୁ ସରକାରଙ୍କ ପକ୍ଷରୁ କୁହାଯାଉଥିଲା, ଯାହାର ବାସ୍ତବ ଚିତ୍ର ଏବେ ସାମ୍ନାରେ ରହିଛି। ଜୁଲାଇ ଆରମ୍ଭରୁ ହିଁ କରୋନା ତା'ର କରାଳ ରୂପ ଦେଖାଇଛି। ଗତ ୩ ଦିନରେ ରାଜ୍ୟରେ ମୋଟ ୧,୫୨୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୯ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଏଥିସହ ମେ ଓ ଜୁନ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଁଭାଁ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହେଉଥିଲେ। କିନ୍ତୁ ଶେଷ ୭୨ ଘଣ୍ଟାର ସରକାରୀ ରିପୋର୍ଟରେ ୪୨୮ଜଣ ସ୍ଥାନୀୟ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି। ଏମାନଙ୍କ ପାଇଁ ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ସରକାରଙ୍କ ଚିନ୍ତା ବଢ଼ିଯାଇଛି।

ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୨୦ ଜିଲାରୁ ଆଉ ୪୬୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୧୭ ଜଣଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଠାବ କରାଯାଇଥିବାବେଳେ ୧୫୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗୋଟିଏ ଦିନରେ ରାଜ୍ୟରେ ଚିହ୍ନଟ ହୋଇଥିବା ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ଏହା ସର୍ବାଧିକ। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମ ଜିଲାରେ ସବୁଠୁ ଅଧିକ ୧୧୬ଜଣ ରହିଛନ୍ତି। ସେହିପରି କଟକ ଜିଲାରୁ ୯୪, ସୁନ୍ଦରଗଡ଼ରୁ ୬୬, ଖୋର୍ଦ୍ଧାରୁ ୨୭, କେନ୍ଦୁଝର ଓ ଯାଜପୁରରୁ ୨୫ଜଣ ଲେଖାଏ, ନୟାଗଡ଼ରୁ ୨୪, ଭଦ୍ରକରୁ ୧୬, ସମ୍ବଲପୁରରୁ ୧୩, ଗଜପତିରୁ ୧୨, ଅନୁଗୋଳରୁ ୧୧, ବାଲେଶ୍ୱର ଓ ପୁରୀରୁ ୮ଜଣ ଲେଖାଏ, ମୟୂରଭଞ୍ଜରୁ ୬, କେନ୍ଦ୍ରାପଡ଼ାରୁ ୫, ବଲାଙ୍ଗୀରରୁ ୩, କଳାହାଣ୍ଡି ଓ ନବରଙ୍ଗପୁରରୁ ୨ଜଣ ଲେଖାଏ, କନ୍ଧମାଳ ଓ ମାଲକାନଗିରିରୁ ଜଣେ ଲେଖାଏ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୪ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୯,୦୭୦ରେ ପହଞ୍ଚିଥିବା ☞ପୃଷ୍ଠା-୪



ରଥଯାତ୍ରା ସମାପନ ପରେ ରବିବାର ସାରଥୀଙ୍କୁ ରଥରୁ କଢ଼ାଯାଇ ଦୋଳବେଦି କୋଣ ପରିସରକୁ ଭୋଇ ସେବକମାନେ କାନ୍ଧେଇ ନେଉଛନ୍ତି।


ମରାମତି ହେଲାନି ରତ୍ନଭଣ୍ଡାର ...... ୩ ......

ରଥଯାତ୍ରାରେ ସାମିଲ ହୋଇଥିଲେ ଅଣସେବକ ...... ୩ ......

ଏବେ ଖୋଲିବନି ଖୋର୍ଦ୍ଧା ଜିଲାର ୯ ଐତିହ୍ୟସ୍ଥଳୀ ...... ୩ ......


**ଆଜିର ସମ୍ପାଦକୀୟ**

କୂଟନୈତିକ କଳା

**ଆଜିର ମନ୍ତବ୍ୟ**

"ସଶସ୍ତ୍ର ବଳର ଦୃଢ଼ ମନୋବଳ ରହିଥିବାରୁ ଯବାନମାନେ ଦେଶ ପାଇଁ ବଳିଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି।

-ଏସ୍.ଏସ୍. ଦେଶୱାଲ, ଆଇଟିବିପି ମହାନିର୍ଦ୍ଦେଶକ

# ୭୦% ଷ୍ଟାର୍ଟଅପ୍ ପ୍ରଭାବିତ, ୧୨%ରେ ତାଲା

**କୋଭିଡ୍-୧୯ ପ୍ରଭାବ**

**ଓଡ଼ିଶାରେ ୯୦% ସ୍ଥିତି ଖରାପ**



**ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ),୫।୭**

କରୋନା ମହାମାରୀ ଭାରତୀୟ ବ୍ୟବସାୟ କ୍ଷେତ୍ରରେ ଗୁରୁତର ପ୍ରଭାବ ପକାଇଛି। ବିଶେଷକରି ଲଘୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଏବଂ ଷ୍ଟାଟ୍‌ଅପ କ୍ଷେତ୍ରରେ ଏହାର ପ୍ରଭାବ ଅଧିକ ମାତ୍ରାରେ ଦେଖିବାକୁ ମିଳିଛି। ଲକ୍‌ଡାଉନ ସମୟରେ ଦେଶର ପ୍ରାୟ ୭୦% ଷ୍ଟାର୍ଟଅପ୍ ପ୍ରଭାବିତ ହୋଇଥିବାବେଳେ ୧୨% ଷ୍ଟାର୍ଟଅପ୍‌ରେ ତାଲା ଝୁଲୁଛି ବୋଲି ନିକଟରେ ଏଫ୍‌ଆଇସିସିଆଇ ଏବଂ ଇଣ୍ଡିଆନ ଆଞ୍ଜେଲ ନେଟ୍‌ୱର୍କ ପକ୍ଷରୁ କରାଯାଇଥିବା ଏକ ମିଳିତ ସର୍ଭେରୁ ଜଣାପଡ଼ିଛି। ଅନୁକୂଳ ବ୍ୟବସାୟିକ ପରିବେଶର ଅନିଶ୍ଚିତତା ଓ ସରକାରୀ ଏବଂ କର୍ପୋରେଟ ସଂସ୍ଥାଗୁଡ଼ିକୁ ଅବାଞ୍ଛିତ ଗୁରୁତ୍ୱ ଦିଆଯିବା କାରଣରୁ ଅନେକ ଷ୍ଟାର୍ଟଅପ୍ ଏବେ ନିଜର ସ୍ଥିତି ବଜାୟ ରଖିବା ପାଇଁ ସଂଘର୍ଷ କରୁଛନ୍ତି।

କୋଭିଡ୍-୧୯ର ପ୍ରଭାବ ଓଡ଼ିଶା ଷ୍ଟାର୍ଟଅପ୍ ମାର୍କେଟରେ ମଧ୍ୟ ବିଶେଷ ଭାବେ ପଡ଼ିଥିବା ଜଣାପଡ଼ିଛି। ଓଡ଼ିଶାରେ ପ୍ରାୟ ୧ ହଜାର ପଞ୍ଜୀକୃତ ଷ୍ଟାର୍ଟଅପ୍ ଅଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୬୦୦ଟି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି। ହେଲେ କୋଭିଡ୍-୧୯ ଏବଂ ଲକ୍‌ଡାଉନ୍ ପାଇଁ ପ୍ରାୟ ୯୦% ଷ୍ଟାର୍ଟଅପ୍ ଏବେ ଡିଫଲ୍ଟରେ ଚାଲିଛନ୍ତି। ଫଣ୍ଡିଂ ଏବଂ ସରକାରୀ ସହାୟତା ଅଭାବରୁ ଆଉ କିଛିଦିନ ମଧ୍ୟରେ ସେଗୁଡ଼ିକ ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ଆଶଙ୍କା କରାଯାଉଛି। ରାଜ୍ୟରେ ମାତ୍ର ୧୦% ଷ୍ଟାର୍ଟଅପ୍ ଲକ୍‌ଡାଉନ୍‌ରେ କଷ୍ଟେମଷ୍ଟେ ଚାଲିବାରେ ସମର୍ଥ ହୋଇଛନ୍ତି।

କେନ୍ଦ୍ର ସରକାର ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍ ସେକ୍ଟର ପାଇଁ ଯେଉଁ ପ୍ୟାକେଜ୍ ଘୋଷଣା କରିଥିଲେ ତାହା କେବଳ ୱାର୍କିଂ କ୍ୟାପିଟାଲ ଲୋନ୍ ବା କ୍ୟାଶ୍ କ୍ରେଡିଟ୍ ଆକାଉଣ୍ଟ ଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଉଦ୍ଦିଷ୍ଟ। ହେଲେ ଓଡ଼ିଶାରେ ୱାର୍କିଂ କ୍ୟାପିଟାଲ ଲୋନ୍ ଥିବା ଷ୍ଟାର୍ଟଅପ୍ ସଂଖ୍ୟା ବହୁତ କମ୍। ତେଣୁ ଓଡ଼ିଶାର ଷ୍ଟାର୍ଟଅପ୍ କିମ୍ବା ଏମ୍‌ଏସ୍‌ଏମ୍‌ଇ କେନ୍ଦ୍ର ସରକାରଙ୍କ ପ୍ୟାକେଜ୍ ଦ୍ୱାରା ଲାଭବାନ୍ ହେଉନାହାନ୍ତି। ଲକ୍‌ଡାଉନ୍ ପରଠାରୁ ଏହାମଧ୍ୟରେ ବହୁ ଛୋଟ ଛୋଟ ଷ୍ଟାର୍ଟଅପ୍ ବନ୍ଦ ହୋଇଗଲାଣି। ବିଶେଷକରି ଟୁରିଜମ୍, ଇ-କମର୍ସ, ଇ-ଲର୍ଣ୍ଣିଂ ସେକ୍ଟରରେ କାମ କରୁଥିବା ରାଜ୍ୟର ବହୁ ଷ୍ଟାର୍ଟଅପ୍ ଅବସ୍ଥା ଖରାପ ହୋଇପଡ଼ିଛି। ଇ-କମର୍ସ ଷ୍ଟାର୍ଟଅପ୍ ସବୁଠାରୁ ଅଧିକ ରହିଥିବା ବେଳେ ସେଗୁଡ଼ିକ ଏବେ ବନ୍ଦ ☞ପୃଷ୍ଠା-୪

# ଆଜି ୩ ଜିଲାରେ ଅତିପ୍ରବଳ ବର୍ଷା

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

ସାରା ରାଜ୍ୟରେ ମୌସୁମୀବାୟୁ ସକ୍ରିୟ ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଆଖପାଖରେ ଏକ ଲଘୁଚାପ କେନ୍ଦ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ। କିନ୍ତୁ ଆସନ୍ତା ଦୁଇଦିନ ପ୍ରବଳ ବର୍ଷା ହେବ। ବିଶେଷକରି ସୋମବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଅଞ୍ଚଳ ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ଏବଂ ବରଗଡ଼, ନବରଙ୍ଗପୁର, ବୌଦ୍ଧ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା ହେବ। ତେଣୁ ଏ ସବୁ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିପରି ମଙ୍ଗଳବାର ଉତ୍ତର ଓଡ଼ିଶା ଅଧିକାଂଶ ଅଞ୍ଚଳ ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବ। ତେବେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ ବୋଲି ସତର୍କ ସୂଚନା ଦେଇଛି ପାଣିପାଗ କେନ୍ଦ୍ର।



ପ୍ରବଳ ବର୍ଷା ନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ରବିବାର ବାରିପଦାରେ ୩୯.୪, ଭୁବନେଶ୍ୱର ୨୭, ମାଲକାନଗିରି ୧୭.୪, ଭବାନିପାଟଣା ୧୭ମିମି ବର୍ଷା ରେକର୍ଡ କରାଯାଇଛି। ଏଥିସହ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି।

**ଆଇଇଡି ବିସ୍ଫୋରଣ: ଯବାନ ଆହତ**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ରବିବାର ସକାଳେ ଆଇଇଡି ବିସ୍ଫୋରଣ ଘଟିବାରୁ ସିଆରପିଏଫ୍‌ର ଜଣେ ଯବାନ ଆହତ ହୋଇଛନ୍ତି। ପରେ ସୁରକ୍ଷା କର୍ମୀ ଅନ୍ୟ ଏକ ଆଇଇଡିକୁ ଠାବ କରି ଏହାକୁ ଅକାମୀ କରିଦେଇଛନ୍ତି। ପୁଲ୍‌ୱାମାର ଗଙ୍ଗୁ ଅଞ୍ଚଳ ଦେଇ ଯବାନମାନେ ଯାଉଥିବାବେଳେ ବିସ୍ଫୋରଣ କରାଯାଇଥିଲା।




ନୂଆଦିଲ୍ଲୀସ୍ଥିତ ଚିଲ୍ଲା ଗ୍ରାମରେ ଜଳ ବୋର୍ଡ ଟ୍ୟାଙ୍କରରୁ ପାଣି ଆଣିବା ପାଇଁ ଧାଡ଼ିରେ କଣ୍ଟେନରଗୁଡ଼ିକୁ ରଖାଯାଇଛି।



ମୁମ୍ବାଇର ଚେମ୍ବୁର ରାସ୍ତାରେ ପାଣି ଢେଉ ମାରୁଥିବାବେଳେ ଯାନବାହନଗୁଡ଼ିକ ଫସିରହିଛି।

# ମହମବତି ଫ୍ୟାକ୍ଟ୍ରିରେ ନିଆଁ: ୭ ଦଗ୍ଧ

**ମୃତକଙ୍କ ମଧ୍ୟରେ ୬ ମହିଳା, ଜଣେ ନାବାଳକ**

ଗାଜିଆବାଦ,୫।୭

ଉତ୍ତରପ୍ରଦେଶର ଗାଜିଆବାଦରେ ଥିବା ଏକ ମହମବତି ଫ୍ୟାକ୍ଟ୍ରିରେ ରବିବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୬ ମହିଳା ଶ୍ରମିକଙ୍କ ସମେତ ଜଣେ ନାବାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ନିଆଁ ଝାସ ପାଇ ଅନ୍ୟ ୪ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି।

ମୋଦିନଗରସ୍ଥିତ ବଖରୱା ଗ୍ରାମର ଏକ ମହମବତି ତିଆରି କାରଖାନାରେ ଅପରାହ୍ନ ପ୍ରାୟ ୩ଟାରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କିନ୍ତୁ ସେତେବେଳ ଯାଏ ୬ ଜଣ ମହିଳା ଶ୍ରମିକ ଓ ଜଣେ ୧୬ ବର୍ଷୀୟ ବାଳକଙ୍କ ଜୀବନ ଚାଲିଯାଇଥିଲା। ଫ୍ୟାକ୍ଟ୍ରିରେ ବାର୍ଥଡେ କ୍ୟାଣ୍ଡେଲ ତିଆରି ପାଇଁ ଅତି ଦହନଶୀଳ ସାମଗ୍ରୀ ଥିଲା ବୋଲି ଚିଫ୍ ଫାୟାର ସେଫ୍ଟି ଅଫିସର ସୁନୀଲ କୁମାର ସିଂ କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିଛନ୍ତି। ଏହା ସହ କେଉଁ ପରିସ୍ଥିତିରେ ଏତେବଡ଼ ଘଟଣା ଘଟିଗଲା ସେନେଇ ଜିଲା ପୋଲିସ ଓ ପ୍ରଶାସନକୁ ରିପୋର୍ଟ ମାଗିଛନ୍ତି। ଜିଲାପାଳ ଅଜୟ ଶଙ୍କର ପାଣ୍ଡେ ଏବଂ ଏସ୍‌ଏସ୍‌ପି କଳାନିଧି ନୈଥାନି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରାଯାଇଛି।



# ରୁଷିଆକୁ ଟପିଲା ଭାରତ

ନୂଆଦିଲ୍ଲୀ,୫।୭(ପି.ଟି.)

- ଦିନକରେ ୨୪,୮୫୦ ସଂକ୍ରମିତ, ୬୧୩ ମୃତ
- ମହାରାଷ୍ଟ୍ରରେ ୨ ଲକ୍ଷ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା
- ଜାତୀୟ ଆରୋଗ୍ୟ ହାର ୬୦.୭୭%
- ୨୧ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳରେ ଅଧିକ ସୁସ୍ଥ ହୋଇଛନ୍ତି



ଦେଶରେ କୋଭିଡ୍-୧୯ ସଂକ୍ରମଣ ବେକାବୁ ହେଲାଣି। ଗୋଟିଏ ଦିନରେ ସର୍ବାଧିକ ୨୪,୮୫୦ ଜଣ କରୋନା ଆକ୍ରାନ୍ତ ହୋଇଥିବାବେଳେ ୬୧୩ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ରବିବାର ସୁଦ୍ଧା ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬.୯୦,୩୯୬ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୧୯,୨୬୮କୁ ବୃଦ୍ଧି ପାଇଛି। ଫଳରେ ରୁଷିଆକୁ ପଛରେ ପକାଇ ଭାରତ କରୋନା ସଂକ୍ରମଣରେ ବିଶ୍ୱର ତୃତୀୟ ସ୍ଥାନରେ ପହଞ୍ଚିଛି। ରୁଷିଆରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୮୧,୨୫୧ ରହିଛି। କ୍ରମାଗତ ୩ ଦିନ ହେଲା ଭାରତରେ ଦୈନିକ ୨୦ ହଜାରରୁ ଅଧିକ ନୂଆ ମାମଲା ସାମନାକୁ ଆସୁଛି।

ସର୍ବାଧିକ ସଂକ୍ରମିତ ରାଜ୍ୟ ମହାରାଷ୍ଟ୍ରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ଅତିକ୍ରମ କରିଛି। ସେଠାରେ ୨୪ ଘଣ୍ଟାରେ ୭,୦୭୪ ନୂଆ ମାମଲା ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ତାମିଲନାଡୁରେ ୨୪ ଘଣ୍ଟା ମଧ୍ୟରେ ୪,୨୮୦ ସଂକ୍ରମିତ ହୋଇଥିଲାବେଳେ ଦିଲ୍ଲୀ, ତେଲଙ୍ଗାନା, କର୍ଣ୍ଣାଟକ, ଆସାମ ଓ ବିହାରରେ ମୋଟ ୭,୯୩୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୭୮ ପ୍ରତିଶତ ନୂଆ ମାମଲା ଏହି ୭ ରାଜ୍ୟରୁ ମିଳିଛି। ଜାତୀୟ ସ୍ତରରେ ଆରୋଗ୍ୟ ହାର ୬୦.୭୭ ପ୍ରତିଶତ ଥିବାବେଳେ ଦିଲ୍ଲୀ, ଗୁଜରାଟ, ଉତ୍ତରପ୍ରଦେଶ ସମେତ ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅଧିକ ଆରୋଗ୍ୟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୪,୦୯,୦୮୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୨,୪୪,୮୧୪ ସକ୍ରିୟ ମାମଲା ରହିଛି। ୨୪ ଘଣ୍ଟା ମଧ୍ୟରେ ମୋଟ ୧୪,୮୫୬ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି। ଚଣ୍ଡିଗଡ଼ରେ ଆରୋଗ୍ୟ ହାର ସର୍ବାଧିକ ୮୫.୯% ରହିଥିବାବେଳେ ଲଦାଖରେ ୮୨.୨%, ଉତ୍ତରାଖଣ୍ଡରେ ୮୦.୬%, ରାଜସ୍ଥାନରେ ୮୦.୧%, ମିଜୋରାମରେ ୭୯.୩%, ତ୍ରିପୁରାରେ ୭୭.୭%, ମଧ୍ୟପ୍ରଦେଶରେ ୭୬.୯%, ଝାଡ଼ଖଣ୍ଡରେ ୭୪.୩% ରହିଛି। ସେହିପରି ବିହାରରେ ଆରୋଗ୍ୟ ହାର ୭୪.୨ ପ୍ରତିଶତ ଥିବାବେଳେ ହରିୟାଣାରେ ୭୪.୧, ଗୁଜରାଟରେ ୭୧.୯, ପଞ୍ଜାବରେ ୭୦.୫, ଦିଲ୍ଲୀରେ ୭୦.୨, ମେଘାଳୟରେ ୬୯.୪, ଓଡ଼ିଶାରେ ୬୯% ରହିଛି। ଅନ୍ୟ ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶରେ ୬୮.୪%, ହିମାଚଳପ୍ରଦେଶରେ ୬୭.୩%, ପଶ୍ଚିମବଙ୍ଗ ୬୬.୭%, ଆସାମ ୬୨.୪% ଏବଂ ଜମ୍ମୁ-କଶ୍ମୀରରେ ୬୨.୪% ଆରୋଗ୍ୟ ହାର ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## କୋଭିଡ୍ ଜ୍ୱାଳାକୁ କମାଇପାରିବ ପ୍ରୋଟିନ୍

ଟରଣ୍ଟୋ,୫।୭(ପି.ଟି.)

ବୈଜ୍ଞାନିକମାନେ ଏକ ପ୍ରକାର ପ୍ରୋଟିନ୍ ଆବିଷ୍କାର କରିଛନ୍ତି ଯାହା କୋଭିଡ୍-୧୯ ଜନିତ ପ୍ରଦାହକୁ ହ୍ରାସ କରିପାରିବ ବୋଲି ସେମାନେ ଦାବି କରିଛନ୍ତି। ଏହି ନୂଆ ଔଷଧ କରୋନା ମୁକାବିଲା କ୍ଷେତ୍ରରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇପାରିବ। ସେଲ୍ ରିପୋର୍ଟସ୍ ନାମକ ପତ୍ରିକାରେ ପ୍ରକାଶିତ ଥେରାପୁଟିକ୍, ଯାହାକୁ ଟାଟ୍ କାର୍ମିଲ୧ କୁହାଯାଉଛି, ତାହା ପ୍ରାକୃତିକ ଉପାୟରେ ସୃଷ୍ଟ ଦୁଇଟି କ୍ଷୁଦ୍ର ପ୍ରୋଟିନ୍‌ର ମିଶ୍ରଣ। ଟରଣ୍ଟୋ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଦୁଇଟି କ୍ଷୁଦ୍ର ପ୍ରୋଟିନ୍ (ପେପ୍‌ଟାଇଡ୍) ଏକତ୍ର କୋଷ ଝିଲ୍ଲୀ ମଧ୍ୟରେ ପ୍ରବେଶ କରି ପ୍ରଦାହ ଜନିତ ଯନ୍ତ୍ରଣାକୁ ହ୍ରାସ କରିଥାନ୍ତି। ପେପ୍‌ଟାଇଡ୍‌କୁ ଆଗୁଆ ପ୍ରଦାନ କରାଗଲେ ଶରୀରରେ ପ୍ରଦାହ ଜନିତ କ୍ଷତିକୁ କମ୍ କରାଯାଇପାରିବ ବୋଲି ବୈଜ୍ଞାନିକ କହିଛନ୍ତି।

# 'ପାକିସ୍ତାନୀ ହିନ୍ଦୁ ଶରଣାର୍ଥୀଙ୍କୁ ମିଳିବ ଭାରତର ନାଗରିକତ୍ୱ'

ନୂଆଦିଲ୍ଲୀ,୫।୭(ଆଇଏଏନ୍‌ଏସ୍)

ରାଜଧାନୀ ଦିଲ୍ଲୀରେ ରହିଥିବା ପାକିସ୍ତାନୀ ହିନ୍ଦୁ ଶରଣାର୍ଥୀମାନଙ୍କୁ ଦୀର୍ଘମିଆଦୀ ଭିଜା ଯୋଗାଇ ଦିଆଯିବା ସହ ସେମାନଙ୍କୁ ଦେଶର ବିଭିନ୍ନ ସ୍ଥାନରେ ସ୍ଥାୟୀ ଭାବେ ରହିବାର ସୁଯୋଗ ପ୍ରଦାନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରତିଶ୍ରୁତି ଦେଇଛନ୍ତି। ଆଇନର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ଏବଂ ସମସ୍ତ ହିନ୍ଦୁ ଶରଣାର୍ଥୀଙ୍କୁ ଦେଶର ନାଗରିକ ଭାବେ ଗ୍ରହଣ କରାଯିବ ବୋଲି ଶାହା କହିଛନ୍ତି। ପରିବାରର ମୁଖ୍ୟଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯିବ ଏବଂ ଏହା ସବୁ ସଦସ୍ୟଙ୍କ ପାଇଁ ବୈଧ ହେବ। ଧର୍ମୀୟ ବିଦ୍ୱେଷର ସମ୍ମୁଖୀନ ହୋଇ ଶହ ଶହ ପାକିସ୍ତାନୀ ହିନ୍ଦୁ ଭାରତ ପଳାଇଆସି ଶରଣାର୍ଥୀ ଭାବେ ରହୁଛନ୍ତି। ସେମାନେ ପର୍ଯ୍ୟଟକ, ତୀର୍ଥଯାତ୍ରୀ କିମ୍ବା ଭିଜିଟର ଭିଜାରେ ଆସି ଭାରତରେ ସ୍ଥାୟୀ ଭାବେ ରହିବାକୁ ଚାହୁଁଛନ୍ତି। ପାକସ୍ତାନରେ ନିଜକୁ ଅସୁରକ୍ଷିତ ମନେକରି ସେମାନେ ଫେରୁନାହାନ୍ତି ଓ ଭାରତୀୟ ନାଗରିକତ୍ୱ ପାଇବା ପାଇଁ ଆଶା ରଖିଛନ୍ତି। ଦିଲ୍ଲୀ ଶିଖ୍ ଗୁରୁଦ୍ୱାର ପରିଚାଳନା କମିଟି ସଭାପତି ମଞ୍ଜିନ୍ଦର ସିଂ ସିର୍ସାଙ୍କ ନେତୃତ୍ୱରେ ପାକିସ୍ତାନୀ ହିନ୍ଦୁମାନଙ୍କ ଏକ ପ୍ରତିନିଧି ଦଳ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟି ନାଗରିକତ୍ୱ ପ୍ରଦାନ ପାଇଁ ଅନୁରୋଧ କରିଥିଲେ।

## ନାଇଟ୍ କ୍ଲବ୍‌ରେ ଗୁଳିକାଣ୍ଡ: ୨ ନିହତ

**ଗ୍ରୀନ୍‌ଭିଲେ,୫।୭:** ଆମେରିକାର ସାଉଥ୍ କାରୋଲିନାରେ ଥିବା ଏକ ନାଇଟ୍ କ୍ଲବ୍‌ରେ ଶନିବାର ବିଳମ୍ବିତ ରାତିରେ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ଗୁଳିକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ହେବା ସହ ୮ ଆହତ ହୋଇଛନ୍ତି। ଲାଭିଶ ଲାଉଞ୍ଜ୍‌ରେ ଏହି ଗୁଳିକାଣ୍ଡ ଘଟିଥିବା ଗ୍ରୀନ୍‌ଭିଲେ କାଉଣ୍ଟି ଶେରିଫ୍‌ର ଅଧିକାରୀ କହିଛନ୍ତି। ଭୟରେ ଲୋକେ ଉକ୍ତ ବିଲ୍ଡିଂରୁ ଦୌଡ଼ି ପଳାଉଥିବା ଦେଖାଯାଇଥିଲା। ଏହି ଘଟଣାରେ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ। କ'ଣ ପାଇଁ ଗୁଳିକାଣ୍ଡ ଘଟିଲା ଓ କେତେଜଣ ସେଥିରେ ସମ୍ପୃକ୍ତ ଥିଲେ ତାହା ଜଣାପଡ଼ିନାହିଁ। ଆହତମାନଙ୍କୁ ସ୍ଥାନୀୟ ପ୍ରିଜ୍‌ମା ହେଲ୍‌ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଆଲୋଚନା କରୁଛନ୍ତି।

## ଏସ୍‌ଏଫ୍‌ଜେର ୪୦ ୱେବ୍‌ସାଇଟ ବ୍ଲକ୍

ନୂଆଦିଲ୍ଲୀ,୫।୭

ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ବେଆଇନ ସଂଗଠନ ଶିଖ୍ ଫର ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ୪୦ ୱେବ୍‌ସାଇଟ୍‌କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବ୍ଲକ୍ କରିଦେଇଛି। ଆମେରିକାରେ ଥିବା ଏହି ସଂଗଠନ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ସପକ୍ଷବାଦୀ ଏବଂ ବିଚ୍ଛିନ୍ନତାବାଦୀ କାର୍ଯ୍ୟକୁ ସମର୍ଥନ କରିଥାଏ। ୟୁଏପିଏ ଆଇନ ବଳରେ ଏହାକୁ ବେଆଇନ ଘୋଷଣା କରାଯାଇଥିଲା। ଏସ୍‌ଏଫ୍‌ଜେ ଖଲିସ୍ତାନୀ ଆନ୍ଦୋଳନକୁ ସମର୍ଥନ କରି ଭାରତର ସାର୍ବଭୌମତ୍ୱ ଓ ଆଞ୍ଚଳିକ ସଂହତି ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଥିଲା।

# 'ସୀତାରାମନ ବିଷଧର ସର୍ପ'

କୋଲକାତା,୫।୭



କଲ୍ୟାଣ ବାନାର୍ଜୀ ନିର୍ମଳା ସୀତାରାମନ

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି କଲ୍ୟାଣ ବାନାର୍ଜୀ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ସେ ବିଷଧର ସର୍ପ ସହ ତୁଳନା କରିଛନ୍ତି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

କଲ୍ୟାଣ ଶନିବାର ତୈଳଦର ବୃଦ୍ଧି ଓ ରେଲୱେର ଘରୋଇକରଣ ପ୍ରସ୍ତାବ ପ୍ରତିବାଦରେ ବାଙ୍କୁଡ଼ାରେ ଆୟୋଜିତ ଏକ ସଭାରେ ସୀତାରାମନଙ୍କ ଇସ୍ତଫା ଦାବି କରିଥିଲେ। ସେ କହିଥିଲେ, ସୀତାରାମନ ଏକ ବିଷାକ୍ତ ସାପ ଲୋକଙ୍କୁ ଦଂଶନ କରିବା ଭଳି କାର୍ଯ୍ୟ କରୁଛନ୍ତି। ସେ ଭାରତର ଅର୍ଥନୀତିକୁ ଏପରି ବିପର୍ଯ୍ୟସ୍ତ କରିଦେଇଛନ୍ତି ଯେ ଜଣ ଜଣ କରି ଦେଶବାସୀ ମରିବାରେ ଲାଗିଛନ୍ତି। ସୀତାରାମନ ହେଉଛନ୍ତି ଭାରତର ସବୁଠୁ ନିକୃଷ୍ଟ ଅର୍ଥମନ୍ତ୍ରୀ। ପଶ୍ଚିମବଙ୍ଗ ଭାଜପା ଅଧ୍ୟକ୍ଷ ଦିଲୀପ ଘୋଷ ଏହାକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ଦଳ ଓ ନେତାମାନଙ୍କ ଉପରୁ ନିୟନ୍ତ୍ରଣ ହରାଇଛନ୍ତି। ଟିଏମ୍‌ସି ନେତାମାନେ ହତାଶ ହୋଇ ଯାହାତାହା କହୁଛନ୍ତି ବୋଲି ସେ କହିଛନ୍ତି।

## ଆଣ୍ଡାମାନରେ ବଳ ବଢ଼ାଉଛି ଭାରତ

**ନୂଆଦିଲ୍ଲୀ,୫।୭:** ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହ ଭାରତୀୟ ସେନା ମୁହାଁମୁହିଁ ହେବା ପରେ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ପାଇଁ ଭାରତ ନିଜକୁ ପ୍ରସ୍ତୁତ କରୁଛି। ଏହି କ୍ରମରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଅତିରିକ୍ତ ସାମରିକ ବଳ ପାଇଁ ଏକ ବୃହତ୍ ଘାଟି ନିର୍ମାଣ ଲାଗି ଭାରତ ପ୍ରସ୍ତୁତି ଆରମ୍ଭ କରିଛି।

## ଆଇସିଏସ୍‌ଇ, ଆଇଏସ୍‌ସି ପାଠ୍ୟକ୍ରମ ହ୍ରାସ

**ଲକ୍ଷ୍ନୌ,୫।୭:** କରୋନା ମହାମାରୀ ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହୋଇଥିବାରୁ ଚଳିତ ଶିକ୍ଷାବର୍ଷ ପାଇଁ ଆଇସିଏସ୍‌ଇ ଏବଂ ଆଇଏସ୍‌ସି ପାଠ୍ୟକ୍ରମ ହ୍ରାସ କରାଯାଇଛି। ହ୍ରାସ ପାଇଥିବା ପାଠ୍ୟକ୍ରମ କାଉନସିଲ୍ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ୱେବ୍‌ସାଇଟରେ ପ୍ରକାଶ ପାଇଛି। ଆଇସିଏସ୍‌ଇ ନବମ ଓ ଦଶମ ଶ୍ରେଣୀ ଏବଂ ଆଇଏସ୍‌ସିର ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଛାତ୍ରୀଛାତ୍ର ସେମାନଙ୍କ ପାଠ୍ୟକ୍ରମ ଉକ୍ତ ୱେବ୍‌ସାଇଟରୁ ଦେଖିପାରିବେ।

# ବିକାଶ ଦୁବେଙ୍କ ମୁଖ୍ୟ ସହଯୋଗୀ ଗିରଫ

ଲକ୍ଷ୍ନୌ/କାନପୁର,୫।୭(ପି.ଟି.)



ହସ୍ପିଟାଲରେ ଦୟାଶଙ୍କର ଅଗ୍ନିହୋତ୍ରୀ।

କାନପୁର ଏନ୍‌କାଉଣ୍ଟରରେ ୮ ପୋଲିସଙ୍କୁ ହତ୍ୟା କରିଥିବା ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ମୁଖ୍ୟ ସହଯୋଗୀ ଦୟାଶଙ୍କର ଅଗ୍ନିହୋତ୍ରୀଙ୍କୁ ରବିବାର ପୋଲିସ ଗିରଫ କରିଛି। ସେ ପୋଲିସ ଉପରେ ଆକ୍ରମଣ କରି ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ଆହତ ହୋଇଥିଲେ। ତାଙ୍କୁ କାନ୍‌ପୁରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାବ୍ୟତୀତ ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ ବିଦ୍ୟୁତ୍ ସବ୍‌ଷ୍ଟେଶନର ଏସ୍‌ଡିଓ ଏବଂ ଅନ୍ୟ ଜଣେ କର୍ମଚାରୀ। ଗୁରୁବାର ବିଳମ୍ବିତ ରାତିରେ ପୋଲିସ ବିକ୍ରୁ ଗ୍ରାମରେ ଥିବା ଦୁବେଙ୍କ ଘର ଉପରେ ଚଢ଼ାଉ କରିବାକୁ ଯାଇଥିବା ବେଳେ ବିଜୁଳି ଚାଲିଯାଇଥିଲା। ନିକଟସ୍ଥ ଚୌବେପୁର ଥାନାରୁ ଫୋନ୍ କଲ୍ ପାଇ ବିଦ୍ୟୁତ୍ କାଟ କରିଥିଲେ ବୋଲି କର୍ମଚାରୀ ଜଣକ ସ୍ୱୀକାର କରିଛନ୍ତି। ତେବେ ଚଢ଼ାଉ ବେଳେ ବିଜୁଳି କାଟିବାକୁ କିଏ ନିର୍ଦ୍ଦେଶ ଦେଇଥିଲା ତାହା ପୋଲିସ କହୁନାହିଁ। ଦୁବେଙ୍କୁ ଗିରଫ କରାଯିବ ବୋଲି ଥାନାରୁ କେହିଜଣେ ଫୋନ୍ କରି ଜଣାଇଥିଲେ ବୋଲି ଜେରା ବେଳେ ଅଗ୍ନିହୋତ୍ରୀ ସୂଚନା ଦେଇଛନ୍ତି। ଏହି ଖବର ପାଇବା ପରେ ଦୁବେ ତାଙ୍କ ଲୋକମାନଙ୍କୁ ପୋଲିସକୁ ଏନ୍‌କାଉଣ୍ଟର କରିବା ପାଇଁ ନିୟୋଜିତ କରିଥିଲେ। ଦୁବେଙ୍କୁ ସୂଚନା ଦେଇଥିବା ଅଭିଯୋଗରେ ଚୌବେପୁର ଥାନାର ଷ୍ଟେଶନ ହାଉସ୍ ଅଫିସର ବିନୟ ତିୱାରୀଙ୍କୁ ଶନିବାର ଗିରଫ କରାଯିବା ସହ ଚାକିରିରୁ ନିଲମ୍ବିତ କରାଯାଇଥିଲା। ୨୫ଟି ପୋଲିସ ଟିମ୍ ଦୁଇଦିନ ମଧ୍ୟରେ ୟୁପି ସମେତ ନେପାଳ ସୀମା ଓ ଅନ୍ୟ ରାଜ୍ୟର ଶତାଧିକ ସ୍ଥାନରେ ଚଢ଼ାଉ କଲେଣି। ଦୁବେ ନେପାଳ କିମ୍ବା ମଧ୍ୟପ୍ରଦେଶକୁ ପଳାଇଯାଇଥିବା ସନ୍ଦେହ କରାଯାଉଛି।

### ବଙ୍କରରେ ଅସ୍ତ୍ର ଲୁଚାଉଥିଲେ ବିକାଶ

**ଲକ୍ଷ୍ନୌ,୫।୭:** ଦୁର୍ଦ୍ଦାନ୍ତ ଅପରାଧୀ ବିକାଶ ଦୁବେ କାନପୁରର ବିଥୁର ଅଞ୍ଚଳରେ ଥିବା ନିଜ ଘରେ ବଙ୍କର କରି ସେଠାରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଲୁଚାଇ ରଖୁଥିଲେ ବୋଲି କାନପୁର ପୋଲିସ କହିଛି। ତାଙ୍କ ଘରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ପୋଲିସଠାରୁ ଦୁବେ ଓ ତାଙ୍କ ଗ୍ୟାଙ୍ଗ ଏକେ-୪୭, ଇନ୍‌ସାସ୍ ରାଇଫଲ ଏବଂ ତିନୋଟି ପିସ୍ତଲ ଲୁଟି ନେଇଥିଲେ। ତେବେ ପୋଲିସ ତାଙ୍କ ଘରୁ କେବଳ ଗୋଟିଏ ପିସ୍ତଲ ଜବତ କରିବାରେ ସମର୍ଥ ହୋଇଛି।

# କେରଳରେ ବର୍ଷେ କୋଭିଡ୍ କଟକଣା

**ଗାଇଡ୍‌ଲାଇନ ନ ମାନିଲେ ୧୦ ହଜାର ଟଙ୍କା ଜରିମାନା, ୨ ବର୍ଷ ଜେଲ୍**

ଥିରୁଭାନନ୍ତପୁରମ୍,୫।୭

ଭାରତରେ ପ୍ରଥମ କରୋନା ସଂକ୍ରମଣ କେରଳରେ ଜାନୁୟାରୀ ଶେଷ ଭାଗରେ ଦେଖାଦେଇଥିଲା। ତେବେ ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା ଅନ୍ୟତମ ସଫଳ ରାଜ୍ୟ ବିବେଚିତ ହୋଇପାରିଛି। ସେଠାରେ ମୋଟ ଆକ୍ରାନ୍ତ ସଂଖ୍ୟା ୫,୨୦୪ରେ ପହଞ୍ଚିଛି। ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଆଜିଠାରୁ ବର୍ଷେ ପର୍ଯ୍ୟନ୍ତ ରାଜ୍ୟରେ କରୋନା କଟକଣା ଲାଗୁ କରିବାକୁ କେରଳ ସରକାର ନିଷ୍ପତ୍ତି ନେଇଛନ୍ତି। ଗାଇଡ୍‌ଲାଇନ୍ ନ ମାନିଲେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୨ ବର୍ଷ ଜେଲ୍‌ଦଣ୍ଡର ବ୍ୟବସ୍ଥା କରାଯାଇଛି। ଏହି ସମୟରେ ସର୍ବସାଧାରଣ ସ୍ଥାନରେ ମାସ୍କ ପିନ୍ଧିବା କିମ୍ବା ମୁହଁକୁ ଘୋଡ଼ାଇ ରଖିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ବାଧ୍ୟତାମୂଳକ ହେବ। ସେହିପରି କାର୍ଯ୍ୟସ୍ଥଳରେ ମାସ୍କ ପିନ୍ଧିବା ସହ ସବୁ ସ୍ଥାନରେ ୬ ଫୁଟ୍ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ କୁହାଯାଇଛି। ସେହିପରି ବିବାହ କାର୍ଯ୍ୟରେ ୫୦ ଓ ଶେଷକୃତ୍ୟରେ ୨୦ରୁ ଅଧିକ ଲୋକ ଯୋଗଦେଇପାରିବେ ନାହିଁ। ସେଠାରେ ସମସ୍ତଙ୍କୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ହେବ। ସାମାଜିକ ସମାବେଶ, ଶୋଭାଯାତ୍ରା, ଧାରଣା, ବିକ୍ଷୋଭ ଆଦି କର୍ତ୍ତୃପକ୍ଷଙ୍କ ବିନା ଲିଖିତ ଅନୁମତିରେ କରାଯାଇପାରିବ ନାହିଁ। ଏଥିପାଇଁ ଅନୁମତି ମିଳିଲେ ମଧ୍ୟ ୧୦ରୁ ଅଧିକ ଲୋକ ଭାଗ ନେଇପାରିବେ ନାହିଁ ବୋଲି ସରକାର କହିଛନ୍ତି। ଦୋକାନ ଓ ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥାରେ କର୍ମଚାରୀ କିମ୍ବା ଗ୍ରାହକ ସଂଖ୍ୟା ସଂସ୍ଥାର ପ୍ରକୋଷ୍ଠ ଆକାରକୁ ନେଇ ନିର୍ଦ୍ଧାରଣ କରାଯିବ। ତେବେ ଏକସଙ୍ଗେ ୨୦ରୁ ଅଧିକ ଲୋକଙ୍କୁ ଅନୁମତି ମିଳିବ ନାହିଁ। ଦୋକାନରେ ପ୍ରବେଶ ପୂର୍ବରୁ ଗ୍ରାହକଙ୍କ ପାଇଁ ଦୋକାନୀ ସାନିଟାଇଜର ବ୍ୟବସ୍ଥା କରିବେ। ରାସ୍ତା,ଫୁଟପାଥ୍ ଓ ସର୍ବସାଧାରଣ ସ୍ଥାନରେ ଛେପ ପକାଇବାକୁ କଡ଼ାକଡ଼ି ନିଷିଦ୍ଧ କରାଯାଇଛି।



ହରିୟାଣାର ଗୁରୁଗ୍ରାମରେ ସ୍ୱାସ୍ଥ୍ୟକର୍ମୀ ଆଣ୍ଟିଜେନ୍ ପରୀକ୍ଷା ଲାଗି ସ୍ୱାବ୍ ସଂଗ୍ରହ କରୁଛନ୍ତି।

## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲା

**ସମ୍ବଲପୁର,୫।୭ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ଜଳସ୍ତର ରବିବାର ରାତି ୯ଟା ସୁଦ୍ଧା ୫୯୯.୯୩ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୭,୬୯୦ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱରେ ଗୋଟିଏ ସ୍ଲୁଇସ୍ ଗେଟ୍, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୩୧,୮୧୬ କ୍ୟୁସେକ ଜଳ ନିଷ୍କାସନ ହେଉଛି। ତେବେ ମିଳିଥିବା ରିପୋର୍ଟ ଅନୁସାରେ, ବେଲଗାଁରେ ୧୬,୫୦୦, ପଥର୍ଲାରେ ୫୭,୨୪୭, ଖଇରମାଳରେ ୧,୮୨୦୦୦, ବରମୁଲାରେ ୭୧,୦୦୦, ମୁଣ୍ଡଲିରେ ୬୭,୦୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### କୋଭିଡ୍ ପରୀକ୍ଷା ରିପୋର୍ଟ ଭାଇରାଲ

#### ଅଡୁଆରେ ଭିମ୍‌ସାର କର୍ତ୍ତୃପକ୍ଷ

**ସମ୍ବଲପୁର, ୫।୭ (ବ୍ୟୁରୋ):** ସମ୍ବଲପୁର ବୁର୍ଲା ଭିମ୍‌ସାରରେ କୋଭିଡ୍-୧୯ ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଏହି ପରୀକ୍ଷା କେନ୍ଦ୍ରରୁ ଅନେକ ସମୟରେ ସୂଚନା ଲିକ୍ ହେଉଥିବା ସାଧାରଣରେ ଅଭିଯୋଗ ହେଉଥିଲା। ଏବେ ୨ଦିନ ହେଲା ପରୀକ୍ଷା ରିପୋର୍ଟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ଭିସୁଟର ପ୍ରଫେସର ଓ ଅନ୍ୟ କର୍ମଚାରୀଙ୍କ ନାମ ଉଲ୍ଲେଖ ରହିଛି। ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିବା ବେଳେ ଏହା ପ୍ରଶାସନ ପାଖରେ ପହଞ୍ଚିବା ପରେ ଜିଲା ପ୍ରଶାସନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। କରୋନା ପଜିଟିଭଙ୍କ ନାମ, ଠିକଣା କିମ୍ବା ତାଙ୍କ ବିଷୟରେ କୌଣସି ସୂଚନା ସର୍ବସାଧାରଣରେ ପ୍ରକାଶ କରାଯାଇ ପାରିବ ନାହିଁ ବୋଲି କଡା ନିୟମ ରହିଛି। ହେଲେ ଭିମ୍‌ସାର ପରୀକ୍ଷା କେନ୍ଦ୍ରରୁ କିଭଳି କୋଭିଡ ପରୀକ୍ଷା ରିପୋର୍ଟ ଲିକ୍ ହେଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୁର୍ଲା ଭିମ୍‌ସାର ଅନେକ ସମୟରେ ବିବାଦୀୟ ରହିଆସୁଥିବା ବେଳେ ଏବେ କୋଭିଡ୍- ୧୯ ମୁକାବିଲାରେ ମଧ ବିବାଦ ଘେରକୁ ଆସିଯାଇଛି।

### ଗାଧୋଇବା ବେଳେ ପାଣିରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଖୁଣ୍ଟା,୫।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଡୁକୁରା ଗ୍ରାମରେ ରବିବାର ଗାଧୋଇବା ବେଳେ ପାଣିରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଅଶୋକ ବ୍ରହ୍ମଙ୍କ ପୁଅ ଶୁଭମ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୨୦୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବାରିପଦା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ଶ୍ରେଣୀରେ ପଢୁଥିବା ଶୁଭମ ମଧ୍ୟାହ୍ନରେ ୩ ଜଣ ସାଙ୍ଗଙ୍କ ସହ ନିକଟସ୍ଥ ଆଡ଼ିକୂଳ ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବାର ମଜା ଉଠାଇବା ପାଇଁ ମୁଖ୍ୟ ବନ୍ଧ ହୁଡ଼ାରୁ ପାଣି ମଧ୍ୟକୁ ଡିଆଁ ମାରିବା ବେଳେ ସେ ବୁଡ଼ି ଯାଇଥିଲେ। ଏହା ଦେଖି ଅନ୍ୟ ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ସ୍ଥାନୀୟ ଲୋକେ ତଥା ଲକ୍ଷ୍ମଣସାହି ପଞ୍ଚାୟତର ସରପଞ୍ଚ ଶିବ ସିଂ ପାଣିରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଖୁଣ୍ଟା ଅଗ୍ନିଶମ ବିଭାଗ ତାଙ୍କୁ ଚିକିତ୍ସା ପାଇଁ ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ବିବାହ ପୂର୍ବରୁ ନାବାଳିକାଙ୍କୁ ଉଦ୍ଧାର କଲା ପ୍ରଶାସନ

**ବନ୍ତ, ୫।୭(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପୂର୍ବରୁ ଉଦ୍ଧାର କରାଯାଇଛି। ଥାନାଧିକାରୀ ମିନା ବିନ୍ଧାଣୀ ଓ ସିଡିପିଓ ରେଣୁବାଳା ଦାଶ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସି ପାଖରେ ହାଜର କରାଇଥିଲେ। ସିଡବ୍ଲ୍ୟୁସି ପକ୍ଷରୁ ସମ୍ପୃକ୍ତ ନାବାଳିକାଙ୍କୁ ଆସିଆନା ଚାଇଲ୍ଡକେୟାରରେ ଛଡ଼ାଯାଇଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସିଡିପିଓ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସମ୍ପୃକ୍ତ ଝିଅର ବୟସ ହୋଇ ନ ଥିବା ବେଳେ ପରିବାର ଲୋକେ ବିବାହ କରିବାକୁ ପ୍ରସ୍ତୁତ ହୋଇଥିଲେ। କୌଣସି ସୂତ୍ରରୁ ପ୍ରଶାସନ ଖବରପାଇ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଛି।

# ମରାମତି ହେଲାନି ରତ୍ନଭଣ୍ଡାର

**ପୁରୀ ଅଫିସ, ୫।୭**



- ବର୍ଷାପାଣି ଗଳିବା ଆଶଙ୍କା ବଢ଼ିଲା
- ମହାପ୍ରଭୁଙ୍କ ରତ୍ନଅଳଙ୍କାରକୁ ଅଣଦେଖା ଅଭିଯୋଗ
- ରାଜ୍ୟପାଳଙ୍କୁ ଚିଠି ଲେଖି ମରାମତି ପାଇଁ ଅନୁରୋଧ କଲେ ଭକ୍ତ

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ରହିଛି ମହାପ୍ରଭୁଙ୍କ ବହୁ ଦୁର୍ମୁଲ୍ୟ ରତ୍ନ ଅଳଙ୍କାର। ବାହାର ରତ୍ନଭଣ୍ଡାର ବର୍ଷକୁ ଏକାଧିକ ଥର ଖୋଲାଯାଇଥାଏ। କିନ୍ତୁ ଶେଷଥର ପାଇଁ ୧୯୮୫ରେ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ୩୫ବର୍ଷ ହେଲା ରତ୍ନଭଣ୍ଡାର ଗୃହର ସ୍ଥିତି ଯାଞ୍ଚ ହୋଇନାହିଁ। ସେବାୟତମାନେ ଅନେକ ସମୟରେ ରତ୍ନଭଣ୍ଡାରରୁ ପାଣି ଗଳୁଥିବା କଥା ଉଠାଇଛନ୍ତି। ପରିଚାଳନା କମିଟିରେ ବି ରତ୍ନଭଣ୍ଡାର ଖୋଲାଯାଇ ଗୃହର ସ୍ଥିତି ପରଖିବା ପାଇଁ ନିଷ୍ପତ୍ତି ହୋଇଛି। କିନ୍ତୁ ତାହା ବାସ୍ତବ ରୂପ ନେଇପାରି ନାହିଁ। ଥରେ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସଫଳତା ମିଳିନାହିଁ। ଇତିମଧ୍ୟରେ ଓଡ଼ିଶାକୁ ମୌସୁମୀ ପ୍ରବେଶ କରିଥିବାରୁ ବର୍ଷା ବଢ଼ିବ। ତେବେ ଭଣ୍ଡାର ଘର ମରାମତି ହୋଇ ନ ଥିବାରୁ ପାଣି ଗଳିବା ଆଶଙ୍କା ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଦୁର୍ମୁଲ୍ୟ ରତ୍ନଅଳଙ୍କାର ପ୍ରତି ଏଭଳି ଅଣଦେଖାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭକ୍ତ ଓ ସେବାୟତ। ଦିଲୀପ ବରାଳ ନାମକ ଭକ୍ତ ଏ ନେଇ ରବିବାର ରାଜ୍ୟପାଳଙ୍କୁ ଚିଠି ଲେଖିଛନ୍ତି। ରତ୍ନଭଣ୍ଡାର ଘରର ଛାତ ସ୍ଥିତି ଭିତରପଟୁ ଯାଞ୍ଚ କରାଯିବା ସହ ମରାମତି ନିମନ୍ତେ ଆଇନ ବିଭାଗ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ବରାଳ ଅନୁରୋଧ କରିଛନ୍ତି।

୨୦୧୮ ମାର୍ଚ୍ଚ ୨୦ରେ ବସିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) କର୍ତ୍ତୃପକ୍ଷ ଓ ରତ୍ନଭଣ୍ଡାରରୁ ପାଣି ଗଳୁଥିବା ନେଇ କେତେଜଣ ସେବାୟତଙ୍କ ସୂଚନାକୁ ଆଧାର କରି କମିଟିରେ ରତ୍ନଭଣ୍ଡାର ଗୃହ ସ୍ଥିତି ଯାଞ୍ଚ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ରତ୍ନଭଣ୍ଡାର ସବ୍‌କମିଟି ଉପସ୍ଥିତିରେ ଉକ୍ତ ଗୃହ ଖୋଲାଯିବାକୁ ବୈଠକରେ ଚୂଡ଼ାନ୍ତ ହୋଇଥିଲା। ହେଲେ ଏହାକୁ ନେଇ ଦେଖାଦେଇଥିଲା ବିବାଦ। ରତ୍ନଭଣ୍ଡାର ଖୋଲିବା ନିଷ୍ପତ୍ତିକୁ କିଛି ସଙ୍ଗଠନ ବିରୋଧ କରିଥିଲେ। ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏହାର ଶୁଣାଣି କରି ରତ୍ନଭଣ୍ଡାର ଗୃହ ସ୍ଥିତି ଯାଞ୍ଚ କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ରତ୍ନଭଣ୍ଡାର ଖୋଲିବାକୁ ଅନୁମତି ପ୍ରଦାନ ଲାଗି ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଚିଠି ଲେଖିଥିଲା। ସରକାର ଏଥିଲାଗି ଏକାଧିକ ସର୍ତ୍ତ ରଖି ରତ୍ନଭଣ୍ଡାର ଗୃହର ସ୍ଥିତି ଯାଞ୍ଚ କରିବା ପାଇଁ ଅନୁମତି ଦେଇଥିଲେ। ଏହାପରେ ରତ୍ନଭଣ୍ଡାର ସବ୍‌କମିଟି ବୈଠକ ବସିଥିଲା। କେବଳ ରତ୍ନଭଣ୍ଡାର କାନ୍ଥ ଓ ଛାତର ସ୍ଥିତି ଅନୁଧ୍ୟାନ କରାଯିବ। ଅଳଙ୍କାର ଓ ଆସବାବପତ୍ର କେହି ଛୁଇଁବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ଛତିଶା ନିଯୋଗ ବୈଠକରେ ତାରିଖ ଏବଂ ଏଥିପାଇଁ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଡ୍ୟୁଓର (ଏସ୍ଓପି) ପ୍ରସ୍ତୁତ ହୋଇଥିଲା। ୨୦୧୮ ଏପ୍ରିଲ ୪ ତାରିଖରେ ରତ୍ନଭଣ୍ଡାର ଖୋଲିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। କିନ୍ତୁ ଖୋଲାଯାଇ ପାରି ନ ଥିଲା ଭିତର ରତ୍ନଭଣ୍ଡାର। ବହୁ ଆଡମ୍ବରରେ ଲଘୁକ୍ରିୟା ସଦୃଶ ବାହାର ଭଣ୍ଡାରରୁ ଫେରି ଆସିଥିଲେ ଯାଞ୍ଚ ଟିମ୍। କୁହାଯାଇଥିଲା ଭିତର ଭଣ୍ଡାର ଖୋଲିବା ଆବଶ୍ୟକ ପଡ଼ିଲାନି। ବାହାର ଭଣ୍ଡାରରୁ ଭିତର ଭଣ୍ଡାର ସ୍ଥିତି ପରଖାଯାଇଥିଲା। ବାହାର ଭଣ୍ଡାରର କାନ୍ଥ ଓଦା ରହିଥିବାବେଳେ ପ୍ଲାଷ୍ଟର ଦୁର୍ବଳ ଜଣାପଡୁଥିଲା। ଇତିମଧ୍ୟରେ ୨ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି, ଏ ପର୍ଯ୍ୟନ୍ତ ଭିତର ଭଣ୍ଡାର ଖୋଲାଗଲାନି କି ଆବଶ୍ୟକ ମରାମତି ହେଲାନାହିଁ।

ପରେ ଜଣାପଡ଼ିଥିଲା ଭିତରଭଣ୍ଡାର ଚାବି ହଜିଯାଇଥିବାରୁ ତାହା ଖୋଲାଯାଇ ପାରି ନ ଥିଲା। ଏହାକୁ ନେଇ ତୁମ୍ପିତୋଫାନ ହୋଇଥିଲା। ରାଜ୍ୟ ସରକାରଙ୍କୁ ଘେରିଥିଲେ ବିରୋଧୀ। ସରକାର ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୮ ନଭେମ୍ବର ୨୮ରେ କମିଶନ ୩୨୪ ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିଥିଲେ। ତଥାପି ଏପର୍ଯ୍ୟନ୍ତ ଭଣ୍ଡାର ଘର ଖୋଲିବା ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାଦ୍ୱାରା ଭଣ୍ଡାର ଘର ଏବଂ ଏହା ମଧ୍ୟରେ ଥିବା ଦୁର୍ମୁଲ୍ୟ ସମ୍ପଦ ଏବେ ଅସୁରକ୍ଷିତ ହୋଇପଡ଼ିଛି। କ’ଣ ପାଇଁ ଭଣ୍ଡାର ଘର ଖୋଲାଯାଉ ନାହିଁ, କାହିଁକି ମହାପ୍ରଭୁଙ୍କ ରତ୍ନଅଳଙ୍କାର ପ୍ରତି ଅଣଦେଖା କରାଯାଉଛି ବୋଲି ବିଭିନ୍ନ ସଙ୍ଗଠନ ଏବଂ ଭକ୍ତ ପ୍ରଶ୍ନ ଉଠାଇଛନ୍ତି।

# ୪ ହସ୍ପିଟାଲ ପାଇଁ ଗାଇଡ୍‌ଲାଇନ୍

**କଟକ ଅଫିସ୍,୫।୭**

- ରୋଗୀଙ୍କ ଆଡମିଶନ, ଡିସ୍‌ଚାର୍ଜ ବେଳେ କୋଭିଡ୍ ଟେଷ୍ଟ
- ଚଳିତ ସପ୍ତାହରୁ ରୋଗୀଙ୍କ ଆଣ୍ଟିଜେନ୍ ଟେଷ୍ଟ ହେବ
- ନାଜାଲ୍ ସ୍ୱାବ୍ ପରୀକ୍ଷାରୁ ୩୦ ସେକେଣ୍ଡରେ ଜାଣିହେବ କୋଭିଡ୍ ଷ୍ଟାଟସ
- ଶଟ୍‌ଡାଉନରେ ଜରୁରୀ ନ ଥିଲେ ଓପିଡି ଯିବା ମନା

କଟକ ସହରର ହସ୍ପିଟାଲଗୁଡ଼ିକରେ କରୋନା କାୟା ବିସ୍ତାର କରି ଚାଲିଛି। ବିଶେଷ କରି ଏସ୍‌ସିବି ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ସ୍ଥିତି ଅଣାୟତ୍ତ ହେବା ପରେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପର ହୋଇପଡ଼ିଛନ୍ତି। ଏହି କ୍ରମରେ ରବିବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବସିଛି। କଟକ ସହରରେ ଥିବା ସରକାରୀ ହସ୍ପିଟାଲଗୁଡ଼ିକ ପାଇଁ ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ, ଶିଶୁଭବନ ଓ ସିଟି ହସ୍ପିଟାଲରେ ଥିବା ସମସ୍ତ ରୋଗୀଙ୍କ କୋଭିଡ୍ ଟେଷ୍ଟ କରାଯିବ। ନୂଆ ରୋଗୀ ଆଡ୍‌ମିଶନ ବେଳେ ଓ ହସ୍ପିଟାଲରୁ ରୋଗୀ ଡିସ୍‌ଚାର୍ଜ ହେବା ସମୟରେ ମଧ୍ୟ କୋଭିଡ୍ ଟେଷ୍ଟ ହେବ। ସେହିପରି ଏହି ସମସ୍ତ ହସ୍ପିଟାଲଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବିଶୋଧନ କରାଯିବ। ଚଳିତ ସପ୍ତାହରେ ଏହି ସମସ୍ତ ହସ୍ପିଟାଲଗୁଡ଼ିକ ପାଇଁ ରାପିଡ୍ ଆଣ୍ଟିଜେନ ଟେଷ୍ଟ କିଟ୍ ପହଞ୍ଚିବା ସହ ପରୀକ୍ଷା ଆରମ୍ଭ ହେବ। ଫଳରେ ସମସ୍ତ ରୋଗୀଙ୍କ ନାଜାଲ୍ ସ୍ୱାବ ନେଇ ପରୀକ୍ଷା କରାଯିବା ସହ ମାତ୍ର ୩୦ ସେକେଣ୍ଡରେ କୋଭିଡ ଷ୍ଟାଟସ୍ ଜାଣିହେବ ବୋଲି ରାଜ୍ୟ ସରକାରଙ୍କ ବୈଷୟିକ କୋଭିଡ୍ ମୁଖପାତ୍ର ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଆସନ୍ତା ୮ ତାରିଖ ଯାଏ କଟକ ସହରକୁ ଶଟ୍‌ଡାଉନ କରାଯାଇଥିବାରୁ ଜରୁରୀ ନ ଥିଲେ ରୋଗୀଙ୍କୁ ହସ୍ପିଟାଲ ଓପିଡି ନ ଆସିବା ପାଇଁ ନିବେଦନ କରାଯାଇଛି। ଏଥିରେ ସହଯୋଗ କଲେ ସଂକ୍ରମଣର ଶୃଙ୍ଖଳକୁ ରୋକାଯାଇପାରିବ। ବୈଠକରେ ଆର୍‌ଡିସି ଅନିଲ ସାମଲ, କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିଏମ୍‌ଇଟି ଡା. ସି.ବି.କେ. ମହାନ୍ତି, ଅତିରିକ୍ତ ଡିଏମ୍‌ଇଟି ଡା. ବି.କେ. ଦାସ, ଏସ୍‌ସିବି ଅଧୀକ୍ଷକ ଡା. ଅନ୍ନଦା ପ୍ରସାଦ ପଟ୍ଟନାୟକ, ଅଧ୍ୟକ୍ଷ ଡା. ଦଣ୍ଡେଶ୍ୱର ହୋତା, କୋଭିଡ୍ ନୋଡାଲ ଅଫିସର ଡା. ଏମ୍.ଆର୍. ପଟ୍ଟନାୟକ, କୋଭିଡ ଟେଷ୍ଟ ନୋଡାଲ ଅଫିସର ଡା. ନିରୁପମା ଚୟନୀ, ମାନସିକ ରୋଗ ବିଭାଗ ନିର୍ଦ୍ଦେଶକ ଡା. ସାରଦା ପ୍ରସନ୍ନ ସ୍ୱାଇଁ, କ୍ୟାନ୍ସର ହସ୍ପିଟାଲ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ, ଶିଶୁଭବନ କର୍ତ୍ତୃପକ୍ଷ, ସିଟି ହସ୍ପିଟାଲ ଅଧିକାରୀ ଉପସ୍ଥିତ ଥିଲେ।

# ବିଶ୍ୱରେ ୨୪ ଘଣ୍ଟାରେ ୨.୧୨ଲକ୍ଷ ଆକ୍ରାନ୍ତ

**ଜେନେଭା,୫।୭(ଆଇଏଏନ୍ଏସ୍)**

ସାରା ବିଶ୍ୱରେ କରୋନା ସଂକ୍ରମଣରେ ରେକର୍ଡ ବୃଦ୍ଧି ହୋଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ରିପୋର୍ଟରେ କୁହାଯାଇଛି। ୨୪ ଘଣ୍ଟା ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨,୧୨,୩୨୬ ବୃଦ୍ଧି ପାଇଛି। ଗୋଟିଏ ଦିନରେ ଏହା ସର୍ବାଧିକ ସଂକ୍ରମଣ। ପୂର୍ବରୁ ଆମେରିକାରେ ଗୋଟିଏ ଦିନରେ ସର୍ବାଧିକ ୧,୨୯,୭୭୨ ନୂଆ ରୋଗୀ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟାରେ ଆମେରିକାରେ ୫୩,୨୧୩ ଏବଂ ବ୍ରାଜିଲରେ ୪୮,୧୦୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ପଛକୁ ଦକ୍ଷିଣପୂର୍ବ ଏସିଆ ଅଞ୍ଚଳ ରହିଛି। ସେଠାରେ ୨୪ ଘଣ୍ଟାରେ ୨୭,୯୪୭ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ୫୩୪ ଜଣଙ୍କ ମୃତ୍ୟୁ ଘଟିଛି। ଜନ୍ସ ହପକିନ୍ସ ୟୁନିଭର୍ସିଟି ତଥ୍ୟ ଅନୁଯାୟୀ ରବିବାର ସୁଦ୍ଧା ସାରା ବିଶ୍ୱରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୧୧,୯୯,୭୪୭ରେ ପହଞ୍ଚିଥିବାବେଳେ ୫,୨୮,୯୫୩ ଜଣଙ୍କ ଜୀବନ ଗଲାଣି। ଆମେରିକାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୮,୩୮,୬୭୮ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୧,୨୯,୬୭୨ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ବ୍ରାଜିଲରେ ୧୫,୩୯,୦୮୧ ସଂକ୍ରମିତ ହୋଇଥିବାବେଳେ ୬୩,୧୭୪ ଜଣଙ୍କ ମୃତ୍ୟୁ ହେଲାଣି।

# ରଥଯାତ୍ରାରେ ସାମିଲ ହୋଇଥିଲେ ଅଣସେବକ

**ପୁରୀ ଅଫିସ, ୫।୭**

- ସୋସିଆଲ ମିଡିଆରେ ଫଟୋ ଭାଇରାଲ
- ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ଆଇନର କାଠଗଡ଼ା ଭିତରେ ଦୀର୍ଘଦିନ ଲଢେଇ ଚାଲିଲା। ପ୍ରଥମେ ନାଁ ଓ ପରେ ହଁ କହିଲେ ସୁପ୍ରିମକୋର୍ଟ। ଶେଷରେ ପୁରୀ ରଥଯାତ୍ରାକୁ ଦେଲେ ସର୍ତ୍ତମୂଳକ ଅନୁମତି। ବିନା ଭକ୍ତରେ ହେବ ରଥଯାତ୍ରା। କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ଏବଂ କୋଭିଡ୍ ଟେଷ୍ଟ ନେଗେଟିଭ ଥିବା ସେବାୟତ ହିଁ କେବଳ ସାମିଲ ହେବେ ସେ ନେଇ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ। ଶେଷ ମୁହୂର୍ତ୍ତରେ ଅନୁମତି ମିଳିବାରୁ ରଥଯାତ୍ରାର ସଫଳ ଆୟୋଜନ ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଏଥିପାଇଁ ପୁରୀକୁ ମୁଖ୍ୟ ପ୍ରଶାସକ, ଡିଜିପିଙ୍କ ସମେତ ମନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସୁଅ ଛୁଟିଲା। ୭୦ ପ୍ଲାଟୁନ ଫୋର୍ସ ଏବଂ ୪୦୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ମଧ୍ୟ ନିୟୋଜିତ ହେଲେ। ୩ ମନ୍ତ୍ରୀଙ୍କୁ ପୁରୀରେ ଡେରା ପକାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଲେ। ହେଲେ ସବୁ ସୁରକ୍ଷା ବ୍ୟବସ୍ଥାକୁ କାଟି ଜଣେ ଅଣସେବକ ରଥଯାତ୍ରାରେ ସାମିଲ ହେବା ଏବଂ ରଥ ଉପରକୁ ଯିବା ଘଟଣା ପ୍ରଶାସନିକ ପ୍ରସ୍ତୁତିକୁ ପଦାରେ ପକାଇ ଦେଇଛି। ସମ୍ପୃକ୍ତ ଅଣସେବକଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି ସେବାୟତ।

ସୂଚନା ଅନୁଯାୟୀ, ବାହୁଡ଼ା, ସୁନାବେଶରେ ସାମିଲ ହୋଇଥିବା ଏହି ଅଣସେବକଙ୍କ ଘର ହେଉଛି ଖୋର୍ଦ୍ଧା ଜିଲା ଜଙ୍କିଆ ଅଞ୍ଚଳରେ। ସେ ସେବାୟତ ବେଶ ଧାରଣ କରିଛନ୍ତି ଓ ବେକରେ ପାସ୍ ମଧ ପକାଇଛନ୍ତି। ବାହୁଡ଼ା ଯାତ୍ରାରେ ସେବାୟତଙ୍କ ସହ ରଥ ଟାଣିଛନ୍ତି। ସୁନାବେଶରେ ସାମିଲ ହୋଇ ସେବାୟତଙ୍କ ସହ ଫଟୋ ଉଠାଇଛନ୍ତି। ଏପରି କି ରଥ ଉପରକୁ ଯାଇ ଫଟୋ ଉଠାଇଛନ୍ତି। ବହୁ ଫଟୋ ସେ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅପ୍‌ଲୋଡ୍ କରିଛନ୍ତି। ଏହି ଫଟୋଗୁଡ଼ିକ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଚଳିତବର୍ଷ ଏତେ କଟକଣା ସତ୍ତ୍ୱେ ସମ୍ପୃକ୍ତ ଯୁବକ କିପରି ରଥଯାତ୍ରାରେ ସାମିଲ ହେଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଅଣସେବାୟତ ରଥଯାତ୍ରାରେ ସାମିଲ ହୋଇଥିବା ଭାଇରାଲ ଫଟୋ। (ବୃତ୍ତ ଚିହ୍ନିତ)

ମହାମାରୀ କରୋନା ସଂକ୍ରମଣକୁ ଦେଖି ଏଥର ରଥଯାତ୍ରା ଦ୍ୱନ୍ଦ୍ୱରେ ରହିଥିଲା। ଆଇନଗତ ଲଢେଇ ପରେ କେବଳ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ମିଳିଥିଲା। ବିନା ଭକ୍ତରେ ଏବଂ କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପ୍ରତି ସବୁପ୍ରକାର ପଦକ୍ଷେପ ନେବାକୁ ସୁପ୍ରିମ୍‌କୋର୍ଟ କହିଥିଲେ। ରଥଯାତ୍ରାରେ ସାମିଲ ସମସ୍ତ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ମାତ୍ର ସମ୍ପୃକ୍ତ ଅଣସେବକ କିପରି ପାସ୍ ପାଇ ରଥଯାତ୍ରାରେ ସାମିଲ ହେଲେ ଏବଂ ତାଙ୍କର କୋଭିଡ୍ ଟେଷ୍ଟ ହୋଇଛି ନା ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, କେତେଜଣ ଦଇତାପତି ସେବକ ଏବଂ ବିଭିନ୍ନ ନିଯୋଗ କର୍ମକର୍ତ୍ତାଙ୍କୁ ସହଯୋଗ କରିବା ପାଇଁ ସହାୟକ ପାସ୍ ମିଳିଥାଏ। ସମ୍ପୃକ୍ତ ସେବକମାନେ ଏହି ପାସ୍ ସେମାନଙ୍କୁ ସହଯୋଗ କରିବାକୁ ଥିବା ବ୍ୟକ୍ତିଙ୍କୁ ଦେଇଥାନ୍ତି। କିନ୍ତୁ ସେମାନେ କେବଳ ସହଯୋଗ କରିବାକୁ ଥାନ୍ତି। ଯେଉଁ ଅଣସେବକଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି ତାଙ୍କୁ କିଏ ପାସ୍ ଦେଇଥିଲା? ତାଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା ନା ନାହିଁ? ସେ ରଥ ଟାଣିବା ଏବଂ ଅନ୍ୟ କେତେକ ଫଟୋ ଉଠାଇ କିପରି ଭାଇରାଲ କିପରି କଲେ ଏ ସବୁର ତଦନ୍ତ ହେବା ଦରକାର ବୋଲି ଦାସମହାପାତ୍ର ପ୍ରକାଶ କରିଛନ୍ତି।

### ଶୃଙ୍ଖଳାରେ ରଥଯାତ୍ରା ଶେଷ ହେବାରୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**



ବହୁ ବାଦ ବିବାଦ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଶନିବାର ଶେଷ ହୋଇଛି। ୩ ଠାକୁର ରଥରୁ ମନ୍ଦିରକୁ ଫେରିଛନ୍ତି। ବିନାଭକ୍ତଙ୍କ ସମାଗମରେ ରଥଯାତ୍ରା ଶେଷ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଶ୍ରୀଜଗନ୍ନାଥ ଭଉଣୀ, ଭାଇଙ୍କୁ ସାଙ୍ଗରେ ଘେନି ଶ୍ରୀମନ୍ଦିରକୁ ଫେରିଛନ୍ତି। ରଥଯାତ୍ରାରୁ ନିଳାଦ୍ରିବିଜେ ପର୍ଯ୍ୟନ୍ତ ପ୍ରତିଟି ଆୟୋଜନକୁ ଶୃଙ୍ଖଳିତ ଏବଂ ସୁବ୍ୟବସ୍ଥିତ କରିଥିବାରୁ ସେବାୟତ, ପ୍ରଶାସନ ଓ ପୂର୍ଣ୍ଣ ସହଯୋଗ ପାଇଁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଉଛି। ସର୍ବୋପରି ସବୁ ସେଇ ଲୀଳାମୟଙ୍କ ଇଚ୍ଛା ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଜୟ ଜଗନ୍ନାଥ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ଏଥର ରଥଯାତ୍ରା କରିବାକୁ ମନା କରିଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଲୋକମାନଙ୍କ ମଧ୍ୟରେ ରଥ ବନ୍ଦ ହେବାର ପ୍ରତିକ୍ରିୟାକୁ ଲକ୍ଷ୍ୟ କରାଯିବା ପରେ ରଥଯାତ୍ରା ପାଇଁ ପୁନର୍ବାର ସୁପ୍ରିମକୋର୍ଟରେ ରିଟ୍ ପିଟିଶନ ଦାଖଲ କରାଯାଇଥିଲା। ଏହାପରେ ସୁପ୍ରିମକୋର୍ଟ ବିନା ଭକ୍ତଙ୍କ ସମାଗମରେ ପୋଲିସ ଏବଂ ସେବାୟତଙ୍କ ଉପସ୍ଥିତିରେ ରଥଯାତ୍ରା ପାଇଁ ଅନୁମତି ଦେଇଥିଲେ।

# ନଗଡ଼ାରେ ବ୍ୟାପୁଛି ଚର୍ମରୋଗ

**କାଳିଆପାଣି, ୫।୭ (ଡି.ଏନ୍.ଏ.)**

- ସ୍ୱାସ୍ଥ୍ୟ ବିଭାଗର ଅବହେଳା ଅଭିଯୋଗ ଆଣିଲେ ଅଞ୍ଚଳବାସୀ
- ଖୁବ୍‌ଶୀଘ୍ର ଚିକିତ୍ସା ବ୍ୟବସ୍ଥା କରାଯିବ: ସୁକିନ୍ଦା ସିଏଚ୍‌ସି ମୁଖ୍ୟ

୨୦୧୬ରେ ନଗଡ଼ାରେ ବହୁ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ବେଳେ କେତେଜଣଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଜୋର ଧରିବା ପରେ ନଗଡ଼ାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ବ୍ୟବସ୍ଥା, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସରକାର ବ୍ୟାପକ ବନ୍ଦୋବସ୍ତ କରାଇଥିଲେ। ହେଲେ ଏବେ ପୁଣି ନଗଡ଼ାରେ ଅନେକ ଶିଶୁ ଚର୍ମରୋଗର ଶିକାର ହେଉଥିବା ଜଣାପଡ଼ିଛି। କେତେଜଣ ଶିଶୁଙ୍କ ଦେହ ସାରା ଫୋଟକା ଭଳି ହୋଇଯାଉଛି। ଏହା ଫାଟିଯିବା ପରେ ଘା ହୋଇଯାଉଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍ ସବୁ ଜାଣି ଅଜଣା ରହିବା ସହ ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଜଣାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ କିଛିଦିନ ପୂର୍ବେ ଜିଲାପାଳ ନଗଡ଼ା ଗସ୍ତ କରିଥିଲେ। ମାତ୍ର ସେହି ସମୟରେ ଚର୍ମରୋଗ ବ୍ୟାପିବା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇ ନ ଥିଲା ବୋଲି ଗ୍ରାମର କେତେଜଣ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ମୁଖ୍ୟ ଜୟଦେବ ନନ୍ଦଙ୍କୁ ପଚାରିବାରେ ଏହା ଆମ ନଜରକୁ ଆସିନି। ସେଠାକୁ ମେଡିକାଲ ଟିମ୍ ପଠାଯାଇ ରୋଗାକ୍ରାନ୍ତଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
NAVRATNA YANTRA
Live NEPAL 1 TV
Lucky Yantra In Every 15 Minutes
Check Your Lucky Yantra on NEPAL 1 TV

| DTH Platform | Channel No. |
|---|---|
| TATA SKY | 1956 |
| DISH TV | 1537 |
| VIDEOCONE | 848 |
| AIRTEL | 672 |
| BIG TV | 783 |
| SUN | 693 |

also available on Jain HITS - 949 & AO TV (Mobile Arlin ) A

| 05.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 48 | 52 | 78 | 81 |
| 09.00 | 20 | 23 | 92 | 20 |
| 09.30 | 03 | 65 | 10 | 03 |
| 10.00 | 13 | 09 | 26 | 83 |
| 10.30 | 72 | 90 | 10 | 47 |
| 11.00 | 32 | 03 | 77 | 31 |
| 11.30 | 51 | 11 | 93 | 56 |
| 12.00 | 77 | 34 | 06 | 44 |
| 12.30 | 71 | 18 | 53 | 02 |
| 01.00 | 09 | 13 | 19 | 59 |
| 01.30 | 20 | 09 | 40 | 22 |
| 02.00 | 93 | 70 | 79 | 64 |
| 02.30 | 95 | 22 | 95 | 86 |
| 03.00 | 57 | 64 | 13 | 59 |
| 03.30 | 82 | 40 | 84 | 07 |
| 04.00 | 49 | 19 | 78 | 82 |
| 04.30 | 94 | 19 | 41 | 29 |
| 05.00 | 71 | 57 | 70 | 86 |
| 05.30 | 61 | 43 | 62 | 56 |
| 06.00 | 28 | 16 | 03 | 15 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website : navratnayantracoupon.com goldennavratnacoupon.com

# ଏବେ ଖୋଲିବନି ଖୋର୍ଦ୍ଧା ଜିଲାର ୯ ଐତିହ୍ୟସ୍ଥଳୀ

**ଭୁବନେଶ୍ୱର,୫।୭(ବ୍ୟୁରୋ)/ ଖୋର୍ଦ୍ଧା ଅଫିସ**

- ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଏଏସ୍ଆଇକୁ ଜିଲାପାଳଙ୍କ ଚିଠି
- ଭୁବନେଶ୍ୱରରେ କରୋନା ସ୍ଥିତିକୁ ନେଇ ଖଣ୍ଡଗିରି-ଉଦୟଗିରି ମଧ ଖୋଲିବନି

ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲାରେ ଥିବା ୯ଟି ଐତିହ୍ୟ କୀର୍ତ୍ତିରାଜିକୁ ସର୍ବସାଧାରଣଙ୍କ ପାଇଁ ନ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାରେ କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ଉଗ୍ର ରୂପ ନେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜୁଲାଇ ୩୧ ପର୍ଯ୍ୟନ୍ତ ଖଣ୍ଡଗିରି, ଉଦୟଗିରି ସମେତ ୯ ପ୍ରମୁଖ ଐତିହ୍ୟସ୍ଥଳୀକୁ ବନ୍ଦ ରଖିବାକୁ ଜିଲା ପ୍ରଶାସନ ସ୍ଥିର କରିଛି। ଏନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଭୁବନେଶ୍ୱର ସର୍କଲ ମୁଖ୍ୟଙ୍କୁ ଜିଲାପାଳ ସୀତାଂଶୁ କୁମାର ରାଉତ ଚିଠି ଲେଖିଛନ୍ତି।



କରୋନା ସଂକ୍ରମଣ ଏଡ଼ାଇବା ପାଇଁ ମାର୍ଚ୍ଚ ୧୭ରୁ ଏଏସ୍ଆଇ ଦ୍ୱାରା ସଂରକ୍ଷିତ ଦେଶର ୩,୪୦୦ରୁ ଅଧିକ କୀର୍ତ୍ତିରାଜି, ଐତିହ୍ୟସ୍ଥଳୀ ଓ ସଂଗ୍ରହାଳକୁ ବନ୍ଦ କରାଯାଇଥିଲା। କିଛିଦିନ ତଳେ ସଂସ୍କୃତି ମନ୍ତ୍ରଣାଳୟ ଜୁଲାଇ ୬ରୁ ଏହାକୁ ଖୋଲିବାକୁ ଅନୁମତି ଦେଇଥିଲା। ଏ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମକୁ କଡାକଡି ପାଳନ କରି ଆବଶ୍ୟକ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ଏହି ଆଧାରରେ ଏଏସ୍ଆଇ ଭୁବନେଶ୍ୱର ସର୍କଲ୍ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇ ଐତିହ୍ୟସ୍ଥଳୀ ଖୋଲିବା ନିଷ୍ପତ୍ତି ଜିଲା ପ୍ରଶାସନ ଉପରେ ଛଡ଼ାଯାଇଥିଲା। କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଥିବା ଐତିହ୍ୟସ୍ଥଳୀକୁ ନ ଖୋଲିବାକୁ ନିର୍ଦ୍ଦେଶ ରହିଥିଲା। ତେଣୁ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଓ ଉଦୟଗିରି, ଶିଶୁପାଳଗଡ଼, ଶାନ୍ତିସ୍ତୂପ ଧଉଳି, ଶ୍ରୀଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ପାପନାଶିନୀ ମନ୍ଦିର ଆଦି ଐତିହ୍ୟସ୍ଥଳୀକୁ ସୋମବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥାନ୍ତା। ହେଲେ ଏହାଦ୍ୱାରା ସଂକ୍ରମଣ ବ୍ୟାପିବା ଆଶଙ୍କା ଥିବାରୁ ଖୋର୍ଦ୍ଧା ଓ ଭୁବନେଶ୍ୱରର ସମସ୍ତ ଐତିହ୍ୟସ୍ଥଳକୁ ନ ଖୋଲିବାକୁ ନିଷ୍ପତ୍ତି ନେଇଛି ଖୋର୍ଦ୍ଧା ଜିଲା ପ୍ରଶାସନ।

ଅନ୍ୟପକ୍ଷରେ ଏଏସ୍ଆଇର ନିର୍ଦ୍ଦେଶନାମା ଅନୁସାରେ ପୁରୀ ଅଠରନଳା ଓ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ସର୍ବସାଧାରଣ ତଥା ପର୍ଯ୍ୟଟକଙ୍କ ଲାଗି ଖୋଲାଯିବ ନାହିଁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବାରୁ ଏହି ଦୁଇ ଏଏସ୍ଆଇ ସଂରକ୍ଷିତ ଐତିହ୍ୟସ୍ଥଳୀ ଖୋଲାଯିବନି ବୋଲି ଏଏସ୍ଆଇ ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ସୂଚନା ଦେଇଥିଲେ।

ଧରିତ୍ରୀ
DHARITRI
ସୋମବାର, ୬ ଜୁଲାଇ, ୨୦୨୦



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପ୍ରିନ୍‌ସା
ପରିବାରବର୍ଗ


ନନ୍ଦିନୀ
ପରିବାରବର୍ଗ


ଜୟଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମହାନଦୀରେ ବୁଡ଼ି ନାବାଳକ ମୃତ

ବାଙ୍କୀ,୫ା୭(ସ୍ୱ.ପ୍ର.)- ମହାନଦୀରେ ବୁଡ଼ି ବାଙ୍କୀ ଏନ୍‌ଏସି ୧ ନମ୍ବର ୱାର୍ଡ ଅନ୍ତର୍ଗତ ଚକାପଦା ଗ୍ରାମର ଜଣେ ନାବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ରମେଶ ପଣ୍ଡାଙ୍କ ପୁଅ କୃଷ୍ଣଚନ୍ଦ୍ର(୧୭)। ମହାନଦୀର ଚକାପଦା ତୁଠକୁ ସେ ସକାଳେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ପାଣିସ୍ରୋତରେ ଭାସି ଯାଇଥିଲେ। ବୁଡ଼ିଯିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଶେଷରେ ଅଳ୍ପ ଦୂରରେ ଥିବା ଭୂତନାଥ ତୁଠରୁ କୃଷ୍ଣଚନ୍ଦ୍ରଙ୍କୁ ଉଦ୍ଧାର କରି ବାଙ୍କୀ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଙ୍କୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିରି ଯାଉଥିଲେ ଲମ୍ବ ହେଉଥାଏ,**
**ବୁଢା ହେଉଥିଲେ ଢମ ହେଉଥାଏ।**

ଲୁଗା ପତଳା ହେଲେ ଚିରିଯାଏ। ପତଳା ଲୁଗାକୁ ଟାଣିଲେ ତାହା ଫାଟିଯାଏ, ତେଣୁ ଚିରିଯିବା ଲୁଗା ଲମ୍ବା ହୋଇଯାଉଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ବୃଦ୍ଧ କାଳରେ ଢମ କରିବା ଟିକେ ଅଧିକ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚଷା କି ଜାଣେ**
**ପଶାର କଥା ।**

କୌଣସି କାମ ଭଲ ଭାବରେ ନ ଜାଣି କରିବା ଉଚିତ ନୁହେଁ। ସାଧାରଣତଃ ଯାହାକୁ ଯେଉଁ ବିଷୟ ଉପରେ ଆଦୌ ଧାରଣା ନ ଥାଏ, ସେହି ବ୍ୟକ୍ତି ଉକ୍ତ ବିଷୟ ଉପରେ ଠାସକ ମାରି ଏଣୁ ତେଣୁ କିଛି କହୁଥିବାର ଦେଖିବାକୁ ମିଳିଥାଏ। ବ୍ୟକ୍ତି ନିଜର ମୂର୍ଖତା ବା ଅଜ୍ଞତାକୁ ଅନ୍ୟ ଆଗରେ ଲୁଚାଇ ରଖିବାର ମିଛ ଅପଚେଷ୍ଟା କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ।**

## ୪ ମାଓବାଦୀ ...




ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଡିଜିପି କହିଛନ୍ତି। ତୁମୁଡିବନ୍ଧ ବ୍ଲକ ସିର୍ଲା ପଞ୍ଚାୟତ କିହାଲଗୁଡା ଜଙ୍ଗଲ କଟାସିପଦର ନାଳ କ୍ଲାଉଡଙ୍ଗା ନିକଟରେ ମାଓବାଦୀ ଚଳପ୍ରଚଳ କରୁଥିବା ନେଇ ଏସ୍‌ପି ପ୍ରତୀକ ସିଂ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସେଠାରେ କୋମ୍ବିଂ ଅପରେଶନ ଜୋରଦାର କରିବାକୁ ଏସ୍‌ଓଜି ଏବଂ ଡିଭିଏଫ ଯବାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ବିଳମ୍ବିତ ରାତିରେ ଗୁଳି ବିନିମୟ ହୋଇଥିବା ବେଳେ ରବିବାର ଭୋର୍‌ରେ ମାଓବାଦୀଙ୍କ ଶିବିର ପାଖରେ ଯବାନମାନେ ପହଞ୍ଚି ୪ ଜଣଙ୍କ ମୃତଦେହ ଠାବ କରିଥିଲେ। ଫେରାର ମାଓବାଦୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେଶନ ଜାରି ରହିଥିଲା। ମାଓବାଦୀମାନେ ବଡଧରଣର ହିଂସା ଘଟାଇବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା।

୫ ଦିନ ତଳେ ଫିରିଙ୍ଗିଆ ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ଏସଓଜି ଟିମ୍ ଏକ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବା ସହ ସେଠାରୁ ୧୫ କିଲୋ ବିସ୍ଫୋରକ ଜବତ କରିଥିଲା। ଆସନ୍ତା ୨୬ ତାରିଖରୁ କେକେବିଏନ୍ ମାଓବାଦୀ ସଂଗଠନ ଶହୀଦ ସପ୍ତାହ ପାଳନ ପାଇଁ ପ୍ରସ୍ତୁତି ଚଳାଇ ଜିଲାରେ ବଡଧରଣର ହିଂସା ଘଟାଇବା ଯୋଜନା କରୁଥିବା ଖବର କନ୍ଧମାଳ ପୋଲିସ ପାଇବା ପରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିଲା। ଗୁଳି ବିନିମୟ ଘଟଣାରେ କେତେଜଣ ଯବାନ ଆହତ ହୋଇଛନ୍ତି। ମାଓବାଦୀମାନଙ୍କ ପାଇଁ ସରକାର ବହୁ ଯୋଜନା କରିଛନ୍ତି। ତେଣୁ ସେମାନେ ଆତ୍ମ ସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ବୋଲି ଡିଜିପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଡିଜିପିଙ୍କ ସହ ସ୍ୱତନ୍ତ୍ର ଗୋଇନ୍ଦା ଡିଜି ସତ୍ୟଜିତ୍ ମହାନ୍ତି, ଗୋଇନ୍ଦା ଆଇଜି ରାଧାକୃଷ୍ଣ ଶର୍ମା, ଆଇଜି ଅପରେଶନ ଅମିତାଭ ଠାକୁର, ଡିଆଇଜି ଏସ୍‌ଆଇଡବ୍ଲ୍ୟୁ ଅନିରୁଦ୍ଧ କୁମାର ସିଂ, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଓ କନ୍ଧମାଳ ଏସ୍‌ପି ପ୍ରତିକ ଗୀତା ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୮ ମେ ୧୩ ରେ ଖଜୁରିପଡ଼ା ଥାନା ସୁଦ୍ରୁକୁମ୍ପା ଫାଣ୍ଡି ନିକଟ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟରେ ୫ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗତବର୍ଷ ବାଲିଗୁଡ଼ା ଥାନା ଅନ୍ତର୍ଗତ ଖମନଖୋଲ ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା ।

## ପ୍ରଥମ ପୃଷ୍ଠାରୁ...

## ପୋଲିସ ବର୍ବରତା...

ଫେରାର ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କୁ ଜୁଲାଇ ୧ରେ ଚାକିରିରୁ ବହିଷ୍କାର କରାଗଲା। ସେହିଦିନ ଅନୁଗୋଳ ଜିଲା ଇଚ୍ଛାପୁର ଜଙ୍ଗଲ ଭିତରୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ପୋଲିସ ବର୍ବରତା ଓ ଏହାକୁ ନେଇ ଖାକି ପୋଷାକରେ ଲାଗୁଥିବା କେତେକ ଦାଗ ସମ୍ପର୍କରେ ଏଠାରେ ଅବତାରଣା କରାଗଲା।

ଖରାପ ଲୋକଙ୍କୁ ମାଡ଼ ମାରୁଥିବା ପୋଲିସକୁ ଆମ ଦେଶରେ ସବୁଠୁ ଭଲ ପୋଲିସ ବୋଲି ମନେକରାଯାଏ। ପୋଲିସ ଅଫିସର ଯେତେ ରାଗି ଓ ହିଂସ୍ର ହୋଇଥିବେ ତାଙ୍କୁ ସେତିକି ସଚ୍ଚୋଟ ବୋଲି ଅଧିକାଂଶ ଲୋକ ଧରିନିଅନ୍ତି। ପପ୍ କଲ୍‌ଚରର ଚିତ୍ରଣରେ ଏପରି ପୋଲିସ କର୍ମଚାରୀଙ୍କୁ ପ୍ରଶଂସା କରାଯାଇଥାଏ। ନ୍ୟାୟ ପାଇଁ ପୋଲିସର ବର୍ବରତାକୁ ଉଚିତ ପଦକ୍ଷେପ ବୋଲି କୁହାଯାଏ। ତୁଟିକୋରିନର ବାପପୁଅ ଜୟରାଜ (୫୯) ଓ ବେନିକ୍ସ (୩୧)ଙ୍କ ହାଜତ ନିର୍ଯାତନା ଏବଂ ମୃତ୍ୟୁ ସେହି ସଂସ୍କୃତିର କେବଳ ଏକ ପରିଣାମ, ଯାହାକି ଭାରତୀୟ ପୋଲିସ ବ୍ୟବସ୍ଥାରେ ଦୀର୍ଘସ୍ଥାୟୀ ଭାବେ ମଜ୍ଜି ରହିଛି। ୨୦୧୯ରେ ହାଜତ ନିର୍ଯାତନା ଯୋଗୁ ଭାରତରେ ୧,୭୩୧ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ରେ ଏହି ସଂଖ୍ୟା ୧,୯୬୬କୁ ବୃଦ୍ଧି ପାଇଥିବା ନେଇ କେତେକ ବେସରକାରୀ ସଙ୍ଗଠନ (ଏନ୍‌ଜିଓ) ପକ୍ଷରୁ ପ୍ରକାଶିତ 'ଇଣ୍ଡିଆ: ଆନୁଆଲ୍ ରିପୋର୍ଟ ଅନ୍ ଟର୍ଚ୍ଚର'ରେ ଉଲ୍ଲେଖ କରାଯାଇଛି। ଏହାସତ୍ତ୍ୱେ ପୋଲିସର ତଥାକଥିତ 'ତ୍ୱରିତ ନ୍ୟାୟ'କୁ ନେଇ ନାଗରିକମାନେ ଖୁସି ବ୍ୟକ୍ତ କରିଥାନ୍ତି। ଗରିବ ଓ ନୀଚ ଜାତିର ତଥା ପୋଲିସକୁ ଲାଞ୍ଚ ଦେବାରେ ଅକ୍ଷମ ଲୋକେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ଶିକାର ହେଉଥିବାବେଳେ ଆମେ ପୋଲିସକୁ ସମର୍ଥନ କରି କିମ୍ବା ନୀରବ ରହି ଏପରି ଅବାଞ୍ଛିତ ସଂସ୍କୃତିକୁ ଆଗକୁ ବଢ଼ାଇବାରେ ବଡ଼ ଭୂମିକା ନେଉଥାଉ।

### ପୋଲିସ ଅତ୍ୟାଚାରକୁ ସାବାସି

ଲକ୍‌ଡାଉନ୍ ଆରମ୍ଭରେ ପରିବାର ସଦସ୍ୟମାନେ ଘରେ ବସି ଉଲ୍ଲଂଘନକାରୀଙ୍କୁ ପୋଲିସ ଦଣ୍ଡିତ କରୁଥିବା ଦୃଶ୍ୟ ଥିବା ଭିଡିଓ ଏବଂ କ୍ଲିପ୍‌ଗୁଡ଼ିକୁ ଦେଖୁଥିଲେ। ଅନେକ ରାସ୍ତାକଡ଼ ଦୋକାନୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା 'ଅତ୍ୟାବଶ୍ୟକ ସାମଗ୍ରୀ' ଭାବେ ବର୍ଗୀକୃତ କ୍ଷୀର ଓ ପରିବା କିଣିବା ପାଇଁ ବାହାରକୁ ଆସିଥିବା ଲୋକେ ପୋଲିସଠାରୁ ମାଡ଼ ଖାଇଥିଲେ। ପୋଲିସ ଗରିବ ଲୋକଙ୍କ ଉପରେ ବଳ କଷୁଥିବାବେଳେ ମିଡିଆ ଓ ଜନସାଧାରଣ ଖୁସି ହୋଇଯାଉଥିଲେ। ଲାଠିବର୍ଷା ସହ ବେଙ୍ଗ ଭଳି ଉଠବସ କରାଉଥିବା ପୋଲିସକୁ ମନେମନେ ପ୍ରଶଂସା କରି ଆନନ୍ଦ ପାଉଥିଲେ। ସୋସିଆଲ ମିଡିଆରେ ଲୋକେ କମେଣ୍ଟ ଦେଉଥିଲେ, ଏଭଳି ଲୋକଙ୍କ ସହ ଏପରି ବ୍ୟବହାର କରାଯିବା ଦରକାର। କମେଣ୍ଟ ଦେବାବେଳେ କେହି ଭାବି ନ ଥାନ୍ତି ଯେ, ଏଭଳି ସମର୍ଥନ ଯୋଗୁ ଦିନେ ସେ ନିଜେ ମଧ୍ୟ ପୋଲିସ ବର୍ବରତାର ଶିକାର ହେବେ। ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବା ଥାର୍ଡ ଡିଗ୍ରୀକୁ ଅନେକେ ଯଥାର୍ଥ ବୋଲି ଅଭିହିତ କରୁଥିଲେ। ସେମାନଙ୍କ ଭାଷାରେ ପୋଲିସ ତା' କାମ (ଡ୍ୟୁଟି) କରୁଛି।

ଭାରତରେ ନ୍ୟାୟର ଧାରଣା ହିଂସା ଉପରେ ପର୍ଯ୍ୟବସିତ। ଅଭିଯୁକ୍ତଙ୍କୁ ସର୍ବସାଧାରଣରେ ଝୁଲାଇଦେବା ପାଇଁ ଦାବି କରିବା ଏହାର ପ୍ରମାଣ ଦିଏ। ଅପରାଧୀମାନଙ୍କୁ ଉଚିତ ଶିକ୍ଷା ଦେବା ଲାଗି ପୋଲିସ ମଧ୍ୟ ସମାନ ଭାବେ ମତପୋଷଣ କରିଥାଏ। ସେତେବେଳେ ଅପରାଧୀଙ୍କୁ ନିର୍ଦ୍ଧାରିତ ନ୍ୟାୟିକ ପ୍ରକ୍ରିୟା ତୁଚ୍ଛ ହୋଇଯାଏ ଓ କଠୋର ଶାସ୍ତି ଦିଆଯାଏ। ୨୦୧୯ ଡିସେମ୍ବରରେ ହାଇଦ୍ରାବାଦ ବଳାତ୍କାର ଓ ହତ୍ୟା ମାମଲାରେ ତେଲଙ୍ଗାନା ପୋଲିସର ଗୁଳିମାଡ଼ରେ ୪ ଅଭିଯୁକ୍ତ ଟଳିପଡ଼ିଥିଲେ। ଏହାକୁ ନେଇ ସାରା ଦେଶରେ ପୋଲିସକୁ ଖୁବ୍ ସାବାସି ମିଳିଥିଲା।

### 'ସେମାନଙ୍କୁ ଶିକ୍ଷା ଦିଅ'

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧୀ ବିକ୍ଷୋଭ ଭାରତୀୟ ପୋଲିସକୁ ନିଜର ବର୍ବର ଚେହେରା ସାମ୍ନାକୁ ଆଣିବା ପାଇଁ ପୂରା ସୁଯୋଗ ଦେଇଥିଲା। ଲାଠିଚାର୍ଜ ଓ ହାଜତ ନିର୍ଯାତନା ଏକ ନିୟମ ପାଲଟିଯାଇଥିଲା। ବିଶ୍ୱବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କଠାରୁ ନେଇ ରାଜରାସ୍ତାରେ ନାଗରିକଙ୍କ ପର୍ଯ୍ୟନ୍ତ କେହି ଛାଡ଼ ପାଇ ନ ଥିଲେ। ଦିଲ୍ଲୀ ପୋଲିସ ଯେତେବେଳେ ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିକୁ ପ୍ରବେଶ କରି ଏକ ଲାଇବ୍ରେରିରେ ଛାତ୍ରୀଛାତ୍ରଙ୍କୁ ପିଟୁଥିଲା, ସେତେବେଳେ ଅନେକ ଲୋକ ଉକ୍ତ ଦୃଶ୍ୟକୁ ଉପଭୋଗ କରୁଥିଲେ। କାରଣ ସେମାନଙ୍କ ମତରେ ପୋଲିସ 'ଦେଶବିରୋଧୀମାନଙ୍କୁ ଏକ 'ଶିକ୍ଷା' ଦେଉଥିଲା। ସେହି ସମୟରେ କଂଗ୍ରେସ କର୍ମୀ ଓ ସୋସିଆଲ ଆକ୍ଟିଭିଷ୍ଟ ସଦଫ ଜାଫରଙ୍କୁ ହାଜତ ଭିତରେ ପୋଲିସ ନିର୍ଯାତନା ଦେଉଥିବାବେଳେ ତାଙ୍କୁ ଜନ ସମର୍ଥନ ମିଳି ନ ଥିଲା। ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗାବେଳେ ୫ ଜଣ ଆହତ ବ୍ୟକ୍ତିଙ୍କୁ ଦିଲ୍ଲୀ ପୋଲିସ ଜାତୀୟ ସଙ୍ଗୀତ ଗାନ କରିବାକୁ ବାଧ କରୁଥିବାବେଳର ବହୁଳ ପ୍ରସାରିତ ଭିଡିଓରେ ହୃଦୟ ବିଦାରକ ଦୃଶ୍ୟକୁ ଅନେକେ ମନେରଖିଥିବେ। ସେମାନଙ୍କ ମଧ୍ୟରୁ ଜଣେ ପ୍ରାଣ ହରାଇଥିଲେ। କିନ୍ତୁ ୪ ମାସ ପରେ ବି କେହି ଜଣେ ହେଲେ ପୋଲିସ ଅଧିକାରୀଙ୍କୁ ଏହି ଅପରାଧ ପାଇଁ ଦାୟୀ କରାଯାଇ ନାହିଁ। ଭାରତରେ ଅନ୍ୟୁନ ୩୧ ଜଣ ସିଏଏ ବିରୋଧୀ ବିକ୍ଷୋଭକାରୀଙ୍କ ହିଂସାରେ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ବୟସ ମାତ୍ର ୧୭ ବର୍ଷ। ତାଙ୍କୁ ପୋଲିସ ଗୁଳିକରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଉତ୍ତର ପ୍ରଦେଶ ପୋଲିସ କାନପୁରରେ ବିକ୍ଷୋଭକାରୀମାନଙ୍କୁ ଗୁଳି କରୁଥିବାବେଳର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। କିନ୍ତୁ ଯୋଗୀ ଆଦିତ୍ୟନାଥ ଏପରି 'ଏନ୍‌କାଉଣ୍ଟର ରାଜ' ପାଇଁ ପୋଲିସକୁ ମୁକୁଳା ଛାଡ଼ି ଦେଇଥିଲେ।

ପୋଲିସକୁ ହିଂସା ଭିଆଇବା ପାଇଁ ଜନ ସାଧାରଣ ଓ ରାଷ୍ଟ୍ରର ଏପରି ସକ୍ରିୟ ସମର୍ଥନ ମିଳୁଥିବାରୁ ପୋଲିସ ଅଧିକାରୀମାନେ ଉତ୍ସାହିତ ହୋଇଥାନ୍ତି। ଜୟରାଜ ଓ ବେନିକ୍ସଙ୍କ ଭଳି ନାଗରିକମାନଙ୍କୁ ନିର୍ଯାତନା ଦେଇ ମାରିଦେବାକୁ ସାହସ ପାଇଥାନ୍ତି। ଆମେରିକାର ମିନିଆପଲିସ ପୋଲିସର ଥାର୍ଡ ଡିଗ୍ରୀରେ ପ୍ରାଣ ହରାଇଥିବା କୃଷ୍ଣକାୟ ଜର୍ଜ ଫ୍ଲୟଡ୍‌ଙ୍କ ମୃତ୍ୟୁକୁ ନେଇ ଆମେମାନେ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ବୋଲି ଟୁଇଟ୍ କରୁଥିବାବେଳେ ଏଭଳି ସଂସ୍କୃତି ଜାରି ରହିପାରେ।

### ଟାର୍ଗେଟରେ ଦଳିତ ଓ ମୁସଲମାନ

ଅନେକ ସ୍ଥାନରେ ଜାତି ଓ ଶ୍ରେଣୀକୁ ନେଇ ପୋଲିସ ବର୍ବରତା ଦେଖିବାକୁ ମିଳୁଛି। ମଧ୍ୟମ ଓ ଉଚ୍ଚ ଶ୍ରେଣୀର କିମ୍ବା ଉଚ୍ଚଜାତିର ଲୋକଙ୍କୁ ପୋଲିସ ସ୍ପଷ୍ଟ ଦିବାଲୋକରେ ମାଡ଼ମାରିବା ପାଇଁ ସାହସ କରି ନ ପାରେ। କିନ୍ତୁ ଦଳିତ, ଆଦିବାସୀ, ମୁସ୍‌ଲିମ ସମ୍ପ୍ରଦାୟ ଓ ଶ୍ରମିକମାନେ ଏହି ବାସ୍ତବତାକୁ ନେଇ ଜୀବନ ଜିଇଥାନ୍ତି। କମନ୍ କଜ୍ ଆଣ୍ଡ ସିଏସ୍‌ଡିଏସ୍ ପକ୍ଷରୁ ଜାରି କରାଯାଇଥିବା 'ଷ୍ଟାଟସ୍ ଅଫ୍ ପୋଲିସିଂ ଇନ୍ ଇଣ୍ଡିଆ' ଏକ ରିପୋର୍ଟ ଅନୁସାରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକଙ୍କ ଉପରେ ୫୦% ପୋଲିସ କର୍ମଚାରୀଙ୍କ ନକାରାତ୍ମକ ଭାବନା ଥାଏ। କାରଣ ଏହି ସଂଖ୍ୟାଲଘୁ ସମୁଦାୟର ଲୋକେ ହିଂସାପ୍ରବଣ ବୋଲି ସେମାନଙ୍କ ଧାରଣା ରହିଛି। ଭାରତରେ ଦଳିତ ଓ ମୁଲମାନମାନଙ୍କ ବିରୋଧରେ ପୋଲିସ ନିର୍ଯାତନାରୁ ଏହା ସ୍ପଷ୍ଟ ହୋଇଛି। କଶ୍ମୀରରେ ପୋଲିସ ଖସି ପଳାଉଥିବା ନାଗରିକମାନଙ୍କୁ ଅତି ନିକଟରୁ ଗୁଳି କରିପାରିବ। ଆଇପିଏସ୍ ଅଧିକାରୀ ଭାଗ୍ୟଶ୍ରୀ ନଭଟାକେଙ୍କ ଭଳି ପୋଲିସ ଅଫିସରମାନେ ଦଳିତ ଓ ମୁସଲମାନମାନଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିବା ନେଇ ଗର୍ବରେ ଘୋଷଣା କରିଥାଆନ୍ତି। ଗତବର୍ଷ ଦେଶରେ ୧,୭୩୧ ହାଜତ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରୁ ୬୦% ହେଉଛନ୍ତି ବଞ୍ଚିତ ସମୁଦାୟର ଲୋକ।

### ପୋଲିସ ସଂସ୍କାର ଜରୁରୀ

୧୫୦ରୁ ଊର୍ଦ୍ଧ୍ୱ ବର୍ଷ ତଳେ ଆମ ଦେଶର ପୋଲିସ ବ୍ୟବସ୍ଥା ବ୍ରିଟିଶ ଉପନିବେଶବାଦୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାରୁ ଭାରତୀୟ ପୋଲିସ ଆରମ୍ଭରୁ ସାମ୍ରାଜ୍ୟବାଦୀ। ଉପନିବେଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କୁ ଦମନ କରିବା ପାଇଁ ସେତେବେଳେ କରାଯାଇଥିବା କଠୋର ନିୟମର ଫାଇଦା ବର୍ତ୍ତମାନ ଉଠାଯାଇ ପାରୁଛି। ବିହାରରେ ପ୍ରତି ୫ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ଏବଂ ଅନ୍ୟ ରାଜ୍ୟଗୁଡ଼ିକରେ ପ୍ରତି ୫ ଜଣଙ୍କ ଭିତରୁ ଜଣେ ଆଧୁନିକ ନ୍ୟାୟ ଓ ମାନବାଧିକାର ସମ୍ପର୍କିତ କୌଣସି ଆନୁଷ୍ଠାନିକ ତାଲିମ ପାଇନାହାନ୍ତି। ଷ୍ଟାଟସ୍ ଅଫ୍ ପୋଲିସ ଇନ୍ ଇଣ୍ଡିଆ ରିପୋର୍ଟ ଅନୁସାରେ ଦେଶରେ ପୋଲିସ ଅଧିକାରୀମାନଙ୍କୁ ୧୫ ଘଣ୍ଟିଆ ଡ୍ୟୁଟି ଦିଆଯାଇଥାଏ। ୭୭% କର୍ମଚାରୀଙ୍କୁ ନେଇ ପୋଲିସ ବାହିନୀ କାର୍ଯ୍ୟ କରିଥାଏ। କରୋନା ଭାଇରସ୍ ଅନେକ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ଜୀବନ ନେଇଥିବାରୁ ଅନ୍ୟମାନଙ୍କ ଉପରେ କାର୍ଯ୍ୟଚାପ ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ପୋଲିସର ଦକ୍ଷତା ବୃଦ୍ଧି ପାଇଁ ସଂସ୍କାର ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମଭାବରେ ଶନି ସହ ଚନ୍ଦ୍ର ଯୋଗରୁ କର୍ମକ୍ଷେତ୍ର ପ୍ରଶସ୍ତ ରହିବ। ବନ୍ଧୁମାନଙ୍କ ପରାମର୍ଶ କ୍ରମେ ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟମାନଙ୍କ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଗାଡିମୋଟର କିଣାବିକା କ୍ଷେତ୍ରରେ ସମସ୍ୟା ଉପୁଜିପାରେ।

**ବୃଷ**
ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମଗୁଡିକ ସହଜରେ ସମ୍ପନ୍ନ କରିପାରିବେ। ଅସାବଧାନତାବଶତଃ ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବାରୁ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। କୌଣସି ଦୂରାଗତ ବନ୍ଧୁଙ୍କ ସହ ଦେଖାହୋଇ କିଛି ସମୟ ଅଟକି ରହିଯାଇପାରନ୍ତି।

**ମିଥୁନ**
ବୃହସ୍ପତିଙ୍କ ଶୁଭତ୍ୱରୁ ଅଟକି ରହିଥିବା କାମକୁ ଆଜି ପୂର୍ଣ୍ଣାଙ୍ଗ କରିବା ପାଇଁ ଚେଷ୍ଟା କରି ସଫଳତା ଅର୍ଜନ କରିବେ। ପରିବାର ଭିତରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି ତର୍କବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।

**କର୍କଟ**
ମଙ୍ଗଳଗ୍ରହ ଭାଗ୍ୟସ୍ଥ ହେତୁ କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ପାଇବ ଓ ଅସମ୍ଭବ ମନେହେଉଥିବା କାମକୁ ସମ୍ଭବ କରିପାରିବେ। ଗୃହୋପଯୋଗୀ ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ଦୁଃସ୍ଥାନସ୍ଥ ଚନ୍ଦ୍ରଙ୍କ ଯୋଗୁ କିଛି ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେଇପାରେ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନମାନେ ପରୋକ୍ଷ ଭାବେ କଡ଼ା ସମାଲୋଚନା କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ସତର୍କ ନ ରହିଲେ ଜିନିଷ ହଜିଯାଇପାରେ।

**କନ୍ୟା**
ମଙ୍ଗଳଙ୍କ ଦୃଷ୍ଟି ତୃତୀୟ ଅଷ୍ଟମାଧିପତି ଯୋଗୁ ଅମଙ୍ଗଳ କାରକଜନିତ କଳହର ଆଶଙ୍କା ରହିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜ ଓ ସରଳ ଭାବରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମଧ୍ୟରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ।

**ତୁଳା**
ଶୁକ୍ର ଓ ମଙ୍ଗଳଙ୍କ ଷଡାଷ୍ଟକସ୍ଥିତି କାରଣରୁ ସବୁଥାଇ ମଧ୍ୟ ନ ଥିଲା ଭଳି ଅନୁଭବ କରିବେ। ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରି ମନ ଅଶାନ୍ତ ହୋଇପାରେ। ସାଧାରଣ କଥାକୁ କେନ୍ଦ୍ର କରି ମଧ୍ୟାହ୍ନରେ ଅଫିସ୍ କାମରେ ଯୁକ୍ତିତର୍କର ଆଶଙ୍କା ରହିଛି। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟରେ ଅବଶ୍ୟ ଲାଭବାନ୍ ହେବେ।

**ବିଛା**
ବ୍ୟୟାଧିପଙ୍କ ଦୃଷ୍ଟିପ୍ରଭାବରେ ଆଜି ପ୍ରତ୍ୟେକ କାମ ବ୍ୟୟ ବହୁଳ ହେବ କିନ୍ତୁ ସଫଳତା ପାଇବେ। କିନ୍ତୁ ପ୍ରଶାସନ, ପ୍ରକାଶନ, ପରିବହନ, ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି।

**ଧନୁ**
ପାପଗ୍ରହଯୁକ୍ତ ବୃହସ୍ପତିଙ୍କ ଯୋଗୁ ସାଧାରଣ ଭୁଲ୍‌ରୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ଖର୍ଚ୍ଚଭାର ବୃଦ୍ଧି ପାଇବାକୁ ଥିବା ବିଷୟ ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ନିଜ ଲୋକମାନଙ୍କୁ ସନ୍ଦେହ କରିପାରନ୍ତି।

**ମକର**
ଆର୍ଥିକ ଅଭାବ ଓ ଅନଟନ କାମକୁ କିଛି ମାତ୍ରାରେ ସଂକୁଚିତ କରି ଦେଇପାରେ। ତଥାପି ଆକସ୍ମିକ ଭାବରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରି ସାମୟିକ ଆଶ୍ୱସ୍ତିଲାଭ କରିବେ। ଶିକ୍ଷା, ପରୀକ୍ଷା, ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ, ଗବେଷଣା, ପ୍ରଶାସନିକ ସ୍ତରରେ ଉନ୍ନତି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

**କୁମ୍ଭ**
ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ଚେଷ୍ଟାକଲେ ଉପକାର ମିଳିବ। ଆଜିର ପ୍ରତ୍ୟୁଷ ଯାତ୍ରା, ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ଭଲ। କୌଣସି ଚୁକ୍ତିପତ୍ର ପାଇଁ ଟଣାଓଟରା ଲାଗିପାରେ।

**ମୀନ**
ଦୀର୍ଘଦିନରୁ ମନରେ ବସା ବାନ୍ଧିଥିବା ନୂତନ ଯୋଜନା ସକାଶେ ମନ ବଳାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡିପାରେ। ଶନିଯୁକ୍ତ ଚନ୍ଦ୍ରଜନିତ ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ।

ଆଜି ଶ୍ରାବଣ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର,ବୋଲ୍‌ବମ୍ ଯାତ୍ରା ଆରମ୍ଭ, ଜୁଲାଇ ୬ ତାରିଖ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ସିଂହ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୪୭ମି.ଗତେ ଘ.୧୦.୩୨ମି.ମଧ୍ୟେ, ରାତ୍ରି ଘ.୦୯.୨୦ମି. ଗତେ ଘ.୧୨.୧୩ମି. ମଧ୍ୟେ, ଘ.୦୧.୪୦ମି.ଗତେ ଘ.୦୩.୦୬ମି.ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୩.୫୦ମି.ଗତେ ଘ.୦୪.୩୪ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୬.୫୫ମି.ଗତେ ଘ.୦୮.୩୪ମି.ମଧ୍ୟେ ରାହୁକାଳ।

## ୭୦% ଷ୍ଟାର୍ଟଅପ୍ ପ୍ରଭାବିତ, ...

ହେବା ଅବସ୍ଥାରେ ରହିଛି। ଏଭଳିସ୍ଥଳେ ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ନୀତି ସମ୍ପୂର୍ଣ୍ଣ ମୂଲ୍ୟହୀନ। 'ଷ୍ଟାର୍ଟଅପ୍ ଓଡ଼ିଶା' ଏକ ଫାର୍ସ ଏବଂ ଷ୍ଟାର୍ଟଅପ୍ ସେଲ୍‌ରେ ବସିଥିବା ବଡ଼ ବଡ଼ ଅଫିସରମାନେ କେବଳ ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେବାରେ ବ୍ୟସ୍ତ। ଛୋଟ ଛୋଟ ଷ୍ଟାର୍ଟଅପ୍‌ଗୁଡ଼ିକର କିଭଳି ପୁନରୁଦ୍ଧାର କରିହେବ ସେନେଇ ନା କୌଣସି ଯୋଜନା କରାଯାଉଛି ନା ଆମକୁ କେହି ପଚାରୁଛନ୍ତି ବୋଲି ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍‌ର ମହାସଚିବ ସାତ୍ତ୍ୱିକ ସ୍ୱାଇଁ କହିଛନ୍ତି।

କୋଭିଡ-୧୯ ପ୍ରଭାବରେ ଦେଶର ବ୍ୟବସାୟିକ ଜଗତରେ ଦେଖାଦେଇଥିବା ମାନ୍ଦାବସ୍ଥା ସମ୍ପର୍କରେ ଜାଣିବା ପାଇଁ ଦେଶବ୍ୟାପୀ ୨୫୦ ଷ୍ଟାର୍ଟଅପ୍ ସମ୍ପର୍କରେ ଏକ ସର୍ଭେ କରାଯାଇଥିଲା। ଏଥିରେ ୭୦% ଅଂଶଗ୍ରହଣକାରୀ ସେମାନଙ୍କ ବ୍ୟବସାୟ ବିଶେଷଭାବେ ପ୍ରଭାବିତ ହୋଇଥିବା କହିଥିବାବେଳେ ୧୨% ଷ୍ଟାର୍ଟଅପ୍ ସେମାନଙ୍କ କାର୍ଯ୍ୟ ବନ୍ଦ କରିଦେଇଛନ୍ତି ବୋଲି କହିଛନ୍ତି। ଏପରି କି କେବଳ ୨୨% ଷ୍ଟାର୍ଟଅପ୍ କେବଳ ଆସନ୍ତା ୩ ରୁ ୬ମାସ ପର୍ଯ୍ୟନ୍ତ ସେମାନଙ୍କ କମ୍ପାନୀର ଆର୍ଥିକ ପରିଚାଳନା କରିବା ପାଇଁ ସକ୍ଷମ ଥିବାବେଳେ ୬୮% ସେମାନଙ୍କ କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଖର୍ଚ୍ଚ କାଟ କରିଛନ୍ତି। ଲକ୍‌ଡାଉନର ସମୟସୀମା ବୃଦ୍ଧି ପାଉଥିବା କାରଣରୁ ପ୍ରାୟ ୩୦% କମ୍ପାନୀ ସେମାନଙ୍କ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ସେହିପରି ୪୩% ଷ୍ଟାର୍ଟଅପ୍ କମ୍ପାନୀ ଏପ୍ରିଲ ଓ ଜୁନ୍ ମାସରୁ ସେମାନଙ୍କ କର୍ମଚାରୀଙ୍କ ଦରମା ୨୦ ରୁ ୩୦% କାଟ କରିଛନ୍ତି। ୩୩% ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ କମ୍ପାନୀମତରେ ନିବେଶକମାନେ ପୁଞ୍ଜିନିବେଶ କରିବା ନିମନ୍ତେ ନିଷ୍ପତ୍ତିକୁ ସ୍ଥଗିତ କରିଥିବାବେଳେ ମାତ୍ର ୧୦% ସେମାନଙ୍କ କାରବାରକୁ ବନ୍ଦ କରିଦେଇଛନ୍ତି। କୋଭିଡ୍-୧୯ ମହାମାରୀ ପୂର୍ବରୁ ପୁଞ୍ଜି ବିନିଯୋଗ ଚୁକ୍ତି ହୋଇଥିବା ମାତ୍ର ୮% ଷ୍ଟାର୍ଟଅପ୍ ସେମାନଙ୍କ ପାଣ୍ଠି ଏବେ ସୁଦ୍ଧା ପାଉଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଛି। ପାଣ୍ଠି ଅନୁଦାନ କମିଯିବା କାରଣରୁ ଅନେକ ଷ୍ଟାର୍ଟଅପ୍ ସେମାନଙ୍କ ବ୍ୟବସାୟ ବୃଦ୍ଧି ଏବଂ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ଷ୍ଟାର୍ଟଅପ୍ ଗୁଡ଼ିକର ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ସହାୟତାର ଆବଶ୍ୟକ ରହିଛି। ଏପରି କି ସରକାରଙ୍କ ତରଫରୁ ସାମଗ୍ରୀ କିଣିବା ପାଇଁ କ୍ରୟ ଅର୍ଡର, ଟିକସ ରିହାତି, ଟିକସ ଫେରସ୍ତରେ ସରଳୀକରଣ, ଅନୁଦାନ କିମ୍ବା ଋଣ ପ୍ରଦାନ ଭଳି ଆର୍ଥିକ ସହଯୋଗ ଯୋଗାଇଦେବାର ଆବଶ୍ୟକ ରହିଛି ବୋଲି ସର୍ଭେରେ କୁହାଯାଇଛି। ୨୫୦ ଷ୍ଟାର୍ଟଅପ୍ ବ୍ୟତୀତ ଏହି ସର୍ଭେରେ ୬୧ ଇନ୍‌କ୍ୟୁବେଟର ଏବଂ ନିବେଶକାରୀ ମଧ୍ୟ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୯୬% ନିବେଶକାରୀ କୋଭିଡ-୧୯ ଦ୍ୱାରା ଷ୍ଟାର୍ଟଅପ୍‌ଗୁଡ଼ିକରେ ସେମାନଙ୍କ ନିବେଶ ବିଶେଷଭାବେ ପ୍ରଭାବିତ ହୋଇଥିବା ସ୍ୱୀକାର କରିଛନ୍ତି। ଏପରି କି ୯୨%ଙ୍କ ମତରେ ଆସନ୍ତା ୬ମାସ ପର୍ଯ୍ୟନ୍ତ ଷ୍ଟାର୍ଟଅପ୍‌ଗୁଡ଼ିକରେ ସେମାନଙ୍କ ନିବେଶ କମ୍ ରହିବ ବୋଲି ନିବେଶକମାନେ କହିଛନ୍ତି।

## ୩ ଦିନରେ ୯ ମୃତ, ...

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ରବିବାର ପୁଣି ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଓ ଗଜପତି ଜିଲାରେ ପ୍ରଥମ କରୋନାଜନିତ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୁନ୍ଦରଗଡ଼ରେ ୬୪ ବର୍ଷୀୟ ପୁରୁଷ ଓ ଗଜପତିରେ ୪୦ବର୍ଷୀୟ ଯୁବକଙ୍କ କରୋନାରେ ମୃତ୍ୟୁ ହୋଇଥିବାବେଳେ ଉଭୟ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୬ରେ ପହଞ୍ଚିଛି। ଅନ୍ୟପଟେ ଆଉଜଣେ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ସେ ହେଲେ ବାଲେଶ୍ୱର ଜିଲାର ୪୫ ବର୍ଷୀୟ ପୁରୁଷ। ଫଳରେ ରାଜ୍ୟରେ ଏବେ ୧୦ଜଣ କରୋନା ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଆଉ ୨୯୦ଜଣ କରୋନା ରୋଗରୁ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଆରୋଗ୍ୟ ସଂଖ୍ୟା ୬,୨୨୪କୁ ବୃଦ୍ଧି ପାଇଛି।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633. D-69126**

ପୁରୀ ମଙ୍ଗଳାଘାଟ ରୋଡ଼ରେ plot ଗୃହଉପଯୋଗୀ decimal- 3,00000, ଫାର୍ମ ଉପଯୋଗୀ Acre- 30,00000. 8480232260. D-68827




Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294

Get refreshment body massage by expert therapist (Home service). 9556978408. D-69298

Rejuvenate and Ayurvedic full body massage by smart therapist. 9114402304. D-69299

Monalisa massage club : All types body massage with hiprofile smart lady rooms service available 9708545108. D-17661

Experience winter therapeutic Abhyanga Massage feeling refreshing energetic : Appointment- 9668374480. D-69800

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଚୌଦ୍ୱାର ଜେଲ୍‌ରେ ୱାର୍ଡର ପଜିଟିଭ୍

**ଚୌଦ୍ୱାର,୫।୭(ଡି.ଏନ୍.ଏ.):** ଚୌଦ୍ୱାର ସର୍କଲ ଜେଲ୍‌ର ଜଣେ ୱାର୍ଡର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଥିବା ଜେଲ୍ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି। ଅନ୍ୟପଟେ ଆକ୍ରାନ୍ତ ୱାର୍ଡର ରହୁଥିବା ବାରାକ, କଏଦୀଙ୍କ ୱାର୍ଡ ଓ ଜେଲ ପରିସରକୁ ଚୌଦ୍ୱାର ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କରାଯାଇଛି। ରବିବାର ସକାଳେ କଟକ ଦୌରାଜଜ୍ ରାଜକିଶୋର ସାହୁ, ହାଇକୋର୍ଟ ରେଜିଷ୍ଟ୍ରାର, ଜିଲା ଅଇନ୍ ସେବା ପ୍ରାଧିକରଣ ସଦସ୍ୟ, ଚୌଦ୍ୱାର ଆଇଆଇସି ପଦ୍ମନାଭ ପ୍ରଧାନ ପ୍ରମୁଖ ଜେଲକୁ ଯାଇ ବିଭିନ୍ନ ୱାର୍ଡ, ରୋଷେଇ ସ୍ଥଳ ବୁଲି ଦେଖିଥିଲେ। ଜେଲ ଅଧୀକ୍ଷକ ଓ ଅନ୍ୟ ଅଧିକାରୀଙ୍କ ସହ ସଦସ୍ୟମାନେ ଆଲୋଚନା କରିବା ସହିତ କରୋନା ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରିବାକୁ ପରାମର୍ଶ ଦେଇଥିଲେ।

### ଖୋର୍ଦ୍ଧାରେ ୧୦ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୫।୭:** ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ରବିବାର ୧୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବୋଲଗଡ଼ର ୩, ବାଲକାଟୀର ୧, ମେଣ୍ଢାଶାଳର ୪ଜଣ ରହିଛନ୍ତି। ବୋଲଗଡ ବ୍ଲକରୁ ଚିହ୍ନଟଙ୍କ ମଧ୍ୟରେ ଜଣେ ୨୫ବର୍ଷୀୟ ପୁରୁଷ ସେ ଦିଲ୍ଲୀରୁ ଫେରିଥିଲେ। ୨୨ବର୍ଷୀୟ ଯୁବକ ଏବଂ ୨୪ ବର୍ଷ ଯୁବତୀ କର୍ନାଟକରୁ ଫେରିଥିଲେ। ଏହି ୩ଜଣ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ବାଲକାଟୀର ଚିହ୍ନଟ ୨୩ବର୍ଷ ଯୁବତୀ କର୍ନାଟକରୁ ଫେରି ଟିଏମ୍‌ସିରେ ରହିଥିଲେ। ମେଣ୍ଢାଶାଳରୁ ଚିହ୍ନଟ ୪ଜଣଙ୍କ ମଧ୍ୟରେ ଜଣେ ୪୨ବର୍ଷୀୟ ପୁରୁଷ ଏବଂ ୧୫ବର୍ଷୀୟ ନାବାଳକ, ୩୫ ବର୍ଷୀୟା ମହିଳା ଏବଂ ଜଣେ ୫ ବର୍ଷୀୟ ନାବାଳିକା ରହିଛନ୍ତି। ସେହିପରି ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ଜଣେ ୩୭ବର୍ଷୀୟ ଯୁବକ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଖୋର୍ଦ୍ଧା ଠାରେ ଜଣେ ବନ୍ଧୁଙ୍କ ଘରେ ରହୁଥିଲେ। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ବୋଲଗଡ଼ ବ୍ଲକର ଅନ୍ୟ ଜଣେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱରସ୍ଥ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ରାଧାଚରଣପୁର ୪୮ଘଣ୍ଟା ଶଟ୍‌ଡାଉନ

**ଯାଁଳା,୫।୭(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ରାଧାଚରଣପୁରର ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଅଞ୍ଚଳକୁ ସରପଞ୍ଚ ପ୍ରଦୋଷ ଜେନା ୪୮ଘଣ୍ଟା ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ରବିବାର ୫ଟାରୁ ମଙ୍ଗଳବାର ୫ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସୂଚନା ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମର ଜଣେ ଇଞ୍ଜିନିୟରଙ୍କ କରୋନା ପଜିଟିଭ୍ ଆସିଥିଲା। ରାଧାଚରଣପୁର ଅଞ୍ଚଳର ଜଣେ ଡ୍ରାଇଭର ତାଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ସ୍ୱାବ୍ ପରୀକ୍ଷା ପରେ ରିପୋର୍ଟ ପଜିଟିଭ୍ ଆସିଥିଲା। ଫଳରେ ତାଙ୍କ ପରିବାର ସଦସ୍ୟଙ୍କୁ ସରକାରୀ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିବା ପାଇଁ କୁହାଯାଇଥିବା ବେଳେ ସେମାନେ ହୋମ୍ କ୍ୱାରାଣ୍ଟାଇନରେ ରହିବେ ବୋଲି କହିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତାଙ୍କ ଘର ଚତୁଃପାର୍ଶ୍ୱ ବିଶୋଧନ କରାଯାଇ ନ ଥିବା ଜଣାପଡ଼ିଛି।

### ୧୪ନଂ. ୱାର୍ଡ କଣ୍ଟେନମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ,୫।୭:** ଖୋର୍ଦ୍ଧା ପୌରାଞ୍ଚଳର ୧୪ନଂ. ୱାର୍ଡ ଅଞ୍ଚଳରୁ ଜଣେ କରୋନା ପଜିଟିଭ୍ ବାହାରିବା ପରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ଅଞ୍ଚଳକୁ ରବିବାର ସନ୍ଧ୍ୟା ୭ଟାରୁ ସୋମବର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି ବୋଲି ଜିଲାପାଳ ଶୀତାଂଶୁ କୁମାର ରାଉତ କହିଛନ୍ତି। ଏହି ଅଞ୍ଚଳରୁ କେହି ବ୍ୟକ୍ତି ବାହାରକୁ ଯାଇପାରିବେ ନାହିଁ ଏବଂ ପ୍ରବେଶ କରିପାରିବେ ନାହିଁ। ପୌର ପ୍ରଶାସନ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ବ୍ୟବସ୍ଥା କରାଯିବ। ଏହି ଅଞ୍ଚଳରେ ଆସୁଥିବା ସମସ୍ତ ଦୋକାନ ବନ୍ଦ ରହିବ। ସ୍ୱାସ୍ଥ୍ୟ ଟିମ୍ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବେ। ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳକୁ ସାନିଟାଇଜ୍ କରାଯାଇଛି।

# ଆଜିଠୁ ତିନିଦିନିଆ ଶଟ୍‌ଡାଉନ୍

## ସାହିଭାଇଙ୍କ ସହଯୋଗ ଲୋଡ଼ିଲା ପ୍ରଶାସନ

କଟକ ଅଫିସ,୫।୭

କଟକ ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। ସଂକ୍ରମଣର ପ୍ରସାରକୁ ରୋକିବା ପାଇଁ ସପ୍ତାହାନ୍ତ ଶଟ୍‌ଡାଉନ୍ ପରେ ସୋମବାରଠାରୁ ବୁଧବାର ରାତି ପର୍ଯ୍ୟନ୍ତ ପୁଣି ଥରେ ଶଟ୍‌ଡାଉନ୍ ଜାରି କରାଯାଇଛି। ଏହାର ସଠିକ୍ ପାଳନ ପାଇଁ ସାହିଭାଇଙ୍କ ସହଯୋଗ ଲୋଡ଼ିଛି ପ୍ରଶାସନ। ଡିସିପିଙ୍କ କାର୍ଯ୍ୟାଳୟରେ ରବିବାର ଅପରାହ୍ନରେ ଏନେଇ ବସିଥିବା ବୈଠକରେ ସିଏମ୍‌ସି ଓ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀ ସାହି ମୁରବିଙ୍କ ସହ ଆଲୋଚନା କରିଛନ୍ତି। କରୋନା ଲଢ଼େଇରେ ସ୍ଥାନୀୟ ବାସିନ୍ଦାଙ୍କ ଭାଗିଦାରୀ ରହିବ। ଏଥିପାଇଁ ପ୍ରତ୍ୟେକ କମ୍ୟୁନିଟିରେ ୧୫ ଜଣିଆ ସ୍ୱତନ୍ତ୍ର ପୋଲିସ ଅଧିକାରୀ (ଏସ୍‌ପିଓ) ରହିବେ। ସେମାନେ ସ୍ଥାନୀୟ ଥାନାର ଅଧିକାରୀଙ୍କ ସହ ଯୋଗାଯୋଗରେ ରହିବେ। ନିର୍ଦ୍ଦିଷ୍ଟ ଅଞ୍ଚଳରେ ସରକାରଙ୍କ ସମସ୍ତ ପ୍ରକାର କଟକଣାକୁ କେମିତି କଡ଼ାକଡ଼ି ପାଳନ କରାଯାଇପାରିବ, ଏହି ଏସ୍‌ପିଓମାନେ ତାହାର ତଦାରଖ କରିବେ। ସ୍ଥାନୀୟ ଥାନା ଅଧିକାରୀ ତାଙ୍କୁ ପରାମର୍ଶ ଦେବେ। ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, କଟକ ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ପୋଲିସ ଓ ସିଏମ୍‌ସି ଅଧିକାରୀ, ପୂଜା କମିଟି ପଦାଧିକାରୀ, ବ୍ୟବସାୟୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ହାଇକୋର୍ଟ ପରିସରକୁ ସାନିଟାଇଜ୍ କରାଯାଉଛି।

### ସଙ୍ଗରୋଧରେ ଗଲେ ହାଇକୋର୍ଟର ୧୧ କର୍ମଚାରୀ

ଓଡ଼ିଶା ହାଇକୋର୍ଟର ସିଭିଲ୍ ରେକର୍ଡ଼ ସେକ୍ସନର ଜଣେ କର୍ମଚାରୀ କିଛି ଦିନ ତଳେ କରୋନାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି। ହାଇକୋର୍ଟର ଅନେକ କର୍ମଚାରୀ ତାଙ୍କ ସଂସ୍ପର୍ଶରେ ଆସିଥିବା ଆଶଙ୍କା ରହିଛି। ତେଣୁ ସିଭିଲ୍ ରେକର୍ଡ଼ ରୁମ୍‌ରେ କାର୍ଯ୍ୟ କରୁଥିବା ଅନ୍ୟ ୧୧ ଜଣ କର୍ମଚାରୀଙ୍କୁ ଗୃହ ସଙ୍ଗରୋଧରେ ଯିବାକୁ କୁହାଯାଇଛି। ସେମାନେ ୧୨ ତାରିଖ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବେ। ରବିବାର ଅଗ୍ନିଶମ ବିଭାଗର କର୍ମଚାରୀମାନେ ହାଇକୋର୍ଟର ପାର୍କିଂଠାରୁ ଆରମ୍ଭ କରି ରେକର୍ଡ଼ ବିଭାଗ ପର୍ଯ୍ୟନ୍ତ ସବୁ ଅଞ୍ଚଳକୁ ବିଶୋଧନ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ଯେଉଁ ସବୁ ମାମଲା ବିଚାର ପାଇଁ ରହିଥିଲା, ସେସବୁ ଗୁରୁବାର ଶୁଣାଣି କରାଯିବ।

### ଗଡ଼ିବ ମୋ' ବସ୍

କଟକ ସହରରେ ବୁଧବାର ରାତି ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଜାରି ହୋଇଛି। ଏହି ସମୟରେ ଅନାବଶ୍ୟକ କାମରେ ଯାନବାହାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କେବଳ ଜରୁରୀ କାମରେ ହିଁ ଯାନବାହାନ ବ୍ୟବହାର ହୋଇପାରିବ। ତେବେ ଶଟ୍‌ଡାଉନ୍ ସତ୍ତ୍ୱେ କଟକରେ ମୋ' ବସ୍ ଚଳାଚଳ କରିବ ବୋଲି କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (ସିଆର୍‌ୟୁଟି) ତରଫରୁ ଘୋଷଣା କରାଯାଇଛି। ଜରୁରୀ କାମ ନ ଥିଲେ ବସ୍‌ରେ ଯାତ୍ରା ନ କରିବାକୁ ପରାମର୍ଶ ଦିଆଯାଇଛି। ଯାତ୍ରା ବେଳେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ପାଳନ କରିବାକୁ ନିବେଦନ କରାଯାଇଛି। କଟକର ଅନେକ ବାସିନ୍ଦା ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ କରନ୍ତି। ସେମାନେ ଯାତାୟତ ପାଇଁ ମୋ' ବସ୍‌କୁ ବ୍ୟବହାର କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ମୋ' ବସ୍ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଛି।

# ଭାର୍ଗବୀ ମୁହାଣ ପାଖରୁ ଯୁବକଙ୍କ ମୃତଦେହ ଉଦ୍ଧାର

- ପୁରୀ ବୁଲିବାକୁ ଯାଉଛି କହି ଘରୁ ଆସିଥିଲେ
- ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

ପୁରୀ ଅଫିସ, ୫।୭

ବଳିଆପଣ୍ଡା ଥାନା ଅନ୍ତର୍ଗତ ଭାର୍ଗବୀ ମୁହାଣ ନିକଟରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ କେନ୍ଦ୍ରାପଡ଼ାର ଦେବାଶିଷ ସେଠୀ (୩୨)। ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବାବେଳେ ପୋଲିସ ୨ ଜଣଙ୍କୁ ଅଟକ ରଖିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଶନିବାର ସକାଳେ ପୁରୀ ବୁଲିବାକୁ ଯାଉଛି କହି ଦେବାଶିଷ କେନ୍ଦ୍ରାପଡ଼ାସ୍ଥିତ ଘରୁ ବାହାରିବାବେଳେ ମା'ଙ୍କୁ ଜଣାଇ ଆସିଥିଲେ। ସନ୍ଧ୍ୟାରେ ଦୋଳମଣ୍ଡପ ସାହିର ଜଣେ ମହିଳା (ଯିଏକି ପୂର୍ବରୁ ଦେବାଶିଷଙ୍କୁ ଜାଣନ୍ତି) ଫୋନ କରି ଦେବାଶିଷ ୨ଜଣ ସାଙ୍ଗଙ୍କ ସହିତ ଭୋଜି କରିବାକୁ ଯାଇ ଫେରିନାହିଁ ବୋଲି ତାଙ୍କ ଘରକୁ ଜଣାଇଥିଲେ। ଏହାପରେ ତାଙ୍କ ପରିବାର ଲୋକେ ପୁରୀରେ ଥିବା ସମ୍ପର୍କୀୟଙ୍କୁ ଫୋନ କରି ଜାଣିବାକୁ ପାଇଲେ ଯେ, ଦେବାଶିଷଙ୍କ ସହିତ ଯାଇଥିବା ୨ଜଣଙ୍କୁ ପୋଲିସ ଅଟକ ରଖିଛି। ରବିବାର ସକାଳେ ପୋଲିସ ଭାର୍ଗବୀ ମୁହାଣ ନିକଟରୁ ଦେବାଶିଷଙ୍କ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଦେବାଶିଷଙ୍କ ମଉସା ଉଚ୍ଛବାନନ୍ଦ ମଲ୍ଲିକ ପୁରୀ ବଳିଆପଣ୍ଡା ଥାନା ଥାନାରେ ଅଭିଯୋଗ କରିଛନ୍ତି। ଦେବାଶିଷଙ୍କ ମୃତ୍ୟୁ ସନ୍ଦେହଜନକ ଏବଂ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରିବାରେ କହିଛନ୍ତି, ହତ୍ୟା ଅଭିଯୋଗ ହୋଇଛି। ଏକ ମାମଲା (ନଂ.୭୧/୨୦) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହେବ।

# ଭକ୍ତଙ୍କୁ ମିଳିଲା ନୀଳାଚଳ ଅବଢ଼ା



## ଦର୍ଶନ ମିଳୁ ନ ଥିବାରୁ ଶ୍ରଦ୍ଧାଳୁଙ୍କ ମନଉଣା

ପୁରୀ ଅଫିସ, ୫।୭

ଚଳିତବର୍ଷର ସ୍ୱତନ୍ତ୍ର ତଥା ସ୍ମରଣୀୟ କୁହାଯାଉଥିବା ଭକ୍ତଶୂନ୍ୟ ରଥଯାତ୍ରା ସରିଯାଇଛି। ରତ୍ନସିଂହାସନରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ରବିବାର ମହାପ୍ରଭୁଙ୍କୁ ଲାଗି ହୋଇଛି ମହାପ୍ରସାଦ। ଭକ୍ତ ପାଇଛନ୍ତି ନୀଳାଚଳ ଅବଢ଼ା। ହେଲେ ମହାମାରୀ କରୋନା ପାଇଁ ଭକ୍ତଙ୍କୁ ମିଳୁନି ଦାରୁଦିଅଁଙ୍କ ଦର୍ଶନ ସୁଯୋଗ। ସାଢେ ୩ ମାସ ହେବ ଶ୍ରୀମନ୍ଦିରକୁ ଯାଉନାହାନ୍ତି ଶ୍ରଦ୍ଧାଳୁ। ସେଥିପାଇଁ ମନଉଣା କରୁଛନ୍ତି। ତଥାପି କରୋନାର ବିଭୀଷିକାକୁ ଦେଖି ସରକାରୀ ନିଷ୍ପତ୍ତିକୁ ଯଥାର୍ଥତା ଦର୍ଶାଇ ପତିତପାବନଙ୍କୁ ମୁଣ୍ଡିଆ ମାରି ଫେରୁଛନ୍ତି।

ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଶ୍ରୀମନ୍ଦିରରେ ଅବଢ଼ା ବନ୍ଦ ରହିଥିଲା। ଚତୁର୍ଦ୍ଧାବିଗ୍ରହ ନବଦିନାତ୍ମକ ଯାତ୍ରା ଶେଷ କରି ଶନିବାର ବାହୁଡ଼ିଛନ୍ତି ଶ୍ରୀମନ୍ଦିର। ଖାଲିପଡ଼ିଥିବା ରତ୍ନସିଂହାସନ ମହାପ୍ରଭୁଙ୍କ ଉପସ୍ଥିତିରେ ଶୋଭାବର୍ଦ୍ଧନ କରୁଛି। ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ପୁଣି ପୂର୍ବପରି ସ୍ୱାଭାବିକ ହୋଇଛି। ଭକ୍ତଙ୍କୁ ମିଳିଛି ନୀଳାଚଳ ଅବଢ଼ା। ରବିବାର ସକାଳ ସାଢେ ୭ଟାରେ ଶ୍ରୀମନ୍ଦିର ଦ୍ୱାର ଫିଟି ଥିଲା। ଏହାପରେ ମନ୍ଦିର ଭିତର ଶୋଧ କରାଯାଇ ସକାଳ ୮ଟା ୨୦ରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ହୋଇଥିଲା। ପୂର୍ବାହ୍ନ ୧୦ଟାରେ ଅବକାଶ ନୀତି ବଢିଥିଲା। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ଠାକୁରଙ୍କ ବେଶ ବଢିଥିଲା। ପୂର୍ବାହ୍ନ ୧୧ଟା ୪୦ରେ ଗୋପାଳ ବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ୧୨ଟା ୫୫ରେ ସକାଳ ଧୂପ ସରିବା ପରେ ଭୋଗ ମଣ୍ଡପ ବଢି ବାହାରିଥିଲା ନୀଳାଚଳ ଅବଢ଼ା। କିନ୍ତୁ କୌଣସି ଭକ୍ତ ମନ୍ଦିର ଭିତରକୁ ଯାଇ ନ ଥିଲେ କି ମହାପ୍ରଭୁଙ୍କୁ ଦର୍ଶନ କରିପାରି ନ ଥିଲେ। ପୂର୍ବ ଭଳି ଉତ୍ତର ଦ୍ୱାରରେ ମହାପ୍ରସାଦ ନେଇଥିଲେ। ନୀଳାଚଳ ଅବଢା ପାଇ ତୃପ୍ତ ହୋଇଥିଲେ ଭକ୍ତ। କିନ୍ତୁ କାଳିଆ ଠାକୁରଙ୍କ ଦର୍ଶନ କରିପାରୁ ନ ଥିବାରୁ ଅନେକ ଭକ୍ତ ମନ ଉଣା କରିଥିଲେ।

# ଜେଲ ଗଲେ ଅଭିଯୁକ୍ତ

## ରାଜଧାନୀରେ ଦିବ୍ୟାଙ୍ଗ ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା

ଭୁବନେଶ୍ୱର,୫।୭(ବ୍ୟୁରୋ)

ନୟାପଲ୍ଲୀ ଥାନାଞ୍ଚଳରେ ଜଣେ ୪ବର୍ଷର ଦିବ୍ୟାଙ୍ଗ ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏଭଳି ନୃଶଂସ କାଣ୍ଡ ଘଟାଇଥିବା ଅଭିଯୁକ୍ତ ହେଲେ ସାଲିଆସାହିରେ ରହୁଥିବା ଗଞ୍ଜାମ ଜିଲା ବୁଗୁଡା ଥାନା ଅଞ୍ଚଳର ବରୁଣ ନାୟକ(୩୪)। ସୂଚନା ମୁତାବକ, ଶିଶୁକନ୍ୟା ଜଣକ ଜନ୍ମରୁ କଥାକହି ପାରୁନି। ଶୁକ୍ରବାର ମଧ୍ୟାହ୍ନରେ ସେ ଘର ନିକଟରେ ଖେଳୁଥିବାବେଳେ ଅଭିଯୁକ୍ତ ବରୁଣ ତାଙ୍କୁ ଚକୋଲେଟ ଦେବାକୁ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିଶୁକନ୍ୟାଟି ପଡ଼ିଥିବା ଦେଖି ପଡୋଶୀ ତାଙ୍କୁ ଉଦ୍ଧାର କରିବା ପରେ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରି ପୋଲିସକୁ ଜଣାଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଭିନ୍ନକ୍ଷମ ସଂସ୍ଥାର ଅଧିକାରୀଙ୍କ ଉପସ୍ଥିତିରେ ପୀଡିତା ଶିଶୁକନ୍ୟାଙ୍କ ବୟାନ ରେକର୍ଡ କରିଛି। ଏ ନେଇ ପୋଲିସ ୨୩୭/୨୦ରେ ମାମଲା ରୁଜୁ କରିଥିବା ଜଣାପଡିଛି।

# ୨ଗାଁ ୪ଦିନ ଶଟ୍‌ଡାଉନ

ଖୋର୍ଦ୍ଧା ଅଫିସ,୫।୭

ବାଣପୁର ବ୍ଲକ ଭେଟେଶ୍ୱର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ସ୍ଥାନୀୟ ସରପଞ୍ଚ ଜଗନ୍ନାଥପୁର ଓ ପେଣ୍ଠୁରାପଲ୍ଲୀ ଗ୍ରାମକୁ ୪ଦିନ ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ୬ରୁ ୯ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଏହି କଟକଣା ରହିବ। ଏହାସହ ଶନିବାର ଓ ରବିବାର ଶଟ୍‌ଡାଉନ ବଳବତ୍ତର ରହିବ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.eT-M-KUR-FE-AMC-111-2020

**କାର୍ଯ୍ୟର ନାମ:** ତିନି ବର୍ଷ ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ଡିଭିଜନ ଠାରେ ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟର ଆଉଟ୍‌ସୋର୍ସିଙ୍ଗ୍।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 52,59,515.28, EMD (ଟଙ୍କାରେ): 1,05,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.09.07.2020 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.07.2020 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ଼

PR-138/L/20-21

# ରଥରୁ ପାର୍ଶ୍ୱ ଦେବଦେବୀଙ୍କୁ ଓହ୍ଲାଗଲା

ପୁରୀ ଅଫିସ, ୫।୭

ନୀଳାଦ୍ରିବିଜେ ଅବସରରେ ଶନିବାର ରତ୍ନସିଂହାସନକୁ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ଶ୍ରୀମନ୍ଦିରକୁ ମହାପ୍ରଭୁ ବିଜେ କରିବା ପରେ ସିଂହଦ୍ୱାର ସମ୍ମୁଖରେ ଏବେ ଦଣ୍ଡାୟମାନ ତିନିରଥ। ରବିବାର ରଥଗୁଡ଼ିକରୁ ସାରଥିଙ୍କୁ ଓହ୍ଲାଯାଇଥିବାବେଳେ ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଶିଖରଡମ୍ବରୁ, ଠେକରାବାଡ଼, ଚାରମାଳ ପ୍ରଭୃତି ଖୋଲାଯାଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୭୫ଜଣ ଭୋଇ ସେବକ ଏଥିରେ ନିୟୋଜିତ ହୋଇଛନ୍ତି। ଭୋଇ ସର୍ଦ୍ଦାରଙ୍କ ସୂଚନା ମୁତାବକ, ତିନିରଥରୁ ସାରଥୀଙ୍କୁ ଓହ୍ଲାଯାଇ ଦୋଳବେଦି କୋଣ ପରିସରରେ ରଖାଯାଇଛି। ସେହିପରି ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା ପ୍ରଭୃତି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସର ଏବଂ ଘୋଡ଼ାଙ୍କୁ ଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ରଥ ଭଙ୍ଗା କାମ ଆରମ୍ଭ ହେବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି।



ରଥରୁ ପାର୍ଶ୍ୱ ଦେବଦେବୀଙ୍କୁ ଓହ୍ଲାଯାଉଛି।

# ବିଲ୍ଡରଙ୍କୁ ଧରିବାକୁ ଦିଲ୍ଲୀ ଯିବ ପୋଲିସ

## ଆଇପିଏସ୍ ଅଫିସରଙ୍କୁ ଠକେଇ ଘଟଣା

- ଫସର ଫାଟିଲା ଆପୋସ ସମାଧାନ ଯୋଜନା
- ଚାପରେ ପଡି ତଦନ୍ତକୁ ଆଗକୁ ବଢ଼ାଇଲା ପୋଲିସ

ଭୁବନେଶ୍ୱର,୫।୭ (ବ୍ୟୁରୋ)

ରାଜଧାନୀରେ ଚାଲିଛି ବିଲ୍ଡର ରାଜ୍। ପୋଲିସକୁ ହାତକରି ସାଧାରଣ ଲୋକଙ୍କ ଜମି ଓ ଟଙ୍କା ଠକି ନେଉଥିବା ବିଲ୍ଡରଙ୍କ ଫାଶରେ ଫସିଛନ୍ତି ଆଇପିଏସ୍ ଅଫିସର ରବି କାନ୍ତ। ଘର ଯୋଗାଇ ଦେବା ନାଁରେ ତାଙ୍କଠାରୁ ବିଲ୍ଡର ଜଣକ ୩ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ସଂକ୍ରାନ୍ତ ଖବର ରବିବାର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜଧାନୀରେ ହଇଚଇ ସୃଷ୍ଟି ହୋଇଛି। ଜଣେ ଆଇପିଏସ୍ ହୋଇ ଠକେଇର ଶିକାର ହେବା ଘଟଣାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ଘଟଣା ଯେପରି ପଦାକୁ ନ ଆସିବ ସେଥିପାଇଁ ଉଦ୍ୟମ ମଧ୍ୟ ହୋଇଥିଲା। ଏପରି କି ମାମଲା ରୁଜୁ ସତ୍ତ୍ୱେ ରଫାଦଫା ପାଇଁ କମିଶନରେଟ ପୋଲିସର ସବୁ ଯୋଜନା ଏବେ ଖବର ପ୍ରକାଶନ ପରେ ଫସର ଫାଟିଛି। ଆପୋଷ ବୁଝାବଣା ଛାଡି ଠକେଇ କରିଥିବା ବିଲ୍ଡର ରାଜେଶ ଅମ୍ବାନୀଙ୍କୁ ଧରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିବାବେଳେ ତଦନ୍ତ ଅଧିକାରୀ ବ୍ୟକ୍ତିଗତଭାବେ ରବି କାନ୍ତଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଏଥିସହ ଖୁବ୍‌ଶୀଘ୍ର ଅଭିଯୁକ୍ତ ବିଲ୍ଡରଙ୍କୁ ଧରିବା ପାଇଁ କମିଶନରେଟ ପୋଲିସର ଏକ ଟିମ୍ ଦିଲ୍ଲୀ ଯିବ ବୋଲି ସୂଚନା ମିଳିଛି। ତେବେ ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ପାଟି ନ ଖୋଲିବାକୁ ଉପରୁ ନିର୍ଦ୍ଦେଶ ରହିଥିବାରୁ ପୋଲିସର ପରବର୍ତ୍ତୀ ଭୂମିକା ଉପରେ ସନ୍ଦେହ ପ୍ରକାଶ ପାଇଛି। ଅଭିଯୋଗ ପରେ ୭ଦିନ ତଳେ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିବା କୁହାଯାଉଥିବାବେଳେ ଶୁକ୍ରବାର ଥାନାରେ ହଠାତ୍ ମାମଲା (ନଂ.୨୨୮/୨୦) ରୁଜୁ କରାଯିବା ଘଟଣା ରହସ୍ୟମୟ କରିଦେଇଛି। ଏପଟେ ପୋଲିସ ଅଧିକାରୀମାନେ ଭିନ୍ନ ଭିନ୍ନ ବୟାନ ଦେଉଛନ୍ତି। ଘଟଣା ପଦାକୁ ଆସିବା ପରେ ଚାପରେ ପଡି ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି ନା ଏପରି ବାହାନା ଦେଖାଇ ସମୟ ଗଡ଼ାଇବାକୁ ଯୋଜନା କରିଛି ତାହାକୁ ନେଇ ପ୍ରଶ୍ନ ଉଠୁଛି।

ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଚିଫ୍ ରେସିଡେଣ୍ଟ କମିଶନର ଅଫିସ୍‌ରେ ରେସିଡେଣ୍ଟ କମିଶନର ଅଛନ୍ତି ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ରବି କାନ୍ତ। ବିଲ୍ଡର ରାଜେଶ ଅମ୍ବାନୀଙ୍କ ସହ ତାଙ୍କର ଫୋନ୍‌ରେ ଯୋଗାଯୋଗ ହୋଇଥିଲା। ରାଜେଶଙ୍କର ଭୁବନେଶ୍ୱରରେ ପ୍ରୋଜେକ୍ଟ ଚାଲିଥିବା ଜାଣିବା ପରେ ରବି କାନ୍ତ ଏକ ଘର କିଣିବାକୁ ଚାହିଁଥିଲେ। ଏଥିପାଇଁ ସେ ୨୦୧୭ ଅକ୍ଟୋବର ୨୫ରେ ବିଲ୍ଡରଙ୍କୁ ୩ଲକ୍ଷ ଟଙ୍କାର ଦୁଇଟି ଚେକ୍ ଦେଇଥିଲେ। ବିଲ୍ଡର ଜଣକ ଚେକ୍ ଜମା କରି ଟଙ୍କା ଉଠାଇନେଇଥିଲେ ମଧ୍ୟ ଘର ନ ଦେଇ ସମୟ ଗଡ଼ାଇଥିଲେ। ଶେଷରେ ବିଲ୍ଡର ରାଜେଶ ଓ ଅନ୍ୟକେତେଜଣଙ୍କ ନାଁରେ ଆଇପିଏସ୍ ଅଫିସର ରବି କାନ୍ତ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଗୁରୁତ୍ୱପୂର୍ଣ୍ଣ ମାମଲା ହୋଇଥିବାରୁ ସବୁକଥା କହିବା ଠିକ୍ ନୁହେଁ।

**ବନ ମହୋତ୍ସବ ୨୦୨୦**

**ବୃକ୍ଷ ଲଗାନ୍ତୁ, ଭବିଷ୍ୟତ ବଞ୍ଚାନ୍ତୁ**

No.MM-50:- **'ସର୍ବସାଧାରଣ ପାଇଁ ସୂଚନା'**

୧. ସାଧାରଣତଃ ବନ ମହୋତ୍ସବ ସପ୍ତାହ ଜୁଲାଇ ମାସର ପ୍ରଥମ ସପ୍ତାହରେ ପାଳନ କରାଯାଇ ବୃକ୍ଷ ଚାରା ବିତରଣ ଶୁଭାରମ୍ଭ କରାଯାଇଥାଏ ଓ ଏହି ବିତରଣ ପ୍ରକ୍ରିୟା ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ଜାରିରହିଥାଏ । ଚଳିତ ବର୍ଷ ପ୍ରାୟତଃ ୧୩ କୋଟି ବୃକ୍ଷ ଚାରା ଉତ୍ପନ୍ନ କରାଯାଇଛି, ଯାହା କି ରାଜ୍ୟର ଜଙ୍ଗଲ ବିଭାଗ ତରଫରୁ ଅଦ୍ୟାବଧି ଉତ୍ପନ୍ନ କରାଯାଇଥିବା ଚାରା ସଂଖ୍ୟାର ସର୍ବାଧିକ ଅଟେ । ଏହି ଚାରା ବିତରଣ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସାମିଲ କରାଯିବାର ବ୍ୟବସ୍ଥା କରାଯାଇଅଛି । ସହରାଞ୍ଚଳରେ ଜନସାଧାରଣ ସିଧାସଳଖ ଭାବରେ ଚାରା ଉତ୍ପାଦନ କେନ୍ଦ୍ରରୁ ଓ ଚାରା ବିତରଣ ଷ୍ଟଲରୁ ଆବଶ୍ୟକୀୟ ବୃକ୍ଷ ଚାରା ପାଇପାରିବେ ଏବଂ ଗ୍ରାମମାନଙ୍କରେ ଓ ଗ୍ରାମପଞ୍ଚାୟତରେ ଗ୍ରାମବାସୀମାନେ ଭ୍ରାମ୍ୟମାଣ ଚାରା ବିତରଣ ଯାନରୁ ଚାରା ପାଇପାରିବେ, ଏହି ତଥ୍ୟ ବନଖଣ୍ଡ ଅଧିକାରୀମାନଙ୍କ ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯିବ ।

୨. ପସନ୍ଦ ଅନୁଯାୟୀ ଚାରା ପାଇବା ପାଇଁ ପ୍ରତ୍ୟେକ ବନଖଣ୍ଡ ଅନ୍ତର୍ଭୁକ୍ତ ଜିଲ୍ଲାରେ ଚାରା ବିତରଣ ନିମିତ୍ତ ଷ୍ଟଲ ଏବଂ ଭ୍ରାମ୍ୟମାଣ ଚାରା ବିତରଣ ଯାନ ଦ୍ୱାରା ଚାରା ବିତରଣ ଜୁଲାଇ ମାସ ୧ ତାରିଖଠାରୁ ଜୁଲାଇ ମାସ ୭ ତାରିଖ ୨୦୨୦ ପର୍ଯ୍ୟନ୍ତ କରାଯିବ, ଯାହାର ଷ୍ଟଲ ସମ୍ବନ୍ଧୀୟ ବନଖଣ୍ଡୱାରି ତଥ୍ୟ, ବୃକ୍ଷଚାରା (ପ୍ରଜାତି ଅନୁଯାୟୀ) ଏବଂ ଚାରା ବିତରଣ କେନ୍ଦ୍ର ଦାୟିତ୍ୱରେ ଥିବା ଜଙ୍ଗଲ ଅଧିକାରୀଙ୍କ ନାମ ଓ ଯୋଗାଯୋଗ ନମ୍ବରର ଏକ ବିସ୍ତୃତ ବିବରଣୀ ଜଙ୍ଗଲ ବିଭାଗର ୱେବ୍‌ସାଇଟ୍ (www.odishaforest.in)ରେ ଉପଲବ୍ଧ ହେବ ।

୩. ଚଳିତ ବର୍ଷ ଜଙ୍ଗଲ ବିଭାଗ ବ୍ୟତୀତ ଅନ୍ୟାନ୍ୟ ସରକାରୀ ବିଭାଗ ତଥା- ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ମିଶନ, ଶକ୍ତି, କୃଷି, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ, ଜଳ ସମ୍ପଦ, ଅନୁସୂଚିତ ଜନଜାତି ଉନ୍ନୟନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ପ୍ରଭୃତି ମଧ୍ୟ ବୃକ୍ଷଚାରା ବିତରଣ ଓ ସେମାନଙ୍କର ନିଜ ନିଜ ବିଭାଗର ସରକାରୀ ଜାଗାରେ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହେବେ।

୪. କୋଭିଡ୍-୧୯ର ନିର୍ଦ୍ଦେଶାବଳୀ ଅନୁସରଣ ପୂର୍ବକ ବନ ମହୋତ୍ସବରେ ନିର୍ବାଚିତ ଜନ ପ୍ରତିନିଧି, ସରକାରୀ ପଦାଧିକାରୀ, ପଞ୍ଚାୟତ ସମିତି ସଭ୍ୟ, ନ୍ୟାୟପାଳିକା, ବନ ସୁରକ୍ଷା ସମିତି ସଭ୍ୟ, ବେସରକାରୀ ସଙ୍ଗଠନ, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା ତଥା ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାଯାଇ ପ୍ରତ୍ୟେକ ବୃକ୍ଷରୋପଣ ସ୍ଥାନରେ ପାଳନ କରାଯିବ ।

୫. ଯେକୌଣସି ପ୍ରକାର ସୂଚନା/ସୁନିଶ୍ଚିତତା ନିମନ୍ତେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା, ଅରଣ୍ୟ ଭବନ, ଚନ୍ଦ୍ରଶେଖରପୁର-୨୯, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟର ୨୪x୭ ନିୟନ୍ତ୍ରଣ କକ୍ଷ ଦୂରଭାଷ ସଂଖ୍ୟା-୧୮୦୦୩୪୫୭୧୫୮କୁ ଯୋଗାଯୋଗ କରାଯାଇପାରିବ ।

୬. ଭ୍ରାମ୍ୟମାଣ ବୃକ୍ଷଚାରା ବିତରଣ ଯାନରୁ ଓ ଛୋଟ ଚାରା ବିତରଣ କେନ୍ଦ୍ରରୁ ସହରାଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ସର୍ବାଧିକ ୫ଟି ବୃକ୍ଷଚାରା ଓ ଗ୍ରାମାଞ୍ଚଳରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାଧିକ ୧୦ଟି ବୃକ୍ଷଚାରା ଦିଆଯାଇପାରିବ ଏବଂ ପ୍ରତ୍ୟେକ ଅନୁଷ୍ଠାନକୁ ସର୍ବାଧିକ ୧୦୦ଟି ବୃକ୍ଷଚାରା ପ୍ରଦାନ କରାଯାଇପାରିବ ।

୭. ଜନସାଧାରଣଙ୍କ ପାଇଁ ପ୍ରତି ବୃକ୍ଷଚାରାର ମୂଲ୍ୟ ୧.୦୦ ଟଙ୍କା ଧାର୍ଯ୍ୟ ହୋଇଅଛି ଓ ସରକାରୀ ବିଦ୍ୟାଳୟ/ଶିକ୍ଷାନୁଷ୍ଠାନମାନଙ୍କୁ ଓ ଅନ୍ୟାନ୍ୟ ସରକାରୀ ସଂସ୍ଥାମାନଙ୍କୁ ବିନା ମୂଲ୍ୟରେ ବୃକ୍ଷଚାରା ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଅଛି । ସବୁଜ ମହାନଦୀ ମିଶନ ଆନୁକୂଲ୍ୟରେ ଜନସାଧାରଣ ଓ ସରକାରୀ ସଂସ୍ଥାମାନଙ୍କୁ ବୃକ୍ଷଚାରା ପ୍ରଦାନ ନିମନ୍ତେ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଦେୟମୁକ୍ତ ବ୍ୟବସ୍ଥା କରାଯାଇଅଛି ।

ଆସନ୍ତୁ, ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନକରି ଆମ ରାଜ୍ୟକୁ ଅଧିକ ସବୁଜ ଓ ସୁନ୍ଦର କରିବା।

**ପ୍ରଧାନ ମୁଖ୍ୟ ବନ ସଂରକ୍ଷକ**
**ଓ**
**ଜଙ୍ଗଲ ବାହିନୀ ପ୍ରମୁଖ, ଓଡ଼ିଶା**

OIPR-08002/11/0006/2021

ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀଙ୍କୁ ଘୃଣାର ପାତ୍ରୀ ବୋଲି ଭାବୁ ଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ କିଏ ଏଭଳି ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। –ଶ୍ରୀଅରବିନ୍ଦ



# କୂଟନୈତିକ କଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଜୁଲାଇରେ ଲଦାଖର ଗଲୱାନ ଅଞ୍ଚଳ ପରିଦର୍ଶନ କରିଥିଲେ। ଲେହଠାରେ ଭାରତୀୟ ଯବାନମାନଙ୍କୁ ଉଦ୍‌ବୋଧନ ଦେବା ବେଳେ କହିଥିଲେ ଯେ, ବିସ୍ତାରବାଦ ଯୁଗ ଶେଷ ହୋଇଛି ଏବଂ ଏହା ଏବେ ବିକାଶର ଯୁଗ। ଚାଇନାର ନାଁ ନ ନେଇ ମୋଦି ଯେଭଳି ଭାବେ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି, ସେଥିରୁ କେଉଁ ଦେଶ ପ୍ରତି ଚେତାବନୀ ଉଦ୍ଦିଷ୍ଟ ତାହା ଜଣାପଡୁ ନାହିଁ। କେତେକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଏହା ଚାଇନା ପାଇଁ କୁହାଯାଇଥାଇପାରେ ବୋଲି ଅନୁମାନ କରାଯାଉଛି। ଗଲୱାନରେ ଭାରତ ଓ ଚାଇନା ମଧ୍ୟରେ ସଂଘର୍ଷ ଘଟି ୨୦ ଭାରତୀୟ ଯବାନ ଶହୀଦ ହେବାର ୨ ସପ୍ତାହ ପରେ ପ୍ରଧାନମନ୍ତ୍ରୀଙ୍କ ଅଚାନକ ଗସ୍ତ ଓ ଯବାନମାନଙ୍କ ମନୋବଳ ବୃଦ୍ଧି ନେଇ ଦେଇଥିବା ଭାଷଣ ନିଶ୍ଚିତ ଭାବେ ଉତ୍ସାହପ୍ରଦ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜୁଲାଇ ୩ ଶୁକ୍ରବାର ଲଦାଖ ଯିବାର ଥିଲା। ତାଙ୍କ ଗସ୍ତକୁ ଅଚାନକ ବାତିଲ କରାଯାଇ ସେଦିନ ପ୍ରଧାନମନ୍ତ୍ରୀ ଲଦାଖ ଗସ୍ତ କଲେ।

ପ୍ରଧାନମନ୍ତ୍ରୀଙ୍କ ଲଦାଖ ଗସ୍ତକୁ ବିଭିନ୍ନ ଉପାୟରେ ନାଟକୀୟ କରାଯିବାର ଉଦ୍ୟମକୁ ଅନେକ ଦେଶବାସୀ ନାପସନ୍ଦ କରିଛନ୍ତି। ଲଦାଖର ମିଲିଟାରୀ ହସ୍ପିଟାଲ ପରିଦର୍ଶନ ବେଳେ ପ୍ରଧାନମନ୍ତ୍ରୀଙ୍କ ଫଟୋଉଠା କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି। ଆହୁରି ବିବାଦର କଥା ହେଉଛି ଯେ, ଯେଉଁ ହସ୍ପିଟାଲରେ ଆହତ ଯବାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ଉଠାଯାଇଛି ସେଠାରେ କୌଣସି ଚିକିତ୍ସା ଉପକରଣ ଥିବାର ଦେଖିବାକୁ ମିଳିନାହିଁ। ଅପରପକ୍ଷରେ ସେହି ୱାର୍ଡରେ ପ୍ରୋଜେକ୍ଟର, ସ୍କ୍ରିନ୍ ଭଳି କେତେକ ଯନ୍ତ୍ରପାତି ସୂଚାଉଛି ଯେ ତାହା ଏକ ସମ୍ମିଳନୀ କକ୍ଷ ବା କନ୍‌ଫରେନ୍ସ ହଲ୍। ଏହି ମତକୁ ଖଣ୍ଡନ କରିବାକୁ ଯାଇ ସେନା ତରଫରୁ ଏକ ସ୍ପଷ୍ଟୀକରଣ ଜାରି କରିବାର ପ୍ରୟୋଜନ ଉଠିଲା। ଶନିବାର ଜୁଲାଇ ୪ ତାରିଖରେ ଭାରତୀୟ ସେନା ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଗଲା। ସେଥିରେ କୁହାଯାଇଥିଲା ଯେ "ସଙ୍କଟଜନକ ସମ୍ପ୍ରସାରଣ ପରିସ୍ଥିତି (କ୍ରାଇସିସ୍ ଏକ୍ସପାନ୍‌ସନ୍ କାପାସିଟି) ଯୋଗୁ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଆରମ୍ଭ କରାଯାଇଛି।" ସେନାର ଏହି ବିଜ୍ଞପ୍ତି ଦର୍ଶାଇପାରେ ଯେ ପୂର୍ବ ଲଦାଖରେ ଉପୁଜିଥିବା ସମସ୍ୟା ଯୋଗୁ କେବଳ ୨୦ ଜଣ ଭାରତୀୟ ଯବାନ ଶହୀଦ ହୋଇଥିଲେ ତାହା ନୁହେଁ, ଆହୁରି ଶତାଧିକ ଆହତ ହୋଇଛନ୍ତି, ଯେଉଁଥିପାଇଁ ସେନାର ଲେହଠାରେ ଏକ ବିରାଟକାୟ ଜେନେରାଲ ହସ୍ପିଟାଲ ଥିବା ସତ୍ତ୍ୱେ ଅସ୍ଥାୟୀ ଡାକ୍ତରଖାନା ନିର୍ମାଣ କରିବାର ଆବଶ୍ୟକତା ପଡ଼ିଛି। ଯଦି ବାସ୍ତବରେ ଚାଇନା ସହ ପରିସ୍ଥିତି ଏଭଳି ସ୍ତରକୁ ଗଲାଣି ତେବେ ଉଭୟ ସେନା ଓ ସରକାରଙ୍କ ତରଫରୁ ଦେଶବାସୀଙ୍କୁ ସତ୍ୟାସତ୍ୟ ଜଣାଇବା ଉଚିତ ହେବ। ଏଭଳି ଏକ ସଙ୍କଟାପନ୍ନ ପରିସ୍ଥିତିରେ ଉଭୟ ସରକାର ଓ ସେନା ସହ ଦେଶବାସୀ ଏକଜୁଟ ହୋଇ ରହିଲେ ଯୁଦ୍ଧ ପରିସ୍ଥିତିକୁ ସାମ୍ନା କରିବା ସହଜ ହୋଇଥାଏ।

ବର୍ତ୍ତମାନ ପରିସ୍ଥିତିରେ ଫଟୋ ଉଠାଇ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ଗଲୱାନରେ ଥିବା ଜଣାଇଦେବାଠାରୁ ଅଧିକ ଗୁରୁତ୍ୱ ବହନ କରୁଛି ସେଠାକାର ବାସ୍ତବ ସ୍ଥିତି ଆକଳନ କରିବା। ଏବେ ଦକ୍ଷିଣ ଚାଇନା ସାଗର ଜଳରାଶିରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ନୌବାହିନୀ ସମରାଭ୍ୟାସ ଚଳାଇଥିବାରୁ ପଡ଼ୋଶୀ ରାଷ୍ଟ୍ର ଏବଂ ଆମେରିକା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ଚାଇନା ପ୍ରଭାବ ହ୍ରାସ କରିବା ପାଇଁ ଆମେରିକା ଦୁଇଟି ନୌବହର ପଠାଇଛି। ଚାରିଆଡୁ ଚାଇନାକୁ ସମସ୍ତେ ଘେରିଥିବା ବେଳେ ଭାରତ କୂଟନୈତିକ ସ୍ତରରେ ସ୍ଥିତିକୁ ସମୀକ୍ଷା କରିବା ଦରକାର। ଭାରତବାସୀଙ୍କୁ ବିଶ୍ୱାସକୁ ନେବା ସହ ଦେଶର ନେତୃତ୍ୱ ଏକ ଦୀର୍ଘମିଆଦୀ ସାମାଜିକ ଓ କୂଟନୈତିକ ରଣକୌଶଳ ପ୍ରସ୍ତୁତ କରିବା ଦରକାର।

ଆଜିର ପରିସ୍ଥିତିରେ ମନେହେଉଛି ଯେପରି ପାକିସ୍ତାନ ବ୍ୟତୀତ ଅନ୍ୟ କୌଣସି ଦେଶକୁ ବିରୋଧୀ ଭାବେ ଭାରତୀୟ ସାମରିକ ବିଶେଷଜ୍ଞମାନେ ଭାବିପାରୁ ନ ଥିଲେ। କିନ୍ତୁ ଏବେ ପରିବର୍ତ୍ତିତ ସମୟରେ କେବଳ ପାକିସ୍ତାନ ଓ ଚାଇନା ନୁହେଁ, ଭାରତକୁ ଘେରି ରହିଥିବା ସବୁ ପଡ଼ୋଶୀ ଦେଶ ଭାରତ ବିରୋଧୀ ପାଲଟି ଯାଇଛନ୍ତି। ଗଣମାଧ୍ୟମକୁ ସଫେଇ ଦେଇ ଭୁଟାନ ଭଳି ଚିର୍‌କୁଟ୍ ଦେଶ ମଧ୍ୟ ଭାରତ ଲାଙ୍ଗୁଡ଼ରେ ହାତ ମାରିବାର ସତ୍‌ସାହସ ଦେଖାଇଲାଣି। ଏହା ପ୍ରମାଣ କରୁଛି ଯେ ଗତ କିଛିମାସ ମଧ୍ୟରେ ଆମ କୂଟନୈତିକ ଦକ୍ଷତା ହ୍ରାସ ପାଇଛି, ଯେଉଁଥିପାଇଁ ସବୁ ପଡ଼ୋଶୀ ବିରୋଧୀ ପାଲଟିଗଲେଣି। ଏହି ଅବସ୍ଥାର ବ୍ୟବସ୍ଥା ହେଉଛି ସରକାରଙ୍କ ପ୍ରଥମ ଗୁରୁଦାୟିତ୍ୱ। ଏଠାରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ୱିଲ୍‌ଷ୍ଟନ୍ ଚର୍ଚ୍ଚିଲଙ୍କ କଥା ମନେପଡ଼େ। ଚର୍ଚ୍ଚିଲ କହିଥିଲେ ଯେ "କୂଟନୀତି ହେଉଛି ଏଭଳି ଏକ କଳା ଯାହା ମାଧ୍ୟମରେ ତୁମେ ଅନ୍ୟମାନଙ୍କୁ ନର୍କକୁ ଯିବାକୁ କହିବ। କହିବାର ଢଙ୍ଗ ଏଭଳି ହେବା ଦରକାର ଯେ ସେମାନେ ମାର୍ଗଦର୍ଶାଇବାକୁ ଅନୁରୋଧ କରିବେ।"

## ସାପ୍ତାହିକ ପଞ୍ଜିକା

**ଜୁନ୍ ୨୮:** ଭାରତରେ ଗୋଟିଏ ଦିନରେ ପାଖାପାଖି ୨୦ ହଜାର କରୋନାରେ ଆକ୍ରାନ୍ତ ହୋଇଛନ୍ତି।

**ଜୁନ୍ ୨୯:** ଜୁଲାଇରେ ଭାରତକୁ ମିଳିବ ୬ ରାଫାଲ ଯୁଦ୍ଧ ବିମାନ।
- ବାଂଲାଦେଶର ବୁଢ଼ିଗଙ୍ଗା ନଦୀରେ ଡଙ୍ଗା ବୁଡ଼ି ୩୦ ମୃତ।

**ଜୁନ୍ ୩୦:** ରାଜ୍ୟରେ ଅଗଷ୍ଟ ୩୧ ଯାଏ ସ୍କୁଲ କଲେଜ ବନ୍ଦ।
- ଭାରତରେ ୪.୫୮ କୋଟି ମହିଳା ନିଖୋଜ ବୋଲି ଜାତିସଂଘ ରିପୋର୍ଟରୁ ପ୍ରକାଶ।

**ଜୁଲାଇ ୧:** ବାହୁଡ଼ିଲେ ଦାରୁଦିଅଁ।

**ଜୁଲାଇ ୨:** ରାଜ୍ୟରେ ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କଟକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାକୁ ସୁନାମିପ୍ରବଣ ଜିଲା ଘୋଷଣା କରାଯାଇଛି।
- ଉତ୍ତର ମ୍ୟାନ୍‌ମାର୍‌ରେ ରତ୍ନପଥର ଖଣି ଭୁଶୁଡ଼ି ପଡ଼ିବାରୁ ୧୧୩ ମୃତ।

**ଜୁଲାଇ ୩:** ବଲିଉଡ୍‌ର ଭେଟେରାନ କୋରିଓଗ୍ରାଫର ସରୋଜ ଖାନ୍‌ଙ୍କ ଦେହାନ୍ତ।
- ଉତ୍ତର ପ୍ରଦେଶ କାନପୁର ନିକଟରେ ଅପରାଧୀଙ୍କ ଗୁଳିରେ ଡିଏସ୍‌ପିଙ୍କ ସମେତ ୮ ପୋଲିସ କର୍ମଚାରୀଙ୍କ ମୃତ୍ୟୁ।

## su | do | ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | 5 | 6 | | 8 | | | 4 | | D | | 3 | |
| E | | | | | 3 | | | 7 | | A | B | | | 1 |
| | 1 | | | | A | | | | | | | | C | 2 |
| | | D | | | | 4 | | 6 | | | | 0 | | 8 |
| | | | | | | | 0 | 5 | C | 7 | | B | 6 | |
| B | 2 | | | E | 7 | | | | | 9 | | | | |
| | 6 | | | | | | | E | A | | | 8 | | D |
| | | 3 | | | | | 7 | | D | 0 | 2 | | | |
| | | | | | D | | | 0 | 3 | | 4 | | B | 5 |
| 0 | | | | 4 | | 3 | 5 | B | | | 1 | 6 | | |
| | | | | | | | 2 | | | 6 | | | 5 | 4 |
| 3 | | | | | 1 | | D | | | 8 | 7 | 2 | 9 | A |
| 9 | | 1 | | | 5 | | 3 | | 0 | | | 7 | | |
| | | 0 | | C | 8 | | | | | | | | 1 | |
| | | 2 | | | 6 | | | C | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | C | 3 | 6 | 0 | 2 | 8 | E | B | D | A | 5 | 1 | 4 |
| 2 | E | 3 | A | 1 | 5 | C | 9 | D | 4 | 7 | 0 | B | 6 | 8 |
| A | 1 | 8 | 2 | D | E | B | 4 | 7 | 3 | 5 | 6 | C | 9 | 0 |
| D | 6 | 0 | 7 | B | 4 | 3 | 5 | 1 | C | 8 | 9 | 2 | A | E |
| 5 | 4 | B | C | 8 | 9 | 6 | A | 0 | E | 1 | 2 | 7 | 3 | D |
| E | 3 | 1 | 6 | 9 | D | 5 | C | B | 7 | A | 4 | 8 | 0 | 2 |
| 6 | 5 | 7 | 8 | 0 | A | 4 | E | 3 | 9 | 2 | C | D | B | 1 |
| B | 2 | 9 | E | C | 7 | 0 | 1 | 6 | D | 3 | 8 | 4 | 5 | A |
| 8 | C | 4 | 5 | 2 | 3 | A | D | 9 | 0 | B | 1 | 6 | E | 7 |
| 0 | A | D | B | 4 | 1 | 8 | 7 | 2 | 6 | E | 5 | 3 | C | 9 |
| C | B | 5 | 4 | 7 | 6 | E | 0 | A | 2 | 9 | D | 1 | 8 | 3 |
| 4 | D | 6 | 0 | A | 2 | 1 | 3 | 8 | 5 | C | E | 9 | 7 | B |
| 3 | 8 | 2 | 1 | E | B | 9 | 6 | C | A | 4 | 7 | 0 | D | 5 |
| 9 | 0 | E | D | 3 | 8 | 7 | 2 | 5 | 1 | 6 | B | A | 4 | C |
| 1 | 7 | A | 9 | 5 | C | D | B | 4 | 8 | 0 | 3 | E | 2 | 6 |

ଗତକାଲିର ଉତ୍ତର

# ତଥ୍ୟ ବିଜ୍ଞାନ ଓ ଓଡ଼ିଶାର କୃଷି

ସୁକାନ୍ତ କୁମାର ପାଣିଗ୍ରାହୀ

ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ଫଳରେ ବର୍ତ୍ତମାନର କୃଷି ଏକ ନୂତନ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଓଡ଼ିଶାର କୃଷି ଓ କୃଷକ ପଛରେ ପଡ଼ି ନାହାନ୍ତି। ମୃତ୍ତିକାର ସ୍ୱାସ୍ଥ୍ୟ, ପାଣିପାଗ, ଫସଲ ଉତ୍ପାଦନ, ବଜାର ଚାହିଦା ଓ ଦର ଇତ୍ୟାଦି ପତ୍ରିକା ବା ଖବର କାଗଜରେ ବାହାରିବା ଆଗରୁ ସ୍ମାର୍ଟ ଫୋନ୍‌ର ପରଦାରେ ଝଲସି ଉଠୁଛି। ତଥାପି ସବୁ ଝଲସୁଥିବା ଜିନିଷ ସୁନା ନୁହେଁ, ଏହା ଆମକୁ ମନେରଖିବାକୁ ହେବ।

ଆଧୁନିକ କୃଷି ବୋଲି ଯାହା ଷାଠିଏ ଦଶକରୁ ଆରମ୍ଭ ହୋଇଥିଲା ତାହା ଥିଲା ସେ ସମୟ ପାଇଁ ଠିକ୍। କାରଣ ବିଶାଳ ଜନସମୁଦାୟକୁ ଖାଦ୍ୟ ଯୋଗାଇବା ପ୍ରଥମ ଆବଶ୍ୟକତା ଥିଲା। ବର୍ତ୍ତମାନ ସ୍ୱାସ୍ଥ୍ୟ ସଚେତନ ମଣିଷ ଅଧିକ ଖାଦ୍ୟ ବଦଳରେ ଅଳ୍ପ କିନ୍ତୁ ଅଧିକ ପୁଷ୍ଟିକର ଖାଦ୍ୟ ଚାହୁଁଛି। ଖାଉଟି ସାରଦିଆ ଖାଦ୍ୟ ବଦଳରେ ଖତଦିଆ ଖାଦ୍ୟ ଚାହୁଁଛି। ଏଣୁ ରାସାୟନିକ ସାର ଏବଂ ଅଧିକ ଅମଳ କିସମ ବିହନ ଆଡକୁ ମନ ନ ବଳାଇ ଚାଷୀ ଏବେ ଜୈବିକ କୃଷି ଓ ଦେଶୀ ବିହନ ଆଡକୁ ମନ ବଳେଇଲାଣି। ବିଗତ ଷାଠିଏ ବର୍ଷର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଆଧାରିତ ଆଧୁନିକ କୃଷିର ହଠାତ୍ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଗତ ଦଶବର୍ଷ ହେଲା ବାଦାନୁବାଦ ମଧ୍ୟରେ ଜୈବିକ କୃଷିର ପରୀକ୍ଷାନିରୀକ୍ଷା ଚାଲିଛି। କିନ୍ତୁ ଆଗକୁ ବଢ଼ିବାର ସମ୍ଭାବନା ଅଧିକ, ମନ୍ଥର ଗତି ପରିବର୍ତ୍ତେ କ୍ରମବର୍ଦ୍ଧିଷ୍ଣୁ ଗତିରେ।

କୃଷି କେବଳ ଧାନ ବା ଅନ୍ୟ ଶସ୍ୟ ଫସଲକୁ ବୁଝାଏ ନାହିଁ, ଏହା ଏକ ସାମଗ୍ରିକ ପରିକଳ୍ପନା। ମତ୍ସ୍ୟ ଉତ୍ପାଦନ, ପ୍ରାଣୀମାନଙ୍କ ଚିକିତ୍ସା ଓ ପାଳନ, ଫୁଲଫଳ, ପନିପରିବା, ଖାଦ୍ୟଶସ୍ୟ, ତନ୍ତୁ, ଔଷଧ, ଜାଳେଣି କାଠ, ମହୁଚାଷ, ଛତୁ ଉତ୍ପାଦନ, ବୃକ୍ଷରୋପଣ ଇତ୍ୟାଦି।

ତଥ୍ୟ ବିଜ୍ଞାନ ଆଜି କମ୍ପ୍ୟୁଟର ଆଧାରିତ ପାଠ୍ୟକ୍ରମ, ଯାହା ଅତୀତ ଓ ବର୍ତ୍ତମାନର କୌଣସି ବିଷୟରେ ଧାରଣା ଦେବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣରେ ସହାୟକ ହୋଇଥାଏ। ଏଣୁ ଏହି ବିଦ୍ୟାର ଠିକ୍ ବିନିଯୋଗ କରି ବର୍ତ୍ତମାନର ଯୁବପିଢ଼ି କୃଷିକ୍ଷେତ୍ରକୁ ଏକ ନୂତନ କର୍ମସ୍ଥଳୀରେ ପରିଣତ କରିପାରିବେ। ଆଜି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଥ୍ୟ ବିଜ୍ଞାନ ପ୍ରୟୋଗ ଦ୍ୱାରା କୃଷି କ୍ଷେତ୍ରରେ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗ ମାଧ୍ୟମରେ ପ୍ରତିଟି କୃଷକ ପାଖରେ ପହଞ୍ଚିବାର ବାଟ ଧରିଛନ୍ତି। କମ୍ପ୍ୟୁଟର ଓ ଇଣ୍ଟରନେଟ୍ ସହାୟତା ନେଇ ତଥ୍ୟସଂଗ୍ରହ, କୃଷକ ନାମ ପଞ୍ଜୀକରଣ, ସବ୍‌ସିଡିକୁ ଆଧାର ସଂଯୋଜିତ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ, ପ୍ରଧାନମନ୍ତ୍ରୀ କିଷାନନିଧି ଓ କାଳିଆ ସହାୟତା ରାଶି ପ୍ରଦାନ କ୍ଷେତ୍ରରେ ଏହାର ଆନୁଷ୍ଠାନିକ ପ୍ରୟୋଗ ଆରମ୍ଭ ହୋଇସାରିଛି।

ଏ କ୍ଷେତ୍ରରେ ଆମର ଅନୁଭବ ଓ ଅନୁଧ୍ୟାନକୁ ଓଡ଼ିଶାର କୃଷକମାନଙ୍କ ନିକଟରେ ପ୍ରକାଶ କରୁଛୁ। ଆମକୁ ଆମର ଦକ୍ଷତା ହାସଲ କରିବା ସହିତ ହୋଇଥିବା ତ୍ରୁଟିକୁ ସୁଧାରିବା ପାଇଁ ଏହାର ତର୍ଜମା କରିବାକୁ ପଡ଼ିବ। ପ୍ରଥମ କଥା ହେଲା କୃଷି ଓ ଆନୁଷଙ୍ଗିକ ବିଭାଗର ସମସ୍ତ କର୍ମଚାରୀ କମ୍ପ୍ୟୁଟର ବିଦ୍ୟାରେ ପାରଙ୍ଗମ ନୁହନ୍ତି, ତେଣୁ ଏହି ପ୍ରକ୍ରିୟାରେ ଆରମ୍ଭରୁ ଅନେକ ଭୁଲ୍ ରହିଛି। ଆସନ୍ତା ଦଶବର୍ଷ ମିଶ୍ରିତ କର୍ମଚାରୀଙ୍କ ଦ୍ୱାରା ଏହି ବିଭାଗଗୁଡ଼ିକ ଚାଲିବ। ଏହି ବିଭାଗଗୁଡ଼ିକରେ ଠିକାରେ ନିଯୁକ୍ତି ପାଇଥିବା କମ୍ପ୍ୟୁଟର ସହାୟକମାନେ ମଧ୍ୟ ସେଭଳି ତଥ୍ୟ ପରିଚାଳନାରେ ଦକ୍ଷ ନୁହନ୍ତି। ସେମାନଙ୍କ ଦକ୍ଷତା ବୃଦ୍ଧି ଆବଶ୍ୟକ। ଦଶ ବର୍ଷ ପରେ ଏହିସବୁ ବିଭାଗର ଅଧିକାରୀମାନେ ପ୍ରବେଶ ସମୟରୁ କମ୍ପ୍ୟୁଟର ଶିକ୍ଷିତ ହେବା ଫଳରେ ଅନେକ ତ୍ରୁଟି କମିଯିବ।

ଦ୍ୱିତୀୟରେ ଆମର ଅର୍ଦ୍ଧାଧିକ ଚାଷୀ ସମ୍ବଳ ଅଭାବରୁ ପାଠପଢ଼ା ଓ ସ୍ମାର୍ଟଫୋନ୍ ବ୍ୟବହାରରୁ ବଞ୍ଚିତ। ତେଣୁ କୃଷି ବିଭାଗ ସେମାନଙ୍କର ବ୍ୟବହାର ଓ ସୁଯୋଗ ପାଇଁ ଯେଉଁସବୁ ପୋର୍ଟାଲ ବା ମୋବାଇଲ୍ ଆପର ସମ୍ଭାର ଖୋଲିଛନ୍ତି ତାହା ତାଙ୍କର କାମରେ ଆସୁନାହିଁ। ଏମିତି କି ଅନେକ ଚାଷୀ ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ କିଷାନନିଧି ନିମନ୍ତେ ନାମ ପଞ୍ଜୀକରଣ କରି ନାହାନ୍ତି। ଅଧିକନ୍ତୁ ପଞ୍ଜୀକରଣ କରିଥିବା ଚାଷୀମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀଙ୍କର ଆଧାର ପରିଚୟପତ୍ରରେ ଥିବା ନାମ ସହ ବ୍ୟାଙ୍କ ଆକାଉଣ୍ଟର ନାମର ଅକ୍ଷର ସଂଖ୍ୟା ଓ ଲିପିଭେଦ ଯୋଗୁ ସେମାନେ ଅଯୋଗ୍ୟ ବିବେଚିତ ହେଉଛନ୍ତି। ଏଥିପାଇଁ ଚାଷୀମାନଙ୍କୁ ସେମାନଙ୍କର ବ୍ୟାଙ୍କ ଖାତା ବା ଆଧାର କାର୍ଡର ନାମ ସଂଶୋଧନ କରିବା ଆବଶ୍ୟକ। ଅନେକ କ୍ଷେତ୍ରରେ ଜମିବାଡ଼ି ସମ୍ପର୍କରେ ଦିଆଯାଉଥିବା ତଥ୍ୟ ରାଜ୍ୟର ଜମି ସମ୍ବନ୍ଧରେ ସଂଗ୍ରହ କରାଯାଇଥିବା ଭୂଲେଖ ପୋର୍ଟାଲ ତଥ୍ୟ ଅମେଳ କାରଣରୁ ଚାଷୀ ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ ହେଉଛନ୍ତି। ନିଜ ନାମରେ ଜମି ନ ଥିଲେ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ ନାହିଁ। ଏଣୁ ଦୀର୍ଘ ଦିନ ଧରି ବାପା ଜେଜେବାପାଙ୍କ ନାମରେ ଥିବା ଜମିପଟ୍ଟାକୁ ମଧ୍ୟ ନିଜ ନାମରେ କରିବା ଆବଶ୍ୟକ।

ବର୍ତ୍ତମାନ ଆଉ ଗୋଟିଏ ସମସ୍ୟା ହେଉଛି ଶତକଡ଼ା ସତୁରି ଭାଗ ଚାଷୀ ନିଜ ତହସିଲର ନୂଆ ରୟତ ଖସଡ଼ା ସଂଗ୍ରହ କରିନାହାନ୍ତି। ଏଣୁ ଜନସେବା କେନ୍ଦ୍ର ମାଧ୍ୟମରେ ପୁରୁଣା ତହସିଲ ଖସଡ଼ା ଆଧାରରେ ଦିଆଯାଉଥିବା ତଥ୍ୟ ଏବଂ ସରକାରୀ ତଥ୍ୟ ମଧ୍ୟରେ ମେଳ ନ ହେବା କାରଣରୁ ଅନେକ ଚାଷୀ ପ୍ରାପ୍ୟ ପାଇପାରୁ ନାହାନ୍ତି।

କୌଣସି ଗବେଷଣା ପ୍ରସୂତ ତଥ୍ୟ ଆଧାରରେ ଯୋଜନା ପ୍ରଣୟନ କରି ବିଭିନ୍ନ ସ୍ଥାନରେ ଦୃଷ୍ଟାନ୍ତମୂଳକ ପରୀକ୍ଷା ପରେ କୃଷି ବିଭାଗ ଆନୁଷ୍ଠାନିକ ଭାବେ ସମଗ୍ର ରାଜ୍ୟରେ ବା ବିଭିନ୍ନ ରାଜ୍ୟର ଉପଯୁକ୍ତ ଅଞ୍ଚଳରେ କାର୍ଯ୍ୟ କରିବା ପାଇଁ ହାତକୁ ନେଇଥାଏ। ମାତ୍ର ଆମ ରାଜ୍ୟର କାଳିଆ ଯୋଜନା ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମ। ଏହା ସିଧାସଳଖ ଚାଷୀକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଆରମ୍ଭ ହେଲା। ଯଦିଓ ଏହାର ଉଦ୍ଦେଶ୍ୟ ମହତ୍, ତଥାପି ବିଭିନ୍ନ ସ୍ତରରେ ତ୍ରୁଟି କାରଣରୁ ଏହାର ତର୍ଜମା ଓ ସଂଶୋଧନ ଚାଲୁ ରହିଛି। ଏକ ଯୁଦ୍ଧକାଳୀନ ଭିତ୍ତିରେ କାଳିଆ ଯୋଜନା ପାଇଁ ପଞ୍ଚାୟତ ସ୍ତରରେ ଦରଖାସ୍ତ ସଂଗ୍ରହ କରିବା ତଥା କମ୍ କର୍ମଚାରୀଙ୍କୁ ନେଇ କମ୍ ସମୟରେ ଏହିସବୁ ଦରଖାସ୍ତର ଯାଞ୍ଚ ଓ ତଥ୍ୟ ଉତ୍‌କ୍ଷେପଣ କରିବା କାରଣରୁ ତ୍ରୁଟିର ମାତ୍ରା ଅଧିକ ହେଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଶନ୍ କାର୍ଡକୁ ସାମିଲ କରାଯାଇ ନ ଥିଲା, କେବଳ ଆଧାର କାର୍ଡକୁ ପ୍ରାଥମିକତା ଦିଆଯାଇଥିଲା। ଏହି ସୁବିଧାରୁ ପ୍ରଥମ ପର୍ଯ୍ୟାୟରେ ବାଦ୍ ପଡ଼ିଯାଇଥିବା ଲୋକମାନେ ପୁଣି ଆବେଦନ କରିଥିଲେ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଆବେଦନ କଲେ। ତୃତୀୟ ପର୍ଯ୍ୟାୟରେ ପରିବାରର ସମସ୍ତ ସଦସ୍ୟ ଦରଖାସ୍ତ କଲେ। ଏଣୁ ତଥ୍ୟର ବୋଝ ପୋର୍ଟାଲ ସମ୍ଭାଳି ପାରିଲା ନାହିଁ। ଆକଳନଠାରୁ ଦୁଇଗୁଣରୁ ଅଧିକ ଚାଷୀ ଆବେଦନ ପ୍ରକ୍ରିୟାରେ ସାମିଲ ହେବାରୁ ତାଙ୍କର ତଥ୍ୟ ଯାଞ୍ଚ ସହଜସାଧ୍ୟ ନ ଥିଲା। ଏହା ସହ ବିଭିନ୍ନ ବିଭାଗର ତଥ୍ୟ ଅସାମଞ୍ଜସ୍ୟ ଏହାକୁ ଅଧିକ ଜଟିଳ କରିଛି। ତଥ୍ୟ ଠିକ୍ ଥାଇ ମଧ୍ୟ ଚାଷୀ ସହାୟତା ପାଇପାରୁ ନ ଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆମ ବିଭାଗୀୟ ଅଧିକାରୀମାନେ କିପରି ସତ୍ୟନିଷ୍ଠା ସହ ଆଗକୁ ସହାୟତା ଯୋଗାଇ ଦେଇପାରିବେ ତାହା ବିଚାରଯୋଗ୍ୟ।

ସ୍ନାତକୋତ୍ତର କୃଷି, ଓୟୁଏଟି
ମୋ: ୯୪୩୭୮୭୩୭୧୭

# ନବ ନିରକ୍ଷର

ଡ. ସୁବାସ ଚନ୍ଦ୍ର ପାତ୍ର

ସାମନ୍ତବାଦର ବିଲୋପ ତଥା ଉଦାରବାଦ ଓ ଜଗତୀକରଣର ପ୍ରଭାବରେ ସମାଜରେ କିଛି ନବ୍ୟ ଧନୀ (ନଭ୍ୟୁରିଶ୍) ଆବିର୍ଭାବ ହେଲାପରି, ବିଡ଼ମ୍ବନା କ୍ରମେ, ଯାବତୀୟ ଶିକ୍ଷା, ଦୀକ୍ଷା ଓ ଆଧୁନିକତାର ପ୍ରସାର ଯୋଗୁ ଓ ପ୍ରଭାବ ସତ୍ତ୍ୱେ ସମାଜରେ ଏବେ ଏକ ନବ୍ୟ ନିରକ୍ଷର (ନିଓ ଇଲିଟରେଟ) ଗୋଷ୍ଠୀ ଦୃଶ୍ୟମାନ ହେଉଛନ୍ତି। ଅବଶ୍ୟ ସେମାନେ ଗୋଟିଏ ପଥରରେ ଗଢ଼ା ନୁହନ୍ତି ବରଂ ସେମାନେ ବିଭିନ୍ନ ଶ୍ରେଣୀ, ଉପଶ୍ରେଣୀଭୁକ୍ତ। ଦିନ ଥିଲା ଭାରତରେ ସାକ୍ଷରତା ଅବା ନିରକ୍ଷରତା ଥିଲା ଏକ ଆପେକ୍ଷିକ ବିଷୟ। ଅନେକ ଆଖିକୁ ଯେତିକି ନିରକ୍ଷର ଦେଖାଯାଉଥିଲେ କାନକୁ ସେତିକି ନିରକ୍ଷର ଶୁଭୁ ନ ଥିଲେ। ଅର୍ଥାତ୍ ସେମାନେ କିଛି ଲେଖୁଥିବା ବା ପଢୁଥିବା କେହି ଦେଖି ନ ଥିଲେ ମଧ୍ୟ ସେମାନେ କଥା କହିଲା ବେଳେ ଯଥେଷ୍ଟ ସାକ୍ଷର ଜଣାପଡୁଥିଲେ। ଆଖି-ପାଠ ଦୁର୍ବଳ ଥିବାରୁ କାନ-ପାଠ ବେଶ୍ ସବଳ ହୋଇପାରିଥିଲା, ଠିକ୍ ମଣିଷର ଶରୀରର ଗୋଟିଏ ଅଙ୍ଗ ଦୁର୍ବଳ ହେଲେ ଆଉ ଅଂଶଟି ସବଳ ହେଲାପରି। ସାମାଜିକ ବ୍ୟବସ୍ଥା, ବେପାର ବଣିଜ, ଗାର୍ହସ୍ଥ୍ୟ ଜୀବନ, ଆମର ଯାବତୀୟ ପୁରାଣ, ଲୋକକଥା ସମୂହକୁ ସେମାନେ ଏତେ ଦକ୍ଷତାର ସହ ନିଜ ଢଙ୍ଗରେ ବୁଝି ନେଇଥିଲେ ଯେ ପାଟି ଫିଟାଇଲେ ସେମାନେ ସାକ୍ଷର ହିଁ ସାକ୍ଷର, ଶିକ୍ଷିତ ହିଁ ଶିକ୍ଷିତ ଭଳି ଜଣାପଡୁଥିଲେ। ଏବେ କିନ୍ତୁ ସ୍ଥିତି ଓଲଟା। ଏବେ କିଛି ଲୋକ ଆଖିକୁ ବା ପ୍ରମାଣପତ୍ରକୁ ସାକ୍ଷୀ ରଖି ଯେତିକି ସାକ୍ଷର ଜଣାପଡୁଛନ୍ତି ସେମାନେ, କାନକୁ ସେତିକି ପ୍ରମାଣ ଦେଇପାରୁ ନାହାନ୍ତି। ଏବେ ସେ ଗୋଷ୍ଠୀ ସମୂହ ଉପରେ ଆଖି ପକାଇବା। ଏମାନଙ୍କ ଭିତରୁ ପ୍ରଥମ ଗୋଷ୍ଠୀକୁ ଯଦି ପ୍ରାୟ-ନିରକ୍ଷର ବୋଲି କୁହାଯାଏ, ଶେଷ ଗୋଷ୍ଠୀକୁ କୁହାଯିବ ହାଇଟେକ-ନିରକ୍ଷର, ମଝିରେ ଅବଶ୍ୟ ଆସିବେ ଅଳ୍ପଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ମିଶ୍ରିତ ଗୋଷ୍ଠୀ। ସର୍ବ ପ୍ରଥମ ଶ୍ରେଣୀ ହେଲେ ସ୍କୁଲ ଡ୍ରପ୍ ଆଉଟ, ଯେଉଁମାନେ ବହୁ ପ୍ରାରମ୍ଭରୁ ପାଠ ଛାଡ଼ି ଦେଇଛନ୍ତି। ସବୁ ହଜି ଗଲାଣି, ଖାଲି ନାମ ଦସ୍ତଖତ ପାଇଁ ଯେତିକି ଅକ୍ଷର ଦରକାର ସେତିକି ମହଜୁଦ ଅଛି। ଏମାନେ ଆମ ସହାନୁଭୂତିର ପାତ୍ର, ଆମ ବ୍ୟବସ୍ଥା ବିରୋଧରେ ପ୍ରଶ୍ନବାଚୀ। ଦ୍ୱିତୀୟ ଗୋଷ୍ଠୀ ଚଳନ୍ତି ଛାତ୍ରୀଛାତ୍ର କିନ୍ତୁ ସେମାନେ ଯେଉଁ ଶ୍ରେଣୀରେ ଅଛନ୍ତି ସେ ଶ୍ରେଣୀର ଦକ୍ଷତା ସେମାନଙ୍କର ନାହିଁ। ଅତିକମରେ ତିନୋଟି ଚାରୋଟି ପାହାଚ ତଳେ ଅଛନ୍ତି। ସେମାନେ ଆମ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଉପହାସିତ କରିବା ପାଇଁ ଗଢ଼ା ହୋଇଛନ୍ତି। ପ୍ରସଙ୍ଗ କ୍ରମେ ମନେପଡ଼େ ବିଶିଷ୍ଟ ଶିକ୍ଷାବିତ୍ ଡ. ମନ୍ମଥ କୁଣ୍ଡୁଙ୍କ ଏ ସମ୍ପର୍କରେ ନିଜ ଅନୁଭୂତି। ଡ. କୁଣ୍ଡୁ ଜଣେ ମହାବିଦ୍ୟାଳୟ ଅବା ବିଶ୍ୱବିଦ୍ୟାଳୟ ସ୍ତରୀୟ ଶିକ୍ଷକ ହୋଇଥିଲେ ବି ସେ ଦୀର୍ଘ ୪୦ ବର୍ଷ ହେଲା ପ୍ରଥମ ଶ୍ରେଣୀରୁ ପିଏଚ୍.ଡି. ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଖୁସିରେ ଶିକ୍ଷାଦାନ ତଥା ଦିଗ୍‌ଦର୍ଶନ ଦେଇ ଆସୁଛନ୍ତି। ଏହା ସେ କରୁଛନ୍ତି ସମଗ୍ର ଶିକ୍ଷାବ୍ୟବସ୍ଥାକୁ ମୂଳରୁ ଚୂଳଯାଏ ବୁଝିବା ପାଇଁ। ତାଙ୍କର ଏହି ଗୁଣ ଯୋଗୁ ଗାଁକୁ ଗଲେ ବିଭିନ୍ନ କିସମର ଛାତ୍ରୀଛାତ୍ର ତାଙ୍କ ନିକଟରେ ପାଠ ପଢ଼ିବା ପାଇଁ ହାଜର ହୋଇଯାନ୍ତି। ନିକଟ ଅତୀତରେ ନିଜ ଗାଁର ଏକ ଅନୁଭୂତି ବଖାଣୁ ଥିଲେ ଡ. କୁଣ୍ଡୁ। ପଞ୍ଚମ/ ସପ୍ତମ ଶ୍ରେଣୀର ପିଲାମାନଙ୍କୁ ନିଜ ପସନ୍ଦର ଏକ ବିଷୟ ଯଥା 'ମୋ ବାପା', 'ମୋ ସ୍କୁଲ', 'ମୋ ଘର' ଇତ୍ୟାଦିକୁ ନେଇ ପରିଚ୍ଛେଦଟି ଲେଖିବାକୁ କୁହାଗଲା। ସେଥିରୁ ଜଣେ ଦି' ଜଣ ଯାହା ଲେଖିଲେ ତାହା କିଛି ଅକ୍ଷରର ସମାହାର ଥିଲା। ଶବ୍ଦ ଶବ୍ଦ ମଧ୍ୟରେ ବ୍ୟବଧାନ ନ ଥିଲା। ଡ. କୁଣ୍ଡୁ ସେମାନଙ୍କୁ ପଚାରିବାରୁ ଏହା ସେମାନଙ୍କ ପ୍ରଥମ ଅନୁଭୂତି ବୋଲି ସେମାନେ କହିଲେ। କଥାଟି ସରଳ କରିବାକୁ ଯାଇ ସେ କହିଲେ, "ଧର, ତୋ ନାମ ପଦ୍ମଲୋଚନ କମିଲା। ଏ ସବୁକୁ ଏକା ସାଙ୍ଗରେ ମିଶେଇ ଯଦି ମୁଁ ଏହି ପ୍ରକାର ଉଚ୍ଚାରଣ କରେ, ତୁ ବୁଝି ପାରିବୁ?" ସତକୁ ସତ ସେ କରିକି ଦେଖାଇଲେ, ପିଲାଟି ଭାରି ଆନନ୍ଦିତ ହେଲା। କହିଲା, "ଆମକୁ ଏତେ କଥା କେହି କହିନାହାନ୍ତି।" ଏ ହେଉଛି ଦ୍ୱିତୀୟ ନବ ନିରକ୍ଷର ଗୋଷ୍ଠୀର ସୃଷ୍ଟିର ରହସ୍ୟ।

ତୃତୀୟ ଗୋଷ୍ଠୀ ହେଲେ ସେମାନେ ଯେଉଁମାନେ ସ୍କୁଲ କଲେଜରେ ଯାହା ପଢ଼ିଥିଲେ ପ୍ରାୟ ସବୁ ଭୁଲି ଯାଇଛନ୍ତି, ଏପରି କି ସ୍କୁଲରେ ବୋଲା ଯାଇଥିବା ପ୍ରାର୍ଥନା, ଜାତୀୟ ସଙ୍ଗୀତ, ରାଜ୍ୟ ତଥା ଦେଶମାନଙ୍କର ରାଜଧାନୀ, ଭାରତ ତଥା ଓଡ଼ିଶାର ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀମାନଙ୍କର ନାମ ଇତ୍ୟାଦି। ଶିକ୍ଷାଲାଭ ଯେହେତୁ ଏକ ଆଗ୍ରହାନ୍ୱିତ କଳା, ଅଭ୍ୟାସ ତଥା ଆଗ୍ରହ ଅଭାବରୁ ସବୁ ବିସର୍ଜିତ ହୋଇଯାଇଛି ଆଗମନର ଅଳ୍ପ କେଇଦିନ ପରେ। ତା'ଛଡ଼ା ଅସଦ୍ ଉପାୟ ଅବଲମ୍ବନ ପ୍ରବଣତାର ଭୂମିକା ମଧ୍ୟ କିଛି କମ ନୁହେଁ। ତେବେ ସେମାନଙ୍କୁ ସମ୍ପୂର୍ଣ୍ଣ ଦୋଷ ଦେଇ ଲାଭ ନାହିଁ। ସ୍ୱାଧୀନତା ଦିବସ ଉପଲକ୍ଷେ ଅବା ମାତୃଭାଷା ଦିବସ ପାଳନ ଅବସରରେ କେତେକ ଘରୋଇ ଟିଭି ଚ୍ୟାନେଲ ଜାତୀୟ ସଙ୍ଗୀତ ଗାଇବାକୁ ଅବା ଓଡ଼ିଆ ବର୍ଣ୍ଣମାଳାକୁ କହିବାକୁ ଆମ ଓଡ଼ିଶାର କିଛି ମାନ୍ୟବର ବିଧାୟକ ଅବା ପୂର୍ବତନ ବିଧାୟକଙ୍କୁ ଅନୁରୋଧ କଲାରୁ ସେମାନେ ଯେଉଁ ପ୍ରଦର୍ଶନ କରିଥିଲେ ସେ ତୁଳନାରେ ଆମ ଛାତ୍ରୀଛାତ୍ର ଭଲ ଅବସ୍ଥାରେ ଅଛନ୍ତି। ଚିଠି ଲେଖିବା, ଚିଠିଟିଏ ପଢ଼ିଦେବା, ସରକାରୀ ଚିଠିଟି ପଢ଼ି ତା' ବ୍ୟାଖ୍ୟା କରିଦେବା, ସରକାରଙ୍କ ଏକ ଦପ୍ତରକୁ ଏକ ଦରଖାସ୍ତ ଲେଖିବା, ଭାଗବତ ପଢ଼ିବା ବା ଗପବହି ପଢ଼ିବା ଯଦି ସାକ୍ଷରତାର ଏକ ଚିରାଚରିତ ମାପକାଠି ବୋଲି ବିଚାର କରାଯାଏ ଯାହା କାଳେ ଫକୀରମୋହନଙ୍କ 'ରେବତୀ'ର ପାଠପଢ଼ାର କାରଣ ଥିଲା, ସେ ଦୃଷ୍ଟିରୁ ଦେଖିଲେ ଆନୁଷ୍ଠାନିକ ସାକ୍ଷରତାର ପ୍ରମାଣପତ୍ର ହାସଲ କରିଥିବା ଅନେକ ଯୁବତୀଯୁବକ ପ୍ରତୀକାତ୍ମକ ଭାବେ ନିରକ୍ଷର ବିବେଚିତ ହେବେ। ତେବେ ଏ ସମସ୍ତଙ୍କୁ ପଛରେ ପକାଇଦେବେ ଆଜିର ଉଚ୍ଚଶିକ୍ଷିତ ବିଶେଷତଃ ଇଂଲିଶ ମାଧ୍ୟମରୁ ଆସି କାରିଗରି ବିଦ୍ୟା ହାସଲ କରିଥିବା ଯୁବଗୋଷ୍ଠୀ। ସେମାନେ ତାଙ୍କ ବିଦ୍ୟାରେ ବେଶ୍ କିଛିଟା ପାରଦର୍ଶୀ। କିନ୍ତୁ ସାଙ୍କେତିକ ଭାବରେ ଓଡ଼ିଶାର ଭୂଗୋଳ, ଇତିହାସ, ସଂସ୍କାର, ସଂସ୍କୃତି, ପର୍ବପର୍ବାଣି ଓ କୃଷି ଇତ୍ୟାଦିର 'ବର୍ଣ୍ଣମାଳା' ବାବଦରେ ସେମାନେ ଯଥେଷ୍ଟ ଅନ୍ଧାରରେ। ଓଡ଼ିଶାର ଜିଲା ସମୂହ, ନଦନଦୀ, ହ୍ରଦ, ଗିରିବନ ବିଷୟରେ ସେମାନେ 'ଗୁଗଲ'କୁ 'ଆନ୍ଦୋଳିତ' କରିପାରନ୍ତି। କହିବାକୁ ଲାଜ ଲାଗେ ପ୍ରାପ୍ତ ବୟସ୍କ ହୋଇ ମଧ୍ୟ ଏମାନଙ୍କ ମଧ୍ୟରୁ ଅନେକେ ନିଜ ଆଖପାଖରେ ଦେଖୁଥିବା ଗୃହପାଳିତ ପଶୁ ଯେମିତି କୁକୁଡ଼ା, ଛେଳି, ମେଣ୍ଢା, ଗୋରୁମାନଙ୍କ ଲିଙ୍ଗ ପରିଚିତି ବିଷୟରେ ଠିକ ଜ୍ଞାନ ଥିବା ଜଣାପଡ଼ନ୍ତି ନାହିଁ। ପ୍ରତିଦିନ ଖାଇଥିବା ଶସ୍ୟ, ପନି ପରିବା, ଫଳ, ଫୁଲ ଗଛଗୁଡ଼ିକୁ କିପରି- ସେଥିରୁ କେଉଁଟା ମାଟି ତଳେ, କେଉଁଟା ମାଟି ଉପରେ, କେଉଁଟା ଲତାରେ, କେଉଁଟା ଗଛରେ ଫଳେ ସେତକ ବି ଜାଣି ନାହାନ୍ତି। ତେବେ ଏହାକୁ ଏକ ଅଜ୍ଞତା ନ ଭାବି ଏକ 'ଦୁର୍ଘଟଣା' ଭାବି ହେବ ଏବଂ ଏ ପ୍ରକାର ଜ୍ଞାନ ନ ଥିଲେ ଯେ ନ ଚଳିବ ସେ କଥା ବି ନୁହେଁ, ଯାହା ସେମାନେ କେବିସି (କୌନ ବନେଗା- କରୋଡ଼ପତି)ରେ ଦେଖିଥିଲେ। ପ୍ରତିଯୋଗୀଙ୍କୁ ପ୍ରଶ୍ନଟିଏ ଥିଲା- ଏହି ଉଦ୍ଭିଦମାନଙ୍କ ମଧ୍ୟରୁ କେଉଁଟି କଣ୍ଟକିତ? ବିକଳ୍ପଗୁଡ଼ିକ ଥିଲା କଦଳୀ, ଲେମ୍ବୁ, ନଡ଼ିଆ ଓ ପିଜୁଳି। ଶିକ୍ଷିତା ପ୍ରତିଯୋଗୀ ଜଣକ ପ୍ରଥମେ କଦଳୀ, ତା'ପରେ ନଡ଼ିଆ ତା'ପରେ ପିଜୁଳି ଇତ୍ୟାଦି କହି ନିଶ୍ଚିତ ନ ହେବାରୁ 'ଜୀବନରେଖା' ହିସାବରେ ନିଜ ବାନ୍ଧବୀଙ୍କୁ ଫୋନ କରିଥିଲେ ଏବଂ ତାଙ୍କଠୁ 'ଲେମ୍ବୁ' ପାଇଲେ, ଉତ୍ତର ଦେଲେ। ପରବର୍ତ୍ତୀ ପ୍ରଶ୍ନଗୁଡ଼ିକ ଏପଟ ସେପଟ ଉତ୍ତର ଦେଇ ୧୨ ଲକ୍ଷ ଜିତିକରି ଗଲେ। ତେଣୁ ଏପ୍ରକାର ଜ୍ଞାନାଭାବକୁ ନିରକ୍ଷରତାର ସୂଚକ ବୋଲି କାହିଁକି ବିଚାର କରାଯିବ?

ପ୍ରକୃତରେ ପରିସ୍ଥିତି ଭାରି ଦୁଃଖଦାୟକ। ପୂର୍ବରୁ ନିରକ୍ଷର ଲୋକ ଭିନ୍ନ ଭାବରେ ସାକ୍ଷରତା ପ୍ରତିପାଦନ କରୁଥିଲେ ବ୍ୟବସ୍ଥା, ଅଭାବ, ଅସୁବିଧାର ଶିକାର ହୋଇ ବି। ଏବେ ସବୁକିଛି ଆମ ସପକ୍ଷରେ ଥାଇ ମଧ୍ୟ ସାକ୍ଷରଟିଏ ଏକ ନୂତନ ନିରକ୍ଷତାର ପ୍ରମାଣପତ୍ର ପାଳଟୁଛି। ଏଥିରେ ପ୍ରଦର୍ଶନକାରୀଙ୍କ ସମ୍ପୂର୍ଣ୍ଣ ଦୋଷ ନାହିଁ, ବରଂ ଅଧିକ ଦୋଷ ରହିଛି ଉଦାସୀନ ବ୍ୟବସ୍ଥା, ଦାୟିତ୍ୱହୀନ ଅଭିଭାବକ ଓ ଏକ ନିରାସକ୍ତ ସମାଜର।

ପୂର୍ବତନ କଲେଜ ଅଧ୍ୟକ୍ଷ, ଜେଲ୍‌ରୋଡ଼,
ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ଏଇ ଭାରତରେ

କର୍ପୋରେଟ ବିଶ୍ୱରେ ୧୬ ବର୍ଷ କଟାଇବା ପରେ ୨୦୧୬ରେ ଚାକିରି ଛାଡ଼ି କୃଷିକୁ ଆଦରି ନେଇଛନ୍ତି ମହାରାଷ୍ଟ୍ରର ଅନିଶ ଶାହା। ବର୍ଷକୁ ପାଖାପାଖି ୬୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଚାଷୀମାନଙ୍କୁ ବି ରୋଜଗାରର ବାଟ ଦେଖାଉଛନ୍ତି। ଅନିଶ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ବିଭିନ୍ନ ଖବରକାଗଜ ସଂସ୍ଥାରେ ମାର୍କେଟିଂରେ କାର୍ଯ୍ୟ କରିବା ପରେ ସେ କୃଷିକୁ ଆପଣାଇଛନ୍ତି। ଏବେ ସେ ଜଣେ ସଫଳ ଜୈବିକ କୃଷକ ଓ ଏଣ୍ଟରପ୍ରେନ୍ୟୁୟର ମଧ୍ୟ। ଅନିଶ ୩୦ ଏକର ଜମିରେ ବାଦାମ, ଗହମ, ହଳଦୀ, ବିନ୍, ଲଙ୍କା, ଆମ୍ବ, କାଜୁ ଆଦି ୨୦ ପ୍ରକାର ଫସଲ କରୁଛନ୍ତି। ମାଛ ଚାଷ ସହ କୁକୁଡ଼ା ଓ ଗୋ ପାଳନ ବି କରୁଛନ୍ତି। ମୁମ୍ବାଇରେ ରହୁଛନ୍ତି , କିନ୍ତୁ ତାଙ୍କ ଫାର୍ମ ରହିଛି ସିନ୍ଧୁଦୁର୍ଗରେ। ସେ କୃଷି ଉତ୍ପାଦକୁ ବିକ୍ରି କରିବା ପାଇଁ 'ଆର୍ଥ ହାର୍ଭେଷ୍ଟ'ଫାର୍ମ ଖୋଲିଛନ୍ତି , ଯେଉଁଠାରୁ ଖାଉଟିମାନେ ତାହା କିଣୁଛନ୍ତି। ଫାର୍ମକୁ ଦୈନିକ ୪୦୦ରୁ ଊର୍ଦ୍ଧ୍ୱ ଖାଉଟି ଆସୁଛନ୍ତି। ସିନ୍ଧୁଦୁର୍ଗ ଓ ସତାର ଜିଲାର ଚାଷୀମାନେ ବି ଅନିଶଙ୍କ ଆର୍ଥ ହାର୍ଭେଷ୍ଟକୁ ପରିବା ଯୋଗାଇ ଲାଭବାନ ହେଉଛନ୍ତି। କୃଷକ ଓ ଖାଉଟିଙ୍କ ମଧ୍ୟରେ ମଧ୍ୟସ୍ଥଙ୍କ କାରବାରକୁ ରୋକିବା ପାଇଁ ଆର୍ଥ ହାର୍ଭେଷ୍ଟ ଗଠନ କରାଯାଇଛି ବୋଲି କୁହନ୍ତି ୪୩ ବର୍ଷୀୟ ଅନିଶ। କେବଳ ଏତିକି ନୁହେଁ ସେ ମଧ୍ୟ ଜୈବିକ ପରିବା ମଧ୍ୟପ୍ରାଚ୍ୟ ଓ ଇଂଲଣ୍ଡକୁ ରପ୍ତାନି କରୁଛନ୍ତି। ବିଭିନ୍ନ ପ୍ରକାର ଜୈବଖତ ଓ କୀଟନାଶକ ପ୍ରସ୍ତୁତ କରି ତାହା ବ୍ୟବହାର କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ
**୬ ଜୁଲାଇ ୧୯୯୫**

- ପାକିସ୍ତାନ ସରକାର କରାଚୀର ୬ଟି ଉର୍ଦ୍ଦୁ ଖବରକାଗଜ ଉପରେ ଜାରି କରିଥିବା ୨ ମାସିଆ କଟକଣାକୁ ପ୍ରତ୍ୟାହାର କରିନେଇଛନ୍ତି।
- କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସମେତ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ୮ ଜଣ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ସହ କୋଚ୍ ଇଲିୟାସ ବାବରଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି।
- କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ହଇଜା ବ୍ୟାପି ୨୦ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ନ ପାରିଲି କହି କଥା କଥାଇଲା ଅନ୍ତର,
ନ ପାରିଲି ମୁଖେ ଚାହିଁ କଲ କିବା ମନ୍ତର।
ନୀଳ ଡ୍ରୁମ କୁନ୍ତଳେ ଗୋ ଚୁମ୍ବିଥିଲା ଜୋଛନା,
ଧବଳ କପୋଳେ ତବ କାନ୍ଦିଲା ମୋ ବାସନା।
(ଛନ୍ଦ ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଏତେ ଅମାନିଆ କାହିଁକି

ମହାଶୟ,

ସଂପ୍ରତି କରୋନା ନିୟନ୍ତ୍ରଣ ପାଇଁ ସରକାର ଯତ୍‌ପରୋନାସ୍ତି ଉଦ୍ୟମ ଜାରିରଖିଛନ୍ତି। ନିୟମ ମାନିବା ସହ ସତର୍କତା ଅବଲମ୍ବନ କରିବା ପାଇଁ ଗଣମାଧ୍ୟମରେ ଅନବରତ ପ୍ରଚାର ପ୍ରସାର ହେଉଛି। ତଥାପି ଲୋକେ ଅମାନିଆ ହୋଇ ନିୟମକୁ ଖାତିର କରୁନାହାନ୍ତି। ମୁହଁରେ ମାସ୍କ ନ ପିନ୍ଧି ବଜାର ହାଟ ବୁଲୁଛନ୍ତି। ବିନାକାରଣରେ କେତେକ ଏଣେତେଣେ ଖାଲି ଟହଲ ମାରୁଛନ୍ତି। କେଉଁଠି ପୋଲିସ ଅମାନିଆଙ୍କୁ ଧରି ଛେଚୁଛି ଓ ଜରିମାନା ଆଦାୟ କରୁଛି ତ ଆଉ କେଉଁଠି ଲୋକେ ପୋଲିସକୁ ଘେରି ଛେଚିଲେଣି। ଏଭଳି ଅମାନିଆଙ୍କ ପାଇଁ ପରିସ୍ଥିତି ଅଣାୟତ୍ତ ହୋଇପଡୁଛି। ଯିଏ ମହାମାରୀକୁ ଜାଣିଶୁଣି ଆମନ୍ତ୍ରଣ କରୁଛି ତା'ପାଇଁ କଟକଣାର କି ମୂଲ୍ୟ ଅଛି? ଏହାର କିଛି ଦୃଢ଼ ବିକଳ୍ପ ବ୍ୟବସ୍ଥା ନ କଲେ ପରିସ୍ଥିତି ଆମେରିକାଠାରୁ ମଧ୍ୟ ବଳିପଡ଼ିବ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

## ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ

ବିଭିନ୍ନ ରାଜ୍ୟର ସାଂସଦମାନେ ଅଧିବେଶନରେ ଯୋଗଦେବା ପାଇଁ ଟ୍ରେନ୍ ଯୋଗେ ଦିଲ୍ଲୀ ଯାତ୍ରା କରିଥାନ୍ତି। ଯାତ୍ରାର ସୁବିଧା ଦୃଷ୍ଟିରୁ ସେମାନେ ଟ୍ରେନ୍ ଟିକେଟ ଆଗୁଆ ବୁକିଂ କରିଥାନ୍ତି। କୌଣସି ପରିସ୍ଥିତିରେ ସଂସଦ ନ ଯାଇପାରିଲେ ନିୟମିତ ଟିକେଟ୍ ବୁକିଂ ବାତିଲ କରିବା କଥା। କାରଣ ସେମାନଙ୍କର ଟିକେଟ୍ ଖର୍ଚ୍ଚ ସରକାର ବହନ କରୁଛନ୍ତି। ଏକ ଅଡିଟ୍ ଦ୍ୱାରା ସାଂସଦମାନଙ୍କର ଅବହେଳା ପାଇଁ ସରକାର କୋଟି କୋଟି ଟଙ୍କା ଅଯଥାରେ ରେଳ ବିଭାଗକୁ ପଇଠ କରିଛନ୍ତି। କେତେକ ସାଂସଦ ବୁକିଂ କରିଥିବା ଟିକେଟକୁ ବାତିଲ କରିବାକୁ ଗୁରୁତ୍ୱ ଦେଉନାହାନ୍ତି। ସାଂସଦଙ୍କ ଅବହେଳା ହେତୁ ଦେଶର ଆର୍ଥିକ ବୋଝ ବଢ଼ିଯିବାରେ ଲାଗିଛି। ଉକ୍ତ ପରିପ୍ରେକ୍ଷୀରେ ରାଜ୍ୟ ସଭା ସଚିବାଳୟ ପକ୍ଷରୁ ସାଂସଦମାନଙ୍କୁ ଚେତାବନୀ ଦିଆଯାଇଛି। ଏଣିକି ଯେଉଁ ସାଂସଦମାନେ ଟିକେଟ୍ ବୁକିଂ କରୁଛନ୍ତି କିନ୍ତୁ ଯାତ୍ରା କରୁ ନାହାନ୍ତି କି ବାତିଲ ମଧ୍ୟ କରୁ ନାହାନ୍ତି ସେମାନଙ୍କୁ ଟିକେଟ ବାବଦ ଖର୍ଚ୍ଚ ଦେବାକୁ ପଡ଼ିବ। ଏହାକୁ ଗମ୍ଭୀରତାର ସହ ବିଚାରକୁ ନିଆଯାଇ ନିଷ୍ପତ୍ତି ହୋଇଛି। ଏହା ସ୍ୱାଗତଯୋଗ୍ୟ ।

ମହେଶ୍ୱର ନାୟକ, ଦୋବନ୍ଧା,
ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନିୟମ ଉଲ୍ଲଂଘନ: ୩ ନର୍ସିଂହୋମ ସିଲ୍

**ଝାରସୁଗୁଡ଼ା ଅଫିସ, ୫।୭:** କୋଭିଡ୍-୧୯ ଗାଇଡ୍‌ଲାଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ରବିବାର ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ସହରରେ ଥିବା ଅଗ୍ରୱାଲ ନର୍ସିଂହୋମ, ଆର୍‌କେ ମଲ୍ଟିକେୟାରର ହୋମ ଏବଂ ଲକ୍ଷ୍ୟ କେୟାରକୁ ସିଲ୍ କରାଯାଇଛି। ସେହିପରି ଜିଲାର ବିଭିନ୍ନ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ସ୍ୱାସ୍ଥ୍ୟ ବିଭାଗ ଏବଂ ପୋଲିସ ପକ୍ଷରୁ ମିଳିତ ଯାଞ୍ଚ ଆରମ୍ଭ ହୋଇଛି। କୋଭିଡ-୧୯ ଗାଇଡ୍‌ଲାଇନ ଠିକ୍ ଭାବେ ପାଳନ ହେଉଛି କି ନାହିଁ ସେ ନେଇ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। କୋଭିଡ ମାଜିଷ୍ଟ୍ରେଟ ଗୋଲଖି ବିହାରୀ ମଙ୍ଗରାଜଙ୍କ ନେତୃତ୍ୱରେ ଟାଉନ ଥାନାଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଝାରସୁଗୁଡା ଜିଲାରେ ଥିବା ଅନେକ ଘରୋଇ ନର୍ସିଂହୋମ କୋଭିଡ ଗାଇଡ୍‌ଲାଇନ ମାନୁ ନ ଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଘରୋଇ ନର୍ସିଂହୋମଗୁଡିକରେ ବହୁ ରୋଗୀ ଚିକିତ୍ସିତ ହେଉଥିବାରୁ ସେହି ସ୍ଥାନକୁ ଠିକ୍ ଭାବେ ସାନିଟାଇଜ କରାଯାଉଛି କି ନାହିଁ ସେ ନେଇ ଯାଞ୍ଚ କରାଯାଉଛି। ଯାଞ୍ଚରେ ଯେଉଁ ନର୍ସିଂହୋମ ନିୟମ ଉଲ୍ଲଂଘନ କରିଛନ୍ତି ତାକୁ ସିଲ୍ କରାଯାଇ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ବଡ଼ବିଲ ୭ ଦିନ ପାଇଁ ଶଟ୍‌ଡାଉନ

**କେନ୍ଦୁଝର/ପାଟଣା/ବଡ଼ବିଲ, ୫।୭(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝରରେ ରବିବାର ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୮୨ରେ ପହଞ୍ଚିଛି। ସେମାନେ ଘଟଗାଁ, ଘଷିପୁରା, ହରିଚନ୍ଦନ ପୁର, ପାଟଣା, ହାଟଡିହୀ ଓ ସଦର ବ୍ଲକ ଓ ବଡ଼ବିଲ ଅଞ୍ଚଳରେ ବୋଲି ଜଣାପଡିଛି। ସେମାନଙ୍କ ମଧ୍ୟରୁ ବଡ଼ବିଲର ୧୧ ଜଣ ଲୋକାଲ କଣ୍ଟାକ୍ଟ ଥିବା ବେଳେ ସେମାନେ ସମସ୍ତଙ୍କର କୋଭିଡ ପଜିଟିଭଙ୍କ ସହିତ ସିଧା ସଳଖ ଯୋଗାଯୋଗ ଥିଲା। ଏଣୁ ଜିଲାପାଳ ଆଶୀଷ ଠାକ୍‌ରେ ବଡ଼ବିଲକୁ ସାତ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି।

### ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୫।୭:** ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ଲୋକେଶ୍ୱରପୁର ଅଞ୍ଚଳରୁ ରବିବାର ପୋଲିସ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହଳଦିଆ କଲେଜର ଯୁକ୍ତ ଦୁଇ ଛାତ୍ରୀ ବୋଲି ଜଣାପଡିଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୮ଟା ୩୦ରେ ପରିବାର ଲୋକେ କବାଟ ତାଡି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ଧରାକୋଟ ବ୍ଲକ କାର୍ଯ୍ୟାଳୟର ୨୨ ପଜିଟିଭ୍

#### କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର, କନିଷ୍ଠ ଯନ୍ତ୍ରୀ ମୃତ

ଧରାକୋଟ,୫।୭(ଡି.ଏନ.ଏ.)-ଗଞ୍ଜାମ ଜିଲା ଧରାକୋଟ ବ୍ଲକ, ଥାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କରୋନା ବ୍ୟାପିଛି। ଶନିବାର ବ୍ଲକ କାର୍ଯ୍ୟାଳୟର ୨୨ କର୍ମଚାରୀ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ସମସ୍ତଙ୍କୁ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ରବିବାର କୋଭିଡ୍ ହସ୍ପିଟାଲ ପରିସରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଏପଟେ ଧରାକୋଟ ବ୍ଲକ ପରିସରକୁ ସିଲ୍ କରାଯାଇଛି। ଅନ୍ୟପକ୍ଷରେ ଧରାକୋଟ ଥାନାର ଜଣେ ଏଏସ୍‌ଆଇଙ୍କ ସମେତ ୨ କନଷ୍ଟେବଲ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଗ୍ରାମାଞ୍ଚଳରୁ ମଧ କେତେକ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସଂକ୍ରମଣ ରୋକିବା ପାଇଁ ମୁଣ୍ଡମରାଇ, ଧରାକୋଟ, ଜଗମୋହନ ପଞ୍ଚାୟତକୁ ଶଟ୍‌ଡାଉନ କରାଯାଇଥିବା ବେଳେ ଜାହାଡ଼ା ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଓ ପୁଟୁ, କଣଭାଗ ଓ ମଶାଣିଭାଗ ଗ୍ରାମକୁ ବଫରଜୋନ୍ ଘୋଷଣା କରାଯାଇଥିବା ତହସିଲଦାର କବିରାଜ ପ୍ରଧାନ କହିଛନ୍ତି। ମୃତ କନିଷ୍ଠ ଯନ୍ତ୍ରୀଙ୍କ ପରିବାରକୁ ସରକାରୀ ଗାଇଡ୍ ଲାଇନ୍ ପ୍ରକାରେ ସାହାଯ୍ୟ ପ୍ରଦାନ କରାଯିବ ବୋଲି ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ କହିଛନ୍ତି।

# ଦିବ୍ୟାଙ୍ଗ ଅଙ୍ଗନୱାଡି କର୍ମୀଙ୍କୁ ଘର ନିକଟ କେନ୍ଦ୍ରରେ ନିଯୁକ୍ତି ଦିଅ

**ଭୁବନେଶ୍ୱର,୫।୭ (ବ୍ୟୁରୋ)**

### ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଦିବ୍ୟାଙ୍ଗ ଅଙ୍ଗନୱାଡି କର୍ମୀଙ୍କୁ ଘର ନିକଟ କେନ୍ଦ୍ରରେ ତୁରନ୍ତ ନିଯୁକ୍ତି ଦେବାକୁ ଓଡ଼ିଶା ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଦିବ୍ୟାଙ୍ଗଙ୍କୁ କାହିଁକି ତାଙ୍କ ଘର ଅଙ୍ଗନୱାଡିରେ ନିଯୁକ୍ତି ଦିଆଯାଇ ନ ଥିଲା ସେନେଇ ଅଗଷ୍ଟ ୭ ସୁଦ୍ଧା ରିପୋର୍ଟ ଦେବାକୁ କମିଶନ ଡିଏସ୍‌ଡବ୍ଲ୍ୟୁଓ ଏବଂ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବଲାଙ୍ଗୀରର ଦିବ୍ୟାଙ୍ଗ ଅଙ୍ଗନୱାଡି କର୍ମୀ ମମତାରାଣୀ ପଣ୍ଡାଙ୍କ ଏକ ପିଟିଶନର ଶୁଣାଣି କରି କମିଶନ ଏହି ରାୟ ଦେଇଛନ୍ତି। ସୂଚନା ଅନୁଯାୟୀ, ମମତାରାଣୀଙ୍କୁ ତାଙ୍କ ଘରଠାରୁ ପ୍ରାୟ ୩ କିମି ଦୂର ବଲାଙ୍ଗୀର ବ୍ଲକ ଅନ୍ତର୍ଗତ ଚୁଡାପାଲି ଅଙ୍ଗନୱାଡ଼ି କେନ୍ଦ୍ର-ସିରେ ନିଯୁକ୍ତି ଦିଆଯାଇଛି। ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ଭାଇଙ୍କ ସାହାଯ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିୟମିତ ଯାଉଥିଲେ। ହେଲେ ୨୦୧୫ ନଭେମ୍ବର ୨୦ରେ ଭାଇଙ୍କ ମୃତ୍ୟୁ ପରେ ଯିବା ଆସିବାରେ ତାଙ୍କର ସମସ୍ୟା ହୋଇଥିଲା। ଅନ୍ୟପକ୍ଷରେ ଚୁଡ଼ାପାଲି ଅଙ୍ଗନୱାଡି କେନ୍ଦ୍ର-ବି ଦାୟିତ୍ୱରେ ଥିବା ଅଙ୍ଗନୱାଡ଼ି କର୍ମଚାରୀଙ୍କର ୨୦୧୭ ଜାନୁୟାରୀ ୨୪ରେ ମୃତ୍ୟୁ ଘଟିଥିଲା। ଏହାପରେ ଘରଠାରୁ କିଛିଦୂରରେ ରହିଥିବା ଉକ୍ତ କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ମମତାରାଣୀଙ୍କୁ ମଧ୍ୟ ଦିଆଗଲା। ମମତାରାଣୀ କିଛିଦିନ ଉଭୟ ଅଙ୍ଗନୱାଡ଼ି କେନ୍ଦ୍ରର ଦାୟିତ୍ୱ ବୁଝୁଥିବାବେଳେ ଚୁଡ଼ାପାଲି ଅଙ୍ଗନୱାଡ଼ି କେନ୍ଦ୍ର-ବି'ରେ ଖାଲି ପଡିଥିବା ପଦବୀ ପାଇଁ ବିଜ୍ଞାପନ ବାହାରିଥିଲା। ତେଣୁ ଘରପାଖରେ ଥିବା ଉକ୍ତ କେନ୍ଦ୍ରରେ ତାଙ୍କୁ ନିୟମିତ ଭାବେ ଅବସ୍ଥାପିତ କରିବାକୁ ଦିବ୍ୟାଙ୍ଗ ମମତାରାଣୀ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଥିଲେ। ହେଲେ ତାଙ୍କୁ ବାଦ୍ ଦେଇ ୨୦୧୯ ନଭେମ୍ବର ୧୪ରେ ଉକ୍ତ କେନ୍ଦ୍ରରେ ଆଉଜଣଙ୍କୁ ନିଯୁକ୍ତ କରାଗଲା। ଏନେଇ ମମତାରାଣୀ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ଦୌଡି ନିରାଶ ହେବାପରେ ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରିକି ଚୁଡ଼ିପାଲି ଅଙ୍ଗନୱାଡି କେନ୍ଦ୍ରରେ ନବନିଯୁକ୍ତ କର୍ମୀଙ୍କ ସହ ମମତାରାଣୀ ପାରସ୍ପାରିକ ବୁଝାମଣା କରି ସ୍ଥାନାନ୍ତର ପାଇଁ ରାଜିହୋଇ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଏହାକୁ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ମଧ ଅନୁମୋଦନ କରିଥିଲେ ମଧ ଉପଜିଲାପାଳଙ୍କ ନିର୍ଦ୍ଦେଶ ଯୋଗୁ ବନ୍ଦ ରହିଥିଲା ବୋଲି ମମତାରାଣୀ ଅଭିଯୋଗ କରିଥିଲେ।



ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ରବିବାର ନୂଆଦିଲ୍ଲୀର ଛତରପୁରସ୍ଥିତ ରାଧା ସୋଆମି ବେଆସ୍‌ରେ ନିର୍ମିତ ୧୦ ହଜାର ଶଯ୍ୟା ବିଶିଷ୍ଟ ସର୍ଦ୍ଦାର ପଟେଲ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରୁଛନ୍ତି।

## ୨ ପଞ୍ଚାୟତ ୪୮ଘଣ୍ଟା ଶଟ୍‌ଡାଉନ

### ମଙ୍ଗଳବାର ରାତି ୧୦ ପର୍ଯ୍ୟନ୍ତ ବଳବତ୍ତର

**ବୋଲଗଡ଼,୫।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକର ଫାସିଓଦା ଓ ପାଟପୁରଶାସନ ପଞ୍ଚାୟତକୁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ୪୮ଘଣ୍ଟା ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ରବିବାର ରାତି ୧୦ଟାରୁ ମଙ୍ଗଳବାର ରାତି ୧୦ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସୂଚନା ଅନୁଯାୟୀ, ଫାସିଓଦା ପଞ୍ଚାୟତର ଜଣଙ୍କ ଘରେ ତାଙ୍କର ଜଣେ ବନ୍ଧୁ ଆସି ରହିଥିଲେ। ତେବେ ତାଙ୍କର କରୋନା ପଜିଟିଭ୍ ଜଣାପଡିବା ପରେ ଗୋଷ୍ଠୀ ସଂକ୍ରମଣକୁ ଏଡାଇବା ପାଇଁ ଉକ୍ତ ପଞ୍ଚାୟତକୁ ସରପଞ୍ଚ ବାବୁଲି ପାତ୍ର ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିପରି ପାଟପୁରଶାସନ ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରୁ ୨ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସେମାନଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କର ସଙ୍ଗରୋଧ ଅବଧି ୧୪ଦିନ ଶେଷ ହେବାର ଦିନକ ପରେ ତାଙ୍କର ପଜିଟିଭ ରିପୋର୍ଟ ଆସିଥିଲା। ଏ ନେଇ ଉକ୍ତ ପଞ୍ଚାୟତର ୧, ୨ ଓ ୩ନଂ. ୱାର୍ଡକୁ ୪୮ଘଣ୍ଟା ଲାଗି ଶଟ୍‌ଡାଉନ ଘୋଷଣା କରାଯାଇଥିବା ସରପଞ୍ଚ ସନ୍ତୋଷ କୁମାର ବେହେରା କହିଛନ୍ତି।

# ଘରୋଇ ସ୍କୁଲ ଫିଁ ୬ ମାସ ଛାଡ଼ କରାଯାଉ

**ଭୁବନେଶ୍ୱର, ୫।୭(ବ୍ୟୁରୋ)**

### ଘରେ ପ୍ଲାକାର୍ଡ ଧରି ଅଭିଭାବକଙ୍କ ନୀରବ ନିବେଦନ

ରାଜ୍ୟର ସମସ୍ତ ଘରୋଇ ସ୍କୁଲ ୬ମାସ ପର୍ଯ୍ୟନ୍ତ ଫିଁ ଛାଡ଼ କରିବା ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ମହାସଂଘର ଆହ୍ୱାନକ୍ରମେ ରବିବାର ୨୬ ଜିଲାର ଅଭିଭାବକ ନିଜ ଘରେ ପ୍ଲାକାର୍ଡ ଧରି ଏହି ନୀରବ ନିବେଦନ କରିଛନ୍ତି। ମହାସଂଘର କହିବାନୁଯାୟୀ, କରୋନା ବିପତ୍ତି ଯୋଗୁ ଲକ୍‌ଡାଉନ ଓ ଶଟ୍‌ଡାଉନ ଲାଗୁ ହେଉଥିବାରୁ ପ୍ରାୟ ସମସ୍ତେ ରୋଜଗାର ହରାଉଛନ୍ତି। ଲକ୍‌ଡାଉନର ପ୍ରଥମ ପର୍ଯ୍ୟାୟରେ ଅଭିଭାବକମାନେ ଧାରଣା ଦେବାପରେ ମୁଖ୍ୟମନ୍ତ୍ରୀ ସମସ୍ତ ଘରୋଇ ସ୍କୁଲକୁ ୩ ମାସର ସ୍କୁଲ ଫି ଛାଡ଼ କିମ୍ବା ପରେ ନେବା ପାଇଁ ନିବେଦନ କରିଥିଲେ। ବର୍ତ୍ତମାନ ରାଜ୍ୟ ସରକାର ଅଗଷ୍ଟ ୩୧ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏକ ନିର୍ଦ୍ଦେଶ ଜାରି କରି ୬ମାସ ପର୍ଯ୍ୟନ୍ତ ସ୍କୁଲ ଫିଁ ଛାଡ଼ କରାନ୍ତୁ। ପଡ଼ୋଶୀ ଝାଡ଼ଖଣ୍ଡ ସରକାର ୬ ମାସର ଫିଁ ଛାଡ଼ ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଓଡ଼ିଶା ସରକାର ସମାନ ପଦକ୍ଷେପ ଗ୍ରହଣ କରିବାକୁ ମହାସଂଘ ନିବେଦନ କରିଛି।

ଏହି ପରିପ୍ରେକ୍ଷୀରେ ପ୍ରାୟ ୧୮ ହଜାରରୁ ଅଧିକ ଅଭିଭାବକ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନିଜ ଘରେ ପ୍ଲା କାର୍ଡ ଧରି ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସମସ୍ତ ସ୍କୁଲ ବନ୍ଦ ଥିବାରୁ ପୂର୍ବରୁ ମଧ ମହାସଂଘ 'ନୋ-ସ୍କୁଲ ନୋ ଫି'ନେଇ ବହୁବାର ଆନ୍ଦୋଳନ କରି ଆସିଛି। ସାଧାରଣ ଲୋକେ ବର୍ତ୍ତମାନ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବାବେଳେ ସ୍କୁଲ ଫି'କୁ ନେଇ ଚିନ୍ତାରେ ଅଛନ୍ତି। ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବିରାଟ ଜନ ଅସନ୍ତୋଷ ସୃଷ୍ଟି ହୋଇ ଆନ୍ଦୋଳନର ରୂପ ନେବ ବୋଲି ମହାସଂଘ ଚେତାବନୀ ଦେଇଛି। ଘରେ ଘରେ ହୋଇଥିବା ଏହି ଧାରଣାରେ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସ୍କୁଲ ଆସୋସିଏଶନ ସଦସ୍ୟାସଦସ୍ୟ ସାମିଲ ହୋଇଥିଲେ।

## ଚିନ୍ତାରେ ଆବାସିକ କାର୍ଯ୍ୟାଳୟ, ଭବନର ଅସ୍ଥାୟୀ କର୍ମଚାରୀ

**ଭୁବନେଶ୍ୱର,୫।୭(ବ୍ୟୁରୋ)**

କରୋନା ମହାମାରୀ ବ୍ୟାପିବା ପରଠାରୁ ସରକାର ସରକାରୀ କାର୍ଯ୍ୟାଳୟର ସମୟ ନିର୍ଘଣ୍ଟ, ସେମାନଙ୍କ ଉପସ୍ଥାନ, ଛୁଟି ଏବଂ କାମ ଆଦି ସମ୍ପର୍କରେ ବହୁତ କୋହଳ କରିଛନ୍ତି। ମହାମାରୀରୁ ବଞ୍ଚିବାକୁ ଯଥାଚିତ ଚେଷ୍ଟା କରିଛନ୍ତି। ସେଥିଲାଗି ଅଫିସ ନ ଆସିଲେ କିମ୍ବା ଛୁଟିରେ ରହିଲେ ମଧ ସରକାର କର୍ମଚାରୀଙ୍କୁ ଦରମା ଦେଇଛନ୍ତି। ମାତ୍ର ଦିଲ୍ଲୀ ସ୍ଥିତ ଆବାସିକ କମିଶନର କାମ ବନ୍ଦ ଆଳରେ ସେଠାରେ ଥିବା ଓଡ଼ିଆ କର୍ମଚାରୀଙ୍କ ଦରମା ବନ୍ଦ କରିଦେଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଫଳରେ ବହୁ ଛୋଟ କର୍ମଚାରୀ ଏଭଳି ସମୟରେ ବହୁତ ଦୁଃଖରେ ବାହାରେ ନିଜ ଜୀବନ ଅତିବାହିତ କରୁଥିବା ସୂଚନା ମିଳିଛି।
ରାଜ୍ୟ ସରକାରଙ୍କ ଦିଲ୍ଲୀ ସ୍ଥିତ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ଏବଂ ଦିଲ୍ଲୀ ଭବନରେ ବହୁ ଅସ୍ଥାୟୀ କର୍ମଚାରୀ କାମ କରନ୍ତି। ବହୁ ସଂଖ୍ୟାରେ ରୁମ୍ ବୟ, ସଫେଇ କର୍ମଚାରୀ, ଗାଡି ଚାଳକ, ରୋଷେଇ କର୍ମଚାରୀ ଭାବେ କେତେଜଣ ନିଯୁକ୍ତ ଅଛନ୍ତି। ସେମାନଙ୍କୁ ସରକାର ସର୍ଭିସ ପ୍ରୋଭାଇଡର ମାଧ୍ୟମରେ ନିୟୋଜିତ କରିଛନ୍ତି। କରୋନା ଆସିବା ପରେ ସରକାର ପ୍ରତିଷେଧକ ପଦକ୍ଷେପ ଆକାରରେ ସେଠାକାର ଭବନ, ସଦନ ଓ ନିବାସରେ ବର୍ତ୍ତମାନ ଅତିଥିଙ୍କୁ ରହିବାର ଅନୁମତି ଦିଆଗଲା ନାହିଁ। ଫଳରେ ଭବନ ଏବଂ ନିବାସ ଖାଲି ପଡିଛି। ଏଭଳି ସମୟରେ ନିୟମିତ କର୍ମଚାରୀଙ୍କୁ ସରକାର ବର୍ତ୍ତମାନ ପରିସ୍ଥିତିରେ ଦରମା ପ୍ରଦାନ କରୁଥିବା ବେଳେ ଅସ୍ଥାୟୀ କର୍ମଚାରୀଙ୍କୁ କାମ ନ ଥିବା ଆଳ ଦେଖାଇ ଦରମା ଦେବା ବନ୍ଦ କରିଦେଇଛନ୍ତି।

# ରାଉରକେଲାରୁ ବାହାରକୁ ଯିବା ଆସିବା ଉପରେ କଟକଣା

**ରାଉରକେଲା ଅଫିସ,୫।୭**

### ୫ଘଣ୍ଟାରୁ ଊର୍ଦ୍ଧ୍ୱ ସହର ବାହାରକୁ ଗଲେ ୧୪ ଦିନିଆ କ୍ୱାରାଣ୍ଟାଇନ୍

ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସ୍ଥିତି ଏବେ ଅଣାୟତ ହେଲାଣି। ଏମିତି ଅବସ୍ଥାରେ ଦୈନିକ ରାଉରକେଲାକୁ ଯିବା ଆସିବା କରୁଥିବା ଲୋକଙ୍କ ଉପରେ କଟକଣା ଲଗାଯାଇଛି। ସେମାନଙ୍କ ଉପରେ କଡା ନଜର ରଖିବାକୁ ରାଉରକେଲା ମହାନଗର ନିଗମ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶେଷ କରି ରାଜ୍ୟର ନିର୍ଦ୍ଦିଷ୍ଟ କେତେକ ଜିଲାରୁ ରାଉରକେଲା ସହରକୁ ଫେରୁଥିବା ଲୋକଙ୍କ ଉପରେ ଏଣିକି ଧ୍ୟାନ ଦିଆଯିବ ବୋଲି ଆରଏମ୍‌ସି ଶନିବାର ସ୍ପଷ୍ଟ କରିଛି। ଗଞ୍ଜାମ, ନୟାଗଡ, ଗଜପତି, ଜଗତସିଂପୁର, ପୁରୀ, ଯାଜପୁର ଭଦ୍ରକ ଆଦି ୧୪ ଜିଲାରୁ ସହରକୁ ଆସୁଥିବା ଲୋକେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି(ବିପିୟୁଟି) ରେଜିଷ୍ଟ୍ରେଶନ ଡେସ୍କ ସହ ଯୋଗାଯୋଗ କରି ନାମ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଜାରି କରିଛି ଆରଏମସି। ପ୍ରଶାସନ ପରାମର୍ଶ କ୍ରମେ ଏହିସବୁ ଜିଲାରୁ ରାଉରକେଲା ଫେରୁଥିବା ଲୋକଙ୍କୁ ଏଣିକି ୧୪ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପଡ଼ିବ ବୋଲି ଆର୍‌ଏମସି କହିଛି। ସେହିଭଳି ରାଉରକେଲାରୁ ବାହାରକୁ ଯାଇ ଫେରିଲା ପରେ ମଧ ଲୋକଙ୍କୁ ଏହି ନିୟମ ପାଳନ କରିବାକୁ ପଡ଼ିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଆଜି ଘଟଣାସ୍ଥଳ ଗସ୍ତ କରିବ ଭାଜପା

**ଭୁବନେଶ୍ୱର,୫।୭(ବ୍ୟୁରୋ)**

### ମାଲକାନଗିରି ପୋଲିସ କ୍ୟାଣ୍ଟିନରେ ବଳାତ୍କାର ପ୍ରସଙ୍ଗ

ରାଜ୍ୟରେ ମହିଳାମାନେ ପୂରା ଅସୁରକ୍ଷିତ ହୋଇପଡିଛନ୍ତି। ଦୀର୍ଘ ସମୟ ଧରି ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଚାଲିଛି। ଲୋକଙ୍କୁ ସୁରକ୍ଷିତ ରଖିବା ସରକାରଙ୍କ ଉତ୍ତରଦାୟିତ୍ୱ। କିନ୍ତୁ ଦୁଃଖର କଥା ମହିଳାଙ୍କ ସହ ବଳାତ୍କାର, ହତ୍ୟା, ମରଣାନ୍ତକ ଆକ୍ରମଣ, ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରକ୍ଷକ ଏଠି ଭକ୍ଷକ ସାଜିଛି। ଖୋଦ୍ ପୋଲିସ ମହିଳାଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ସେମାନଙ୍କ ସହ ବଳାତ୍କାର କରିଚାଲିଛି। ମାଲକାନଗିରି ପୋଲିସ କ୍ୟାଣ୍ଟିନରେ କାର୍ଯ୍ୟରତ ଥିବା ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା ଏବଂ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଭାଜପାର ଏକ ପ୍ରତିନିଧି ଦଳ ଏ ଘଟଣା ସମ୍ପର୍କରେ ମାନବ ଅଧିକାର କମିଶନ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ଅବଗତ କରାଇବା ପରେ ମଧ ରାଜ୍ୟ ସରକାର, ଗୃହ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ଭାଜପା ଉପ ସଭାନେତ୍ରୀ ପ୍ରଭାତି ପରିଡାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଘଟଣା ସ୍ଥଳକୁ ଯାଇ ସରଜମିନ ତଦନ୍ତ କରିବ। ସୋମବାର ପ୍ରତିନିଧି ଦଳ ମାଲକାନଗିରି ଗସ୍ତ କରି ମଙ୍ଗବାର ଘଟଣାସ୍ଥଳକୁ ଯାଇ ପୀଡିତାଙ୍କ ପରିବାର, ସ୍ଥାନୀୟ ପ୍ରଶାସନ, ପୋଲିସ ଅଧିକାରୀଙ୍କୁ ଭେଟି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବେ। ମାଲକାନଗିରି ମହିଳା ବଳାତ୍କାର ଏବଂ ହତ୍ୟା ଘଟଣାରେ ଏସ୍‌ସି, ଏସ୍‌ଟି ଆଟ୍ରୋସିଟି ଆକ୍ଟ ଲଗାଇ ୬୦ ଦିନ ଭିତରେ ଚାର୍ଜଶିଟ୍ ଫାଇଲ ହେବା କଥା। ଏହାସହ ତୁରନ୍ତ ପୀଡିତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ରାଜ୍ୟ ସରକାର ଚୁପ୍ ରହିଛନ୍ତି। ମାଲକାନଗିରି ଘଟଣା କୁନ୍ଦୁଲୀ ଘଟଣାର ପୁନରାବୃତ୍ତି। ଦୁଇ ମାସ ସମୟ ପରେ ମଧ ପୋଲିସ ମୃତା ମହିଳାଙ୍କ ପୋଷ୍ଟମର୍ଟମ ରିପୋର୍ଟକୁ ସାର୍ବଜନୀନ କରୁନାହିଁ। ମାଲକାନଗିରି ଘଟଣାରେ ପୀଡିତାଙ୍କ ମୃତ୍ୟୁ ହେବାପରେ କୌଣସି ବରିଷ୍ଠ ପୋଲିସ ଅଧିକାରୀ ଦୋଷୀଙ୍କୁ ଧରିପାରିଲେ ନାହିଁ। ଏସ୍‌ସି ଏସ୍‌ଟି ଆଟ୍ରୋସିଟି ଆକ୍ଟ ଅନୁଯାୟୀ, ଅଭିଯୁକ୍ତଙ୍କୁ ଗିରଫ କରିବା, ପୀଡିତାଙ୍କୁ ଯଥାଯୋଗ୍ୟ ନ୍ୟାୟ ଏବଂ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ଭାଜପା ବାରମ୍ବାର ଦାବି କରୁଥିଲେ ମଧ ପୋଲିସ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ଚଳାଇଛି।

## ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

**ବାଲେଶ୍ୱର ଅଫିସ, ୫।୭**

ବାଲେଶ୍ୱର ଜେଲ୍‌ରେ ଥିବା ବିଚାରାଧୀନ କଏଦୀ ରବିବାର ସନ୍ଧ୍ୟାରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ନାମ ଲକ୍ଷ୍ମୀଧର ରାଉଳ(୩୧) ଓ ଘର ବସ୍ତା ଥାନା ଅଧୀନ ଗଣ୍ଡୁରୁଙ୍ଗି ଅଞ୍ଚଳରେ। ସେ ଖାଇବା ଚାମଚ୍‌କୁ ଧାର କରି ଗଳା କାଟିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ୨୦୧୯ ଡିସେମ୍ବର ୨୫ତାରିଖରେ ପତ୍ନୀ ହତ୍ୟା ମାମଲାରେ ଲକ୍ଷ୍ମୀଧର ଜେଲ୍ ଯାଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ପର୍ସନାଲ, ଏଗ୍ରିକଲ୍ଚର, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ସବୁ ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
77519-71907
73765-91521
H.No. 12, Sohana Distt. Mohali

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

କୋଭିଡ୍-19 (ସ୍ପେଶାଲ ଋଣ ଅଫର)
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ଛାଡ଼
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
079061-42337
094682-97482
ADDRESS: T-51, GAUTAMPURI, DELHI

BALAJI FINANCE LIMITED
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

FINANCE
ପଇସା ଆମର କାମ ତମର
SREE Vinayak capital
ବ୍ୟକ୍ତିଗତ ସମ୍ପତ୍ତି, ଶିକ୍ଷା, ଆଧାରକାର୍ଡ ଉପରେ କେବଳ ୨୪ ଘଣ୍ଟା ଭିତରେ 3 % ବର୍ଷକୁ ସୁଧରେ ଋଣ ଯୋଗାଇ ଦେଉଛି। ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
2nd Floor, Block-B, Ansal Complex Boring Road, Patna-3
8570815828
8376093742

ଖର୍ଚ୍ଚ ଋଣରୁ କଟିବ
HDB FINANCE
ନ୍ୟାଶନାଲ ଅୱାର୍ଡ ଭାରତର ନଂ.1 କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସବୁ ଋଣ
2% ସୁଧ 40% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କୁ ବିଶେଷ ରିହାତି
94572-93387
94572-94728
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ପିପିଲି/ଡେଲାଙ୍ଗ,୫।୭ (ଡି.ଏନ୍.ଏ./ସ୍ୱ.ପ୍ର.):** ପିପିଲି ଥାନା ଅନ୍ତର୍ଗତ କାକୁଡିଆ ଗ୍ରାମର ନିଖୋଜ କ୍ଷିତିଶ ଦାସଙ୍କ ମୃତଦେହକୁ ରବିବାର ଡେଲାଙ୍ଗ ପୋଲିସ ଦୟା ନଦୀ କୂଳରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୪ଟା ୩୦ରେ କ୍ଷିତିଶ ଦୟା ନଦୀ ତୁଠରେ ଶୌଚ କରିବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣି ସ୍ରୋତରେ ଭାସିଯାଇଥିଲେ। ନଦୀ ବନ୍ଧରେ କ୍ଷିତିଶଙ୍କ ବାଇକ ଓ ନଦୀ ତୁଠରେ ତାଙ୍କ ଗାମୁଛା ପଡ଼ିଥିବା ଦେଖି ସ୍ଥାନୀୟଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ। କ୍ଷିତିଶଙ୍କ ବାପା ଦୀନବନ୍ଧୁ ଓ ଗ୍ରାମର କେତେଜଣ ଲୋକ ନଦୀରେ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ପାଇ ନ ଥିଲେ। ରବିବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଗୋଲାପଡା ଗ୍ରାମ ନିକଟସ୍ଥ ଦୟା ନଦୀରେ କ୍ଷିତିଶଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ଦୀନବନ୍ଧୁ ଓ ସ୍ଥାନୀୟ ଲୋକେ ନଦଦୀରୁ କ୍ଷିତିଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଡେଲାଙ୍ଗ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଦୀନବନ୍ଧୁଙ୍କ ଅଭିଯୋଗକ୍ରମେ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦)ରୁଜୁ ହୋଇଛି।

### ଶିଶୁଭବନକୁ ଛୁଇଁଲା କରୋନା

**କଟକ ଅଫିସ,୫।୭:** ଗୋଟିଏ ପରେ ଗୋଟିଏ ହସ୍ପିଟାଲ କରୋନାର ଶିକାର ହେବାରେ ଲାଗିଛି। ରବିବାର କଟକସ୍ଥିତ ଶିଶୁ ଭବନରୁ ପ୍ରଥମ କରି ଜଣେ ସଂକ୍ରମିତ ବାହାରିଛନ୍ତି। ସେହିପରି ଏସ୍‌ସିବିର ବିଭିନ୍ନ ୱାର୍ଡରୁ ୭ ଏବଂ ଆଇସୋଲେଶନ ୱାର୍ଡରୁ ୪ ଜଣଙ୍କ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସ୍‌ସିବିର ୭ ଜଣ କାର୍ଡିଓଲୋଜି, ଅସ୍ଥିଶଲ୍ୟ ଏବଂ ନ୍ୟୁରୋସର୍ଜରୀ ବିଭାଗରୁ ପଜିଟିଭ୍ ଥିବା ଜଣାପଡ଼ିଛି। ରବିବାର ଆଚାର୍ଯ୍ୟ ହରିହରରୁ କୌଣସି ସ୍ୱାବ ରିପୋର୍ଟ ଆସି ନ ଥିବା ଯୋଗୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ରବିବାର ସକାଳେ ଶନିବାରର ଅବଶିଷ୍ଟ ୨୪ ଜଣ ରୋଗୀଙ୍କୁ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି।

### ପରମହଂସ ପଞ୍ଚାୟତ ଶଟ୍‌ଡାଉନ ହେଉ

**କଟକ ସଦର,୫।୭(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ଜଣେ ନର୍ସ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୭ଦିନ ପୂର୍ବରୁ ସମ୍ପୃକ୍ତ ନର୍ସଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଏହି ସମୟ ମଧରେ ନର୍ସଙ୍କ ସ୍ୱାମୀ ବହୁ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି। ଅନ୍ୟ ପଟେ ମଉଗଜପୁର ଗ୍ରାମର ଗୋଟିଏ ପରିବାର ଜଣେ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ଶନିବାର ସେମାନଙ୍କର ସ୍ୱାବ୍ ସଂଗ୍ରହ କରାଯାଇଛି। ଏହା ଜଣାପଡ଼ିବା ପରେ ପଞ୍ଚାୟତରେ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଉକ୍ତ ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ରୋଟାରୀ କ୍ଲବ ଭୁବନେଶ୍ୱର ମେଟ୍ରୋର ବାର୍ଷିକ ଅଧିଷ୍ଠାନ

**ଭୁବନେଶ୍ୱର,୫।୭:** ରୋଟାରୀ କ୍ଲବ ଭୁବନେଶ୍ୱର ମେଟ୍ରୋର ବାର୍ଷିକ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୨୦-୨୧ ବର୍ଷ ପାଇଁ ସଭାପତି ଭାବେ କଲୋନେଲ ସୁଦର୍ଶନ ମିଶ୍ର ଏବଂ ସମ୍ପାଦକ ଭାବେ କଲୋନେଲ ଡଃ ବଦ୍ରିନାଥ ବିଶ୍ୱାଳ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ବରିଷ୍ଠ ପ୍ରଶାସକ ସଞ୍ଜିବ କୁମାର ହୋତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି ଉପରେ ଆଲୋକପାତ କରିବା ସହ ସାରା ବିଶ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟସେବା ତଥା ପରିବେଶ ସୁରକ୍ଷାରେ ରୋଟାରୀ ଆନ୍ଦୋଳନର ମହତ ଯୋଗଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ। କରୋନା କଟକଣା ଓ ସାମାଜିକ ଦୂରତା ରକ୍ଷା ପରିପ୍ରେକ୍ଷୀରେ ଅନଲାଇନ ମାଧମରେ ଉକ୍ତ ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବକୁ ପ୍ରଫେସର ଗୋପାଳକୃଷ୍ଣ ନାୟକ ଓ ଡ. ଲତା ରବିନ୍ଦ୍ରନ ପରିଚାଳନା କରିଥିଲେ। ରୋଟାରିଆନ ସୂର୍ଯ୍ୟ ପଟ୍ଟନାୟକ ଓ ଶାଶ୍ୱତି ପଟ୍ଟନାୟକଙ୍କ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଓ ଇନର ହୁଇଲର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଆବର୍ଜନାମୟ ଭୁବନେଶ୍ୱର

## ବେଫିକର ବିଏମ୍‌ସି

- ଘରୋଇ ସଂସ୍ଥା ହାତରେ ପରିମଳ ବ୍ୟବସ୍ଥା
- ବଜାର, କଲୋନୀରେ ଶଢୁଛି ଅଳିଆ
- ଅସରାଏ ବର୍ଷାରେ ରାସ୍ତାରେ ନର୍ଦ୍ଦମା ପାଣି

ଭୁବନେଶ୍ୱର, ୫।୭(ବ୍ୟୁରୋ)

କରୋନାକୁ ନେଇ ଏବେ ଅଧିକାରୀଙ୍କଠାରୁ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଦେଖାଉଛନ୍ତି ବାହାନା। ଫଳରେ ରାଜଧାନୀର କଲୋନୀଠାରୁ ବଜାରଘାଟ ସବୁଠି ପଡ଼ି ରହୁଛି କୁଢ଼କୁଢ଼ ଅଳିଆ। ଘରୋଇ ସଂସ୍ଥା ହାତରେ ଅଧିକାଂଶ ୱାର୍ଡ ଟେକିଦେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଚିନ୍ତାରେ ରହୁଥିବାରୁ ସହରର ପରିମଳ କ୍ଷେତ୍ର ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏପଟେ କିଛି ଅଧିକାରୀ ହାତଗୁଞ୍ଜା ନେଇ ଚୁପ୍ ରହୁଥିବାରୁ ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ଓ କର୍ମଚାରୀ ମନମୁଖି କାର୍ଯ୍ୟ କରୁଛି। ଏ ପରିସ୍ଥିତି ପାଇଁ ସ୍ମାର୍ଟ ସିଟି ଭୁବନେଶ୍ୱରର ଏବେ ଆବର୍ଜନା ବୋଝରେ ପୋତି ହେବାରେ ଲାଗିଛି।

ସହରରେ ପରିମଳ ବ୍ୟବସ୍ଥାକୁ ନେଇ ଏବେ ଲୋକଙ୍କ ଅସନ୍ତୋଷ ଓ ଅଭିଯୋଗ ବଢ଼ିଚାଲିଛି। ତେଣୁ ବାସ୍ତବ ସ୍ଥିତି ପରଖିବା ପାଇଁ ଶନିବାର ଆମ ପ୍ରତିନିଧି ଭୁବନେଶ୍ୱରର ବିଭିନ୍ନ ୱାର୍ଡକୁ ଯାଇଥିଲେ। ରାଜଧାନୀର ପ୍ରମୁଖ ଅଞ୍ଚଳ ୟୁନିଟ୍-୧, ୨ ଓ ୪, ଜନପଥ, କଟକରୋଡ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦିନତମାମ ଅଳିଆ ଆବର୍ଜନା ଗଦା ହୋଇ ରହିଥିଲା। କେତେକ ସ୍ଥାନରେ ଆର୍ବଜନା ସବୁ ବର୍ଷା ପାଣିରେ ରାସ୍ତାସାରା ଭାସୁଥିଲା। ସେହିଭଳି ଏକାଧିକ ରାସ୍ତାରେ ନର୍ଦ୍ଦମା ପାଣି ସହ ଆବର୍ଜନା ଜମି ରହିଥିଲା। ସବୁଠାରୁ ସମ୍ବେଦନଶୀଳ କଥା ହେଲା କରୋନା ଚିହ୍ନଟ ହେଉଥିବା ଅଞ୍ଚଳରେ ପରିମଳ ବ୍ୟବସ୍ଥା ସବୁଠୁ ବିପର୍ଯ୍ୟସ୍ତ ଥିଲା। ବହୁଦିନ ଧରି ଆବର୍ଜନା ଉଠୁ ନ ଥିବା ସ୍ଥାନୀୟ ଲୋକେ କହିଥିଲେ। ଏପରିକି ବିଏମ୍‌ସିକୁ ଜଣାଉଥିଲେ ମଧ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଠାଉଛୁ କହି ଆସୁ ନ ଥିବା ଓ ଆଉ କେତେବେଳେ ବାହାନା ଦେଖାଉଥିବା ସେମାନେ ଜଣାଛନ୍ତି।

ବିଏମ୍‌ସି ପରିମଳ ବିଭାଗର ଜଣେ ଅଧିକାରୀଙ୍କ ସୂଚନା ମୁତାବକ, କର୍ମଚାରୀ ଅଭାବ ଯୋଗୁ ସହରର ପରିମଳ ଦାୟିତ୍ୱ ୩ଟି ଘରୋଇ ସଂସ୍ଥାକୁ ଦିଆଯାଇଛି। ୬୭ଟି ୱାର୍ଡ଼ରୁ ବିଏମ୍‌ସି ୧୦ଟି ୱାର୍ଡ଼ର କଥା ବୁଝୁଥିବାବେଳେ ଅନ୍ୟ ୫୭ଟିକୁ ଘରୋଇ ସଂସ୍ଥାକୁ ଦିଆଯାଇଛି। ହେଲେ କେତେକ ଘରୋଇ ସଂସ୍ଥା ସଫେଇ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବାରୁ ଆବର୍ଜନା ପଡି ରହୁଛି। ୱାର୍ଡ ନଂ. ୪୨ର ପୂର୍ବତନ କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ କହିଛନ୍ତି, କାଉନ୍‌ସିଲ୍ ସରିବା ପରେ ଆଉ ସଫେଇ ସଂସ୍ଥାମାନେ ବୋଲ ମାନୁନାହାନ୍ତି। ସେହିପରି ୱାର୍ଡ ନଂ. ୩୯ର ସାମାଜିକକର୍ମୀ ମିଳନ ପାଇକ୍‌ରାୟଙ୍କ ସମେତ ବହୁ ନାଗରିକ ମଧ ବିଏମ୍‌ସିର ସେବାକୁ ନେଇ ଅସନ୍ତୋଷ ପ୍ରକାଶ କରଛନ୍ତି। ଅଳିଆ ଉଠାଇବା ନେଇ ବହୁ ଅଭିଯୋଗ ପରେ ବିଏମ୍‌ସି କର୍ତ୍ତୃପକ୍ଷ କିଛି ଶୁଣି ନ ଥିଲେ। ବହୁଦିନ ଧରି ଅଳିଆ ପଡି ରହିଥିଲା। କିଛିଦିନ ତଳେ ବିଧାୟକ ଅନନ୍ତ ନାରାୟଣ ଜେନା ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ କହିବା ପରେ ଏବେ ଅଳିଆ ଉଠୁଥିବା ସେ କହିଛନ୍ତି। ଅଳିଆ ପଡି ରହୁଥିବା ନେଇ ପ୍ରତିଦିନ ପାଖାପାଖି ୪୦ରୁ ୫୦ ଅଭିଯୋଗ ଆସୁଥିବାବେଳେ ୪୦% ଅଭିଯୋଗର ସମାଧାନ କରାଯାଉଥିବା ଜଣାପଡ଼ିଛି। ହେଲେ ଭୁବନେଶ୍ୱରର ପରିମଳ ବ୍ୟବସ୍ଥା ପୂରା ଠିକ୍ ଥିବା ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି। ସେ କୁହନ୍ତି, ସବୁ ମାସରେ ଠିକା ସଂସ୍ଥା ନାଁରେ ସଫେଇକୁ ନେଇ ନାନା ଅଭିଯୋଗ ଆସିଛି। ତେଣୁ ପଦକ୍ଷେପ ସ୍ୱରୂପ ସଂସ୍ଥା ପାଇବାକୁ ଥିବା ଦେୟରୁ ୮ରୁ ୧୦ଲକ୍ଷ ଟଙ୍କା ଜରିମାନା ବାବଦରେ କାଟି ରଖୁଛୁ। ଏହାସତ୍ତ୍ୱେ ବି ଠିକା ସଂସ୍ଥ ଓ କର୍ମଚାରୀ ଅବହେଳା କରୁଛନ୍ତି। କିନ୍ତୁ ଅଳିଆ ପଡ଼ିରହୁଥିବା କଥାକୁ ସେ ଏଡ଼ାଇ ଯିବା ସହ ପରିମଳ ଉପରେ ବିଏମ୍‌ସି ବର୍ତ୍ତମାନ ଅଧିକ ନଜର ଦେଉଥିବା ସେ କହିଛନ୍ତି। ହେଲେ ସହରରେ ପରିମଳର ପ୍ରକୃତ ଚିତ୍ର ଭିନ୍ନ ରହୁଛି।


ଲକ୍ଷ୍ମୀସାଗର କେନାଲ ରୋଡ୍


ୟୁନିଟ୍-୧ ହାଟ


ୟୁନିଟ୍-୨ କଲୋନୀ ରାସ୍ତା


ରବିବାର ମଧ୍ୟାହ୍ନରେ ବର୍ଷା ଯୋଗୁ ବମିଖାଲ ରାସ୍ତାରେ ଜମିଥିବା ଆବର୍ଜନା ପାଣି।

# ଶଟ୍‌ଡାଉନ ଅସ୍ତ୍ର ଆପଣାଇପାରେ ବିଏମ୍‌ସି

## ଗୋଷ୍ଠୀ ସଂକ୍ରମଣ ମୁହାଁ ଭୁବନେଶ୍ୱର

- ପୁଣି ୧୯ କରୋନା ଆକ୍ରାନ୍ତ, ୮ ସ୍ଥାନୀୟ ଆକ୍ରାନ୍ତ
- ୪ ହସ୍ପିଟାଲ କର୍ମଚାରୀ, ୨ଜଣ କରୋନା ଯୋଦ୍ଧା ସଂକ୍ରମିତ

ଭୁବନେଶ୍ୱର, ୫।୭(ବୁରୋ)

ଆଉ ନିୟନ୍ତ୍ରଣରେ ନାହିଁ ଭୁବନେଶ୍ୱରର ସଂକ୍ରମଣ। ହୁହୁ ହୋଇ ବଢ଼ିଚାଲିଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ବିଶେଷକରି ଲକ୍‌ଡାଉନ୍ ହଟିବା ଓ କଟକଣାକୁ କୋହଳ କରାଯିବାଠାରୁ ଏ ପରିସ୍ଥିତି ସୃଷ୍ଟି ହୋଇଛି। ଏବେ କିଛିଦିନ ହେବ ଲଗାତାର ଭାବେ ସହରରୁ ୧୫ରୁ ଊର୍ଦ୍ଧ୍ୱ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଶେଷ ୨୪ ଘଣ୍ଟାରେ ପୁଣି ୧୯ ନୂଆ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କୁ ମିଶାଇ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ୪୩୩ରେ ପହଞ୍ଚିଛି। ଇତିମଧ୍ୟରେ ୬ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ଜୀବନ ଯାଇଛି। ତେଣୁ ସ୍ଥିତି ପୂରା ବିଗିଡିବା ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପୁଣିଥରେ ଶଟ୍‌ଡାଉନ୍ ଅସ୍ତ୍ରକୁ ଆପଣାଇବାକୁ ଚିନ୍ତା କରୁଛି। ତେବେ ସମ୍ପୂର୍ଣ୍ଣ ସହରକୁ ନା କିଛି ଅଞ୍ଚଳକୁ ପର୍ଯ୍ୟାୟକ୍ରମେ ଶଟ୍‌ଡାଉନ୍ କରାଯିବ ସେନେଇ ବିଏମ୍‌ସି ଅଧିକାରୀଙ୍କ ମଧ୍ୟରେ ବିଚାରବିମର୍ଶ ଚାଲିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ରବିବାର ବିଏମ୍‌ସି ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ, ଭୁବନେଶ୍ୱରରୁ ଆଉ ୧୯ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୮ ସ୍ଥାନୀୟ ସଂକ୍ରମିତ ଓ ୨ଜଣ କୋଭିଡ୍ ଯୋଦ୍ଧା ରହିଛନ୍ତି। ସବୁଠୁ ବଡ଼ କଥା ହେଲା ରାଜ୍ୟର ପ୍ରଥମ କରୋନା ଆକ୍ରାନ୍ତ ବାହାରିଥିବା ବଡଗଡ ଅଞ୍ଚଳରୁ ଆଉଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୭ବର୍ଷୀୟ ଯୁବକ ଜଣକ ସ୍ଥାନୀୟ ଆକ୍ରାନ୍ତ। ବଡଗଡ ନେତାଜୀ କ୍ଲବ ନିକଟ କରୁଣାକରନଗର ଉପରସାହିର ଯୁବକ ଜଣକ ବିଭିନ୍ନ ସ୍ଥାନରେ ବୁଲାବୁଲି କରିବା ସହ ଲକ୍‌ଡାଉନ୍‌ରେ କିଛି ସ୍ଥାନରେ ମାସ୍କ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିଥିବା ଜଣାପଡିଛି। ସେହିପରି ପୁରୁଣା ସଂକ୍ରମିତ ଅଞ୍ଚଳ ଝାଡପଡା ଓ ସୁନ୍ଦରପଦାରୁ ମଧ ପୁଣି ଜଣେ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏସବୁ ସ୍ଥାନରେ ଏକାଧିକ ଆକ୍ରାନ୍ତ ସୁସ୍ଥ ହୋଇଥିଲେ। ଏବେ ପୁଣି କରୋନାର ଉପସ୍ଥିତିକୁ ନେଇ ଲୋକଙ୍କ ମନରେ ଭୟରବାତାବରଣ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସାମନ୍ତରାପୁର ନିକଟ ନୂଆଗାଁ ଅଞ୍ଚଳରୁ ୨ଜଣ, ଦୁଇ ଘରୋଇ ହସ୍ପିଟାଲରୁ ୪ଜଣ, ଏମ୍ସରୁ ଜଣେ, ପାହାଳ ଥାନା ନିକଟରୁ ଜଣେ, ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଜଣେ ଚିହ୍ନଟ ହୋଇଥିବାବେଳେ ଏମାନେ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏହାବାଦ୍ ଭରତପୁରର ତେଲୁଗୁସାହି ବସ୍ତି, ସମ୍ ହସ୍ପିଟାଲ ନିକଟ ଘାଟିକିଆ, ୟୁନିଟ-୫ର ଏସ୍‌ସିପିଆର୍ କାର୍ଯ୍ୟାଳୟ ନିକଟ, ସିଟି କଲେଜ ଘାଟିକିଆ ଅଞ୍ଚଳ, ବିମାନ ବନ୍ଦର ନିକଟ ପଳାସପାଲ୍ଲୀ ଅଞ୍ଚଳରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସିଟି କଲେଜ ନିକଟରୁ ଚିହ୍ନଟ କରୋନା ଆକ୍ରାନ୍ତ ଜଣେ ବ୍ୟାଙ୍କ କର୍ମଚାରୀ ହୋଇଥିବାବେଳେ କଳ୍ପନା ଛକ ନିକଟ ଏକ ସରକାରୀ କାର୍ଯ୍ୟାଳୟରୁ ୨ଜଣ କୋଭିଡ୍ ଯୋଦ୍ଧା କରୋନାରେ ଆକ୍ରାନ୍ତ ହୋଇଥିବା ବିଏମ୍‌ସି ସୂଚନା ଦେଇଛି।

# ୫ ଜିଲାରୁ ଆସିଲେ ସଙ୍ଗରୋଧ ବାଧ୍ୟତାମୂଳକ

**କଟକ ଅଫିସ,୫।୭:** କରୋନା ପ୍ରଭାବିତ ଜିଲାରୁ ଆସୁଥିବା ବ୍ୟକ୍ତିଙ୍କ ଯୋଗୁ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଣୁ ସଂକ୍ରମଣ ରୋକିବା ପାଇଁ ରବିବାର କଟକ ମହାନଗର ନିଗମ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ୫ଟି ପ୍ରଭାବିତ ଜିଲା ଗଞ୍ଜାମ, ଖୋର୍ଦ୍ଧା, ଯାଜପୁର, ଗଜପତି ଓ ବାଲେଶ୍ୱରରୁ କଟକ ସହରକୁ ଆସୁଥିବା ବ୍ୟକ୍ତିମାନେ ବାଧ୍ୟତାମୂଳକ ସଙ୍ଗରୋଧରେ ରହିବେ। ସେମାନେ ଚାହିଁଲେ ଗୃହ ସଙ୍ଗରୋଧ କିମ୍ବା ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିପାରିବେ ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି। ସେମାନେ ୧୪ ଦିନ ପର୍ଯ୍ୟନ୍ତ ସଙ୍ଗରୋଧ କେନ୍ଦ୍ରରେ ରହିବେ। କେବଳ ଏହି ୫ଟି ଜିଲା ନୁହେଁ, କଟକ ଜିଲାର ୫ଟି ବ୍ଲକରୁ ଆସୁଥିବା ବ୍ୟକ୍ତିମାନେ ମଧ ସଙ୍ଗରୋଧରେ ରହିବେ। ସେଇ ବ୍ଲକଗୁଡ଼ିକ ହେଲା ନିଶ୍ଚିନ୍ତକୋଇଲି, ନରସିଂହପୁର, ମାହାଙ୍ଗା, ବଡ଼ମ୍ବା ଓ ତିଗିରିଆ। ସହରର ସାହିଗଳିରେ ଆକ୍ଟିଭ୍ ସର୍ଭିଲେନ୍ସ ଟିମ୍ ସତର୍କ ଦୃଷ୍ଟି ରଖିବ। ଯେଉଁମାନେ ହଟ୍‌ସ୍ପଟ୍ ଜିଲା ଓ ବ୍ଲକରୁ ଫେରିଥିବେ, ସେମାନଙ୍କୁ ତୁରନ୍ତ ସଙ୍ଗରୋଧ କେନ୍ଦ୍ରକୁ ପଠାଯିବ।

# ନୂଆ ଜୀବନ ପାଇଲେ ମାମୁନି

ଭୁବନେଶ୍ୱର,୫।୭(ବ୍ୟୁରୋ)

ଅଭିନେତା ସବ୍ୟସାଚୀଙ୍କ ପାଇଁ ନୂଆ ଜୀବନ ପାଇଛନ୍ତି ଜଗତ୍‌ସିଂହପୁରର ମାମୁନି। ବୟସ ମାତ୍ର ୧୯ବର୍ଷ। ହେଲେ ଏତେ କମ୍ ବୟସରେ ତାଙ୍କ କାନ୍ଧରେ ଏବେ ପରିବାର ବୋଝ। ପୂର୍ବରୁ ବାପା ପରିବା ବିକିଯାହା ରୋଜଗାର ହେଉଥିଲା କଷ୍ଟେମଷ୍ଟେ ପରିବାର ଚଳିଯାଉଥିଲା। ହେଲେ ୨୦୧୮ରେ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍‌ଖରାପ ହେବାରୁକିଛିକାର୍ଯ୍ୟ କରିବା ସମ୍ଭବ ହେଲାନି। ଏଭଳି ସମୟରେ ପରିବାର ଚଳାଇବା ସହ ବାପାଙ୍କ ଚିକିତ୍ସା ଖର୍ଚ୍ଚର ଭାର ନିଜେ ମୁଣ୍ଡାଇଥିଲେ ମାମୁନି। ଘରୁ ଗୋଡ଼ କାଢି ବାହାରକୁ ଯିବାକୁ ସ୍ଥିରକଲେ। ଗାଁର ଜଣେ ଚିହ୍ନାଲୋକଙ୍କ ସାହାଯ୍ୟରେ କାମ କରିବାକୁ ଆନ୍ଧ୍ର ପ୍ରଦେଶର ବାପାଟଲାକୁ ଯାଇଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ସବୁକିଛି ଓଲଟ ପାଲଟ ହୋଇଯାଇଥିଲା। ପ୍ରତିଦିନ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏହା ଭିତରେ କରୋନା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଲାଗୁ ହେବା ପରେ ତାଙ୍କ ଜୀବନ ଆହୁରି ଦୁର୍ବିଷହ ହୋଇଯାଇଥିଲା। ପାଖରେ ରହୁଥିବା ଅନ୍ୟମାନେ ତାଙ୍କ ମୋବାଇଲ୍ ଫୋନ୍ ସହ ସମସ୍ତ ସାମଗ୍ରୀ ଚୋରି କରିନେଇଥିଲେ। ଏଭଳି ଦୁଃସମୟରେ ମାମୁନିଙ୍କ ପାଇଁ ଦେବଦୂତ ସାଜିଥିଲେ ଅଭିନେତା ସବ୍ୟସାଚୀ ମିଶ୍ର। ମାମୁନିଙ୍କ ମା'ଙ୍କଠାରୁ ଏକ ଫୋନ୍ କଲ୍ ପାଇ ସବ୍ୟସାଚୀ ସବୁକଥା ଶୁଣିଥିଲେ। ଲଣ୍ଡନରେ ରହୁଥିବା ସବ୍ୟସାଚୀଙ୍କ ବନ୍ଧୁ ଡ. ସମ୍ବାଶିବା ରାଓଙ୍କ ଘର ବାପଟଲା ହୋଇଥିବାରୁ ତାଙ୍କୁ ସାହାଯ୍ୟ ପାଇଁ ସବ୍ୟସାଚୀ କହିଥିଲେ। ସେ ଓ ତାଙ୍କ ସାଙ୍ଗମାନେ ମିଶି ମାମୁନିଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଭୁବନେଶ୍ୱର ଟ୍ରାଫିକ୍ ଡିସିପି ସାଗରିକା ନାଥ ସହଯୋଗ କରି ବାପଟଲା ପୋଲିସ ଷ୍ଟେଶନକୁ ଅବଗତ କରିଥିଲେ। ରବିବାର ମାମୁନି ସୁରକ୍ଷିତ ଅବସ୍ଥାରେ ଓଡ଼ିଶା ଫେରିଆସିଛନ୍ତି। ଭୁବନେଶ୍ୱର ଷ୍ଟେଶନରେ ମା'ଙ୍କୁ ଦେଖି ସେ ଖୁସିରେ କାନ୍ଦି ପକାଇଥିଲେ। ସବ୍ୟସାଚୀଙ୍କୁ ଧନ୍ୟବାଦ ଦେବାକୁ ଭୁଲି ନ ଥିଲେ ମାମୁନି।



# ଘାଟ, ପୀଠ କେଉଁଠି ନାହାନ୍ତି କାଉଡ଼ିଆ

## ଆଜି ଶ୍ରାବଣର ପ୍ରଥମ ସୋମବାର

କଟକ ଅଫିସ,୫।୭

ଆଜି ଶ୍ରାବଣ ମାସର ପ୍ରଥମ ସୋମବାର। ଏହିଦିନ ସହ ଏହାର ପୂର୍ବଦିନ କାଉଡିଆଙ୍କ ଭିଡ଼ ଓ ବୋଲବମ୍ ଧ୍ୱନିରେ କମ୍ପୁଥାନ୍ତା ଗଡ଼ଗଡ଼ିଆ ଘାଟ। କିନ୍ତୁ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ବୋଲ୍‌ବମ୍ ଯାତ୍ରାକୁ ରାଜ୍ୟ ସରକାର ବନ୍ଦ କରିବା ପରେ ଏଥର ଶ୍ରାବଣ ଜଳାଭିଷେକରୁ ବଞ୍ଚିତ ହେବେ ଲକ୍ଷ ଲକ୍ଷ କାଉଡିଆ। ସରକାରୀ କଟକଣା ପରେ ଏବେ ଗଡ଼ଗଡ଼ିଆ ଘାଟ ଖାଁ ଖାଁ। ରାଜ୍ୟର ସବୁ ଶୈବପୀଠ ଓ କାଉଡିଆମାନେ ପାଣି ଉଠାଉଥିବା ଘାଟ ବି କାଉଡିଆଶୂନ୍ୟ।

କଟକ ଜିଲାରେ ଧବଳେଶ୍ୱର, ଗଡ଼ଗଡ଼େଶ୍ୱର, ଅମରେଶ୍ୱର, ପାରେଶ୍ୱର, ହଟକେଶ୍ୱର ପରି ଅନେକ ପୁରାତନ ଶୈବପୀଠ ରହିଛି, ଯେଉଁଠିକୁ ଶ୍ରାବଣ ସୋମବାରରେ କାଉଡିଆଙ୍କ ଭିଡ଼ ଲାଗେ। ସେହିପରି ଗଡ଼ଗଡ଼ିଆ ଘାଟରୁ କାଉଡିଆମାନେ ପାଣି ଉଠାଇ ରାଜ୍ୟର ବିଭିନ୍ନ ଶୈବପୀଠକୁ ଯାଆନ୍ତି। ଭୁବନେଶ୍ୱରର ଲିଙ୍ଗରାଜ ହେଉ କି ନୟାଗଡ଼ ଶରଣକୁଳର ଲଡୁବାବା। ଢେଙ୍କାନାଳର କପିଳାସ ହେଉ କି ପୁରୀର ଲୋକନାଥ। ଭଦ୍ରକର ଆଖଣ୍ଡଳମଣି ହେଉ କି କୋରାପୁଟର ଗୁପ୍ତେଶ୍ୱର। ସମଗ୍ର ରାଜ୍ୟର କାଉଡିଆଙ୍କ ପାଦ ମହାନଦୀର ଏହି ଘାଟରେ ପଡ଼େ ଓ ଏହିଠାରୁ ଜଳଭାର କାନ୍ଧରେ ଧରି ଲକ୍ଷାଧିକ କାଉଡିଆ ବିଭିନ୍ନ ଶୈବପୀଠ ଅଭିମୁଖେ ଯାତ୍ରା କରନ୍ତି। ଶ୍ରାବଣ ମାସର ସବୁ ସୋମବାର ଏହି ଧାରା ଚାଲେ ଓ ଶିବମୟ ହୋଇଉଠେ ବାଟଘାଟ। କାଉଡିଆଙ୍କ ସେବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ରାସ୍ତାକଡ଼ରେ ତମ୍ବୁ ଲଗାନ୍ତି। କିନ୍ତୁ କରୋନା ସଂକ୍ରମଣ ଦିନକୁ ଦିନ ଯେପରି କାୟା ବିସ୍ତାର କରିଚାଲିଛି, ସେଭଳି ସ୍ଥିତିରେ ଲକ୍ଷାଧିକ କାଉଡିଆଙ୍କ ଭିଡ଼ ଏହାକୁ ଅଧିକ ସଙ୍ଗିନ କରିବା ଆଶଙ୍କା ଥିବାରୁ ଚଳିତ ବର୍ଷ ଏହାକୁ ବନ୍ଦ କରାଯାଇଛି।

### ଫସର ଫାଟିଲା ବୋଲବମ୍ ବଜାର

କରୋନା ସ୍ଥିତିରେ ବଜାର କଟକଣା ଓ ଯାତ୍ରା ବନ୍ଦ ହେବା କାରଣରୁ ଏଥର ବୋଲବମ୍ ବେପାର ଫସର ଫାଟିଛି। ବଜାରକୁ ଏଯାବତ୍ ବୋଲବମ୍ ସାମଗ୍ରୀ ଆସିନାହିଁ। ପୂର୍ବରୁ ବାସନ୍ତୀ ଦୁର୍ଗାପୂଜା ଓ ରଥଯାତ୍ରାରେ କଟକଣା ଲାଗିବା ପରେ ବ୍ୟବସାୟୀମାନେ ବୋଲବମ୍ ବେପାର ପାଇଁ ମନ ବଳାଇ ନାହାନ୍ତି। ଶ୍ରାବଣ ମାସ ଆରମ୍ଭ ହେବାର ୧୫ ଦିନ ପୂର୍ବରୁ ବଜାରରେ କାଉଡିଆଙ୍କ ଗେରୁଆ ପୋଷାକ, ଭାର ଓ ପୂଜା ସାମଗ୍ରୀର ଆସର ଲାଗେ। କିନ୍ତୁ ଚଳିତ ବର୍ଷ କଟକ ସହରର କୌଣସି ସ୍ଥାନରେ ବି ଏହି ସାମଗ୍ରୀ ବିକ୍ରି ହେଉନାହିଁ।

## ସେମାନେ କୁହନ୍ତି...

### ଏବର୍ଷ ପାଇଁ ଦୁଃଖ ଲାଗୁଛି



ପ୍ରାୟ ୩୦ ବର୍ଷ ଧରି ବାବାଙ୍କ ପାଖକୁ ଜଳାଭିଷେକ କରିବାକୁ ଯାଉଛି। ସବୁ ବର୍ଷ ମାନସିକ ରହିଥାଏ। ପରିବାର ଲୋକଙ୍କୁ ବାବା ସବୁବେଳେ ଆଶୀର୍ବାଦର ହାତ ବଢ଼ାଉଥାନ୍ତୁ। ଏବର୍ଷ ମୋର ୩୧ ବର୍ଷ ହୋଇଥାନ୍ତା। ମାତ୍ର କରୋନା ଯୋଗୁ ଏଥର ଜଳାଭିଷେକ କରିପାରିବିନି ବୋଲି ଦୁଃଖ ଲାଗୁଛି।

**– ହାଡ଼ିବନ୍ଧୁ ପ୍ରଧାନ, କାଉଡିଆ**

### ପ୍ରଭୁଙ୍କ କୃପା ନ ଥିବା ଭଳି ଲାଗୁଛି



ପିଲାଦିନରୁ ଦେଖିଛି ଗାଁ ଲୋକେ ଲମ୍ବାଧାଡ଼ିରେ ଶିବମନ୍ତ୍ର ଜପକରି ଖାଲି ପାଦରେ ଚାଲିଚାଲି ଜଳଲାଗି କରିବାକୁ ଯାଆନ୍ତି। ସେମାନଙ୍କ ସହ ମୁଁ ମଧ ବାହାରି ପଡୁଥିଲି। ପ୍ରଭୁଙ୍କ କୃପାରୁ ପାଦଚଲା କଷ୍ଟ ଜଣାପଡ଼େ ନାହିଁ। କିନ୍ତୁ ଏଥର କରୋନା ସବୁ ସାରିଦେଲା। ଏ ବର୍ଷ ପ୍ରଭୁଙ୍କ କୃପା ଆମ ଉପରେ ନ ଥିବା ଭଳି ମନେ ହେଉଛି।

**– ବିଶ୍ୱରଞ୍ଜନ ବାରିକ, କାଉଡିଆ**

### କରୋନା ଯୋଗୁ ପାଣି ଢାଳିପାରିବିନି



ମୁଁ ବାହାର ରାଜ୍ୟରେ ରହି କାମ କରେ। ଶ୍ରାବଣ ମାସ ହେଲେ ଓଡ଼ିଶା ଫେରିଆସେ। ମାନସିକ ନ ଥିଲେ ବି ୮ ବର୍ଷ ହେବ ବୋଲବମ୍ ଯାଉଛି। ଓଡ଼ିଶାର ବହୁ ଶୈବପୀଠରେ ପାଣି ଢାଳିଛି। ମାତ୍ର କରୋନା ପାଇଁ ବାହାର ରାଜ୍ୟରେ ଫସିଯାଇଛି। ଓଡ଼ିଶା ସରକାର ବି ବୋଲବମ ଯାତ୍ରା ବନ୍ଦ କରିଛନ୍ତି।

**– ଟୁକୁନ ବେହେରା, ଶ୍ରଦ୍ଧାଳୁ**

## ସଂକ୍ଷେପରେ

### ମହଙ୍ଗା ହୋଇପାରେ ଫୋନ୍ କଲ୍, ଇଣ୍ଟରନେଟ

**ନୂଆଦିଲ୍ଲୀ,୫।୭ :** ଆଗାମୀ ବର୍ଷେରୁ ଦେଢ଼ ବର୍ଷ ମଧ୍ୟରେ ଫୋନ୍ କଲ୍ ଏବଂ ଇଣ୍ଟରନେଟ ସମେତ ଏ ସଂକ୍ରାନ୍ତ ସମସ୍ତ ସେବାର ଦେୟ ବଢ଼ିପାରେ। ଏଥିରେ ଦର ପ୍ରାୟ ୨ ଥର ବଢ଼ାଯାଇପାରେ। ଫଳରେ ଆଗାମୀ ଦିନରେ ଫୋନ୍ କଲ ଏବଂ ଇଣ୍ଟରନେଟ ସେବା ମହଙ୍ଗା ହୋଇପାରେ ବୋଲି ଇଣ୍ଡ୍ରାଇ ନାମକ ଏଜେନ୍ସି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଦେଶର ଟେଲିକମ କ୍ଷେତ୍ର ବର୍ତ୍ତମାନ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। କମ୍ପାନୀଗୁଡିକ ବିଭିନ୍ନ ଚ୍ୟାଲେଞ୍ଜ ଦେଇ ଗତି କରୁଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ଟେଲିକମ କ୍ଷେତ୍ରରେ ଢାଞ୍ଚାଗତ ସଂରଚନା ଲାଭପ୍ରଦ ନ ହେବା ଯୋଗୁ ବିଭିନ୍ନ ସମସ୍ୟା ଦେଖାଯାଉଛି। ଫଳରେ ଆଗାମୀ ଦିନରେ ଉକ୍ତ କ୍ଷେତ୍ର ନିଜକୁ ସମ୍ଭାଳିବା ଲାଗି ବିଭିନ୍ନ ଯୋଜନା ଉପରେ କାମ କରିବ ବୋଲି କୁହାଯାଉଛି। ଇଣ୍ଡ୍ରାଇ ପକ୍ଷରୁ ଏହାର ଲିଡର କହିଛନ୍ତି ଯେ, ଦରରେ ତତ୍କାଳ ବୃଦ୍ଧି ବର୍ତ୍ତମାନ ସମୟରେ ହୋଇ ନ ପାରେ। ପ୍ରଥମ ଦର ବୃଦ୍ଧି ଆଗାମୀ ୬ ମାସରେ ଏବଂ ଦ୍ୱିତୀୟ ଦର ବୃଦ୍ଧି ୧୨ରୁ ୧୮ ମାସରେ ହେବା ନେଇ ସେ ଅନୁମାନ ଲଗାଇଛନ୍ତି।

### ଜୁଲାଇରୁ ୪ର୍ଥ ପର୍ଯ୍ୟାୟ ବନ୍ଦେ ଭାରତ ମିଶନ

**ନୂଆଦିଲ୍ଲୀ,୫।୭:** ଜୁଲାଇ ୩ରୁ ୪ର୍ଥ ପର୍ଯ୍ୟାୟ 'ବନ୍ଦେ ଭାରତ ମିଶନ' ଯୋଜନା କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ପ୍ରାୟ ୭୦୦ ବିମାନ ମାଧ୍ୟମରେ ୧.୫ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଦେଶକୁ ଫେରାଇ ଅଣାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କାନାଡା, ଆମେରିକା, ଇଂଲଣ୍ଡ, କେନିଆ, ଶ୍ରୀଲଙ୍କା, ଫିଲିପାଇନ୍ସ, ସାଉଦି ଆରବ, ବାଂଲାଦେଶ, ଥାଇଲାଣ୍ଡ, ଦକ୍ଷିଣ ଆଫ୍ରିକା, ରୁଷିଆ, ଅଷ୍ଟ୍ରେଲିଆ, ମ୍ୟାନ୍‌ମାର, ଜାପାନ, ୟୁକ୍ରେନ ଏବଂ ଭିଏତନାମ ଭଳି ଦେଶରେ ଫଶି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବାକୁ ଯୋଜନା ରଖାଯାଇଛି।

# ମାନୁଫାକ୍ଚରିଂ ହବ୍ ସ୍ଥାପନ କଷ୍ଟସାଧ୍ୟ

**ନୂଆଦିଲ୍ଲୀ,୫।୭**

**ନିଜ ପୁସ୍ତକରେ ଉତ୍ତର ରଖିଲେ ମାରୁତି ସୁଜୁକି ଅଧ୍ୟକ୍ଷ**



ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ମାନୁଫାକଚରିଂର ଯୋଗଦାନ ୧୫% ରହିଛି। ଏଭଳି ସ୍ଥିତିରେ ଚାଇନା ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ମାନୁଫାକଚରିଂ ଉପରେ ନିର୍ଭର କରିଥାଏ। ଚାଇନା ସେନାର ଆକ୍ରମଣରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଉକ୍ତ ଦେଶର ସାମଗ୍ରୀ ବର୍ଜନ କରିବାକୁ ଜୋରଦାର ପ୍ରୟାସ ହୋଇଛି। ଭାରତକୁ ଚାଇନା ଭଳି ମାନୁଫାକଚରିଂ ହବ୍‌ରେ ରୂପାନ୍ତରିତ କରିବା ଲାଗି ମଧ୍ୟ ପ୍ରୟାସ ହୋଇଛି। ଭାରତ ଯଦି ଏହି ଲକ୍ଷ୍ୟ ହାସଲ କରିନିଏ ତେବେ ଦେଶରେ ନିଯୁକ୍ତି ସୁଯୋଗ ସହ ରପ୍ତାନି ମଧ୍ୟ ବଢିବ। ହେଲେ ଭାରତକୁ ମାନୁଫାକଚରିଂ ହବ୍ ଭାବେ ରୂପାନ୍ତରିତ କରିବା ବହୁ କଷ୍ଟସାଧ୍ୟ ବ୍ୟାପାର ବୋଲି ମାରୁତି ସୁଜୁକି ଇଣ୍ଡିଆ ଅଧ୍ୟକ୍ଷ ଆର୍.ସି.ଭାର୍ଗବ ମତପ୍ରକାଶ କରିଛନ୍ତି।

ନିଜ ଲିଖିତ ପୁସ୍ତକ 'ଗେଟିଂ କମ୍ପିଟିଟିଭ ଏ ପ୍ରାକ୍ଟିସନର୍ସ ଗାଇଡ ଫର ଇଣ୍ଡିଆ'ରେ ଭାର୍ଗବ କହିଛନ୍ତି ଯେ, ଅତ୍ୟାଧୁନିକ ଚାଇନା ନିର୍ମାଣ ହେବାରେ ବେଶି ସମୟ ଲାଗି ନାହିଁ। ଚାଇନାର କାହାଣୀର ମାତ୍ର ୩ ଦଶନ୍ଧି ହେବ। ସେଠାକାର ସରକାରଙ୍କ ବିଚାରଧାରା କିଛି ଭିନ୍ନ ରହିଥିଲେ ମଧ୍ୟ ବଢୁଥିବା ବେରୋଜଗାରୀକୁ ନଜରରେ ରଖି ନିବେଶ ଲାଗି ଦ୍ୱାର ଖୋଲିବା ପଦକ୍ଷେପ ନିଆଗଲା। ନିବେଶକଙ୍କୁ ଅନୁକୂଳ ହେଉଥିବା ସବୁ ପଦକ୍ଷେପ ନେବାକୁ ସେଠାକାର ସରକାର ଅଗ୍ରାଧିକାର ଦେଲେ। ଲୋକଙ୍କୁ ରୋଜଗାର ମିଳୁଥିବାରୁ ଚାଇନାର ବ୍ୟବସ୍ଥା ବିରୋଧରେ ଲୋକ ଗଲେ ନାହିଁ। ଦେଖୁ ଦେଖୁ ଚାଇନା ବିଶ୍ୱର ପ୍ରମୁଖ ମାନୁଫାକଚରିଂ ହବରେ ରୂପାନ୍ତରିତ ହେଲା। ଗୋଟିଏ କଥାରୁ ଚାଇନାର ଶକ୍ତି ବିଷୟରେ ଅନୁମାନ ଲଗାଇ ହେବ। କରୋନା ଆରମ୍ଭ ହେବା ବେଳେ ସାରା ଦୁନିଆର ଯୋଗାଣ ଚେନ୍‌କୁ ଶକ୍ତ ଧକ୍କା ଲାଗିଲା। କାରଣ ଏହି ଦେଶ ସାରା ବିଶ୍ୱକୁ ସାମଗ୍ରୀ ଯୋଗାଣ କରିବାରେ ଏକ ବୃହତ୍ତ ଅଂଶ ହାସଲ କରିଛି।

ଭାର୍ଗବ ପୁଣି କହିଛନ୍ତି, ସାମାଜିକ ଦୃଷ୍ଟିକୋଣରୁ ଭାରତରେ ଏକ ଉଚିତ ସମାଜ ଗଠନ କରିବା ବହୁ କଠିନ କାମ। କାରଣ ଦେଶ ସ୍ୱାଧୀନ ହେବାର ସାତ ଦଶନ୍ଧି ପରେ ମଧ୍ୟ ଭାରତ ଏକ ଔଦ୍ୟୋଗିକ ଦେଶ ହେବାକୁ ସକ୍ଷମ ହୋଇ ପାରିନାହିଁ। ଏହାଦ୍ୱାରା ଦେଶ ମଧ୍ୟରେ ସମସ୍ୟା ବଢିଗଲା। ଧନୀ ଏବଂ ଗରିବଙ୍କ ମଧ୍ୟରେ ସମସ୍ୟା ବୃଦ୍ଧି ପାଇ ଚାଲିଲା। ଯେଉଁ ପରିସ୍ଥିତି ସୃଷ୍ଟି ହେଲା ତାହା ଦ୍ୱାରା ବଜାରରେ ପ୍ରତିଦ୍ୱନ୍ଦ୍ୱିତା, ମାନୁଫାକଚରିଂ ଏବଂ ସାମାଜିକ ନ୍ୟାୟ ଭିତ୍ତିକ ସମାଜ ପ୍ରତିଷ୍ଠା କରିବା ଲାଗି ଅନୁକୂଳ ହୋଇପାରିଲା ନାହିଁ। ମାନୁଫାକଚରିଂ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଆଣିବା ଲାଗି ବହୁ ପଥ ଅତିକ୍ରାନ୍ତ କରିବାକୁ ହେବ। ସାମାଜିକ ଏବଂ ଆର୍ଥିକ ଦୂରତ୍ୱ ହାସଲ କରିବା ଏକ ବଡ ସ୍ୱପ୍ନ ଭାବେ ଉଭା ହୋଇଛି। ମାତ୍ର ଭାରତ ବଜାରକୁ ନେଇ ଭାର୍ଗବ ଆଶାବାଦୀ ରହିଛନ୍ତି। ସମସ୍ୟା ଯାହା ବି ହେଉ ଯାହା ଆମେ ହାସଲ କରିବାକୁ ଆଜିଯାଏ ସକ୍ଷମ ହୋଇନେ ସେହି ଦିଗରେ ବଢିବା ଜରୁରୀ। କିଛି ବି ହାସଲ କରାଯାଇପାରେ। ଦେଶକୁ ମାନୁଫାକଚରିଂ ହବ୍ ଭାବେ ଗଢିତୋଳିବା ଲାଗି ଆମ ସମସ୍ତଙ୍କୁ ଏକାଠି ହୋଇ କାମ କରିବାକୁ ପଡିବ ବୋଲି ଭାର୍ଗବ ଆହ୍ୱାନ ଜଣାଇଛନ୍ତି। ସରକାର ଏବଂ ଉଦ୍ୟୋଗ ଜଗତ ଏହି କାମ ଏକାକି କରିପାରିବ ନାହିଁ। ଏଥିରେ ପ୍ରତି ବ୍ୟକ୍ତିଙ୍କର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ।

# ଗ୍ରାମାଞ୍ଚଳରେ କାର ଚାହିଦା ଅଧିକ

**ନୂଆଦିଲ୍ଲୀ,୫।୭**



କରୋନା ମହାମାରୀ ଯୋଗୁ ସହର ତୁଳନାରେ ଗ୍ରାମାଞ୍ଚଳ କ୍ଷେତ୍ରର ସ୍ଥିତି ଉନ୍ନତ ରହିଛି। ଏହି ସମୟରେ ସହରାଞ୍ଚଳର ସ୍ଥିତି ଖରାପ ରହିଛି। ସହରରେ କରୋନା ମାମଲା ବଢି ଚାଲିଥିବା ଜଣାପଡିଛି। ଏଭଳି ବିଭିନ୍ନ କାରଣ ଲାଗି ଦେଶର ଗ୍ରାମାଞ୍ଚଳର ସ୍ଥିତି ସହର ତୁଳନାରେ ଉନ୍ନତ ରହିଛି। ଗ୍ରାମାଞ୍ଚଳରେ ଚାହିଦା ଅଧିକ ରହିଥିବା ଦେଶର ପ୍ରମୁଖ କାର ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ସୂଚନା ରହିଛି। ମାରୁତି ସୁଜୁକିର ମାର୍କେଟିଂ ଏବଂ ସେଲସ ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି ଯେ, ଜୁନ୍‌ରେ ମୌସୁମୀ ଉନ୍ନତ ରହିଥିବାରୁ ଗ୍ରାମାଞ୍ଚଳ ବଜାରର ସ୍ଥିତି ଭଲ ରହିଛି। ଖରିଫ ଲାଗି କୃଷି କାର୍ଯ୍ୟ ଉନ୍ନତ ହୋଇଛି। ବର୍ତ୍ତମାନ ଗ୍ରାମାଞ୍ଚଳରେ ଚାହିଦା ସହର ତୁଳନାରେ ବେଶ୍ ଉନ୍ନତ ରହିଛି। ଜୁନର ମୋଟ ବିକ୍ରି ମଧ୍ୟରୁ ଗ୍ରାମୀଣ ବଜାରର ଅଂଶ ୪୦%କୁ ବଢିଛି। ଗତ ବର୍ଷ ସମାନ ଅବଧିର ପରମ୍ପରମାନ୍ସଠାରୁ ଚଳିତ ବର୍ଷ ଗ୍ରାମାଞ୍ଚଳ ବଜାର ଭଲ ପ୍ରଦର୍ଶନ କରିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ସରକାର ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟିକୁ ଗୁରୁତ୍ୱ ଦେଉଥିବା ଜଣାପଡିଛି।

# ଜୁନ୍‌ରେ ହୋଣ୍ଡାର ବିକ୍ରିରେ ଉନ୍ନତି

**ନୂଆଦିଲ୍ଲୀ,୫।୭**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜୁନ ମାସରେ ପ୍ରାୟ ୩ ଲକ୍ଷ ଗାଡି ବିକ୍ରି କରାଯାଇଥିବା ସୂଚନା ମିଳିଛି। ବଜାରରେ ୨ଚକିଆ ଯାନର ଚାହିଦା ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ହେଉଥିବାରୁ କମ୍ପାନୀ ପ୍ରାୟ ୪ଗୁଣା ଅଧିକ ଯାନ ବିକ୍ରି କରିଛି। ଜୁନ ମାସରେ କମ୍ପାନୀ ୨,୧୦,୮୭୯ ଗାଡି ବିକ୍ରି କରିଛି। ଦେଶ ଭିତରେ କମ୍ପାନୀ ୨୦୨୮୩୭ଟି ଗାଡି ବିକ୍ରି କରିଥିବା ବେଳେ ବିଦେଶକୁ ୮,୦୪୨ଟି ଗାଡି ରପ୍ତାନି ହୋଇଛି। ୨୦୨୦ ମେ ମାସରେ କମ୍ପାନୀ ୫୪,୮୨୦ଟି ଗାଡି ବିକ୍ରି କରିଥିଲା। ସେଥିମଧ୍ୟରୁ ୫୪ହଜାର ଭାରତ ବଜାରରେ ବାକି ୮୨୦ଟି ବିଦେଶକୁ ରପ୍ତାନି କରାଯାଇଥିଲା। ହୋଣ୍ଡାର ଖୁଚୁରା କାର୍ଯ୍ୟକଳାପରେ ୧୫୬%ରୁ ବୃଦ୍ଧି ଘଟି ୩ଲକ୍ଷ ୟୁନିଟରେ ପହଞ୍ଚିଛି। ଯାହା ୨୦୨୦ ମେ ରେ ୧.୧୫ଲକ୍ଷ ୟୁନିଟ ଥିଲା। ସର୍ଭିସ ସେଣ୍ଟରକୁ ଆସୁଥିବା ଗାଡି ସଂଖ୍ୟା ମଧ୍ୟ ୨ଗୁଣ ବୃଦ୍ଧି ପାଇ ୨୨ଲକ୍ଷରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ଯାହା ଗତ ମେ ମାସରେ ୧୦.୫ ଲକ୍ଷ ଥିଲା ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଟିଡିଏସ୍ ନିୟମରେ ପରିବର୍ତ୍ତନ

**ନୂଆଦିଲ୍ଲୀ,୫।୭**




ଆୟକର ବିଭାଗ ପକ୍ଷରୁ ଟ୍ୟାକ୍ସ ଡିଡକସନ ଆଟ ସୋର୍ସ(ଟିଡିଏସ୍) ନିୟମରେ ପରିବର୍ତ୍ତନ କରାଯାଇଛି। ଟିଡିଏସ୍ ଫର୍ମକୁ ବ୍ୟାପକ କରିବା ଲାଗି ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ଟିକସରେ କାଟ ନ କରିବା କ୍ଷେତ୍ରରେ ସୂଚନା ଦେବା ବାଧ୍ୟତାମୂଳକ କରାଯାଇଛି। ସେହିଭଳି ୧ କୋଟି ଟଙ୍କାରୁ ଅଧିକ ପରିମାଣର ଉଠାଣ ଉପରେ ବ୍ୟାଙ୍କଗୁଡିକୁ ଟିଡିଏସ୍ ରିପୋର୍ଟ ଦେବାକୁ ପଡିବ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ଜାରି କରାଯାଇଥିବା ନୂଆ ନିୟମ ଇ-କମର୍ସ ଅପରେଟର, ବିଜନେସ ଟ୍ରଷ୍ଟ ଏବଂ ମ୍ୟୁଚୁଆଲ ଫଣ୍ଡଗୁଡିକ ପକ୍ଷରୁ ବଣ୍ଟନ ହେଉଥିବା ଡିଭିଡେଣ୍ଡ, ଟଙ୍କା ଉଠାଣ, ପ୍ରଫେଶନାଲ ଫିସ ଏବଂ ଇଣ୍ଟରେଷ୍ଟ କ୍ଷେତ୍ରରେ ଲାଗୁ ହେବ। ୨୬ କ୍ୟୁ ଏବଂ ୨୭ କ୍ୟୁ ଫର୍ମରେ ଏହା ଦ୍ୱାରା ପରିବର୍ତ୍ତନ କରାଯାଇଛି। ବିଭିନ୍ନ ରେସିଡେଣ୍ଟ ଏବଂ ଅଣ ରେସିଡେଣ୍ଟ ପେମେଣ୍ଟ ବେଳେ ଟିଡିଏସ୍ ବାବଦ କେତେ ଟଙ୍କା ଲେଖାଏ କାଟ ହୋଇଛି ଏବଂ ଜମା କରାଯାଇଛି ସେ ସମ୍ପର୍କରେ ରିପୋର୍ଟ ଦେବାକୁ ପଡିବ। ନୂଆ ଟିଡିଏସ୍ ଫର୍ମ ପୂର୍ବ ତୁଳନାରେ ବ୍ୟାପକ ହୋଇଥିବା ବିଶେଷଜ୍ଞ କହିଛନ୍ତି। ଯେଉଁ ରାଶି ଉପରେ ଟିଡିଏସ୍ କଟୁଛି ସେ ସମ୍ପର୍କରେ ସୂଚନା ଦେବାକୁ ହେବ। ବର୍ତ୍ତମାନ ଟିକସଦାତାଙ୍କୁ ସେହି ରାଶି ସମ୍ପର୍କରେ ତଥ୍ୟ ଦେବାକୁ ପଡିବ ଯାହା କୌଣସି କାରଣ ପାଇଁ ଟିଡିଏସ୍ କାଟ ହୋଇନାହିଁ। କମ୍ ଦର ଉପରେ ଟିଡିଏସ୍ କଟିବା ବା ଟିଡିଏସ୍ ନ କଟିବା ଭଳି ବିଭିନ୍ନ ସ୍ଥିତିରେ ଭିନ୍ନ ଭିନ୍ନ କୋଡ୍ ଦେବାକୁ ପଡିବ।

# ଏସ୍‌ବିଆଇ ଜେନେରାଲର ନୂଆ ବ୍ରାଣ୍ଡ ପରିଚୟ

**ଭୁବନେଶ୍ୱର,୫।୭:** ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସ ପକ୍ଷରୁ ନୂଆ ଲୋଗୋ ଓ ଟ୍ୟାଗ୍ ଲାଇନ ସହ ନୂତନ ବ୍ରାଣ୍ଡ ପରିଚୟର ଉନ୍ମୋଚନ କରାଯାଇଛି। ଏହି ସମୟରେ କମ୍ପାନୀ ଡିଜିଟାଇଜ ଏବଂ ଫ୍ୟୁଚର ରେଡି ସେବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏସ୍‌ବିଆଇଜି ୨.୦ ଭର୍ଜନର ଆରମ୍ଭ ସହ ଏକ ଦଶନ୍ଧିର ଯାତ୍ରା ପାଇଁ ନୂଆ ମାଇଲଷ୍ଟୋନ ଦିଗରେ କମ୍ପାନୀ ଅଗ୍ରସର ହୋଇଛି। ଏସ୍‌ବିଆଇଜିର ସୁରକ୍ଷା ଉପରେ ଭରସା ରଖିବା ଲାଗି ଲୋକଙ୍କୁ କମ୍ପାନୀ ନିବେଦନ କରିଛି। ଲୋକଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ କମ୍ପାନୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ବୋଲି ଏସ୍‌ବିଆଇର ଗ୍ଲୋବାଲ ବ୍ୟାଙ୍କିଙ୍ଗ୍ ଆଣ୍ଡ ସବ୍‌ସିଡିଆରି ଏମ୍‌ଡି ଦିନେଶ କୁମାର ଖରା ସୂଚନା ଦେଇଛନ୍ତି। ଏସ୍‌ବିଆଇର ଭରସା ସହ ଗ୍ରାହକଙ୍କ ଭରସା ଏବଂ ସୁରକ୍ଷାକୁ ଅଗ୍ରାଧିକାର ଦିଗରେ କାର୍ଯ୍ୟ କରୁଥିବା ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସ ଏମ୍‌ଡି ପୁସନ ମହାପାତ୍ର ସୂଚନା ଦେଇଛନ୍ତି।

# ନିସାନ ଇଣ୍ଡିଆ ଆଣିବ ବି-ଏସ୍‌ୟୁଭି

**ନୂଆଦିଲ୍ଲୀ,୫।୭:** ନିସାନ ଇଣ୍ଡିଆ ପକ୍ଷରୁ ଶୁକ୍ରବାର ଏହାର ଟେକ୍ନୋଲୋଜି ସମୃଦ୍ଧ ଓ ଷ୍ଟାଇଲିସ ବି-ଏସ୍‌ୟୁଭି କନସେପ୍ଟର ହେଡଲାଇଟ ଓ ଗ୍ରୀଲର ଝଲକ ପ୍ରକାଶ କରାଯାଇଛି। ପ୍ରଥମ ଥର ପାଇଁ ବି-ଏସ୍‌ୟୁଭି କନସେପ୍ଟ କାରକୁ ୧୬ ଜୁଲାଇରେ କମ୍ପାନୀର ଗ୍ଲୋବାଲ ହେଡ୍‌କ୍ୱାର୍ଟରରେ ସମଗ୍ର ବିଶ୍ୱ ପାଇଁ ପ୍ରଦର୍ଶିତ କରାଯିବ। କମ୍ପାନୀର ଏହି ପ୍ରଥମ କମ୍ପାକ୍ଟ ବି-ଏସ୍‌ୟୁଭି ଭାରତୀୟ ବଜାର ପାଇଁ ନିସାନ-ନେସ୍‌କୁ ପ୍ରତିଫଳିତ କରୁଛି। ଏହା ଦ୍ୱାରା ଅତ୍ୟାଧୁନିକ ଉତ୍ପାଦ ଓ ଟେକ୍ନୋଲୋଜିଗୁଡିକ ମାଧ୍ୟମରେ ଲୋକଙ୍କୁ ସଶକ୍ତ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ନୂଆ ଏସୟୁଭି ଚଳିତ ବର୍ଷ ୨ୟ ଭାଗରେ ବଜାରକୁ ଆସିବ।

## ରାଜ୍ୟ

### ମାଟ୍ରିକ ପରୀକ୍ଷା ଖାତା ନେଇ ଯାଉଥିବା ମିନିଟ୍ରକ୍ ଓଲଟିଲା



**ବୌଦ୍ଧ,୫।୭(ସ୍ୱ.ପ୍ର.):** ମାଟ୍ରିକ ପରୀକ୍ଷା ଖାତା ନେଇ ଯାଉଥିବା ଏକ ମିନିଟ୍ରକ୍ ରବିବାର ବୌଦ୍ଧ ଜିଲାର ଖଜୁରିପଡାଠାରେ ଓଲଟି ପଡିଛି। ଫଳରେ ଖାତା ନଷ୍ଟ ହୋଇଥିବା ସୂଚନା ମିଳିଛି। ଟ୍ରକ (ନଂ ଓଡି୦୨ଏଏ-୯୫୨୧)ବଲାଙ୍ଗୀର ଜିଲା ଟିଟିଲାଗଡ଼ରୁ ଶନିବାର ବାହାରି କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟକୁ ଯାଉଥିଲା। ଏଥିରେ ମୂଲ୍ୟାୟନ ସରିଥିବା ଖାତା ଥିଲା। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଖଜୁରିପଡ଼ାଠାରେ ଭାରସାମ୍ୟ ହରାଇ ଓଲଟି ପଡିବା ଫଳରେ ଖାତା ନଷ୍ଟ ହେବା ସହ ଡ୍ରାଇଭର ଗୁରୁତର ହୋଇଥିଲେ। ଆହତ ଡ୍ରାଇଭର ହରମୋହନ ନାଏକଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ମିନିଟ୍ରକ୍ ଜବତ କରିଛି।

### ବନ୍ଧାହେଲେ ତାନ୍ତ୍ରିକ

**ମହାକାଳପଡ଼ା,୫।୭(ଡି.ଏନ୍.ଏ.):** ଗୁଣିଗାରେଡ଼ି ସନ୍ଦେହରେ ମହାକାଳପଡ଼ା ବ୍ଲକ ଖରିନାସୀ ଗାଁରେ ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀ ଶନିବାର ବାନ୍ଧି ପକାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ପାରାଦୀପ ଅଞ୍ଚଳର ବୋଲି ଜଣାପଡିଛି। ଜମ୍ବୁ ମେରାଇନ୍ ପୋଲିସ ରବିବାର ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ଗ୍ରାମର ମନୋରଞ୍ଜନଙ୍କ ସ୍ତ୍ରୀ ବାସନ୍ତୀ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୭୪/୨୦)ରୁଜୁ କରାଯାଇଛି। ଜମିବାଡ଼ିକୁ କେନ୍ଦ୍ର କରି ମନୋରଞ୍ଜନଙ୍କ ସହ ପଡ଼ୋଶୀଙ୍କ ବିବାଦ ଥିଲା। ଶନିବାର ସମ୍ପୃକ୍ତ ପଡ଼ୋଶୀ ଅଭିଯୁକ୍ତଙ୍କୁ ଡକାଇ ତନ୍ତ୍ର ପୂଜା କରିଥିଲେ। ପରେ ଅଭିଯୁକ୍ତ ବ୍ୟକ୍ତି ମନୋରଞ୍ଜନଙ୍କ ଘରେ ପଶି ସାନପୁଅ ଗୌରବଙ୍କୁ ତନ୍ତ୍ର କରିବାକୁ ଉଦ୍ୟମ କଲାବେଳେ ପରିବାର ଓ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କ ନିକଟରୁ ମଣିଷ ହାଡ଼, ପାନ, ଚେରମୂଳି, ନିର୍ମାଲ୍ୟ, ସିନ୍ଦୂର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ମିଳିଥିଲା।

# ନିଜକୁ ପୋଲିସ ଭାବିବା ମହଙ୍ଗା ପଡ଼ିଲା

**ଝାରସୁଗୁଡା ଅଫିସ,୫।୭**

- ପାଟ୍ରୋଲିଂରେ ନିୟୋଜିତ ଘରୋଇ ଗାଡି ଡ୍ରାଇଭରଙ୍କ ଦାଦାଗିରି
- ଲାଠି ଧରି ରାସ୍ତାରେ ଲୋକଙ୍କୁ ଉଠ୍‌ବସ୍ କରିଥିଲେ
- କାର୍ଯ୍ୟରୁ ହଟାଇବାକୁ ଏମ୍‌ସିଏଲ୍‌କୁ ଜଣାଇଲେ ଏସ୍‌ପି
- ବ୍ରଜରାଜନଗର ଥାନାରେ ମାମଲା ରୁଜୁ କଲା ପୋଲିସ

ଝାରସୁଗୁଡା ଜିଲା ବ୍ରଜରାଜନଗରରେ ଶନିବାର ପାଟ୍ରୋଲିଂରେ ନିୟୋଜିତ ଏକ ଘରୋଇ ଗାଡି ଚାଳକ ଯୋଶୀ ତାଣ୍ଡି ନିଜକୁ ପୋଲିସ ଭାବି ଲୋକଙ୍କ ଉପରେ ହକୁମତି କରିବା ଶେଷରେ ମହଙ୍ଗା ପଡ଼ିଛି। ଶଟ୍‌ଡାଉନ ସତ୍ତ୍ୱେ ବାହାରକୁ ବାହାରିଥିବା ଲୋକଙ୍କୁ ସେ ପୋଲିସ ଲାଠି ଧରି ମାରିବାକୁ ଉଦ୍ୟମ କରିବା ସହ ଉଠ୍‌ବସ୍ କରିବାକୁ ପଛାଇ ନ ଥିଲେ। ଏହି ଭିଡିଓ ଭାଇରାଲ ହେବାପରେ ଜିଲା ପୋଲିସକୁ ବଦନାମ ହେବାକୁ ପଡ଼ିଥିଲା। ଏ ନେଇ ରବିବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହା ଏସ୍‌ପି ରାହୁଲ ପିଆରଙ୍କ ନଜରକୁ ଆସିଛି। ଏହାପରେ ତୁରନ୍ତ ସେ ପଦକ୍ଷେପ ନେଇଛନ୍ତି। ସମ୍ପୃକ୍ତ ଚାଳକଙ୍କ ବିରୋଧରେ ବ୍ରଜରାଜନଗର ଥାନାରେ ପୋଲିସ ଏକ ମାମଲା (ନଂ.୨୫୪/୨୦)ରୁଜୁ କରିଛି। ସେହିଭଳି ପୋଲିସକୁ ପାଟ୍ରୋଲିଂରେ ସହଯୋଗ କରିବାକୁ ଏହି ଗାଡ଼ି ଦେଇଥିବା ଏମ୍‌ସିଏଲ୍‌କୁ ସେ ଚିଠି କରିଛନ୍ତି। ବିଶୃଙ୍ଖଳିତ ଆଚରଣ ଯୋଗୁ ତୁରନ୍ତ ସମ୍ପୃକ୍ତ ଗାଡି ଚାଳକଙ୍କୁ କାର୍ଯ୍ୟରୁ ବିଦା କରିବାକୁ ସେ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି। ନିଜେ ଏସ୍‌ପି ଟୁଇଟ୍ କରି ମଧ୍ୟ ଏହା ଜଣାଇଛନ୍ତି।

ବ୍ରଜରାଜନଗର ଥାନାକୁ ଏମ୍‌ସିଏଲ୍ ପକ୍ଷରୁ ଏହି ଗାଡି ପାଟ୍ରୋଲିଂ ପାଇଁ ପ୍ରଦାନ କରାଯାଇଛି। ଗାଡି ଡ୍ରାଇଭର ଭାବେ ଅଭିଯୁକ୍ତ ଯୋଶୀଙ୍କୁ ମଧ୍ୟ ଏମ୍‌ସିଏଲ୍ ନିଯୁକ୍ତ କରିଥିଲା। ଶନିବାର ଶଟ୍‌ଡାଉନ ବେଳେ ଡ୍ରାଇଭର ତାଣ୍ଡି ଥାନା ଅଧିକାରୀ ନଳିତା ମୋଦିଙ୍କୁ ନେଇ ପାଟ୍ରୋଲିଂ କରୁଥିଲେ। ନିଜେ ସେ ବିନା ମାସ୍କରେ ଥିଲେ। ହେଲେ ପୋଲିସ ଲାଠି ଧରି ରାସ୍ତାରେ ଲୋକଙ୍କୁ ଦୁର୍ବ୍ୟବହାର କରୁଥିଲେ। ସେହିପରି ବ୍ରଜରାଜନଗର ରେଳ ଷ୍ଟେଶନ ନିକଟରେ


SP Jharsuguda
@SPJharsuguda
Update

The matter relating to a driver engaged in Brajrajnagar Police Station showing high handedness and apparently enforcing Covid-19 restrictions has come to light yesterday. The driver is engaged by MCL for driving a patrolling vehicle provided by MCL to Brajrajnagar PS.

1. Case no. 254/2020, u/s 419/341/506 IPC has been registered against the said driver. Action as per law will continue.
2. A formal enquiry has been ordered in the matter.
3. It has also been taken up with MCL to immediately disengage him.

ଏସ୍‌ପିଙ୍କ ଟୁଇଟ୍।

ଜଣେ ଯୁବକ ବାହାରକୁ ଆସିଥିବା ବେଳେ ତାଙ୍କୁ ରାସ୍ତା ଉପରେ ଉଠ୍‌ବସ୍ କରାଇବା ସହ ମାଡ ମାରିବାକୁ ଉଦ୍ୟମ କରିଥିଲେ। ସେଠାରେ ଥାନା ଅଧିକାରିଣୀ ମୋଦି ଓ ଜଣେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ସୁଦ୍ଧା ତାଙ୍କୁ କିଛି କହି ନ ଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ସୂଚନାଯୋଗ୍ୟ, ଅଭିଯୁକ୍ତ ଯୋଶୀ ପୋଲିସ କହି ଲୋକଙ୍କୁ ଧମକ ଚମକ ଦେଇ କାର୍ଯ୍ୟ ହାସଲ କରୁଥିଲେ। ଏହା ସହିତ ଜଣେ ପୋଲିସ ଅଧିକାରୀଙ୍କ କଲେକ୍ସନ ଏଜେଣ୍ଟ ସାଜିଥିବା ବହୁବାର ଜିଲା ପୋଲିସ ନିକଟରେ ଅଭିଯୋଗ ହୋଇଛି। ହେଲେ ପ୍ରମାଣ ଅଭାବରୁ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ହୋଇ ବସି ରହିଥିଲା।

# ଅଭିନେତା ସୁଶାନ୍ତ ସିଂଙ୍କ ପ୍ରଶଂସକ ଆଖି ବୁଜିଲେ

**ବ୍ରହ୍ମପୁର ଅଫିସ,୫।୭**

ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା ଘଟଣାରେ ମ୍ରିୟମାଣ ହୋଇପଡିଥିବା ଗଞ୍ଜାମ ଜିଲା ଚିକିଟି ବ୍ଲକ ଅଞ୍ଚଳର ଜଣେ ନାବାଳିକା ବେକରେ ଚୁନରୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘଟଣାର ୧୭ ଦିନ ପରେ ରବିବାର ସକାଳେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି। ସେ ହେଲେ କେ.ନୂଆଗାଁ ଥାନା ମହିଶାନପୁର ଗ୍ରାମର ସିଏଚ. ମମତା (୧୪)। ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା (ନଂ.୩୦୬/୨୦) ରୁଜୁ କରିଛି। ମମତା ନବମ ଶ୍ରେଣୀ ଛାତ୍ରୀ ଥିବାବେଳେ ଅଭିନେତା ସୁଶାନ୍ତଙ୍କ ଆତ୍ମହତ୍ୟାକୁ ନେଇ ତାଙ୍କ ମା, ଭଉଣୀ ଓ ସାଙ୍ଗମାନଙ୍କୁ ପୂର୍ବରୁ ଅନେକ ପ୍ରଶ୍ନ କରିଥିଲେ। ସେଥିପାଇଁ ସେ ଚିନ୍ତିତ ମଧ୍ୟ ରହୁଥିଲେ। ପୋଲିସ ତାଙ୍କ ମା'ଙ୍କଠାରୁ ଏସବୁ କଥା ଜାଣିବାକୁ ପାଇଥିଲା ବୋଲି କହିଛି।

ଜୁନ ୧୮ ସକାଳେ ମମତା ଘର ଉପର ମହଲାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ତଳ ମହଲାକୁ ଆସି ନ ଥିଲେ। ପରେ ତାଙ୍କ ମା' ଉପର ମହଲାକୁ ଯାଇ ଦେଖିବା ବେଳେ ମମତା ବେକରେ ଚୂନରୀ ଲଗାଇ ଝୁଲୁଛି। ଝିଅ ବଞ୍ଚିଥିବା ଭାବି ତାଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

# ୯ ଶିଳ୍ପ ସଂସ୍ଥାକୁ ଚିଠି ଲେଖିଲେ ଜିଲାପାଳ

**ଅନୁଗୋଳ ଅଫିସ/ ବଣ୍ଟାରପାଳ, ୫।୭**

**ଅନୁଗୋଳ ଜିଲାରେ ବଢୁଛି ସଂକ୍ରମଣ**

ଅନୁଗୋଳ ଜିଲାରେ ଥିବା ବିଭିନ୍ନ ଶିଳ୍ପସଂସ୍ଥାରୁ ଏବେ ନୂଆ ନୂଆ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଦିନକୁ ଦିନ ସଂଖ୍ୟା ବଢ଼ି ଚାଲିଥିବାରୁ ଏହାକୁ ରୋକିବା ଉପରେ ଜିଲା ପ୍ରଶାସନ ଜୋର ଦେଇଛି। ପ୍ରଶାସନ ପକ୍ଷରୁ ଲଗାଯାଇଥିବା ପ୍ରତିଟି କଟକଣା ଯେପରି ପ୍ଲାଣ୍ଟ ମଧ୍ୟରେ କଡ଼ାକଡ଼ି ପାଳନ କରାଯାଏ ସେ ନେଇ ପଦକ୍ଷେପ ନେବାକୁ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ରବିବାର ୯ଟି ଶିଳ୍ପସଂସ୍ଥା କର୍ତ୍ତୃପକ୍ଷଙ୍କୁ ଚିଠି (ନଂ. ୩୨୪/୫।୭।୨୦) ଲେଖିଛନ୍ତି। ପ୍ଲାଣ୍ଟରେ କାମ କରୁଥିବା କର୍ମଚାରୀମାନେ ଅନୁଗୋଳ ସହର ସମେତ ନିକଟବର୍ତ୍ତୀ ଗ୍ରାମରେ ରହୁଥିବାରୁ ସେଠାରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



ନାଲ୍‌କୋ ଟେକ୍ନିକାଲ ବିଲ୍ଡିଂ ସିଲ୍ କରାଯାଇଛି।

ଏଥିସହ ପ୍ଲାଣ୍ଟ ଅଞ୍ଚଳରେ ରହୁଥିବା କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଯେପରି ବାହାରେ ବୁଲାବୁଲି ନ କରନ୍ତି ସେଥିପାଇଁ ବାରଣ କରିବାକୁ କୁହାଯାଇଛି। ଜରୁରୀ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ପ୍ଲାଣ୍ଟ ପରିସର ମଧ୍ୟରେ ରଖିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ବାହାରୁ ଯାଉଥିବା କର୍ମଚାରୀଙ୍କ ଥର୍ମାଲ ସ୍କ୍ରିନିଂ ବାଧ୍ୟତାମୂଳକ ସହ ଲକ୍ଷଣ ଥିଲେ ସେମାନଙ୍କୁ ପ୍ଲାଣ୍ଟ ଭିତରକୁ ପ୍ରବେଶ କରାଇ ନ ଦେବା ପାଇଁ କୁହାଯାଇଛି। ନିୟମ କଡ଼ାକଡ଼ି ପାଳନ କରା ନ ଗଲେ ଉକ୍ତ ପ୍ଲାଣ୍ଟକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯିବ ବୋଲି ଜିଲାପାଳ ମହାନ୍ତି ଚିଠିରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଶନିବାର ୬ ଜଣଙ୍କ ନମୁନା ପଜିଟିଭ୍ ଆସିବା ପରେ ନାଲ୍‌କୋ ପ୍ରଶାସନ ପକ୍ଷରୁ ରବିବାର ୯୫ଟି କ୍ୱାର୍ଟର୍ସକୁ ସିଲ୍ କରାଯାଇଛି। ସିପିପି ପ୍ରଶାସନିକ କାର୍ଯ୍ୟାଳୟ-୧ ଓ ଟେକ୍ନିକାଲ ବିଲ୍ଡିଂ-୧କୁ ମଧ୍ୟ ସିଲ୍ ସହ ବିଶୋଧନ କରାଯାଉଥିବା ସୂଚନା ମିଳିଛି।

# ଗାଈ ଆକ୍ରମଣରେ ବୃଦ୍ଧା ମୃତ

**ବୌଦ୍ଧ,୫।୭(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବନ୍ଧାପଥର ଗ୍ରାମରେ ଏକ ପାଗଳ ଗାଈ ଆକ୍ରମଣରେ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧାଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ମୃତା ବୃଦ୍ଧା ହେଲେ ବିଶାଖା ପ୍ରଧାନ (୮୦)। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ମିଳିଥିବା ସୂଚନା ମୁତାବକ, ଗତ କିଛିଦିନ ପୂର୍ବରୁ ଉକ୍ତ ଗାଈକୁ ଏକ କୁକୁର କାମୁଡି ଦେଇଥିଲା। ଫଳରେ ଗାଈଟି ପାଗଳ ଭଳି ଗର୍ଜନ କରି ଏଣେ ତେଣେ ବୁଲିବା ସହିତ କୌଣସି ବ୍ୟକ୍ତିଙ୍କୁ ଦେଖିଲେ ଗୋଡାଉଥିଲା। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିଲେ। ଶନିବାର ସନ୍ଧ୍ୟାରେ ବିଶାଖା ଗାଁ ମଣ୍ଡପ ନିକଟରେ ଛିଡା ହୋଇଥିବା ବେଳେ ତାଙ୍କୁ ଏହି ଗାଈ ଆକ୍ରମଣ କରିଥିଲା। ଏଥିରେ ବୃଦ୍ଧା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କର ମୃତ୍ୟୁ ଘଟିବା ଜାଣିବା ପରେ ଜଳାତଙ୍କରେ ମରିବା ସନ୍ଦେହ କରି ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା। ପରେ ଗାଈଟିକୁ ବାନ୍ଧିବା ପାଇଁ ଗ୍ରାମବାସୀ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ଅପରାହ୍ନରେ ଗାଈର ମୃତ୍ୟୁ ହୋଇଥିବା ଜଣାଯାଇଛି। ଉଭୟ ଗାଈ ଓ କୁକୁର ଜଳାତଙ୍କରେ ଆକ୍ରାନ୍ତ ଥିବା ସନ୍ଦେହ କରାଯାଉଛି।

# ଝିଅାରୀଙ୍କୁ ଅପହରଣ ଉଦ୍ୟମ ପଣ୍ଡ

**ଡେରାବିଶ,୫।୭(ସ୍ୱ.ପ୍ର.)**

**ଅଭିଯୁକ୍ତ ଦାଦା ଫେରାର**

ଡେରାବିଶ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସମ୍ପର୍କୀୟ ଦାଦା ଅପହରଣ କରିବାକୁ ଉଦ୍ୟମ କରୁଥିବା ଯୋଜନା ପଣ୍ଡ ହୋଇଛି। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୧୬ ବର୍ଷିୟା ନାବାଳିକାଙ୍କ ସହ ଉକ୍ତ ଅଞ୍ଚଳର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରେମସମ୍ପର୍କ ସ୍ଥାପନ କରିଥିଲେ। ସମ୍ପୃକ୍ତ ଯୁବକ ନାବାଳିକାଙ୍କ ଜଣେ ସମ୍ପର୍କୀୟ ଦାଦା ଥିଲେ। ଏହାସତ୍ତ୍ୱେ ବିବାହ ପ୍ରଲୋଭନ ଦେଖାଇ ଗୁରୁବାର ସନ୍ଧ୍ୟାରେ ସେ ନାବାଳିକାଙ୍କୁ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତ ବାଇକ୍‌ରେ ନାବାଳିକାଙ୍କୁ ନେଇଯାଉଥିବା ବେଳେ ଦୁହୁରିଆ ଛକ ନିକଟରେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ଉଭୟଙ୍କୁ ଅଟକାଇଥିଲେ। ଏଥିସହ ନାବାଳିକାଙ୍କ ପରିବାରକୁ ଖବରଦେଇଥିଲେ। ଏହି ସମୟରେ କୌଶଳକ୍ରମେ ଅଭିଯୁକ୍ତ ଯୁବକ ଫେରାର ହୋଇଯାଇଥିଲେ। ପରିବାର ଲୋକେ ସେଠାରୁ ଝିଅକୁ ଉଦ୍ଧାର କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ପକ୍ଷରୁ ମାମଲା (ନଂ.୧୧୬/୨୦) ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।



ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ସହ ହଲିଉଡ ଆକ୍ଟର ୱିଲ ସ୍ମିଥ୍ ଏକାଠି କାମ କରିବାକୁ ଚାହିଁଥିଲେ। ମାତ୍ର ଏହା କେବେ ସମ୍ଭବ ନୁହେଁ ବୋଲି ଐଶ୍ୱର୍ଯ୍ୟା ଏକ ସାକ୍ଷାତକାରରେ କହିଥିଲେ। ସେ କହିଥିଲେ, ପରିବାର ସଦସ୍ୟଙ୍କ ଯୋଗୁ ସେ ୱିଲଙ୍କ ତିନୋଟି ଫିଲ୍ମ ପ୍ରତ୍ୟାଖାନ କରିଦେଇଥିଲେ। ୱିଲ ଐଶ୍ୱର୍ଯ୍ୟାଙ୍କୁ ଫିଲ୍ମ 'ହିଚ', 'ସେଭେନ ପାଉଣ୍ଡସ' ଏବଂ 'ଟୁ ନାଇଟ ହି କମ୍ସ'ର ଅଫର ଦେଇଥିଲେ। ମାତ୍ର ଏଥିରୁ କୌଣସି ଗୋଟିଏ ହେଲେ ଫିଲ୍ମ କରିବା ପାଇଁ ଐଶ୍ୱର୍ଯ୍ୟା ରାଜି ହୋଇ ନ ଥିଲେ। କାରଣ ତାଙ୍କ ପାଖରେ ସମୟ ନ ଥିଲା।

# ଯୁଦ୍ଧ ଜିତାଇବେ ହ୍ୟାକର୍ସ

ମାନବ ସଭ୍ୟତା ପାଇଁ ଯୁଦ୍ଧ ହେଉଛି ଅଭିଶାପ। ତେବେ ସାମ୍ରାଜ୍ୟବାଦୀ ନୀତି, ବିଶ୍ୱ ଉପରେ ଆଧିପତ୍ୟ ଜାହିର କରିବାର ଉଦ୍ଦେଶ୍ୟ, ପ୍ରତିହିଂସା ପରାୟଣ ମନୋଭାବ ହିଁ ଯୁଦ୍ଧକୁ ଡାକିଆଣେ। ଏହି କାରଣ ପାଇଁ ପୂର୍ବରୁ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇସାରିଛି। କରୋନା ମହାମାରୀ ସମୟରେ ଏଲ୍ଏସିରେ ଭାରତ-ଚାଇନା ମୁହାଁମୁହିଁ ପରିସ୍ଥିତି ହେଉ, ଅବା ଦକ୍ଷିଣ ଚୀନ୍ ସାଗରରେ ଆମେରିକା, ଜାପାନ, ବ୍ରିଟେନ୍‌ର ଶକ୍ତି ପ୍ରଦର୍ଶନକୁ ଦେଖିଲେ ଏମିତି ଲାଗୁଛି କୌଣସି ମୁହୂର୍ତ୍ତରେ କିଛି ବି ଘଟିପାରେ। ଏଭଳି ଘଡ଼ିସନ୍ଧି ସମୟରେ ଇସ୍ରାଏଲ-ଇରାନ ମଧ୍ୟରେ ଚାଲିଥିବା ସାଇବର ଆକ୍ରମଣ 'ସାଇବର ୱାର' ବିଷୟରେ ଭାବିବାକୁ ବାଧ୍ୟ କରିଛି। ଏହାକୁ ଦେଖି ବିଶେଷଜ୍ଞମାନେ କହିଲେଣି, ଆଗାମୀ ଦିନର ଯୁଦ୍ଧ ଯୁଦ୍ଧାସ୍ତ୍ର ପରିବର୍ତ୍ତେ ସଫ୍ଟୱେରରେ ଲଢ଼ାଯିବ, ଯେଉଁଠି ହ୍ୟାକର୍ସଙ୍କ ହାତରେ ରହିବ ଯୁଦ୍ଧ ଜିତିବାର ରିମୋଟ କଣ୍ଟ୍ରୋଲ। ଆଉ 'ସାଇବର ୱାର' ସାଜିବ ଶକ୍ତିଶାଳୀ ବୋଲାଉଥିବା ଦେଶଗୁଡ଼ିକର ସାମର୍ଥ୍ୟର ମାପକାଠି।

## ସାମର୍ଥ୍ୟର ମାପକାଠି 'ସାଇବର ୱାର୍'



**ନୂଆଦିଲ୍ଲୀ:** ଇସ୍ରାଏଲର ସାଇବର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି ଇରାନର ପରମାଣୁ ରିଆକ୍ଟର। ଭୂମି ତଳେ ନିର୍ମିତ ଏହି ଆଣବିକ କେନ୍ଦ୍ର ଉପରେ ନା ହୋଇଛି ମିଶାଇଲ ଆକ୍ରମଣ ନା ହୋଇଛି ବୋମା ମାଡ଼। ଇସ୍ରାଏଲ ହ୍ୟାକର୍ସମାନେ ନିଜର ମସ୍ତିଷ୍କ ଖଟାଇ ସାଇବର ଆକ୍ରମଣ ଜରିଆରେ ଏହି ଆଣବିକ କେନ୍ଦ୍ରରେ ଭୟଙ୍କର ବିସ୍ଫୋରଣ ଘଟାଇଛନ୍ତି। ଫଳରେ ଇରାନର ନ୍ୟୁକ୍ଲିୟର ପ୍ରୋଗ୍ରାମ କିଛି ମାସ ପଛକୁ ଚାଲିଯାଇଛି। ଦିନକୁ ଦିନ ପରମାଣୁ ଶକ୍ତିରେ ସମୃଦ୍ଧ ହେଉଥିବା ଇରାନ ଆଗାମୀ ଦିନରେ ଇହୁଦୀଙ୍କ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଇସ୍ରାଏଲଆଶଙ୍କା କରୁଛି। ଫଳସ୍ୱରୂପ ଇରାନର ନ୍ୟୁକ୍ଲିୟର ପ୍ରୋଗ୍ରାମ ମେରୁଦଣ୍ଡ ଭାଙ୍ଗିବାକୁ ଏପରି ଆକ୍ରମଣ କରାଯାଇଥିବା କୁହାଯାଉଛି।

ଫାଇନାନ୍ସିଆଲ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଗତ ଏପ୍ରିଲରେ ଇସ୍ରାଏଲର କମ୍ପ୍ୟୁଟରୀକୃତ ଜଳଯୋଗାଣ ପ୍ରଣାଳୀକୁ ଇରାନ ହ୍ୟାକ୍ କରିବାକୁ ଉଦ୍ୟମ କରିଥିଲା। ଏହା ପଛର ପ୍ରମୁଖ କାରଣ ଥିଲା ପାନୀୟ ଜଳରେ କ୍ଲୋରିନ୍ ମାତ୍ରା ବଢ଼ାଇ ବିଷାକ୍ତ କରିଦେବା। ଫଳରେ ଗ୍ରୀଷ୍ମକାଳରେ ଇସ୍ରାଇଲରେ ଉତ୍କଟ ଜଳାଭାବ ସୃଷ୍ଟି ହେବ ଏବଂ ହଜାର ହଜାର ଲୋକ ମୃତ୍ୟୁମୁଖକୁ ଠେଲି ହୋଇଯିବେ। ହେଲେ ଏଥିରେ ବିଫଳ ହୋଇଥିଲେ ଇରାନର ହ୍ୟାକର୍ସ ଟିମ୍। ଏହି ଘଟଣା ଜଣାପଡ଼ିବା ପରେ ଉତ୍କ୍ଷିପ୍ତ ହୋଇ ପଡ଼ିଥିବା ଇସ୍ରାଏଲ ଇରାନ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଇରାନ୍-ଇସ୍ରାଏଲ ମଧ୍ୟରେ ସାଇବର ୱାର ନୂଆ ଘଟଣା ନୁହେଁ, ୨୦୧୨ରେ ଇରାନୀ ହ୍ୟାକର୍ସମାନେ ଇସ୍ରାଏଲର ଅଧିକାରୀଙ୍କ ଦସ୍ତାବିଜ୍ ଚୋରି କରି ନେଇଯିବା ପରେ ଉଭୟ ଦେଶ ମଧ୍ୟରେ ଏପରି ସାଇବର ଆକ୍ରମଣ ଜାରିରହିଛି।

ଇରାନ୍-ଇସ୍ରାଏଲ ମଧ୍ୟରେ ଆରମ୍ଭ ହୋଇଥିବା ସାଇବର ଆକ୍ରମଣ ଆଗାମୀ ଦିନରେ ଯୁଦ୍ଧର ପରିଭାଷା ବଦଳାଇ ଦେଇପାରେ। ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ପକ୍ଷରୁ ପ୍ରକାଶିତ 'ଗ୍ଲୋବାଲ ରିସ୍କ' ରିପୋର୍ଟରେ କୁହାଯାଇଛି ଯେ, ପୃଥିବୀ ଉପରେ ଥିବା ୧୦ ସବୁଠୁ ବଡ଼ ବିପତ୍ତି ମଧ୍ୟରେ ସାଇବର ଆକ୍ରମଣ ଗୋଟିଏ। କାରଣ ଅଧିକାଂଶ ଦେଶ ଏବେ ନିଜର ସାଇବର ଆର୍ମିଙ୍କୁ ଶକ୍ତିଶାଳୀ କରିବାରେ ଲାଗିପଡ଼ିଛନ୍ତି। ଏପରି ବି ଅନୁମାନ କରାଯାଉଛି ଯେ, ଆଗାମୀ ଦିନରେ ସାମାନ୍ୟ କେତୋଟି 'କୋଡ୍ ୱାର୍ଡ' ବ୍ୟବହାର କରି ହ୍ୟାକର୍ସ ଗୋଷ୍ଠୀ ଗୋଟିଏ ଦେଶକୁ ଦେବାଳିଆ କରିଦେବାକୁ ସମର୍ଥ ହେବେ। ଏପରି କି ସୁରକ୍ଷା ବ୍ୟବସ୍ଥାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇପାରିବେ। ଚାଇନାର ସାଇବର ହ୍ୟାକର୍ସ ଅନ୍ୟ ଦେଶ ତୁଳନାରେ ନିଜର ସାମର୍ଥ୍ୟକୁ ଏତେ ବଢ଼ାଇ ସାରିଲେଣି ଯେ, ଯୁଦ୍ଧ ହେଲେ ସେମାନେ ପ୍ରତିପକ୍ଷ ଦେଶକୁ ମାତ୍ର କେଇ ମିନିଟ୍ ଭିତରେ ଧରାଶାୟୀ କରିବାକୁ ସମର୍ଥ। ଏଥିରୁ ଅନୁମାନ କରାଯାଇପାରେ ଆଗାମୀ ଦିନର ଯୁଦ୍ଧସବୁ ବିନା ରକ୍ତପାତରେ ଲଢ଼ାଯିବ। ଯେଉଁଠି ବଳ ପରିବର୍ତ୍ତେ ବୁଦ୍ଧିକୁ ଉପଯୋଗ କରାଯିବ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

# ଫ୍ୟାମିଲି ସହ ମସ୍ତି ଅନ୍ଦାଜ୍‌ରେ କଙ୍ଗନା



କଙ୍ଗନା ରନାୱତ୍

**ମୁମ୍ବାଇ:** ଲକ୍‌ଡାଉନ ପରଠାରୁ କଙ୍ଗନା ରନାୱତ୍ ନିଜ ଫ୍ୟାମିଲି ସହ ମନାଲିରେ ସମୟ ବିତାଉଛନ୍ତି। ନିକଟରେ ପାହାଡ଼, ଝରଣା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୂର ମଜା ଉଠାଇବାକୁ ପରିବାର ଲୋକଙ୍କ ପାଇଁ ଏକ ସୁନ୍ଦର ପିକ୍‌ନିକ୍‌ର ଆୟୋଜନ କରିଥିଲେ। ସେ ନିଜେ ମଧ୍ୟ ବହୁତ ମସ୍ତି କରିଥିବା ନଜର ଆସିଛନ୍ତି। ପାହାଡ଼, ଝରଣା ମଧ୍ୟରେ କଙ୍ଗନା ଯେପରି ନିଜକୁ ଭୁଲି ଯାଇଛନ୍ତି ସେ ଜଣେ ଅଭିନେତ୍ରୀ ବୋଲି। କଙ୍ଗନାଙ୍କ ଟିମ୍ ଏହି ପିକ୍‌ନିକ୍‌ର କିଛି ସ୍ପେଶିଆଲ ମୁହୂର୍ତ୍ତର ଝଲକ୍ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। କଙ୍ଗନା ଏଥିରେ ଛୋଟ ପିଲାଙ୍କ ଭଳି ପାଣିରେ ଖେଳୁଛନ୍ତି। ଏହି ଭିଡିଓରେ କଙ୍ଗନାଙ୍କ ସହିତ ତାଙ୍କ ଭଉଣୀ ରଙ୍ଗୋଲୀଙ୍କ ପରିବାର ଏବଂ ତାଙ୍କର କିଛି କ୍ଲୋଜ ଫ୍ରେଣ୍ଡଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ସେ ଏହାକୁ ଶେୟାର କରି ଲେଖିଛନ୍ତି ଯେ, ବହୁତ ଦିନ ପରେ ମୁଁ ମୋ ପରିବାର ପାଇଁ ଏକ ମସ୍ତିଭରା ପିକ୍‌ନିକ୍‌ର ଆୟୋଜନ କରିଥିଲି। ଆମେ ସମସ୍ତେ ସମସ୍ତଙ୍କ ସହିତ ଭଲ ସମୟ କଟାଇଲୁ। ଲକ୍‌ଡାଉନ୍ ପାଇଁ ପିକ୍‌ନିକ୍ ସ୍ପଟ୍‌ରେ କେହି ପର୍ଯ୍ୟଟକ ନ ଥିଲେ। ପରିବେଶ ଶୂନଶାନ ଥିବାରୁ ଆମକୁ ମସ୍ତି କରିବାକୁ ଭଲ ସୁଯୋଗ ମିଳିଗଲା। ଏହି ସ୍ଥାନରେ ପୂର୍ବରୁ ଏତେ ଗହଳି ଥାଏ କିନ୍ତୁ ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ବହୁ ବର୍ଷ ପରେ ଏପରି ଶୂନ୍‌ଶାନ୍ ଦେଖିଲି ବୋଲି କଙ୍ଗନା କହିଛନ୍ତି। କଙ୍ଗନା ଏହି ପିକ୍‌ନିକ୍ ପାଇଁ ପୂର୍ବରୁ ପ୍ଲାନ କରିଥିଲେ। କିନ୍ତୁ ତାଙ୍କୁ ଅନୁମତି ମିଳି ନ ଥିଲା। ପରେ ପରମିଶନ ମିଳିଥିବାରୁ ସେ ହିମାଚଳପ୍ରଦେଶ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ଜୟଶ୍ରୀ ମହାନ୍ତି
ଭୀମଟାଙ୍ଗୀ, ଭୁବନେଶ୍ୱର
ତୋର ନବମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ ଦୀର୍ଘାୟୁ ଏବଂ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ବାପା, ମାଆ, ଅଜା, ଆଇ, ମାମୁ, ମାଇଁ, ମଉସା, ମାଉସୀ, ଜେଜେ, ଜେଜେ ମା ଓ ପରିବାରବର୍ଗ।
ଧ-୧୭୬୮୨

ଜନ୍ମଦିନ ଶୁଭେଚ୍ଛା



ଭାଗ୍ୟଲକ୍ଷ୍ମୀ ବେହେରା (ପ୍ରିନ୍ସା)
ଜୟ ଜଗନ୍ନାଥ ଡେରାବିସ୍, କେନ୍ଦ୍ରାପଡ଼ା
ଆଜି ତୋର ପ୍ରଥମ ଜନ୍ମଦିନରେ ଭଗବାନ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁବାନ୍ଧବ ଓ ପ୍ରିୟ ଆତ୍ମୀୟସ୍ୱଜନ।
ଧ-୧୭୬୮୧

୨୦ତମ ବିବାହ ବାର୍ଷିକୀ



ସଞ୍ଜୟ କୁମାର ପରିଡ଼ା
ସୁଲୋଚନା ପରିଡ଼ା (ଡଲି)
ମଉଗଜପୁର, ବିରିବାଟୀ, କଟକ
ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଦୁହିଁଙ୍କର ଚଲାପଥ କୁସୁମିତ ଓ ଦୀର୍ଘାୟୁ କରାନ୍ତୁ।
-:ଶୁଭେଚ୍ଛା ସହ:-
ମା: ଶାନ୍ତିଲତା ପରିଡ଼ା, ଖୁଡ଼ୀ: ବନଲତା ପରିଡ଼ା, ଦାଦା: ଲକ୍ଷ୍ମୀଧର ପରିଡ଼ା, ଦାଦାମାନେ: ଶରତ, ପ୍ରଭାତ, ଆଶୁତୋଷ, ଭାଇମାନେ: ଅଜୟ, ବିଜୟ, ଅକ୍ଷୟ, ଅଭୟ, ଦୁର୍ଜୟ, ଧନଞ୍ଜୟ, ଚିନ୍ମୟ, ମୃତ୍ୟୁଞ୍ଜୟ।
ଧ-୧୪୫୭୬

# ପବ୍‌ଜି ଗେମ୍ ପାଇଁ ଗଲା ୧୬ ଲକ୍ଷ



**ଚଣ୍ଡିଗଡ଼:** ପବ୍‌ଜି ଗେମ୍ ପାଇଁ ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ଅନେକ ପିଲା ପାଗଳ ହୋଇଯାଇଛନ୍ତି। ଏହି ଗେମ୍ ନିଶାରେ କେତେକ ପିଲା ଜୀବନ ହାରୁଛନ୍ତି ତ କେତେକ ଅବାଟରେ ପାଦ ଦେଉଛନ୍ତି। ଏଭଳି ଏକ ଘଟଣାରେ ଜଣେ ପିଲା ୧୬ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଛି। ଘଟଣାଟି ଘଟିଛି ପଞ୍ଜାବର ଖରାର୍ ଅଞ୍ଚଳରେ।

ଅନ୍‌ଲାଇନ୍ କ୍ଲାସ କରିବା ବାହାନାରେ ସେ ବାପାଙ୍କ ଫୋନରେ ଖେଳୁଥିଲେ ପବ୍‌ଜି ଗେମ୍। ପ୍ରତିଦିନ ସେ ଫୋନ୍‌ରେ ନିଜ ପାଇଁ ଏବଂ ତାଙ୍କ ସାଙ୍ଗମାନଙ୍କ ପାଇଁ ବିଭିନ୍ନ ଆପ୍ କିଣିବାକୁ ତାଙ୍କ ବାପାଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଥିଲେ। ଘର ଲୋକେ ଭାବୁଥିଲେ ପୁଅ ଫୋନରେ ପାଠ ପଢୁଛି, କିନ୍ତୁ ଏତେ ଟଙ୍କା ଖର୍ଚ୍ଚ ହୋଇଥିବାର ବ୍ୟାଙ୍କ ଷ୍ଟେଟମେଣ୍ଟ ଯେତେବେଳେ ଘରେ ପହଞ୍ଚିଥିଲା ସେତେବେଳେ ସମସ୍ତେ ଘଟଣା ସମ୍ପର୍କରେ ଜାଣିପାରିଥିଲେ। କିନ୍ତୁ ସେତେବେଳକୁ ବ୍ୟାଙ୍କରୁ ସବୁ ଟଙ୍କା ଶେଷ ହୋଇ ଯାଇଥିଲା। ସମ୍ପୃକ୍ତ ବାଳକର ବାପା ହେଉଛନ୍ତି ଜଣେ ବ୍ୟାଙ୍କ କର୍ମଚାରୀ। ସେ ପୁଅର ପାଠପଢ଼ା ଓ ତାଙ୍କର ଚିକିତ୍ସା ନିମନ୍ତେ ଟଙ୍କା ଜମା କରି ରଖିଥିଲେ। କିନ୍ତୁ ପବ୍‌ଜି ଗେମ୍ ଖେଳରେ ପୁଅ ୧୬ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଥିବା ଜାଣିବା ପରେ ତାଙ୍କ ମୁଣ୍ଡ ଖରାପ ହୋଇଯାଇଥିଲା। କିନ୍ତୁ ତାଙ୍କର ଉପାୟ କିଛି ନ ଥିଲା। କାରଣ ତାଙ୍କ ପୁଅ ସ୍ୱଇଚ୍ଛାରେ ଟଙ୍କା ଖର୍ଚ୍ଚ କରିଥିବାରୁ ପୋଲିସ୍ ମଧ୍ୟ କିଛି କରିପାରି ନ ଥିଲା। ତେଣୁ ଏଭଳି ଘଟଣାରେ ମର୍ମାହତ ହୋଇ ଏବେ ପୁଅକୁ ଦଣ୍ଡ ସ୍ୱରୂପ ଏକ ଗ୍ୟାରେଜରେ କାମ କରାଉଛନ୍ତି ତାଙ୍କ ବାପା। ଏଭଳିଭାବେ କାମ କରି ଟଙ୍କା ରୋଜଗାର କଲେ ତାଙ୍କ ପୁଅ ଟଙ୍କାର ମୂଲ୍ୟ ବୁଝିପାରିବ ବୋଲି ଚିନ୍ତା କରି ସେ ତାକୁ ଏଭଳି ଦଣ୍ଡ ଦେଇଛନ୍ତି।

# ଭିନ୍ନ ଏକ ରେସ୍

**ନୂଆଦିଲ୍ଲୀ:** ଟ୍ରେଡମିଲ୍‌ରେ ମେଶିନ୍ ଉପରେ ଅନେକ ଚାଲୁଥିବାର ସମସ୍ତେ ପ୍ରାୟ ଦେଖିଥିବେ। କିନ୍ତୁ ସାଇକେଲ୍ ଚଲାଉଥିବା ଲୋକମାନଙ୍କ ଉପରେ ଯେ ଜଣେ ଚାଲିଯାଇପାରିବ ଏକଥାକୁ କେହି ହୁଏତ ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଏଭଳି ଏକ ଭିଜୁଆଲ୍ ଏବେ ଇଣ୍ଟରନେଟ୍‌ରେ ଭାଇରାଲ୍ ହେବାରେ ଲାଗିଛି।

ଭାଇରାଲ୍ ହୋଇଥିବା ଭିଜୁଆଲରେ ଦେଖିବାକୁ ମିଳୁଛି କି କିଛି ଲୋକ ଏକ ଧାଡ଼ିରେ ପଛକୁ ପଛ ସାଇକେଲ ଚଲାଇ ଯାଉଛନ୍ତି। କିନ୍ତୁ ଅନ୍ୟ ଜଣେ ଯୁବତୀ ସାଇକେଲ୍ ଚଲାଉଥିବା ବ୍ୟକ୍ତିମାନଙ୍କ ଉପରେ ଗୋଡ଼ ରଖି ଜଣକ ପରେ ଜଣଙ୍କୁ ଅତିକ୍ରମ କରି ଚାଲି ଯାଉଛନ୍ତି। ଏମିତି ଏକ ଭିଡିଓକୁ ଶେୟାର କରିଛନ୍ତି ପୂର୍ବତନ ବାସ୍କେଟବଲ୍ ଖେଳାଳି ରେକ୍ସ ଚାପ୍‌ମ୍ୟାନ୍। ମାତ୍ର ୫ ସେକେଣ୍ଡର ଏହି ଭିଜୁଆଲ ଏବେ ଲୋକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଯୁବତୀଜଣକ ଏତେ ସୁନ୍ଦରଭାବରେ ବାଲାନ୍ସ ରଖି ଜଣକ ପରେ ଜଣଙ୍କୁ ଅତିକ୍ରମ କରି ଯାଉଛନ୍ତି, ତାହା ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ। ସେଥିପାଇଁ ତ ଏହି ଭିଜୁଆଲଟି ଏବେ ସୋସିଆଲ ମିଡିଆରେ ଖୁବଶୀଘ୍ର ଭାଇରାଲ୍ ହେଉଛି। ଭିଜୁଆଲକୁ ଶେୟାର କରିବାର ମାତ୍ର କେଇଟା ଦିନରେ ଏହା ଏକ ମିଲିଅନରୁ ଅଧିକ ହୋଇଛି। ଏହା ବ୍ୟତୀତ ଲୋକେ ଏହି ଭିଡିଓକୁ ଦେଖି ସୁନ୍ଦର ସୁନ୍ଦର କମେଣ୍ଟମାନ ଦେଇଛନ୍ତି। କିଛି ଲୋକ ଏପରି କରିବା ଅସମ୍ଭବ କହିଥିବାବେଳେ ଆଉ କେତେଜଣ ଏଭଳି ଏକ ଷ୍ଟଣ୍ଟ ପାଇଁ ସମସ୍ତେ ପ୍ରଶଂସା କରିବା ନିହାତି ଆବଶ୍ୟକ ବୋଲି ମତ ଦେଇଛନ୍ତି। ତେବେ ଏମିତି ଏକ ଭିନ୍ନ ରେସ୍ କରୁଥିବା ମହିଳାଜଣକ ନିଜର ସୁରକ୍ଷା ପାଇଁ ଏଭଳି ଏକ ସ୍ୱତନ୍ତ୍ର ପୋଷାକ ପିନ୍ଧିଛନ୍ତି ଯାହାଫଳରେ ଯଦି ବି ସେ ପଡ଼ିଯାଆନ୍ତି ତା'ହେଲେ ତାଙ୍କର କୌଣସି କ୍ଷତି ହେବ ନାହିଁ।



# ସିରିଏଲ କିଲର ଅମୀର କ୍ୱାୟାମ



## ଇଟା ପଥରରେ ଛେଚି ଲୋକଙ୍କୁ ମାରୁଥିଲେ

**ଇସ୍‌ଲାମାବାଦ୍:** ମାନବୀୟ ଇତିହାସରେ ସିରିୟଲ କିଲିଂ ଘଟଣା ସମ୍ପର୍କରେ ଅନେକ ଜାଣିଥିବେ। ସେଭଳି ଜଣେ ବ୍ୟକ୍ତି ହେଉଛନ୍ତି ପାକିସ୍ତାନର ସିରିୟଲ କିଲର ଅମୀର କ୍ୱାୟାମ୍। ସେ ପ୍ରତିଶୋଧ ନେବାକୁ ଲୋକଙ୍କୁ ମାରି ଚାଲିଥିଲେ। ବିଶେଷକରି ରାତିରେ ଫୁଟ୍‌ପାଥ୍‌ରେ ଶୋଇଥିବା ଲୋକଙ୍କୁ ସେ ଟାର୍ଗେଟ କରୁଥିଲେ।

ଏକ ରିପୋର୍ଟ ଅନୁଯାୟୀ, ଅମୀର ୧୪ ଲୋକଙ୍କ ଜୀବନ ନେଇଥିଲେ। ତାହା ପୁଣି କେବଳ ଇଟା ପଥରରେ ଛେଚି। କୁହାଯାଏ, ଅମୀରଙ୍କ ପିତା ଅନ୍ଧ ଥିଲେ। ଅମୀର ପିଲାଦିନରୁ ହିଂସୁକ ଥିଲେ। ଏହି କାରଣରୁ ତାଙ୍କୁ ସ୍କୁଲରୁ ମଧ୍ୟ ବାହାର କରି ଦିଆଯାଇଥିଲା। ଏହା ପରେ ତାଙ୍କ ନିଜ ଭାଇ ଭଉଣୀ ମଧ୍ୟ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ଅମୀର ତାଙ୍କ ମାମୁଙ୍କ ନିକଟରେ ରହୁଥିଲେ। ୨୦୦୩ରେ କେତେକ ଦୁର୍ବୃତ୍ତ ତାଙ୍କ ମାମୁ ଏବଂ ତାଙ୍କର ଜଣେ ବନ୍ଧୁଙ୍କୁ ହତ୍ୟା କରିଥିଲେ। ସେହିଦିନଠାରୁ ଅମୀର ପ୍ରତିଶୋଧ ପରାୟଣ ହୋଇଉଠିଲେ। ୨୦୦୪ରେ ରାସ୍ତା ଉପରେ ଶୋଉଥିବା କିଛି ଲୋକଙ୍କୁ ସେ ହତ୍ୟା କରିବା ଆରମ୍ଭ କଲେ। ଅମୀର ପ୍ରାୟ ୧୪ ଜଣଙ୍କୁ ଇଟା ପଥରରେ ଛେଚି ହତ୍ୟା କରିଛନ୍ତି।

ଲାହୋରରେ ଲଗାତର ଏପରି ଘଟଣା ଘଟୁଥିବାରୁ ଏଠାରେ ରହୁଥିବା ପ୍ରାୟ ୨ ଲକ୍ଷ ଲୋକ ଭୟରେ ଘର ଛାଡ଼ି ଚାଲିଯାଇଥିଲେ। ଅମୀର ଯେଉଁ ଲୋକମାନଙ୍କୁ ହତ୍ୟା କରିଥିଲେ ସେମାନଙ୍କ ମୃତଦେହ ନିକଟରୁ ୧୦ରୁ ୩୫ କିଲୋଗ୍ରାମ ଓଜନର ପଥର ମିଳିଥିଲା। ଅମୀରଙ୍କୁ ଯେଉଁଦିନ ପୋଲିସ ଗିରଫ କଲା ସେହିଦିନ ସେ ଦୁଇ ଜଣଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହି ଘଟଣାରେ ତତ୍କାଳୀନ ପୋଲିସ ଅଧୀକ୍ଷକ ଡା. ଉସ୍ମାନ୍ ଅନୱର୍ କହିଥିଲେ, ଅମୀରଙ୍କୁ ଯେଉଁଦିନ ଗିରଫ କରାଗଲା ସେହି ରାତିରେ ସେ ଦେଖିଥିଲେ କି ଜଣେ ବ୍ୟକ୍ତି ଫୁଟପାଥରେ ଶୋଇଥିଲେ। ଅମୀର ତାଙ୍କୁ ମାରିବା ପାଇଁ ଏକ ବଡ଼ ପଥର ଉଠାଇବା ସମୟରେ ପୋଲିସ ପହଞ୍ଚି ଯାଇଥିଲା। ଫଳରେ ତାଙ୍କର ଏହି ଉଦ୍ୟମ ବିଫଳ ହୋଇଥିଲା। ସେଠାରୁ ତାଙ୍କୁ ଗିରଫ କରାଯାଇଥିଲା।

ପୋଲିସ ଯେତେବେଳେ ଅମୀରଙ୍କୁ ପଚାରିଥିଲା ତୁମେ ଲୋକଙ୍କୁ କାହିଁକି ଇଟା ପଥରରେ ଛେଚି ମାରୁଛ? ସେ ତା'ର ଉତ୍ତରରେ କହିଥିଲେ, ରାସ୍ତାରେ ମାଗଣାରେ ହାତ ହତିଆର ପଡ଼ିଛି। ତେଣୁ କ'ଣ ପାଇଁ ପଇସା ଖର୍ଚ୍ଚ କରିବି? କହିରଖୁଛୁ ଅମୀରଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲା।

# ଗୁପ୍‌ଚୁପ୍ ଏଟିଏମ୍




**ଅହମ୍ମଦାବାଦ:** ଗୁପ୍‌ଚୁପ୍ ଏଟିଏମ୍। ଅର୍ଥାତ୍ ଏଟିଏମ୍‌ରୁ ବିବାହାରିବ ଗୁପ୍‌ଚୁପ୍। ଏମିତି ଏକ କଥା ଶୁଣିବା ମାତ୍ରେ ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। କିନ୍ତୁ ଏଭଳି ଏକ ମେଶିନ୍ ତିଆରି କରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି ଗୁଜରାଟର ଭରତ ଭାଇ ପ୍ରଜାପତି। ସାବରକାଣ୍ଠା ଡିସା ତହସିଲର ରବିୟାଣା ଗାଁର ଭରତ ଭାଇ ମାତ୍ର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ଗାଁରେ ଏକ ମୋବାଇଲ୍ ଦୋକାନ କରି ଚଳନ୍ତି। କିନ୍ତୁ ଗୁପ୍‌ଚୁପ୍‌ର ଏକ ଅଟୋମେଟିକ୍ ମେଶିନ୍ ତିଆରି କରିବା ପାଇଁ ଅନେକ ଦିନରୁ ସେ ଚିନ୍ତା କରୁଥିଲେ। ଆଉ ଏଥିପାଇଁ ସେ ବିଭିନ୍ନ ସ୍ଥାନରୁ ଜିନିଷ ସଂଗ୍ରହ ବି କରୁଥିଲେ। ଶେଷରେ ସେ ଏଭଳି ଏକ ମେଶିନ ତିଆରି କରିବାରେ ସଫଳ ବି ହୋଇଛନ୍ତି।

ଏହି ମେଶିନର ଷ୍ଟାର୍ଟ ବଟନ୍ ଚିପିବା ମାତ୍ରେ ଏଟିଏମ୍ ମେଶିନ୍ ଭଳି ସ୍କ୍ରିନରେ ଆପଣଙ୍କୁ ବିଭିନ୍ନ ବିକଳ୍ପ ଦେଖିବାକୁ ମିଳିବ। ଆଉ ବିକଳ୍ପ ସ୍ଥିର କରିବା ପରେ ମେଶିନରେ ୧୦ ଟଙ୍କା ଅବା ଅଧିକ ଟଙ୍କା ପକାଇବା ମାତ୍ରେ ସେଥିରୁ ସେହି ପରିମାଣର ଗୁପ୍‌ଚୁପ୍ ଆପେ ଆପେ ବାହାରି ଆସିବ। ଗୁପ୍‌ଚୁପ୍ ସଂଗ୍ରହ କରିବା ପରେ ଆପଣ ସ୍ଥିର କରିଥିବା ମସଲା ପାଣି ମଧ୍ୟ ବାହାରି ଆସିବ। ଏଟିଏମ୍ ଭଳି ଏହାକୁ ଅତି ସହଜରେ ବ୍ୟବହାର କରିହେବ। ତେଣୁ ଗାଁ ଲୋକେ ଏବେ ଏହି ମେଶିନ୍‌କୁ ଗୁପ୍‌ଚୁପ୍ ମେଶିନ୍ ମଧ୍ୟ କହୁଛନ୍ତି। ଏହି ମେଶିନ୍ ପାଇଁ ଏବେ ଭରତ ଭାଇଙ୍କୁ ନେଇ ବିଭିନ୍ନ ଅଞ୍ଚଳରେ ଚର୍ଚ୍ଚା। ଅବଶ୍ୟ ଏହି ମେଶିନରେ ଶୁଖିଲା ଗୁପ୍‌ଚୁପ୍ କିମ୍ବା ଅଧିକ କିଛି ମାଗିକରି ଖାଇବାର ସୁବିଧା ମିଳିବ ନାହିଁ।

# କରୋନାରୁ ରକ୍ଷା ପାଇଁ ପିରାମିଡ୍ ନିର୍ମାଣ

**ମସ୍କୋ:** ବିଶ୍ୱର ଅଧିକାଂଶ ଦେଶ ଏବେ କରୋନା ମହାମାରୀ ସହ ସଂଘର୍ଷ କରୁଛନ୍ତି। ଏହି ମାରାତ୍ମକ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ଦେଶ କିଛି ନା କିଛି ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ସମୟରେ ରୁଷିଆର ଏକ ଦମ୍ପତି କରୋନାରୁ ରକ୍ଷା ପାଇବା ପାଇଁ ଘର ପଛରେ ଏକ ପିରାମିଡ୍ ତିଆରି କରିଛନ୍ତି। ଏହି ପିରାମିଡ୍ ଯଦିଓ ଇଜିପ୍ଟର ପିରାମିଡ୍ ପରି ବଡ଼ ନୁହେଁ ମାତ୍ର ଦେଖିଲେ ଆଶ୍ଚର୍ଯ୍ୟ ହୋଇଯିବେ।

ମସ୍କୋର ଆଣ୍ଡ୍ରେ ବଖୁଶେଭ୍ ଏବଂ ତାଙ୍କ ସ୍ତ୍ରୀ ଭିକ୍ଟୋରିଆ ସେମାନଙ୍କ ଘର ପଛରେ ଏହି ପିରାମିଡ୍ ନିର୍ମାଣ କରିଛନ୍ତି। ଏହି ଦମ୍ପତିଙ୍କ କହିବା ଅନୁଯାୟୀ, ଆକାର ପାର୍ଥକ୍ୟ ମାତ୍ର ଏହି ପିରାମିଡ୍‌ର ଗଠନ ଅବିକଳ ଇଜିପ୍ଟ ପିରାମିଡ୍ ସଦୃଶ।

ଆଣ୍ଡ୍ରେଙ୍କ କହିବା ଅନୁଯାୟୀ, ପିରାମିଡ୍ ନିର୍ମାଣ ସମୟରେ କିଛି ଶ୍ରମିକ ଆହତ ହୋଇଥିଲେ। କିନ୍ତୁ ପିରାମିଡ ଭିତରେ କାମ କରି ସେ ଶୀଘ୍ର ସୁସ୍ଥ ହୋଇଗଲେ। କେବଳ ଏତିକି ନୁହେଁ, ଏହି ପିରାମିଡ୍ ନିର୍ମାଣ କରିଥିବା ଜଣେ ବ୍ୟକ୍ତି ମଧ୍ୟ ଅସୁସ୍ଥ ନ ଥିଲେ। ଆଣ୍ଡ୍ରେ ଏହା ମଧ୍ୟ ଦୃଢ଼ତାର ସହ କହିଛନ୍ତି କି, ତାଙ୍କ ପିରାମିଡ୍ କରୋନା ସଂକ୍ରମଣର ବିପଦକୁ ଏଡ଼ାଇ ଲୋକଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇପାରେ। ଏହି ପିରାମିଡ୍ ତିଆରି କରିବା ପାଇଁ ଦମ୍ପତିଙ୍କୁ କଣ୍ଟ୍ରାକ୍ଟର ଖୋଜିବା ପାଇଁ ୧ ମାସ ସମୟ ଲାଗିଥିଲା। ଏହି ପିରାମିଡ ଭୂମିଠାରୁ ୯ ମିଟର ଉଚ୍ଚତା ଏବଂ ୯ ମିଟର ଗଭୀରତାରେ ନିର୍ମାଣ କରାଯାଇଛି। ପ୍ରାୟ ୪୦୦ ଟନ୍ କଂକ୍ରିଟ ବ୍ଲକରେ ଏହା ନିର୍ମିତ ହୋଇଛି। ଯାହା କରୋନା ସଂକ୍ରମଣ ରୋକିବାରେ ସହାୟକ ହେବ। ଯେ କେହି ଚାହିଁଲେ କିଛି ଅର୍ଥ ପୈଠ ଏହି ପିରାମିଡ୍‌ରେ ରାତି ବିତାଇ ପାରିବେ ବୋଲି ଆଣ୍ଡ୍ରେ କହିଛନ୍ତି।



# ସୁଶାନ୍ତଙ୍କ ମୃତ୍ୟୁ ପରେ ଅଡୁଆରେ ସୁରଜ ପାଞ୍ଚୋଲୀ

**ମୁମ୍ବାଇ:** ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ପରେ ବଲିଉଡରେ ବିବାଦ ବଢ଼ିବାକୁ ଲାଗିଛି। ବଲିଉଡରେ ଅନେକ କଳାକାରଙ୍କ ନାମ ଆସୁଛି ଏହି ବିବାଦ ଘେରରେ। ସୋସିଆଲ ମିଡିଆଠାରୁ ଆରମ୍ଭ କରି ଅନ୍ୟ କେତେକ ବଲିଉଡ କଳାକାର ମଧ୍ୟ ନେପୋଟିଜିମର ବିରୋଧରେ ସ୍ୱର ଉଠାଉଛନ୍ତି। ତେବେ ସୁଶାନ୍ତଙ୍କ ମୃତ୍ୟୁକୁ ନେଇ ସୁରଜ ପାଞ୍ଚୋଲୀଙ୍କ ନାମ ଆଗକୁ ଆସିଛି। ଏକଦା ସୁରଜ ଏବଂ ସୁଶାନ୍ତଙ୍କ ଝଗଡ଼ା ହୋଇଥିବାର କଥା ନେଇ ଚର୍ଚ୍ଚା ଚାଲିଛି। ସୁଶାନ୍ତଙ୍କ ମୃତ୍ୟୁର କିଛି ଦିନ ତଳେ ତାଙ୍କ ମ୍ୟାନେଜର ଦିଶା ଶାଲିୟନ ଆତ୍ମହତ୍ୟା କରିଥିଲେ। ସୁରଜ ଏବଂ ଦିଶାଙ୍କ ସମ୍ପର୍କକୁ ନେଇ ମଧ୍ୟ ଅନେକ କଥା କୁହାଯାଉଛି। ତେଣୁ ସୁଶାନ୍ତଙ୍କ ମୃତ୍ୟୁରେ ମଧ୍ୟ ସୁରଜଙ୍କ ନାମ ଯୋଡ଼ାଯାଉଛି। ଏନେଇ ମୁହଁ ଖୋଲିଛନ୍ତି ଅଭିନେତା ସୁରଜ ପାଞ୍ଚୋଲୀ। ଏକ ଇଣ୍ଟରଭ୍ୟୁରେ ସେ କହିଛନ୍ତି, ସୁଶାନ୍ତଙ୍କ ମୃତ୍ୟୁ ପରଠାରୁ ତାଙ୍କୁ ଧମକ ଭରା ମେସେଜ ଆସୁଛି। ସେ କହିଛନ୍ତି, 'ମୁଁ ଏହା କହିବାକୁ ଚାହୁଁନଥିଲି କିନ୍ତୁ ଆଉ ଚୁପ୍ ରହିବା ଠିକ ନୁହେଁ। ମୋ ନାମରେ ବହୁତ ମିଛ କଥା ଛପୁଛି। କୁହାଯାଉଛି କି ମୋର ଏବଂ ସୁଶାନ୍ତଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେଣୁ ସୋସିଆଲ ମିଡିଆରେ ମୋତେ ବହୁତ ଘୃଣାଭାବ ସହ ମେସେଜ କରାଯାଉଛି ଯାହାର କାରଣ କ'ଣ ମୁଁ ନିଜେ ଜାଣିପାରୁନାହିଁ। ସୁରଜ ଆହୁରି କହିଛନ୍ତି, ସୁଶାନ୍ତ ଏବଂ ସେ ପରସ୍ପରକୁ ଭାଇ ବୋଲି କହୁଥିଲେ। ସେ ସୁଶାନ୍ତଙ୍କୁ କେବଳ ସାଙ୍ଗ ନୁହେଁ ବରଂ ଜଣେ ସିନିୟର ଆକ୍ଟର ଭାବେ ସମ୍ମାନ ଦିଅନ୍ତି। ସେ ସୁଶାନ୍ତଙ୍କ କାମର ଜଣେ ବହୁତ ବଡ଼ ପ୍ରଶଂସକ। ୨୦୧୭ରେ ଏକ ପାର୍ଟିରେ ସୁଶାନ୍ତ ଏବଂ ସୁରଜଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ସଲମାନ ସୁଶାନ୍ତକୁ ଫୋନ କରି ଗାଳି ମଧ୍ୟ କରିଥିଲେ। ତେବେ ସୁରଜ ଏହି ଖବରକୁ ମିଛ ବୋଲି କହିଛନ୍ତି ଏବଂ ଏପରି କିଛି ହୋଇନଥିଲା ବୋଲି ସେ କହିଛନ୍ତି।



# କରୋନା ଭାଇରସ୍: ଆରମ୍ଭରୁ ଏ ଯାଏ



ନିକୁଞ୍ଜ ବିହାରୀ ସାହୁ

**୧୯୬୦ ମସିହାରେ ମନୁଷ୍ୟକୁ ସଂକ୍ରମିତ କରୁଥିବା କରୋନା ଭାଇରସ୍ ଆବିଷ୍କୃତ ହୋଇଥିଲା। ଏହାକୁ ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଦୁଇଟି ଅଲଗା ଅଲଗା ପଦ୍ଧତି ବ୍ୟବହାର କରି ପୃଥକୀକରଣ କରାଯାଇଥିଲା। ବ୍ରିଟିଶ ମେଡିକାଲ ରିସର୍ଚ୍ଚ କାଉନ୍‌ସିଲର ସାଧାରଣ ଥଣ୍ଡା ରୋଗ ବିଭାଗରେ କାର୍ଯ୍ୟରତ ତିନି ଜଣ ବୈଜ୍ଞାନିକ ଜଣେ ବାଳକର ଶରୀରରୁ B୮୧୪ ନାମକ ଏକ ନଭେଲ କରୋନା ଭାଇରସର ସନ୍ଧାନ ପାଇଥିଲେ...**



କରୋନା ଭାଇରସ୍‌ର ଇତିହାସ ଯେତିକି ରହସ୍ୟମୟ, ସେତିକି ପ୍ରଶ୍ନବାଚୀ। ଏହି ଭାଇରସ୍ ପ୍ରଥମେ ୧୯୩୦ ମସିହାର ଆବିଷ୍କୃତ ହୁଏ। ସେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାର ନର୍ଥଡାକୋଟାଠାରେ କୁକୁଡ଼ାଛୁଆଙ୍କଠାରେ ଏକ ଭୟଙ୍କର ଶ୍ୱାସନଳୀ ସଂକ୍ରମଣଜନିତ ରୋଗ ଲକ୍ଷ୍ୟ କରାଯାଇଥିଲା। ଏହା ଏକ ଇନଫେକ୍ସିଅସ୍ ବ୍ରୋଙ୍କାଇଟିସ୍ ଭାଇରସ୍ ନାମକ ଭୂତାଣୁ ଦ୍ୱାରା ବ୍ୟାପୁଥିବାର ଜଣାପଡ଼ିଲା। ଏହାଦ୍ୱାରା ସଂକ୍ରମିତ କୁକୁଡ଼ାଗୁଡ଼ିକଠାରେ ଅଣନିଃଶ୍ୱାସୀ ତଥା ଘୁମାଇବା ଆଦି ଲକ୍ଷଣ ପ୍ରକାଶ ପାଇଥିଲା। ଏହି ରୋଗରେ ୪୦ରୁ ୯୦ ପ୍ରତିଶତ କୁକୁଡ଼ା ମରିଯାଉଥିଲେ। ଏହାର ଏକ ବର୍ଷ ପରେ, ଅର୍ଥାତ ୧୯୩୧ ମସିହାରେ, ଆର୍ଥର ସଲକ୍ ଏବଂ ଏମ୍. ସି. ହନ୍ ନାମକ ଦୁଇଜଣ ବୈଜ୍ଞାନିକ ଏ କ୍ଷେତ୍ରରେ ଅଧ୍ୟୟନ କରି ଏହାକୁ ଏକ ନୂଆ ବ୍ୟାଧି ରୂପେ ଅଭିହିତ କରନ୍ତି। ଏହାର ୬ ବର୍ଷ ପରେ ଆଉ ଦୁଇଜଣ ବୈଜ୍ଞାନିକ ଫ୍ରେଡ ବିଉଡେଟ ଏବଂ ଚାର୍ଲସ୍ ହଡସନ୍ ଏହି ବ୍ରୋଙ୍କାଇଟିସ୍ ଭାଇରସ୍‌କୁ ଏବଂ ଟ୍ରାନ୍ସମିସିବୁଲ୍ ଗ୍ୟାଷ୍ଟ୍ରୋଏଣ୍ଟେରିଟିସ୍ ଭାଇରସ୍ ମଧ୍ୟ ପୃଥକୀକରଣ କରି ଗବେଷଣାଗାରରେ ପରିବର୍ଦ୍ଧନ କରିଥିଲେ। ୧୯୪୦ ଦଶକରେ ଆଉ ଦୁଇଟି କରୋନା ଭାଇରସ୍‌ର କିସମ ଯଥା ମାଉସ୍ ହେପାଟାଇଟିସ୍ ଭାଇରସ୍ ଏବଂ ଟ୍ରାନ୍ସମିସିବୁଲ୍ ଗ୍ୟାଷ୍ଟ୍ରୋଏଣ୍ଟେରିଟିସ୍ ଭାଇରସ୍‌କୁ ମଧ୍ୟ ପୃଥକୀକରଣ କରାଗଲା।

୧୯୬୦ ମସିହାରେ ମନୁଷ୍ୟକୁ ସଂକ୍ରମିତ କରୁଥିବା କରୋନା ଭାଇରସ୍ ଆବିଷ୍କୃତ ହୋଇଥିଲା। ଏହାକୁ ବ୍ରିଟେନ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ଦୁଇଟି ଅଲଗା ଅଲଗା ପଦ୍ଧତି ବ୍ୟବହାର କରି ପୃଥକୀକରଣ କରାଯାଇଥିଲା। ବ୍ରିଟିଶ ମେଡିକାଲ ରିସର୍ଚ୍ଚ କାଉନ୍‌ସିଲର ସାଧାରଣ ଥଣ୍ଡା ରୋଗ ବିଭାଗରେ କାର୍ଯ୍ୟରତ ତିନିଜଣ ବୈଜ୍ଞାନିକ ଯଥା ଇ.ସି. କେଣ୍ଡାଲ, ମାଲକୋନ୍ ବାୟୋନ୍ ଓ ଡେଭିଡ୍ ଟିରେଲ୍ ଜଣେ ବାଳକର ଶରୀରରୁ B୮୧୪ ନାମକ ଏକ ନଭେଲ କରୋନା ଭାଇରସ୍‌ର ସନ୍ଧାନ ପାଇଥିଲେ। ମାତ୍ର ପ୍ରାଥମିକ ପର୍ଯ୍ୟାୟରେ ଏହି ଭାଇରସ୍‌କୁ ସେ ସମୟରେ ଜଣାଥିବା ଅନ୍ୟ ଥଣ୍ଡା ଭାଇରସ୍ ଯଥା ଆଡେନୋଭାଇରସ୍, ରାଇନୋଭାଇରସ୍ ଭଳି ଗବେଷଣାଗାରରେ ପରିବର୍ଦ୍ଧନ କରିବା ସମ୍ଭବପର ହୋଇ ନ ଥିଲା।

ପରବର୍ତ୍ତୀ ୧୯୬୫ ମସିହାରେ, ସେମାନେ ମନୁଷ୍ୟର ଶ୍ୱାସନଳୀରେ ଉପଲବ୍ଧ ପୋଷକତତ୍ତ୍ୱକୁ ବ୍ୟବହାର କରି ଏହି ଭାଇରସ୍‌କୁ ସଫଳତାର ସହ ଗବେଷଣାଗାରରେ ପରିବର୍ଦ୍ଧନ କରିପାରିଲେ। ଏହି ଭାଇରସ୍‌କୁ ସ୍ୱେଚ୍ଛାସେବୀମାନଙ୍କଠାରେ ପ୍ରୟୋଗ କରାଯିବାରୁ ତାହା ଥଣ୍ଡା, ସର୍ଦ୍ଦି ଭଳି ସାଧାରଣ ଲକ୍ଷଣ ସୃଷ୍ଟି କରୁଥିବାର ଏବଂ ଏହାକୁ ଇଥର ପ୍ରୟୋଗ ଦ୍ୱାରା ନିଷ୍କ୍ରିୟ କରାଯାଇ ପାରୁଥିବାର ଲକ୍ଷ୍ୟ କରାଗଲା। ଫଳରେ ଏହି ଭାଇରସର ଲିପିଡରେ ଗଢ଼ା ଏକ ଖୋଳପା ରହିଥିବାର ଜଣାପଡ଼ିଲା। ସେହି ସମୟରେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟର ଦୁଇଜଣ ବୈଜ୍ଞାନିକ ଯଥା ଡୋରୋଥି ହାମରିଣ୍ଡ ଏବଂ ଜନ୍ ପ୍ରୋକନୋ ଜଣେ ଡାକ୍ତରୀ ଛାତ୍ରଙ୍କ ଶରୀରରୁ ୨୨୯E ନାମକ ଏକ ନଭେଲ କରୋନା ଭାଇରସ୍‌ର କିସମ ସନ୍ଧାନ କରି ତାହାକୁ ମନୁଷ୍ୟର ବୃକ୍କ ଟିସୁରେ ମିଳୁଥିବା ପୋଷକତତ୍ତ୍ୱ ମାଧ୍ୟମରେ ରଖି ପରିବର୍ଦ୍ଧନ କରିବାରେ ସକ୍ଷମ ହୋଇଥିଲେ। ଏହା ପୂର୍ବ ଭାଇରସ୍ ଭଳି ମନୁଷ୍ୟ ଶରୀରରେ ସାଧାରଣ ଥଣ୍ଡା ରୋଗ ସୃଷ୍ଟି କରୁଥିବାର ତଥା ଇଥର ପ୍ରୟୋଗ ଦ୍ୱାରା ନିଷ୍କ୍ରିୟ ପାଲଟି ଯାଉଥିବାର ଲକ୍ଷ୍ୟ କରାଗଲା।

କରୋନା ଭାଇରସ୍‌ର ଏହି ଦୁଇଟି କିସମ ଯଥା B୮୧୪ and ୨୨୯E କୁ ପରବର୍ତ୍ତୀ ୧୯୬୭ ମସିହାରେ ସ୍କଟଲାଣ୍ଡର ଜଣେ ଭୂତାଣୁବିଜ୍ଞାନୀ ଜୁନ୍ ଆଲମିଡାଙ୍କ ଦ୍ୱାରା ଲଣ୍ଡନର ସେଣ୍ଟ ଥୋମାସ ହସ୍ପିଟାଲରେ ଇଲେକ୍ଟ୍ରନ୍ ମାଇକ୍ରୋସ୍କୋପ ଯନ୍ତ୍ର ଜରିଆରେ ପ୍ରତିଛବି ସୃଷ୍ଟି କରାଗଲା। ଏହି ଇଲେକ୍ଟ୍ରନ୍ ପ୍ରତିଛବିକୁ ଆଧାର କରି ଆଲମିଡା ଦର୍ଶାଇଲେ ଯେ, ଏହି ଭାଇରସ୍‌ଦ୍ୱୟଙ୍କ ବାହାର ପୃଷ୍ଠରେ କଣ୍ଟା ସଦୃଶ ଅଙ୍ଗମାନ ଅଛି। ସେ ମଧ୍ୟ ଏହି ଦୁଇ ଭାଇରସ୍‌ଙ୍କ ମଧ୍ୟରେ ଆହୁରି ଅନେକ ସାମଞ୍ଜସ୍ୟତା ଦର୍ଶାଇଲେ। ଏହି ଦୁଇ ଭାଇରସ୍‌ଙ୍କ ଶାରୀରିକ ଗଠନ ଦୃଷ୍ଟିକୋଣରୁ ବ୍ରୋଙ୍କାଇଟିସ୍ ଭାଇରସ୍ ସହିତ ସମାନତା ରହିଥିବାର ଜଣାପଡ଼ିଲା।



ସେହି ବର୍ଷ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥର ଦଳେ ଗବେଷକ ଅର୍ଗାନ କଲଚର ପଦ୍ଧତି ବ୍ୟବହାର କରି ଆଉ ଗୋଟିଏ ନୂତନ କିସମ ଭାଇରସ୍ OC୪୩ର ସନ୍ଧାନ ପାଇଲେ। ପୂର୍ବୋକ୍ତ ତିନି ଭାଇରସ୍ ଯଥା B୮୧୪, ୨୨୯E ଏବଂ IBV ଭଳି OC୪୩ ଭାଇରସ୍‌ର ଶରୀରର ବାହାର ପୃଷ୍ଠରେ କଣ୍ଟା ସଦୃଶ ଅଙ୍ଗମାନ ରହିଥିବାର ଇଲେକ୍ଟ୍ରନ୍ ମାଇକ୍ରୋସ୍କୋପ୍ ଯନ୍ତ୍ରରେ ଲକ୍ଷ୍ୟ କରାଗଲା।

IBV ସଦୃଶ ଏହି ଭାଇରସ୍ ସବୁ ମୂଷା ଶରୀରରେ ହେପାଟାଇଟିସ୍ ରୋଗ ସୃଷ୍ଟି କରୁଥିବା ଭାଇରସ୍ ସହିତ ବାହ୍ୟ ଗଠନ ଦୃଷ୍ଟିରୁ ସମାନ ହୋଇଥିବା ଜଣା ପଡ଼ିଲା। ଏ ସବୁର ପୃଷ୍ଠରେ ସୂର୍ଯ୍ୟର ବାହାର ପୃଷ୍ଠ ସଦୃଶ କଣ୍ଟା ଭଳି ଅଙ୍ଗମାନ ଥିବାରୁ ଏଗୁଡ଼ିକୁ କରୋନା ଭାଇରସ୍ କୁହାଗଲା।

ପରବର୍ତ୍ତୀ ଦଶକରେ ମନୁଷ୍ୟକୁ ସଂକ୍ରମଣ କରୁଥିବା ଦୁଇ କରୋନା ଭାଇରସ୍ କିସମ ଯଥା ୨୨୯E ଏବଂ OC୪୩କୁ ଗବେଷଣାଗାରରେ କ୍ରମାଗତ ଅଧ୍ୟୟନ କରାଗଲା। ଦୁର୍ଭାଗ୍ୟକ୍ରମେ ଏକ କରୋନା ଭାଇରସ୍ କିସମ ଯଥା B୮୧୪ ଏବେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହା ଏବେକାର କେଉଁ କରୋନା ଭାଇରସ୍ ରୂପକୁ ବିବର୍ତ୍ତିତ ହୋଇଛି ତାହା ଠିକ୍ ଭାବେ ଜଣାନାହିଁ। ପରବର୍ତ୍ତୀ ସମୟରେ ଅନ୍ୟ କରୋନା ଭାଇରସ୍ କିସମ ଯଥା- SARS-CoV (୨୦୦୩), HCoV NL୬୩ (୨୦୦୪), HCoV HKU୧ (୨୦୦୫) ଏବଂ MERS-CoV (୨୦୧୨) ଆବିଷ୍କୃତ ହୋଇଛନ୍ତି। ସେହିପରି, ୧୯୬୦ ମସିହା ପରଠାରୁ ଜୀବଜନ୍ତୁଙ୍କୁ ସଂକ୍ରମିତ କରୁଥିବା ଅନେକ କରୋନା ଭାଇରସ୍‌ର କିସମ ଆବିଷ୍କୃତ ହୋଇଛି।

ଏବେକାର କରୋନା ଭାଇରସ୍‌ର ପ୍ରକୃତ ନାମ SARS-CoV-୨। ଏହା ଗତ ୨୦୧୯ ମସିହା ଡିସେମ୍ବର ମାସରେ ଚାଇନାର ଉହାନ୍ ସହରରୁ ଆବିଷ୍କୃତ ହୋଇଛି। ଏହା ମୁଖ୍ୟତଃ ଆର୍.ଏନ୍.ଏ. (କ୍ଷେତ୍ରରେ SARS, MERS ଓ COVID-୧୯ ଭଳି ରୋଗମାନ ଉତ୍ପନ୍ନ କରାଇଥାଏ। ଅନ୍ୟ ଜୀବଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଲକ୍ଷଣ ପ୍ରକାଶିତ ହୋଇଥାଏ: ଯେପରି କୁକୁଡ଼ାଛୁଆଙ୍କ କ୍ଷେତ୍ରରେ (RNA) ଗଢ଼ା, ଯାହା ସ୍ତନ୍ୟପାୟୀ ତଥା ପକ୍ଷୀଙ୍କଠାରେ ରୋଗ ସଂକ୍ରମଣ ସୃଷ୍ଟି କରିଥାଏ। ଏହି ଭାଇରସ୍ ମନୁଷ୍ୟ ଶରୀରର ଶ୍ୱାସନଳୀରେ ସଂକ୍ରମଣ କରିଥାଏ, ଯାହା ସାମାନ୍ୟରୁ ମାରାତ୍ମକ ହୋଇପାରେ। ସାମାନ୍ୟ ସଂକ୍ରମଣରେ ଥଣ୍ଡା, ସର୍ଦ୍ଦି ଭଳି ଲକ୍ଷଣ ପ୍ରକାଶ ପାଉଥିଲାବେଳେ ମାରାତ୍ମକ ଉପର ଶ୍ୱାସନଳୀ ସଂକ୍ରମଣ ପରିଲକ୍ଷିତ ହେଉଥିବାବେଳେ ଗୋରୁ ତଥା ଘୁଷୁରିଙ୍କଠାରେ ଡାଇରିଆ ଭଳି ଲକ୍ଷଣ ପ୍ରକାଶିତ ହୋଇଥାଏ। ଦୁର୍ଭାଗ୍ୟବଶତଃ, କରୋନା ଭାଇରସ୍‌ର ମୁକାବିଲା ନିମନ୍ତେ ଏପର୍ଯ୍ୟନ୍ତ କୌଣସି ସଫଳ ପ୍ରତିଷେଧକ ଟିକା କିମ୍ବା ଆଣ୍ଟି-ଭାଇରାଲ ଔଷଧ ବିକଶିତ ହୋଇପାରି ନାହିଁ।

*-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ*
*ମୋ : ୮୦୧୮୭୦୮୮୫୮*

## ବ୍ଲାକ୍ ହୋଲରୁ ବିଶ୍ୱ ସୃଷ୍ଟି



ବିଶ୍ୱ ସୃଷ୍ଟି ପଛରେ କି ରହସ୍ୟ ଅଛି ତାହା ଜାଣିବା ପାଇଁ ପ୍ରୟାସ ଜାରି ରହିଛି। ଏହି ତାଲିକାରେ ନିକଟରେ ଆଉ ଏକ ରୋମାଞ୍ଚକର ତଥ୍ୟ ସାମିଲ କରାଯାଇଛି। ଅଷ୍ଟ୍ରେଲିଆର ମହାକାଶବିଜ୍ଞାନୀମାନେ ଏ ନେଇ ଗବେଷଣା କରି ଏପରି ତଥ୍ୟ ବିଷୟରେ ଜାଣିପାରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ବ୍ଲାକ୍ ହୋଲ୍ (କୃଷ୍ଣ ଗର୍ତ୍ତ)ରୁ ବିଶ୍ୱର ସୃଷ୍ଟି ହୋଇଛି। ମହାକାଶରେ ତାରକାଗୁଡ଼ିକ ପରସ୍ପର ସହ ଧକ୍କା ହେବା ଦ୍ୱାରା ମୃତ ତାରକାଗୁଡ଼ିକରୁ ବ୍ଲାକ୍ ହୋଲ୍ ସୃଷ୍ଟି ହୋଇଥିଲା। ସମୟକ୍ରମେ ଏହି ବ୍ଲାକ୍ ହୋଲଗୁଡ଼ିକୁ ନେଇ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି। ତେବେ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ଆହୁରି କିଛି ସମୟ ଲାଗିବ ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ଅସନ୍ତୁଳିତ ଜୀବନଶୈଳୀ ଓ ମେଦବହୁଳତା

ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିହାତି ଦରକାର। ହେଲେ ଅଧିକାଂଶ ବ୍ୟକ୍ତି ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖିବାକୁ ଚେଷ୍ଟା କରିଥାଆନ୍ତି। କେତେକ କ୍ଷେତ୍ରରେ ଏହା ସଫଳ ହୋଇଥାଏ ପୁଣି କେତେକାଂଶରେ ଯୋଡ଼ିଛନ୍ତି। ଏକ ସଦ୍ୟତମ ସର୍ଭେରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ ଯଦି ଅସନ୍ତୁଳିତ ଜୀବନଶୈଳୀ ଦୀର୍ଘଦିନ ଧରି ଲାଗିରହେ ତେବେ ସଂପୃକ୍ତ ବ୍ୟକ୍ତି ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଉକ୍ତ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ



ଅସନ୍ତୁଳିତ ଜୀବନଶୈଳୀ ଯୋଗୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଏହି ତାଲିକାରେ ନିକଟରେ ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ଆଉ ଏକ ଜିନିଷକୁ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ଅସନ୍ତୁଳିତ ଥିଲା, ସେମାନଙ୍କଠାରେ ମେଦବହୁଳତା ପରି ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଛୋଟ କଥା...



ବର୍ତ୍ତମାନ ଅନେକ ବ୍ୟସ୍ତମୟ ଜୀବନ କଟାଉଛନ୍ତି। ଏପରି ଧାଁ ଧପଡ଼ ଜୀବନ ଭିତରେ ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ନଜର ଦେବା ନିହାତ ଆବଶ୍ୟକ। କୌଣସି ରୋଗର ଲକ୍ଷଣ ଜଣାପଡ଼ିବା ମାତ୍ରେ ତାହାର ଚିକିତ୍ସା କରାଇ ନେବା ଦରକାର। ହେଲେ କିଛି ବ୍ୟକ୍ତି କେତେକ ରୋଗର ପ୍ରାଥମିକ ଲକ୍ଷଣକୁ ସେତେ ଗୁରୁତ୍ୱ ଦେଇ ନ ଥାନ୍ତି। ଫଳତଃ ଭବିଷ୍ୟତରେ ତାହା ଜଟିଳ ସମସ୍ୟା ଭାବରେ ଉଭା ହୋଇଥାଏ। ଏବେ ତ ବର୍ଷା ଦିନ ଆରମ୍ଭ ହୋଇଗଲାଣି। ଏହି ଋତୁରେ ଥଣ୍ଡା, କାଶ, ଜ୍ୱର ଆଦି ହେବାର ଆଶଙ୍କା ରହିଛି। ତେବେ ଏହାର ପ୍ରାଥମିକ ଉପଚାର ପାଇଁ ଘରେ ମେଡିସିନ୍ ରଖନ୍ତୁ। ହେଲେ ତା’ ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଯଦି ନିଜେ କୌଣସି ଔଷଧ କିଣୁଛନ୍ତି ତେବେ ତାହା ପୂର୍ବରୁ ସେ ବିଷୟରେ ନିଜେ ଭଲ ଭାବରେ ଅବଗତ ହେବା ଦରକାର। ସବୁଠାରୁ ବଡ଼ କଥା ହେଲା କୌଣସି ଔଷଧ କିଣିବା ସମୟରେ ସେଥିରେ ଉଲ୍ଲେଖ କରାଯାଇଥିବା ତାହାର ଏକ୍ସପାୟରି ଡେଟ୍ ଭଲ ଭାବରେ ଦେଖିନିଅନ୍ତୁ। ଯଦି ଆବଶ୍ୟକ ନାହିଁ ତେବେ ମନ ମୁତାବକ ଗୁଡ଼ାଏ ମେଡିସିନ କିଣିବା ଅଭ୍ୟାସରୁ ବିରତ ରହିବା ଭଲ। ବେଳେବେଳେ ଡାକ୍ତର କେତେକ ମେଡିସିନ୍‌କୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ତାହାକୁ ଅଣଦେଖା କରନ୍ତୁ ନାହିଁ। ଯଦି ଆପଣ ବ୍ଲଡପ୍ରେସର ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ତାହାକୁ ମାପି ନିଅନ୍ତୁ। କେତେକ ରୋଗ ପାଇଁ ନିୟମିତ ଔଷଧ ଖାଇବାକୁ ପଡ଼ିଥାଏ। ସେପରି ଔଷଧ ଖାଇବାକୁ ଅନିୟମିତ କରନ୍ତୁ ନାହିଁ।

## ଦାନ୍ତ ବିନ୍ଧା ସହ ଜିନ୍‌ର ସମ୍ପର୍କ ରହିଛି

ସାଧାରଣତଃ ଥଣ୍ଡା ହେଲେ ଦାନ୍ତ ମୂଳ ବିନ୍ଧିଥାଏ। ହେଲେ ଏହାସହ ଜିନ୍‌ର ସମ୍ପର୍କ ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଉକ୍ତ ଜିନ୍‌ଟି ହେଲା ‘ସି.ଏମ୍.ପି.’। ଏହି ଜିନ୍‌ରେ ଥିବା ପ୍ରେଟ୍ରୋଷ୍ଟିଲିବେନ୍ ଏବଂ ବ୍ଲୁ ବେରିଜ ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡାରୁ ଦାନ୍ତମୂଳ ବିନ୍ଧିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ‘ଥଣ୍ଡାରୁ ଦାନ୍ତ ବିନ୍ଧା ଓ ଜିନ୍’ ଶୀର୍ଷକ ବିଷୟବସ୍ତୁକୁ ନେଇ ସେମାନେ ଗବେଷଣା କରିବା ସମୟରେ ଏପରି କଥା ଜାଣିପାରିଥିଲେ। ଏହି ସମୟରେ ସେମାନେ ଜିନ୍‌ରେ ଥିବା କୋଷ (ସେଲ୍)ଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରି ଏପରି ତଥ୍ୟ ବିଷୟରେ ସୂଚନା ପାଇଥିଲେ।





## ସ୍ୱାସ୍ଥ୍ୟ ସୂଚନା

- ମହୁ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ବିଶେଷଭାବରେ ଏହା ଥଣ୍ଡାରୁ ଉପଶମ ଦେବାରେ ସାହାଯ୍ୟ କରିଥାଏ।
- ସକାଳୁ ଉଠି ବାସି ପାଣିରେ ୨୫ ଗ୍ରାମ ମହୁ ମିଶାଇ ପିଇଲେ ଓଜନ ସନ୍ତୁଳିତ ରହିଥାଏ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ଉଠାଇବା କିମ୍ବା ନେବା ଆଣିବା ସମୟରେ ତାହାର ପ୍ରଭାବ ଯେମିତି ଅଣ୍ଟା ଉପରେ ନ ପଡ଼େ ସେଥିପ୍ରତି ନଜର ଦିଅନ୍ତୁ।
- ଯଦି ଅଧିକ ସମୟ କମ୍ପ୍ୟୁଟର, ଲାପଟପ ସାମନାରେ ବସି କାମ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ମିଳିଥାଏ।
- ରାତ୍ର ଭୋଜନରେ କଦାପି ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ସବୁବେଳେ ସୁପାଚ୍ୟ ତଥା ହାଲକା ଖାଦ୍ୟ ହିଁ ଖାଆନ୍ତୁ।
- ବୟସ ବଢ଼ିବା ଅନୁପାତରେ ଖାଦ୍ୟ ପରିମାଣକୁ ନିୟନ୍ତ୍ରଣ କରନ୍ତୁ।
- ରାତିରେ ଅଧିକ ସ୍ୱାଦ୍ୱଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ବୟସ ବଢ଼ିବା ସହ ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ନିଜ ସାମର୍ଥ୍ୟ ଅନୁସାରେ ଚାଲିବା ବେଗକୁ ନିୟନ୍ତ୍ରଣ କରନ୍ତୁ।



ଧରିତ୍ରୀ
DHARITRI
ସୋମବାର, ୬ ଜୁଲାଇ, ୨୦୨୦

## ଅଥଙ୍ଗା ୮ଦିନ ଶଟ୍‌ଡାଉନ

କଟକ ସଦର,୫ା୭(ଡି.ଏନ୍.ଏ.): କନ୍ଦରପୁର ପଞ୍ଚାୟତର ଅଥଙ୍ଗା ଗ୍ରାମରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ଗୋଷ୍ଠୀ ସଂକ୍ରମଣକୁ ଦୃଷ୍ଟିରେ ରଖି ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଏହି ଗ୍ରାମକୁ ୮ଦିନ ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ସରପଞ୍ଚ ଭୋଇ କହିଛନ୍ତି।



## ସଂକ୍ଷେପରେ

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କଟକ ଅଫିସ,୫ା୭: ସ୍ଥାନୀୟ କଲେଜ ଛକରୁ ରବିବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ଏନେଇ ମାଲ୍‌ଗୋଦାମ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ସକାଳେ ମଧୁସୂଦନ ଆଇନ ମହାବିଦ୍ୟାଳୟ ପାଖ ନିର୍ମାଣାଧୀନ ଘର ପାର୍ଶ୍ୱରେ ଅର୍ଦ୍ଧନଗ୍ନ ମୃତଦେହ ପଡ଼ିଥିଲା। ସ୍ଥାନୀୟ ଲୋକେ ମାଲ୍‌ଗୋଦାମ ଥାନାକୁ ସୂଚନା ଦେଇଥିଲେ। କରୋନା ଭୟରେ ପୋଲିସ ପିପିଇ କିଟ୍ ପିନ୍ଧି ପହଞ୍ଚିଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତକଙ୍କ ବୟସ ପ୍ରାୟ ୬୫ ବର୍ଷ ହେବ। ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

### ମହିଳାଙ୍କଠାରୁ ସୁନାଚେନ ଲୁଟ୍

ନିମାପଡ଼ା,୫ା୭(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅନ୍ତର୍ଗତ ଭାଣପୁର ଗ୍ରାମର କନକଲତା ସେନାପତିଙ୍କଠାରୁ ରବିବାର ଦୁଇଜଣ ଦୁର୍ବୃତ୍ତ ସୁନାଚେନ ଲୁଟି ନେଇଥିବା ଅଭିଯୋଗ ହୋଇଛି। ନିମାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କନକଲତା ରବିବାର ସକାଳେ ଘର ଆଗରେ ଥିବା ଗଛରୁ ଫୁଲ ତୋଳୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ହଠାତ୍ ତାଙ୍କ ବେକରୁ ୧୫ଗ୍ରାମର ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ କନକଲତା ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

### ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ଜେଲ୍ ପରିଦର୍ଶନ

ପୁରୀ ଅଫିସ,୫ା୭: ଦିନକୁ ଦିନ କରୋନା ସଂକ୍ରମଣ ବଢ଼ୁଛି। ପୁରୀ ଜିଲା କାରାଗାରର ୬ ଏବଂ ନିମାପଡ଼ା ଉପକାରାଗାରର ଜଣେ ବିଚାରାଧୀନ ବନ୍ଦୀ କରୋନା ପଜିଟିଭ ଚିହ୍ନଟ ହୋଇ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେଣୁ ଜେଲ୍‌ର ଅନ୍ତେବାସୀମାନେ କିପରି ସୁରକ୍ଷିତ ରହିପାରିବେ ସେ ନେଇ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ର, ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ରେଜିଷ୍ଟ୍ରାର ଅରୁଣ କୁମାର ପଟ୍ଟନାୟକ ଜିଲା କାରାଗାର ଏବଂ ନିମାପଡ଼ା ଉପକାରାଗାର ପରିଦର୍ଶନ କରିଛନ୍ତି। ଉଭୟ କାରାଗାରର ଅଧୀକ୍ଷକ, ଏଡିଏମ୍‌ଓ ଡା. ବରଦାକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ତେବାସୀମାନେ କିପରି ସୁରକ୍ଷିତ ରହିବେ ଏବଂ କାରାଗାର ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ତେବାସୀମାନେ ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା, ହାତକୁ ବାରମ୍ବାର ଧୋଇବା, ପାନ, ଗୁଟ୍‌ଖା ଛେପ ଏଣେତେଣେ ନ ପକାଇବା ପାଇଁ ସଚେତନ କରାଯାଇଥିଲା। ଅନ୍ତେବାସୀଙ୍କର ଯଦି କରୋନା ସମ୍ବନ୍ଧୀୟ କୌଣସି ଲକ୍ଷଣ ଦେଖାଦିଏ, ତେବେ ତୁରନ୍ତ ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ଉଭୟଙ୍କୁ ଜଣାଇବା ପାଇଁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### 'ଗ୍ରାମାଞ୍ଚଳ ଉନ୍ନତି ପାଇଁ ରାଜ୍ୟ ସରକାର ବଦ୍ଧପରିକର'

ଗୋପ, ୫ା୭(ଡି.ଏନ୍.ଏ): ରାଜ୍ୟ ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ ବଦ୍ଧପରିକର ଏବଂ ଚେଷ୍ଟିତ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ରବିବାର ଗୋପ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମନ୍ତ୍ରୀ ଦାଶ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ଡଭାର ପଞ୍ଚାୟତ ଶଙ୍ଖତିରା ଗ୍ରାମର ୧୪ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ଜଗସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ଅକ୍ଷୟ ନିଶଙ୍କ, ବାସୁଦେବ ସାହାଣି ଉପସ୍ଥିତ ଥିଲେ।

### ବାରରେ ମଦ କାରବାର ଘଟଣା, ୩ ଗିରଫ

ଭୁବନେଶ୍ୱର,୫ା୭(ବ୍ୟୁରୋ): ଶହୀଦନଗର ଥାନା କେଶୁରା ପୁରୀ ବାଇପାସ୍ ରୋଡରେ ଥିବା ଏକ୍ ବାର ଆଣ୍ଡ ରେଷ୍ଟୁରାଣ୍ଟରେ ବେଆଇନ ମଦ କାରବାର ଘଟଣାରେ ପୋଲିସ ବାରର ୩ କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ବାରରେ କାର୍ଯ୍ୟ କରୁଥିବା ସୁଶାନ୍ତ ପଣ୍ଡା(୩୨), ସୁଶାନ୍ତ ପରିଡ଼ା(୪୬) ଏବଂ ସୁଜିତ୍ ସିର୍ଦ୍ଧାଥ ପ୍ରଧାନ(୩୦)।

# ପୃଥିବୀ ପୃଷ୍ଠରୁ ୪୬% ବୃକ୍ଷ ସଫା



■ ସହର ଜନବସତି ବୃଦ୍ଧି ପରିବେଶ ପାଇଁ ବିପଦ ସାଜିଛି
■ କିଛିବର୍ଷ ପରେ ବାସୋପଯୋଗୀ ହେବନାହିଁ କଂକ୍ରିଟ ସହର

ଭୁବନେଶ୍ୱର,୫ା୭(ବ୍ୟୁରୋ)

୨୦୧୮ରେ ବିଶ୍ୱ ଜନସଂଖ୍ୟାର ୫୫ ପ୍ରତିଶତ ସହରରେ ବାସ କରୁଥିବାବେଳେ ୨୦୫୦ ବେଳକୁ ଏହା ୬୮ ପ୍ରତିଶତରେ ପହଞ୍ଚିବ। ୧୯୦୧ ଜନଗଣନା ଅନୁଯାୟୀ, ଭାରତର ସହରାଞ୍ଚଳ ଜନସଂଖ୍ୟା ମାତ୍ର ୧୧.୪ ପ୍ରତିଶତ ଥିବାବେଳେ ୨୦୧୭ ବେଳକୁ ଏହା ୩୪ ପ୍ରତିଶତରେ ପହଞ୍ଚିଥିଲା। ସହରାଞ୍ଚଳର ଜନସଂଖ୍ୟା ବୃଦ୍ଧିର ପ୍ରାୟ ୯୦ ପ୍ରତିଶତ ଏସିଆ ଓ ଆଫ୍ରିକା ଭଳି ବିକାଶଶୀଳ ରାଷ୍ଟ୍ରରେ ବୃଦ୍ଧିପାଉଛି। ମଣିଷ ନିଜ ବାସସ୍ଥାନ ପାଇଁ କ୍ରମାଗତଭାବେ ଜଙ୍ଗଲ ସଫା କରୁଥିବାରୁ ଏପର୍ଯ୍ୟନ୍ତ ପୃଥିବୀ ପୃଷ୍ଠରୁ ୪୬ ପ୍ରତିଶତ ଗଛ କଟା ସରିଲାଣି। ପ୍ରଦୂଷଣ, ସବୁଜଗୃହ ବାଷ୍ପ ନିର୍ଗମନ, ତାପମାତ୍ରା ବୃଦ୍ଧି, ବର୍ଜ୍ୟ ପଦାର୍ଥ ନିଷ୍କାସନ ଆଦି ଦ୍ୱାରା ସହର ପରିବେଶରେ ନକରାତ୍ମକ ପରିବର୍ତ୍ତନ ଘଟିଚାଲିଛି। ଆଗରୁ ସହରାଞ୍ଚଳରେ ଥିବା ଜଙ୍ଗଲ ଓ ଜଳ ଉତ୍ସଗୁଡ଼ିକ ଉପରେ ଏବେ କୋଠାବାଡ଼ି, କଳକାରଖାନା, ବ୍ୟବସାୟିକ ପ୍ରତିଷ୍ଠାନ ଛିଡ଼ାହୋଇଛି। ଫଳରେ ପରିବେଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଫଳରେ କଂକ୍ରିଟ ଜଙ୍ଗଲରେ ପରିଣତ ହେଉଥିବା ସହରଗୁଡ଼ିକ ଆଉ କିଛିବର୍ଷ ପରେ ବାସ ଉପଯୋଗୀ ହୋଇରହିବ ନାହିଁ। ଓଡ଼ିଶା ପରିବେଶ ସମିତି ଆନୁକୂଲ୍ୟରେ ବନ ମହୋତ୍ସବ ଉପଲକ୍ଷେ ଆୟୋଜିତ ଏକ ୱେବିନାରରେ ଯୋଗଦେଇଥିବା ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ଏହି ମତ ଦେଇଛନ୍ତି।

ପରିବେଶ ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ରାଜ୍ୟର ଅତିରିକ୍ତ ପିସିସିଏଫ୍ ଡ. ଅଭୟକାନ୍ତ ପାଠକ ଯୋଗଦେଇଥିଲେ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ନଗରବନ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଗତ ୩ବର୍ଷରେ ରାଜ୍ୟର ସମସ୍ତ ସହରରେ ୩୧.୨୫ ଲକ୍ଷ ଚାରା ରୋପଣ କରାଯାଇ ପ୍ରଦୂଷଣକୁ ରୋକିବା ଏବଂ ଉତ୍ତମ ପରିବେଶ ସୃଷ୍ଟି କରିବାର ପ୍ରୟାସ କରାଯାଇଛି ବୋଲି ସେ କହିଥିଲେ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ପ୍ରାରମ୍ଭିକ ଅଭିଭାଷଣ ଦେଇଥିବାବେଳେ ବହୁ ପରିବେଶବିତ୍ ଏବଂ ବିଶେଷଜ୍ଞ ଯୋଗଦେଇ ନିଜର ମତ ରଖିଥିଲେ।

## ଟାୱାର ବସାଇବା ଆଳରେ ୫ଲକ୍ଷ ଠକେଇ

■ ସାଇବର ଅପରାଧୀ ଫେକ୍ ୱେବ୍ ସାଇଟ ଖୋଲି ବିଛାଇଛନ୍ତି ଜାଲ

ଭୁବନେଶ୍ୱର, ୫ା୭(ବ୍ୟୁରୋ)

ନିଜ ଜାଗାରେ ମୋବାଇଲ୍ ଟାୱାର ବସାଇ ମୋଟା ରକମର ଟଙ୍କା ପାଆନ୍ତୁ। ଏଭଳି ବିଜ୍ଞାପନ ଦେଇ ସାଇବର ଠକମାନେ ଜାଲ ବିଛାଇଛନ୍ତି। ଅନେକ ଲୋକେ ଏହା ଜାଣି ନ ପାରି ଟଙ୍କା ଲୋଭରେ ଠକଙ୍କ କଥାରେ ଭଳି ଯାଉଛନ୍ତି। ସେମାନେ କହିବା ଅନୁସାରେ ନିଜର ବ୍ୟାଙ୍କ୍ ଆକାଉଣ୍ଟର ସମସ୍ତ ତଥ୍ୟ ଦେଇ ଦେବା ପରେ ଠକେଇର ଶିକାର ହେଉଛନ୍ତି। ଏଭଳି ଭାବେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଶୈଳଶ୍ରୀ ବିହାର ଫେଜ୍-୬ ଅଞ୍ଚଳ ବାସିନ୍ଦା ନିଶିଥ ଚନ୍ଦ୍ର କର ଠକେଇର ଶିକାର ହୋଇଛନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଏକ ଦାମୀ ମୋବାଇଲ୍ କମ୍ପାନୀ ୱେବ୍‌ସାଇଟରେ ଟାୱାର ବସାଇ ଟଙ୍କା ପାଆନ୍ତୁ ବୋଲି ଏକ ବିଜ୍ଞାପନ ଦେଖିବାକୁ ପାଇଥିଲେ ନିଶିଥ। ତେଣୁ ସେ ବାଲେଶ୍ୱର ଓ ଭୁବନେଶ୍ୱରର ଗୋଠପାଟଣାସ୍ଥିତ ନିଜ ଜାଗାରେ ମୋବାଇଲ୍ ଟାୱାର ବସାଇ ମୋଟା ରକମର ଟଙ୍କା ପାଇବା ପାଇଁ ଉକ୍ତ କମ୍ପାନୀର ୱେବ୍‌ସାଇଟ୍ ଖୋଲି ନିଜର ସବୁ ତଥ୍ୟ ଦେଇଥିଲେ। ଉକ୍ତ କମ୍ପାନୀ ୨୯ ହଜାର ଟଙ୍କା ଦେଇ ତାଙ୍କୁ ନାମ ପଞ୍ଜୀକୃତ କରିବାକୁ କହିଥିଲା। ନିଶିଥ ୨୦୧୯ ଫେବୃୟାରୀ ୨୫ରେ ୨୯ ହଜାର ଟଙ୍କା ଦେଇଥିଲେ। ପରେ କମ୍ପାନୀ ପୁଣି ୨୯ ହଜାର ଟଙ୍କା ଦେବାକୁ କହିଥିଲା। ନିଶିଥ ଏହିପରି ୫୮ ହଜାର ଟଙ୍କା ଦେବା ପରେ ତାଙ୍କ ଆକାଉଣ୍ଟରୁ ୪ ଲକ୍ଷ ଟଙ୍କା କଟିଯାଇଥିଲା। ଏନେଇ ମେସେଜ ଆସିବା ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ନିଶିଥ ଜାଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ କଥା ହେବାରୁ ସେମାନେ ମୋବାଇଲ୍ ଟାୱାର ଟେଣ୍ଡର କ୍ୟାନସଲ ହୋଇଯାଇଛି, ତୁମ ଜାଗାରେ ଏଟିଏମ୍ ବସାଇବୁ ବୋଲି କହିଥିଲେ। ତେଣୁ ଆଉ ୨ଲକ୍ଷ ଟଙ୍କା ଦିଅ ବୋଲି କହିଥିଲେ। କିଛି ବାଟ ନ ପାଇ ଟଙ୍କା ଫେରି ପାଇବା ଆଶାରେ ନିଶିଥ୍ ଆଉ ୨ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ଟଙ୍କା ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଉକ୍ତ ଫୋନ୍ ନମ୍ବରକୁ ବନ୍ଦ କରି ଦେଇଥିଲେ। ଏହାପରେ ନିଶିଥ ଯାଞ୍ଚ କରି ଜାଣିବାକୁ ପାଇଥିଲେ ସାଇବର ଠକମାନେ ଏଭଳି ମୋବାଇଲ୍ କମ୍ପାନୀ ନାମରେ ଫେକ୍ ୱେବ୍ ସାଇଟ୍ ଖୋଲି ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟୁଛନ୍ତି। ଶେଷରେ ନିଶିଥ ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଆପୋଲୋରେ ଜଟିଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୫ା୭(ବ୍ୟୁରୋ)

ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଏକ ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଫଳରେ ଅସ୍ୱାଭାବିକ ଜନ୍ମଗତ ପ୍ରଜନନ ଓ ମୂତ୍ରାଶୟ ଅନିୟମିତତାରେ ପୀଡିତା ଜଣେ ୩୦ ବର୍ଷୀୟା ମହିଳା ଏକ ସୁସ୍ଥ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଛନ୍ତି। ମହିଳା ଜଣକ ଡା. ସରୋଜିନୀ ଯୋଶୀଙ୍କ ତତ୍ତ୍ୱାବଧାନରେ ୪ବର୍ଷ ଧରି ଚିକିତ୍ସିତ ହେଉଥିଲେ। ଏବେ ତାଙ୍କ ନେତୃତ୍ୱରେ ହୋଇଥିବା ସୂକ୍ଷ୍ମ ଅପରେଶନ ସଫଳ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ମହିଳା ଜଣକ 'ଓଭିରା ସିନ୍‌ଡ୍ରୋମ୍' ରୋଗରେ ପୀଡିତ ଥିଲେ। ଏହା ହେଉଛି ଜନ୍ମଗତ ରୋଗ। ତାଙ୍କର ଦୁଇଟି ଗୁପ୍ତାଙ୍ଗ ଏବଂ ଗର୍ଭାଶୟର ନିମ୍ନ ଭାଗରେ ଦୁଇଟି ସର୍ଭିକ୍ସ ଥିଲା। ଏହା ଗୋଟିଏ ସେପଟମ୍ ଦ୍ୱାରା ଅବରୋଧ ହୋଇଥିଲା। ସାଧାରଣତଃ ଯେଉଁପଟେ ଅବରୋଧ ଗୁପ୍ତାଙ୍ଗ ଥାଏ ତା'ର ଆର ପାଖରେ କିଡ୍‌ନୀ ନ ଥାଏ। ତେଣୁ ମହିଳାଙ୍କର ଗୋଟିଏ କିଡ୍‌ନୀ, ଦୁଇଟି ଗର୍ଭାଶୟ ଓ ଗୋଟିଏ ଅବରୋଧ ଥିବା ଗୁପ୍ତାଙ୍ଗ ଥିଲା। ଏଥିଯୋଗୁ ମାସିକ ଋତୁସ୍ରାବରେ ଆବର୍ଜନା ରକ୍ତ ବାହାରକୁ ଯାଇ ନ ପାରି ଫାଲୋପିଆନ୍ ଟ୍ୟୁବ୍ ଦେଇ ପେଟ ଭିତରକୁ ଯାଉଥିବାରୁ ଜଟିଳ ଅବସ୍ଥା ସୃଷ୍ଟି କରିଥାଏ। ଏହିଭଳି ଜଣେ ରୋଗୀଙ୍କୁ ଡା. ଯୋଶୀ ଗତ ୩୦ବର୍ଷ ପୂର୍ବରୁ ଚିକିତ୍ସା କରିଥିଲେ। କିନ୍ତୁ ଏହି ଲକ୍ଷଣ ଥିବା ରୋଗର ନାମ ସେ ଜାଣିପାରି ନ ଥିଲେ। କାରଣ ସେତେବେଳେ ଅଲଟ୍ରାସାଉଣ୍ଡର ବ୍ୟବସ୍ଥା ନ ଥିଲା। ତାଙ୍କ ଡାକ୍ତରୀ ଜୀବନ କାଳ ମଧ୍ୟରେ ଏହା ହେଉଛି ଦ୍ୱିତୀୟ କେସ୍ ବୋଲି ଡା. ଯୋଶୀ କହିଛନ୍ତି। ଏହି ଅସ୍ତ୍ରୋପଚାର ପାଇଁ ଡାକ୍ତରୀ ଦଳର ଡା. ବିକାଶ ଅଗ୍ରାୱାଲ (ରେଡିଓଲୋଜିଷ୍ଟ), ଡା. ଲକ୍ଷ୍ମୀକାନ୍ତ ମିଶ୍ର (ପ୍ଲାଷ୍ଟିକ୍ ସର୍ଜନ), ଡା. ସିପ୍ରା ଲେଙ୍କା ଓ ଡା. ଦେବବ୍ରତ ଦାସ ସହଯୋଗ କରିଥିଲେ। ବର୍ତ୍ତମାନର କରୋନା ସଂକଟ ସମରେ ସମ୍ପୂର୍ଣ୍ଣ ସୁରକ୍ଷିତ ଅବସ୍ଥାରେ ସଫଳ ଚିକିତ୍ସା କରିଥିବାରୁ ଆପୋଲୋ ଗ୍ରୁପର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧୀର ଏମ୍ ଦିଗିକର୍ ଡାକ୍ତରୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ସରୋଜ ଦାସ ଭୁବନେଶ୍ୱର ରୋଟାରୀ ଏଲିଟ୍ ସଭାପତି

ଭୁବନେଶ୍ୱର,୫ା୭(ବ୍ୟୁରୋ)

ଭୁବନେଶ୍ୱରର ରୋଟାରୀ ଏଲିଟ୍‌ର ୧୯ତମ ସଭାପତି ଭାବେ କର୍ପୋରେଟ ଜଗତର ପରିଚିତ ଚେହେରା ରୋଟାରିଆନ ସରୋଜ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ସାରା ବିଶ୍ୱ ଏକ ସଂକଟଜନକ ପରିସ୍ଥିତି ଦେଇ ଗତି କରୁଥିବାବେଳେ ସାମାଜ ସେବା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟକରି ପରିଚିତ ଥିବା ରୋଟାରିଆନ ଦାସ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି। ରୋଟାରିଆନ ଓପେନ୍ସ ଅପର୍ଚ୍ଚୁନିଟି ବିଚାରଧାରାକୁ ନେଇ ଆଗାମୀଦିନରେ ରୋଟାରୀ କାର୍ଯ୍ୟକରିବ ବୋଲି ସେ କହିଛନ୍ତି। କୋଭିଡ୍-୧୯ ପରେ ବର୍ତ୍ତମାନ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ଗଠନ ଦିଗରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଛନ୍ତି। 'କନ୍ୟା ଅନ୍‌ମୋଲ ହୈ'ର ପ୍ରତିଷ୍ଠାତା ଦାଶ ରାଜ୍ୟ ଏବଂ ବାହାରେ କନ୍ୟା ସୁରକ୍ଷା ପାଇଁ ଅନେକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଏହି ଅବସରରେ ସମ୍ପାଦକ ରୋଟାରିଆନ୍ ଗୋଲକ ମାଝି, ଉପସଭାପତି ଚିତ୍ତରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ରୋଟାରିଆନ୍ ନିହାରେନ୍ଦୁ ଭୂୟାଁ ମହାପାତ୍ର, ରୋଟାରିଆନ୍ ସଙ୍ଗୀତା, ଟ୍ରେଜରର ସମୀରଣ ଦତ୍ତ ଓ ବିଭିନ୍ନ ପ୍ରୋଜେକ୍ଟର ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଥିଲେ।

## ବନ୍ଧୁକ ଛାଡ଼ି ମୁଖ୍ୟସ୍ରୋତକୁ ଆସ

**ମାଓବାଦୀଙ୍କୁ ଆହ୍ୱାନ କଲେ ପୋଲିସ ଡିଜି**

କଟକ ଅଫିସ,୫ା୭

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ରବିବାର ୪ ଜଣ ମାଓବାଦୀ ନିହତ ହୋଇଛନ୍ତି। ରାଜ୍ୟ ପୋଲିସ ପାଇଁ ଏହା ଏକ ସଫଳତା ବୋଲି କୁହାଯାଉଛି। ତେବେ ରାଜ୍ୟରେ ମାଓବାଦୀ କାର୍ଯ୍ୟରେ ଲିପ୍ତ ସମସ୍ତଙ୍କୁ ଆତ୍ମସମର୍ପଣ ପାଇଁ ଆହ୍ୱାନ କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ। ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ପରାମର୍ଶ ଦେଇଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଉନ୍ନତମାନର ଥଇଥାନ ଯୋଜନା ରହିଛି। ତେଣୁ ବନ୍ଧୁକ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ୍ ହେବା ପାଇଁ ମାଓବାଦୀଙ୍କୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଅପିଲ କରିଛନ୍ତି।

## ଗୋଷ୍ଠୀ ସଂଘର୍ଷ ଘଟଣାରେ ୬ ଗିରଫ

ଭୁବନେଶ୍ୱର,୫ା୭(ବ୍ୟୁରୋ): ଖଣ୍ଡଗିରି ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତା ଓ କମେଣ୍ଟ ମାରିବାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟଣାରେ ଉଭୟ ଗୋଷ୍ଠୀର ୬ ଜଣଙ୍କୁ ପୋଲିସ ଗିରଫ କରିଛି। ସୁକାନ୍ତି ଦଳେଇଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ. ୩୭୯/୨୦)ରେ ଶରଧାବାଲି ବସ୍ତିର ମହେନ୍ଦ୍ର ସରଭଙ୍ଗା, ଆକାଶ ସରଭଙ୍ଗା, ମାନସ ଦିଗାଲ ଓ ଚନ୍ଦନ ପ୍ରାଧାନଙ୍କୁ ଗିରଫ କରିଥିବାବେଳେ ପ୍ରତିପକ୍ଷ ଗୋଷ୍ଠୀର ରଞ୍ଜିତ ସରଭଙ୍ଗାଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୩୮୦/୨୦)ରେ ଉକ୍ତ ବସ୍ତିର ଧନେଶ୍ୱର ପ୍ରଧାନ ଓ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ଗିରଫ କର ପରେ କୋର୍ଟଚାଲାଣ କରିଛି। ଶୁକ୍ରବାର ଆମ୍ରି ହସ୍ପିଟାଲ ପଛପାର୍ଶ୍ୱରେ ଥିବା ଶରଧାବାଲି ବସ୍ତିର ସୁକାନ୍ତି ଦଳେଇଙ୍କ ଝିଅଙ୍କୁ ଜଣେ ଯୁବକ କମେଣ୍ଟ ମାରିଥିଲେ। ଏହାକୁ ନେଇ ଅପରାହ୍ନରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପଥର ମାଡ଼, ଠେଙ୍ଗା ଓ ଭୁଜାଲି ଆକ୍ରମଣରେ ଉଭୟ ପକ୍ଷର ୪ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

## ଚୋରି ଏଡ଼ାଇଲା ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା

**ଫାଇନାନ୍ସ ସଂସ୍ଥା କାର୍ଯ୍ୟାଳୟରୁ ଚୋରି ଉଦ୍ୟମ**

କଟକ ଅଫିସ,୫ା୭

କଟକ ସହରରେ ଶଟ୍‌ଡାଉନ୍ ଚାଲିଥିବା ବେଳେ ଶନିବାର ରାତିରେ ଏକ ଦୁର୍ବୃତ୍ତ ଦଳ ମାତିଛନ୍ତି। ନୂଆବଜାର ଅଞ୍ଚଳରେ ଥିବା ମୁଥୁଟ୍ ଫାଇନାନ୍ସ ସଂସ୍ଥାର କାର୍ଯ୍ୟାଳୟରୁ ସେମାନେ ଚୋରି ଉଦ୍ୟମ କରିଥିଲେ। ହେଲେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଯୋଗୁ ଚୋରି ନ କରି ଛତ୍ରଭଙ୍ଗ ଦେଇଛନ୍ତି। ନୂଆବଜାର ଛକରେ ରହିଛି ଏହି ଋଣ ପ୍ରଦାନକାରୀ ସଂସ୍ଥାର କାର୍ଯ୍ୟାଳୟ। ଶଟଡାଉନ ଯୋଗୁ ଶନିବାର କାର୍ଯ୍ୟାଳୟ ବନ୍ଦ ଥିଲା। ଏହାର ସୁଯୋଗ ନେଇ କେତେକ ଦୁର୍ବୃତ୍ତ ରାତି ପ୍ରାୟ ଗୋଟାଏ ବେଳେ କାର୍ଯ୍ୟାଳୟ ପଛପାଖ ଗ୍ରୀଲ୍‌କୁ ତାଡ଼ି ଭିତରେ ପଶିଥିଲେ। ଅତ୍ୟାଧୁନିକ ସେନ୍ସର ବ୍ୟବସ୍ଥା ଥିବା ଯୋଗୁ ସାଇରନ୍ ବାଜିଥିଲା। ଭୟରେ ସେମାନେ କାର୍ଯ୍ୟାଳୟ ଭିତରର ସବୁ ତାରକୁ କାଟି ଦେଇଥିଲେ। ସିସିଟିଭିକୁ ଭାଙ୍ଗିଦେବା ସହ ଆସବାବପତ୍ର ଏଣେତେଣେ ଫିଙ୍ଗିଦେଇଥିଲେ। ପରେ ଲକର୍ ରୁମ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। କିନ୍ତୁ ତାହା ଭାଙ୍ଗି ନ ଥିଲା। ଅନ୍ୟପଟେ କାର୍ଯ୍ୟାଳୟରେ ଏଭଳି ଲୁଟପାଟ୍ ଚାଲିଥିବା ସମ୍ପର୍କରେ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଯୋଗୁ ସୂଚନା ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ପହଞ୍ଚ ଯାଇଥିଲା। ମୁଖ୍ୟାଳୟ ତରଫରୁ ସ୍ଥାନୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ଏବଂ ଚାଉଳିଆଗଞ୍ଜ ପୋଲିସକୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ପୋଲିସ ସେଠାରେ ପହଞ୍ଚିଥିଲା। କିନ୍ତୁ ତାଲା ପଡ଼ିଥିବା ଯୋଗୁ ପୋଲିସ ଭିତରକୁ ପ୍ରବେଶ କରିପାରି ନ ଥିଲା। ପୋଲିସ ପହଞ୍ଚିବା ଦେଖି ଦୁର୍ବୃତ୍ତମାନେ ବଳକା କିଛି ତାର କାଟିଦେବା ପରେ ସାଇରନ୍ ବନ୍ଦ ହୋଇଯାଇଥିଲା। ସେମାନେ ସେଠାରୁ ଖସିଯାଇଥିଲେ। ଅପରପକ୍ଷେ ଚାଉଳିଆଗଞ୍ଜ ପୋଲିସ ରାତି ତମାମ୍ ଆଖାପାଖ ଅଞ୍ଚଳରେ ଖାନ୍ତଲାସି କରିଥିଲା। ରବିବାର ସକାଳେ ପୋଲିସ ଟିମ ସନ୍ଧାନୀ କୁକୁର ସହ ପହଞ୍ଚିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।



ଗୁରୁପୂର୍ଣ୍ଣିମା ଅବସରରେ ରବିବାର ପୁରୀ ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଶିଷ୍ୟମାନେ ପୂଜନ କରୁଛନ୍ତି।



ବଡ଼ଛତା ମଠରେ ଶିଷ୍ୟମାନଙ୍କ ଦ୍ୱାରା ଗୁରୁପୂଜନ କରାଯାଉଛି।

## ମହିଳାଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫ା୭(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ହଂସପାଳ ଅଞ୍ଚଳର ଲୋକନାଥ ଦାସ (୩୦)। ଶନିବାର ଅପରାହ୍ନରେ ସେ ହଂସପାଳ ଛକ ନିକଟସ୍ଥ ମହିଳାଙ୍କ ଟେଲର ଦୋକାନରେ ପହଞ୍ଚି ତାଙ୍କୁ ଗାଳିଗୁଲଜ ସହ ଅସଦାଚରଣ କରିଥଲେ। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୦୭/୨୦) ରୁଜୁକରି ତଦନ୍ତ ଚଳାଇଥିଲା।

## ୩୫ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ବାଧ କରାଯାଉଛି

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ**

ପୁରୀ ଅଫିସ,୫ା୭

ବଳିଆପଣ୍ଡା ବସ୍ତିର ୩୫ଜଣ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ବାଧ କରାଯାଉଛି। ସେମାନେ ଅନ୍ୟ ବିଦ୍ୟାଳୟକୁ ଚାଲିଯିବା ଲାଗି ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚାପ ପକାଉଛନ୍ତି। ପିଲାମାନଙ୍କ ପରିତ୍ୟାଗପତ୍ର ନେବା ପାଇଁ ବାଧ କରାଯାଉଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ସେମାନେ ଶନିବାର ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ଅଭିଭାବକମାନେ କହିଛନ୍ତି ଯେ, ପିଲାମାନେ ସମ୍ପୃକ୍ତ ବିଦ୍ୟାଳୟରେ ଶିଶୁ ଶ୍ରେଣୀରେ ପଢୁଛନ୍ତି। ଏ ବର୍ଷ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥାନ୍ତେ। ମାତ୍ର ଏବେ ସେମାନଙ୍କୁ ସ୍କୁଲରୁ ବାହାର କରିଦିଆଯାଉଛି। ବର୍ତ୍ତମାନ ଯେଉଁ ବିଦ୍ୟାଳୟକୁ ଗଲେ ବି ସେଠାରେ ନାମ ଲେଖାଇବାକୁ କର୍ତ୍ତୃପକ୍ଷ ମନା କରୁଛନ୍ତି। ଫଳରେ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ସହ ପିଲାଙ୍କୁ ପାଠ ପଢିବାର ସୁଯୋଗ ଦେବା ନିମନ୍ତେ ଅଭିଭାବକମାନେ ଦାବି କରିଛନ୍ତି। ଆଲୋକ କୁମାର ଦାଶ, ମନୋଜ ମଣ୍ଡଳ, କବିତା ବାରିକ, ପୂର୍ଣ୍ଣିମା ସେଠୀ, ବନିତା ଡାକୁଆ, ଯଶୋଦା ମାଝି, ଭାର୍ଗବୀ ସାହୁ, ପ୍ରମୁଖ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ପିଲାଙ୍କୁ ରି-ଆଡ୍‌ମିଶନ ଫିଂ' ଚିନ୍ତା

■ କରୋନା ପାଇଁ ରୋଜଗାରଶୂନ୍ୟ ଅଭିଭାବକ
■ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟୁଇଟ୍ କଲେ ଛାତ୍ରୀଛାତ୍ର

କଟକ ଅଫିସ,୫ା୭

କଲେଜ ରି-ଆଡମିଶନ ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିବା ପରେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। କରୋନା ରୋଜଗାର ଛଡ଼ାଇ ନେଇଥିବା ବେଳେ ଅଭିଭାବକମାନେ ଉପାୟଶୂନ୍ୟ ହୋଇ ଘରେ ବସିଛନ୍ତି। କଟକଣା କୋହଳ ହେବା ପରେ ମଧ ରୋଜଗାର ଆଶା ସମ୍ପୂର୍ଣ୍ଣ ଉଜ୍ଜୀବିତ ହୋଇନାହିଁ। ଏଭଳି ସ୍ଥିତିରେ ରି-ଆଡମିଶନ ଫିଂ' ଦେବାରେ ଛାତ୍ରୀଛାତ୍ର ସକ୍ଷମ ହେବେନି ବୋଲି କହିଛନ୍ତି। ରି-ଆଡମିଶନ ପାଇଁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଦ୍ୱିତୀୟ ବର୍ଷ ଯୁକ୍ତ ଦୁଇ କଳା ବିଭାଗ ପାଇଁ ୩୭ ଶହ ଟଙ୍କା, ବାଣିଜ୍ୟ ପାଇଁ ୪୨ ଶହ ଓ ବିଜ୍ଞାନ ପାଇଁ ୪୭ ଶହ ଟଙ୍କା ଫିଂ' ରହିଛି। ସେହିପରି ଯୁକ୍ତ ତିନି ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ କଳା ବିଭାଗରେ ୫୩ ଶହ, ବାଣିଜ୍ୟରେ ୫୮ ଶହ ଏବଂ ବିଜ୍ଞାନରେ ୬୩ ଶହ ଟଙ୍କା ରି-ଆଡମିଶନ ଫି ଧାର୍ଯ୍ୟ କରାଯାଇଛି। ତେବେ କଟକ ସହରରେ ଥିବା କିଛି କଲେଜର ଛାତ୍ରୀଛାତ୍ର ଏହି ଫିଂ' ଦେଇପାରିବା ନେଇ ନିଜର ଅସାମର୍ଥ୍ୟ ପ୍ରକାଶ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫିଂ' ସମ୍ପୂର୍ଣ୍ଣ ଭାବେ ଛାଡ଼ କରିବା କିମ୍ବା ପରିମାଣ କମ୍ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏପରିକି ବହୁ ଛାତ୍ରୀଛାତ୍ର ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଟୁଇଟ୍ କରି ଜଣାଇଛନ୍ତି। ଗୁରୁବାର କଟକ ସିଟି ମହାବିଦ୍ୟାଳୟର କେତେକ ଛାତ୍ରୀଛାତ୍ର ଅଧ୍ୟକ୍ଷ ଡ. ଦେବାଶିଷ ଜେନାଙ୍କୁ ଏନେଇ ଦାବିପତ୍ର ଦେଇଛନ୍ତି।

### ଛାତ୍ରୀଛାତ୍ରଙ୍କ ମୁହଁରୁ...



"କରୋନା ଯୋଗୁ ୩ ମାସ ହେବ ରୋଜଗାର ନାହିଁ। ଏଭଳି ପରିସ୍ଥିତିରେ ରି -ଆଡମିଶନ ଫି ବାବଦରେ ଏତେ ଟଙ୍କା କିଭଳି ଦେବି, ସେଥିପାଇଁ ଚିନ୍ତିତ। ଯଦି ରାଜ୍ୟ ସରକାର ଫି' କମ୍ କରନ୍ତି, ତେବେ ବହୁ ଗରିବ ଛାତ୍ରୀଛାତ୍ର ଉପକୃତ ହେବେ।

– ପ୍ରିୟଙ୍କା ବିଶ୍ୱାଳ, ଛାତ୍ରୀ



"କଲେଜ ରି-ଆଡମିଶନ ପାଇଁ ନୋଟିସ ବାହାର କରିଛି। ଜୁଲାଇ ୩୧ ସୁଦ୍ଧା ଫି' ଦାଖଲ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ମୋ' ପକ୍ଷେ ଏହା ଦେବା ସମ୍ଭବ ହେବନାହିଁ। ଏଥିଲାଗି ମୁଁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଟୁଇଟ୍ କରି ଜଣାଇଛି।

– ବିକାଶ ରାଜ, ଛାତ୍ର



"କରୋନା ଯୋଗୁ ଅନେକ ଅଭିଭାବକଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ। ତେଣୁ ରି-ଆଡମିଶନ ଫି' କମାଇବା କିମ୍ବା ଫି' ଦାଖଲ କରିବାର ସମୟସୀମା ଘୁଞ୍ଚାଇବା ଆବଶ୍ୟକ। ବହୁ କ୍ଷେତ୍ରରେ ଟ୍ୟାକ୍ସ ଛାଡ଼ କରାଯାଉଛି। ଗରିବ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗୋଟିଏ ବର୍ଷ ପାଇଁ ରି-ଆଡମିଶନ ଫି' ଛାଡ଼ କରାଯାଉ।

– ଚିନ୍ମୟ ଖଟୁଆ, ଛାତ୍ର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁଲାଇ ୬/୨୦୨୦ Monday, July 6/2020

# ବୋଟାସ ଜିତିଲେ ଅଷ୍ଟ୍ରିଆନ ଗ୍ରାଁ ପ୍ରି

**ସ୍ପେଲବର୍ଗ (ଅଷ୍ଟ୍ରିଆ), ୫।୭**



### ଏଫ-୧ ଗ୍ରାଁ ପ୍ରି ସିଜନ ଆରମ୍ଭ

- ଲେକରେକ୍ ଦ୍ୱିତୀୟ, ନୋରିସ ତୃତୀୟ
- ହାମିଲଟନ ୨ୟ ଡ୍ରାଇଭରଭାବେ ରେସ୍ ଫିନିଶ୍ କରିଥିଲେ ହେଁ ୫ ସେକେଣ୍ଡ ପେନାଲ୍ଟି ଯୋଗୁ ୪ର୍ଥ

ରବିବାର ଅନୁଷ୍ଠିତ ସିଜନ ଆରମ୍ଭ ଅଷ୍ଟ୍ରିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ମର୍ସିଡିଜ୍ ଡ୍ରାଇଭର ଭାଲ୍‌ଟେରି ବୋଟାସ। ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିବା ବୋଟାସ ୧:୩୦:୫୫.୭୩୯ ସେକେଣ୍ଡ ସମୟ ନେଇ ବାଜି ମାରିଛନ୍ତି। ତାଙ୍କ ଟିମ୍‌ମେଟ୍ ଲୁଇସ ହାମିଲଟନ ୨ୟ ଡ୍ରାଇଭରଭାବେ ରେସ୍ ଫିନିଶ୍ କରିଥିଲେ ହେଁ ପୋଡିୟମ ଫିନିଶ୍ କରିପାରି ନାହାନ୍ତି। ୬୭ତମ ଲ୍ୟାପ ଅବସରରେ ସେ ରେଡ୍‌ବୁଲ୍ ଡ୍ରାଇଭର ଆଲେକ୍ସ ଆଲବନଙ୍କ ସହ ଧକ୍କା କରିଥିବାରୁ ୫ ସେକେଣ୍ଡ ପେନାଲ୍ଟି ପାଇଥିଲେ। ଫଳରେ ହାମିଲଟନଙ୍କୁ ଏଠାରେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫଳରେ ଫେରାରୀର ଚାର୍ଲ୍ସ ଲେକ୍‌ରେକ୍ ଦ୍ୱିତୀୟ ଏବଂ ମ୍ୟାକ୍‌ଲରେନର ଲାନ୍‌ଡୋ ନୋରିସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କରୋନା ଭାଇରସ ସଂକ୍ରମଣ ଯୋଗୁ ଚଳିତ ସିଜନର ଅନେକ ରେସ୍ ବାତିଲ କିମ୍ବା ସସପେଣ୍ଡ ରହିଥିବାବେଳେ ଏଠାରୁ ଡ୍ରାଇଭରମାନେ ଅଭିଯାନ ଆରମ୍ଭ କରିଛନ୍ତି।

ସିଜନର ପ୍ରଥମ ରେସ୍‌ରେ ୨୦ ଡ୍ରାଇଭରଙ୍କ ମଧ୍ୟରୁ ମାତ୍ର ୧୧ ଜଣ ରେସ୍ ଫିନିଶ୍ କରିପାରିଥିଲେ। ଇଞ୍ଜିନ୍‌ରେ ସମସ୍ୟା ଯୋଗୁ ହେଉ କିମ୍ବା ଟାୟାର ପଙ୍କଚ୍ର ୯ ଜଣ ଡ୍ରାଇଭର ରେସ୍ ଅଧାରୁ ଓହରି ଯାଇଥିଲେ। ବୋଟାସ, ଲେକ୍‌ରେକ୍ ଓ ନୋରିସ ପୋଡିୟମ ମଣ୍ଡନ କରିଥିବାବେଳେ ହାମିଲଟନ ଦୁର୍ଭାଗ୍ୟଜନକଭାବେ ୪ର୍ଥ ସ୍ଥାନରେ ରହିଛନ୍ତି। ଟପ୍-୧୦ ଫିନିଶ୍ କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ମ୍ୟାକଲରେନର କାର୍ଲୋସ ସିଞ୍ଜ୍ ଜୁନିୟର, ରେସିଂ ପଏଣ୍ଟର ସର୍ଗିଓ ପେରେଜ, ଆଲ୍‌ଫା ଟୌରୀର ପିଏରେ ଗାସ୍‌ଲେ, ରେନଲ୍ଟର ଏଟେବନ ଓକନ, ଆଲ୍‌ଫା ରୋମିଓର ଆଣ୍ଟୋନିଓ ଜିଓଭିନାଜି ଓ ଫେରାରୀର ସେବାଷ୍ଟିଆନ ଭେଟେଲ। ରେସ୍ ଶେଷ କରି ୧୧ତମ ସ୍ଥାନରେ ରହିଥିବା ଅନ୍ୟ ଡ୍ରାଇଭର ଜଣକ ହେଲେ ୱିଲିୟମ୍ସର ନିକୋଲାସ ଲାଟିଫି। ରେସ୍ ଅଧାରୁ ଓହରି ଯାଇଥିବା ଡ୍ରାଇଭରମାନେ ହେଲେ ମ୍ୟାକ୍ସ ଭର୍ଷ୍ଟାପେନ, ଡାନିଏଲ ରିକାର୍ଡୋ, ଲାନ୍ସ ଷ୍ଟ୍ରୋଲ୍, କେଭିନ ମ୍ୟାଗ୍ନୁସେନ, ଜର୍ଜ ରସେଲ, ରୋମାଇନ୍ ଗ୍ରସଜେନ, କିମି ରାଇକୋନେନ, ଆଲେକଜାଣ୍ଡର ଆଲ୍‌ବନ ଓ ଡାନିଏଲ କ୍ୟାଟ। ପ୍ରଥମ ୧୦ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ଯଥାକ୍ରମେ ୨୫, ୧୮, ୧୬, ୧୨, ୧୦, ୮, ୬, ୪, ୨, ୧ ପଏଣ୍ଟ ପାଇଛନ୍ତି।

# ଇଂଲଣ୍ଡ ୪୯, ୱେଷ୍ଟଇଣ୍ଡିଜ ୫୭

**ମାଞ୍ଚେଷ୍ଟର, ୫।୭**



ବେନ୍ ଷ୍ଟୋକ୍ସ ଓ ଜାସନ୍ ହୋଲ୍ଡର।

### ବୁଧବାରଠାରୁ ପ୍ରଥମ ଟେଷ୍ଟ

କରୋନା ଭାଇରସ ସଂକ୍ରମଣ ଜନିତ ୩ ମାସର ବ୍ରେକ୍ ପରେ ଇଂଲଣ୍ଡରେ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ୮ ତାରିଖରୁ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅନୁଷ୍ଠିତ ହେବ। ପ୍ରଥମ ଟେଷ୍ଟ ସାଉଥାମ୍ପଟନର ଏଜେସ ବାଉଲ ଷ୍ଟାଡିୟମରେ ଜୈବ-ସୁରକ୍ଷିତ ପରିବେଶରେ ଖେଳାଯିବ। ଏଥିପାଇଁ ଉଭୟ ଦଳର ଖେଳାଳି ତାଲିକା ପ୍ରକାଶ ପାଇସାରିଛି। ଦୀର୍ଘଦିନଧରି ବିଶ୍ୱବ୍ୟାପୀ କ୍ରିକେଟ ଠପ୍ ହୋଇଯାଇଥିବାରୁ ସମସ୍ତ କ୍ରିକେଟ ପ୍ରେମୀଙ୍କ ନଜର ଏବେ ସାଉଥାମ୍ପଟନ ଉପରେ ରହିଛି। ଗତବର୍ଷ ଇଂଲଣ୍ଡ ଦଳ ଜୋ ରୁଟ୍‌ଙ୍କ ନେତୃତ୍ୱରେ ୱେଷ୍ଟଇଣ୍ଡିଜ ଗସ୍ତ କରି ୧-୨ରେ ସିରିଜ ହାରିଥିଲା। ଏଥର ଇଂଲଣ୍ଡ ମାଟିରେ ସେହି ପ୍ରଦର୍ଶନକୁ ଦୋହରାଇବା ଲକ୍ଷ୍ୟରେ ରହିଛି ଜାସନ ହୋଲ୍ଡରଙ୍କ ଦଳ। ଓଭରଅଲ୍ ରେକର୍ଡରେ ୱେଷ୍ଟଇଣ୍ଡିଜ ପଲା ଭାରି ଥିଲେ ହେଁ ଘରୋଇ ପରିବେଶରେ ଏଥର ଇଂଲଣ୍ଡର ପଲା ଭାରି ରହିବ ବୋଲି କ୍ରିକେଟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ରେକର୍ଡ ଦେଖିଲେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୧୯୨୮ରୁ ୨୦୧୮-୧୯ ପର୍ଯ୍ୟନ୍ତ ମୋଟ ୩୭ଟି ସିରିଜ ଅନୁଷ୍ଠିତ ହୋଇଛି। ଏଥିରେ ୧୫୭ଟି ମ୍ୟାଚ ଖେଳାଯାଇ ଥିବାବେଳେ ଇଂଲଣ୍ଡ ୪୯ଟି ମ୍ୟାଚ ଜିତିଛି ଏବଂ ୱେଷ୍ଟଇଣ୍ଡିଜ ୫୭ଟି ଟେଷ୍ଟରେ ବିଜୟଲାଭ କରିଛି। ଅବଶିଷ୍ଟ ୫୧ଟି ଟେଷ୍ଟ ଡ୍ର ରହିଛି। ଏହା ପୂର୍ବରୁ ୨୦୧୭ରେ ୱେଷ୍ଟଇଣ୍ଡିଜ ଦଳ ଶେଷଥରପାଇଁ ଇଂଲଣ୍ଡ ଗସ୍ତରେ ଆସି ୩ ମ୍ୟାଚବିଶିଷ୍ଟ ସିରିଜ ଖେଳିଥିଲା। ସେତେବେଳେ ଇଂଲଣ୍ଡ ୨-୧ରେ ସିରିଜ ଜିତିନେଇଥିଲା। କରୋନା ଭାଇରସ ସଂକ୍ରମଣଜନିତ କଟକଣା ଯୋଗୁ ଏଥର ଉଭୟ ଦଳ ପର୍ଯ୍ୟାପ୍ତ ଅଭ୍ୟାସ ସୁଯୋଗ ପାଇ ନାହାନ୍ତି। ତେଣୁ ଆଗାମୀ ଟେଷ୍ଟ ସିରିଜ ରୋମାଞ୍ଚକ ହେବା ଆଶା କରାଯାଏ।

## ସିଏବି କାର୍ଯ୍ୟାଳୟ ଶଟ୍‌ଡାଉନ୍

**କୋଲକାତା, ୫।୭ (ପି.ଟି.):** ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) କାର୍ଯ୍ୟାଳୟକୁ ୭ ଦିନ ପାଇଁ ଶଟ୍‌ଡାଉନ୍ କରାଯାଇଛି। ଆଇକନିକ ଇଡେନ୍ ଗାର୍ଡେନ୍ସ ଗ୍ରାଉଣ୍ଡର ଜଣେ ଅସ୍ଥାୟୀ କର୍ମଚାରୀ କରୋନା ପଜିଟିଭ୍ ଜଣାପଡ଼ିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଚନ୍ଦନ ଦାସ ନାମକ ଏହି ବ୍ୟକ୍ତିଜଣକ ସିଭିଲ ଇଞ୍ଜିନିୟରିଂ ଡିପାର୍ଟମେଣ୍ଟରେ କାର୍ଯ୍ୟକରନ୍ତି। ବର୍ତ୍ତମାନ ସେ ଚାର୍ନୋକ୍ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଚନ୍ଦନ ଯଦିଓ ଏକ ସପ୍ତାହ ହେଲା ସିଏବି କାର୍ଯ୍ୟାଳୟକୁ ଆସି ନାହାନ୍ତି ମେଡିକାଲ କମିଟିର ଡାକ୍ତରମାନଙ୍କ ପରାମର୍ଶ କ୍ରମେ ୭ ଦିନ ବନ୍ଦ ରହିବ। ଏହି ସମୟରେ ସମସ୍ତ ପ୍ରୋଟୋକଲ ଅନୁସାରେ କାର୍ଯ୍ୟାଳୟ ପରିସରକୁ ସାନିଟାଇଜ୍ କରାଯିବ ବୋଲି ସିଏବି ସଭାପତି ଅଭିଷେକ ଡାଲମିଆ କହିଛନ୍ତି।

# କୋହଲିଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ



**ନୂଆଦିଲ୍ଲୀ, ୫।୭ (ପି.ଟି.):** ଭାରତର କ୍ରିକେଟ ଅଧିନାୟକ ବିରାଟ କୋହଲିଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆଣିଛନ୍ତି ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନର ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା। ଏହାର ସତ୍ୟତା ନେଇ ଯାଞ୍ଚ ଚାଲିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିକ୍ସ ଅଫିସର ଡି.କେ. ଜୈନ ପ୍ରକାଶ କରିଛନ୍ତି। ସଞ୍ଜୀବ ଅତୀତରେ ମଧ୍ୟ ଅନ୍ୟ କେତେଜଣ କ୍ରିକେଟରଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ। ସେ ସବୁ ଯୁକ୍ତିହୀନ ଅବା ଅଯଥା ବୋଲି ପ୍ରମାଣିତ ହୋଇଥିଲା। ବିସିସିଆଇର ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତି ଦୁଇଟି ପଦବୀରେ ରହିପାରିବେ ନାହିଁ। କୋହଲି ଭାରତୀୟ କ୍ରିକେଟ ଦଳର ଅଧିନାୟକ ରହିଛନ୍ତି। ଏହାଛଡ଼ା କର୍ନରଷ୍ଟୋନ୍ ଭେଞ୍ଚର ପାର୍ଟନର୍ସ ଏଲ୍‌ଏଲ୍‌ପି ଏବଂ ବିରାଟ କୋହଲି ସ୍ପୋର୍ଟ୍ସ ଏଲ୍‌ଏଲ୍‌ପି ନାମକ ସଂସ୍ଥାର ଅନ୍ୟତମ ନିର୍ଦ୍ଦେଶକ ରହିଛନ୍ତି। ତାଙ୍କ ସହ ନିର୍ଦ୍ଦେଶକ ଥିବା ଅମିତ୍ ଅରୁଣ ସାଜ୍‌ଦେ (ଭାରତୀୟ କ୍ରିକେଟ ସର୍କଲରେ ବଣ୍ଟି ସାଜ୍‌ଦେ ଭାବେ ଜଣାଶୁଣା) ଏବଂ ବିନୟ ଭାରତ ଖିମ୍‌ଜୀ ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ କର୍ନରଷ୍ଟୋନ୍ ସ୍ପୋର୍ଟ୍ସ ଏବଂ ଏଣ୍ଟରଟେନ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ସହିତ ସମ୍ପୃକ୍ତ ଥିବାରୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ବୋଲି ଗୁପ୍ତା ଦର୍ଶାଇଛନ୍ତି। କୋହଲିଙ୍କର କିନ୍ତୁ କର୍ନରଷ୍ଟୋନ୍ ସ୍ପୋର୍ଟ୍ସ କିମ୍ବା ଏଣ୍ଟରଟେନମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ସହିତ କୌଣସି ସମ୍ପର୍କ ନାହିଁ। କମ୍ପାନୀ ଭାରତୀୟ ଅଧିନାୟକଙ୍କ ବ୍ୟତୀତ କେ.ଏଲ୍. ରାହୁଲ, ଋଷଭ ପନ୍ତ, ରବୀନ୍ଦ୍ର ଜାଡେଜା, ଉମେଶ ଯାଦବ ଏବଂ କୁଲଦୀପ ଯାଦବଙ୍କ ଭଳି କେତେଜଣ କ୍ରିକେଟଙ୍କୁ ବ୍ୟବସାୟିକ ସ୍ୱାର୍ଥ ପାଇଁ ବ୍ୟବହାର କରୁଛି। ଜୈନ ଏହା ପୂର୍ବରୁ ରାହୁଲ ଦ୍ରାବିଡ, ସୌରଭ ଗାଙ୍ଗୁଲି,ଭି.ଭି.ଏସ୍ ଲକ୍ଷ୍ମଣ ଏବଂ କପିଳ ଦେବଙ୍କ ଭଳି ମହାନ କ୍ରିକେଟରଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆଣିଥିଲେ। ଅଭିଯୋଗର ଯାଞ୍ଚ ପୂର୍ବରୁ ଏହି ସମସ୍ତ କ୍ରିକେଟରଙ୍କୁ ଗୋଟିଏ ପଦବୀ ଇସ୍ତଫା ଦେବାକୁ ପଡ଼ିଥିଲା। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କିନ୍ତୁ ପୂର୍ବରୁ କହିସାରିଛନ୍ତି ଯେ, ଲୋଧା କମିଟି ଦ୍ୱାରା ଯେଉଁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନିୟମ କରାଯାଇଛି ତାହା ଅବାସ୍ତବ।

## ଶ୍ରୀଲଙ୍କା କ୍ରିକେଟର ମେଣ୍ଡିସ୍ ଗିରଫ

**କଲମ୍ବୋ, ୫।୭(ପି.ଟି.):** ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ କୁସାଲ ମେଣ୍ଡିସ୍ ରବିବାର ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ରବିବାର ତାଙ୍କ କାର୍ ଧକ୍କାରେ ଜଣେ ୬୪ ବର୍ଷୀୟ ସାଇକେଲ ଆରୋହୀ ପ୍ରାଣ ହରାଇଛି। କଲମ୍ବୋ ଉପକଣ୍ଠ ପାନାଡୁରା ନିକଟବର୍ତ୍ତୀ ଓଲ୍ଡ ଗାଲେ ରୋଡ୍‌ରେ ସକାଳ ୫ଟାରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ୍ ମେଣ୍ଡିସ୍‌ଙ୍କ କାର୍‌କୁ ଜବତ କରିବା ସହ ତଦନ୍ତ ଚଳାଇଛି। ଶ୍ରୀଲଙ୍କା କ୍ରିକେଟରଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ହାଜର କରାଯିବ।

୨୫ ବର୍ଷୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ମେଣ୍ଡିସ୍ ଶ୍ରୀଲଙ୍କା ତରଫରୁ ପ୍ରତିନିଧିତ୍ୱ କରି ୪୪ଟି ଟେଷ୍ଟ ଖେଳି ୩୭ ହାରରେ ୨,୯୯୫ ରନ ସଂଗ୍ରହ କରିଛନ୍ତି। ସେହିପରି ସେ ୭୬ଟି ଦିନିକିଆ ମ୍ୟାଚ୍ ଖେଳି ୮୪.୭ରନ ହାରରେ ୨,୧୬୭ ରନ ସଂଗ୍ରହ କରିଛନ୍ତି। ୨୬ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳି ସେ ୧୮.୬ ହାରରେ ୪୮୪ ରନ ସଂଗ୍ରହ କରିଛନ୍ତି। କୋଭିଡ୍-୧୯ ମହାମାରୀ ପାଇଁ ଲକ୍‌ଡାଉନ ଶେଷ ହେବା ପରେ ମେଣ୍ଡିସ୍ ଟ୍ରେନିଂ ଆରମ୍ଭ କରିଥିବା ଶ୍ରୀଲଙ୍କା ଦଳର ସଦସ୍ୟ ଥିଲେ। ଏହି ମହାମାରୀ କାରଣରୁ ଶ୍ରୀଲଙ୍କାର ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ବର୍ତ୍ତମାନ ପାଇଁ ବାତିଲ ହୋଇଛି। ଭାରତର ଶ୍ରୀଲଙ୍କା ଗସ୍ତ ମଧ୍ୟ ଏହି କାରଣରୁ ବାତିଲ ହୋଇଛି। ସୂଚନାଯୋଗ୍ୟ, ପୂର୍ବତନ ଶ୍ରୀଲଙ୍କା ସ୍ପିନର କୌଶଲ ଲୋକୁଆରାଚି ୨୦୦୩ରେ ଏହି ଭଳି ଦୁର୍ଘଟଣା ଘଟାଇ ୪ ବର୍ଷ ବାସନ୍ଦ ହେବା ସହ ଜେଲଦଣ୍ଡ ଭୋଗୁଛନ୍ତି। ତାଙ୍କ ଗାଡ଼ି ଜଣେ ମହିଳା ପଥଚାରୀଙ୍କୁ ଧକ୍କା ଦେଇଥିଲା।










# ପୂର୍ବତନ ଫୁଟ୍‌ବଲର ବାହାଦୁର ସିଂଙ୍କ ପରାଲୋକ

**ଭୁବନେଶ୍ୱର, ୫।୭ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ସମ୍ବଲପୁର ବାସିନ୍ଦା ବୀର୍ ବାହାଦୁର ସିଂଙ୍କ ରବିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ



୬୪ ବର୍ଷ ବୟସ ହୋଇଥିଲା। ସେ ବରଗଡ଼ସ୍ଥିତ ବିକାଶ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ‘ବଚନ’ ନାମରେ ପରିଚିତ ଏହି ଫୁଟ୍‌ବଲ ଖେଳାଳି ୧୯୮୦ରେ ସେ ଓଡ଼ିଶା ତରଫରୁ ସନ୍ତୋଷ ଟ୍ରଫି ଖେଳିଥିଲେ। ସେ ତାଙ୍କ କ୍ୟାରିୟରରେ ରାଜ୍ୟର ଅନେକ କ୍ଲବରୁ ପ୍ରତନିଧିତ୍ୱ କରିଛନ୍ତି। ଝାରସୁଗୁଡ଼ାସ୍ଥିତ ଏଲ.ଏନ୍. କଲେଜର ପ୍ରିନ୍ସିପାଲ ଭାବେ ସେ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ଫୁଟ୍‌ବଲ ଆସୋସିଏଶନର ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାଗଣ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବିସିସିଆଇ ଆପେକ୍ସ କାଉନ୍‌ସିଲ ବୈଠକ ୧୭ରେ

**ନୂଆଦିଲ୍ଲୀ, ୫।୭ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପେକ୍ସ କାଉନ୍‌ସିଲର ୪ର୍ଥ ବୈଠକ ଚଳିତମାସ ୧୭ ତାରିଖରେ ବସିବ। ଏଥିରେ ଭାରତର ସଂଶୋଧିତ ଫ୍ୟୁଚର ଟୁର୍ ପ୍ରୋଗ୍ରାମ ଏବଂ ଘରୋଇ କ୍ରିକେଟ ସିଜନର ସଂଶୋଧିତ କାର୍ଯ୍ୟସୂଚୀ ନେଇ ଆଲୋଚନା ହେବ। କୋଭିଡ୍-୧୯ ମହାମାରୀ ଯୋଗୁ ଏହି ବୈଠକ ଅନ୍‌ଲାଇନ୍‌ରେ ହେବ। କାଉନ୍‌ସିଲର ୯ଜଣ ସଦସ୍ୟ ଆହୁରି ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଚାଇନିଜ ସ୍ପନସରଶିପ୍ ପ୍ରସଙ୍ଗ ଉପରେ ଆଲୋଚନା ହେବ। ତେବେ ଆଇପିଏଲ୍‌କୁ ନେଇ କେବଳ ଏହାର ପରିଚାଳନା ପରିଷଦ ବିଧିବଦ୍ଧ ନିଷ୍ପତ୍ତି ନେଇପାରିବ। ଗତମାସରେ ଗଲ୍‌ୱାନ ଉପତ୍ୟକା ସଂଘର୍ଷ ପରେ ଚାଇନିଜ ସ୍ପନସରଶିପ୍‌ର ସମୀକ୍ଷା କରାଯିବ। ଏନେଇ ଆଇପିଏଲ୍ ପରିଚାଳନା ପରିଷଦର ଏକ ବୈଠକ ବସିବ। ତେବେ ଏଥିପାଇଁ ଦିନ ଧାର୍ଯ୍ୟ ହୋଇ ପାରିବ ନାହିଁ। ଗତ ମାର୍ଚ୍ଚ ମାସରେ ଶେଷଥର ପାଇଁ ଖେଳିଥିବା ଭାରତୀୟ କ୍ରିକେଟ ଦଳ ଜୁନ୍-ଜୁଲାଇରେ ଏକ ସୀମିତ ଓଭର କ୍ରିକେଟ ସିରିଜ ଖେଳିବା ଲାଗି ଶ୍ରୀଲଙ୍କା ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା। କୋଭିଡ୍-୧୯ ଯୋଗୁ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଅଗଷ୍ଟରେ ଜିମ୍ବାୱେ ଟୁର୍‌କୁ ମଧ୍ୟ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଛି। ଭାରତରେ କରୋନା ସଂକ୍ରମିତ ସଂଖ୍ୟା ଦ୍ରୁତ ବୃଦ୍ଧି ପାଇବାରେ ଲାଗିଛି।




Orissa S.S. : Orissa Drug Distributor (Cuttack) : 2308926, 2308090, 6371713025, Angul : 232710, 231021, 233578, 9861121114, 9439138737, Aska : 9437424001, 272476, Balasore : 9040605196, 8984225824, 266871, 9437754792, 264594, 9437296785, 260025, 260611, 263459, Bamra : 229249, 9937581962, 229266, Barbil : 277283, Bargarh : 246906, 231319, 9437344300, 9777189794, 8093836557, 233089, 230244, Baripada : 9437320423, 9861138256, 9438250003, 9437188717, 257155, 9437320602, Begunia (Khurda) : 9437429268, Berhampur : 9437438256, 9438430070, 9437062015, 2250508, 2250732, 8093328828, 2250789, 9437114236, 9439643040, 2250815, 2250741, Bhadrak : 9437215761, 9040193860, 325007, Bhawanipatna : 233203, Bhubaneswar : 2530442, 9861289000, 9937070886, 2531215, 9437353502, 2530804, 9853451234, 2303977, 9437359374, 2536051, 9040057896, 9437307031, 2532184, 2507586, Bolangir : 9437093264, 233055, 9437210750, 235303, Boudh : 9437154867, Cuttack : 9437247237, 9861102904, 2526335, 6548643, 9583910000, 2308918, 2308627, 2518862, 9937541732, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, 9338620009, Jaraka : 273230, 9437073032, Jatni : 9437162097, Jeypore : 9437406230, 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437689233, 9437250042, 271023, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, 9437070921, Khandapada : 7873439046, 9438424230, Khelar : 9437884540, Khurda : 220419, 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 233156, 9937071720, 225819, Rayagada : 9437643418, 222791, 9937060531, 223356, Rourkela : 2522187, 2522975, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 2532553, 9937065848, 2511996, 9439027507, 2400281, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ